ବର୍ଷ-୫୦ : ସଂଖ୍ୟା-୧୦ ଅକ୍ଟୋବର, ୨୦୧୯

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ—୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍‌ଟୋବର, ୨୦୧୯


| | | | | |
|---|---|---|---|---|
| ଏକମାତ୍ର ସତ୍ୟ | ... | ଶ୍ରୀମା | ... | ୩ |
| ଅବ୍ୟାହତ ରହୁ ତୁମ ଆଭିମୁଖ୍ୟର ସାଫଲ୍ୟ ଦିଗରେ | | | | |
| ମାନବାତ୍ମାର ଅଭୀପ୍ସା | ... | ... | ... | ୪ |
| ପ୍ରାର୍ଥନା | ... | ଶ୍ରୀମା | ... | ୭ |
| ଜନ୍ମଦିନ ପାଇଁ ଏକ ପ୍ରାର୍ଥନା | ... | ଶ୍ରୀମା | ... | ୮ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୯ |
| ଚୈତ୍ୟ ଓ ସତ୍ୟ | ... | ଶ୍ରୀମା | ... | ୧୦ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ | | | | |
| (ପରିଚ୍ଛେଦ : ୮୧) | | | | |
| ଅପ୍ରକଟିତ ବିଭୂତିର କିଞ୍ଚିତ୍ ଝଲକ | ... | ମନୋଜ ଦାସ | ... | ୧୧ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| (ଚତୁର୍ଦ୍ଦଶ ଅଧ୍ୟାୟ) | | | | |
| ଦିବ୍ୟକର୍ମର ନୀତି | ... | ଶେଖ ଅବଦୁଲ କାଶମ | ... | ୧୬ |
| ଶ୍ୱେତାମ୍ବରୀ (କବିତା) | ... | ଶାନ୍ତି ମହାନ୍ତି | ... | ୨୦ |
| ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଜୀବନର ପୂର୍ଣ୍ଣତା | ... | ରାମକୃଷ୍ଣ ଦାସ | ... | ୨୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୭୯) | ... | ... | ... | ୨୩ |
| ଆକାଶ କଇଁଛ | ... | ମନୋଜ ଦାସ | ... | ୨୭ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୩୪) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୩୧ |
| ପ୍ରଣତି ଘେନ ମା 'ନବପ୍ରକାଶ'ର (କବିତା) | ... | ହୃଷୀକେଶ ପଣ୍ଡା | ... | ୩୩ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୬୨) | ... | ସାହାନା ଦେବୀ | ... | ୩୪ |
| ତୁମ ଜନ୍ମମାସେ ଆମର ସଂକଳ୍ପ (କବିତା) | ... | ଧର୍ମକୁମାର ଶତପଥୀ | ... | ୩୫ |
| ଶ୍ରୀକୃଷ୍ଣ କାହାଣୀ (୨୪) | | | | |
| ଗୀତାର ବାଣୀ | ... | ମନୋଜ ଦାସ | ... | ୩୬ |
| ଆମ ଶରୀର (୨୧) | ... | ଭୋଳେଶ୍ୱର ଭୂୟାଁ | ... | ୩୯ |
| ଯୋଗାନନ୍ଦ (୮) | ... | ... | ... | ୪୨ |
| ଗୁପ୍ତ ତୀର୍ଥଯାତ୍ରା (୩) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୬ |
| ତୋତ୍ତୋ-ଚାନ୍ (୧୫) | ... | ତେତ୍‌ସୁକୋ କୁରୋୟାନାଗି | ... | ୪୯ |
| ପ୍ରେମ ସମ୍ପର୍କରେ (୧) | ... | କୁମାର ଚନ୍ଦ୍ର ମିଶ୍ର | ... | ୫୩ |
| ଆଧ୍ୟାତ୍ମିକତା ଏବଂ ଅତିଭୌତିକ ଶକ୍ତି | ... | ମନୋଜ ଦାସ | ... | ୫୮ |


❖




## ଏକମାତ୍ର ସତ୍ୟ

ଶ୍ରୀମା



# ଅବ୍ୟାହତ ରହୁ ତୁମ ଆଭିମୁଖ୍ୟର ସାଫଲ୍ୟ ଦିଗରେ ମାନବାତ୍ମାର ଅଭୀପ୍ସା

ହେ ଦିବ୍ୟ ଜନନି !

ଭାରତର ଭାଗ୍ୟାକାଶରେ ଦେଖାଦେଇଛି ଏକ ଅପ୍ରତ୍ୟାଶିତ କଳାମେଘ – ସାମୂହିକ ବିଷାଦ ଭାବ । ଗତ କେତେ ବର୍ଷ ଧରି ଆନ୍ତର୍ଜାତିକ ସମୀକ୍ଷା କ୍ରମାଗତ ଭାବେ ଦର୍ଶାଉଛି ଯେ ପୃଥିବୀର ଅଧିକାଂଶ ଦେଶର ଜନସାଧାରଣଙ୍କ ତୁଳନାରେ ଭାରତବାସୀମାନେ ଅସୁଖୀ ।

ଏ ପ୍ରହେଳିକାର ରହସ୍ୟ ରାଜନୈତିକ, ସାମାଜିକ ବା ଅର୍ଥନୀତିକ ପରିସ୍ଥିତି ଭିତରେ ନାହିଁ । କାରଣ ଅନେକ ଦେଶରେ ସେସବୁ ପରିସ୍ଥିତି ଭାରତବର୍ଷ ତୁଳନାରେ ବହୁ ଅଧିକ ଦୟନୀୟ ହେଲେ ମଧ୍ୟ ସେସବୁ ଦେଶ ଆମ ତୁଳନାରେ ଅଧିକ ସୁଖୀ ବୋଲି ସମୀକ୍ଷା ଦେଖାଉଛି ।

ଅବଶ୍ୟ ଏଭଳି ସମୀକ୍ଷାମାନ ଯେ ସମ୍ପୂର୍ଣ୍ଣ ନିର୍ଭୁଲ ସେକଥା କହି ହେବ ନାହିଁ । କିନ୍ତୁ ବର୍ଷ ପରେ ବର୍ଷ ଏଭଳି ହତାଶାଜନକ ସିଦ୍ଧାନ୍ତକୁ ଭୁଲ୍ ବୋଲି କହି ପ୍ରତ୍ୟାଖ୍ୟାନ କରିବା ବିବେକ-ସମ୍ମତ ମନୋଭାବ ହୋଇ ପାରେନା; ତାହା ଅନୁଚିତ ।

ଯାହା ଉଚିତ, ତାହାହେଲା ଏଭଳି ଅବସ୍ଥାର ହେତୁ ନିର୍ଣ୍ଣୟ ଦିଗରେ ଆମେ ଆମ ଆତ୍ମ-ସମୀକ୍ଷାରେ ମଗ୍ନ ହେବା । ସେତିକି ହୋଇ ପାରିଲେ ଆମେ ହୃଦୟଙ୍ଗମ କରିବା ଯେ ଆମେ ଆମ ସ୍ୱଧର୍ମଚ୍ୟୁତ ହୋଇଥିବା ଯୋଗୁଁ ହିଁ ଏଭିଳି ପରିସ୍ଥିତି ଉପୁଜିଛି । କେବେ କେବେ ସାମାନ୍ୟ ତ କେବେ କେବେ ଭ୍ରାନ୍ତ କାରଣକୁ କେନ୍ଦ୍ର କରି ଅବାଧ ହିଂସାଚାରରେ ଆମେ ଲିପ୍ତ ହେଉଛୁଁ; ଖାଲି ଜାତି, ସଂପ୍ରଦାୟ, ଧର୍ମ ନାମରେ ନୁହେଁ, ପୂଜାପାର୍ବଣ ଭଳି ପବିତ୍ର ଅନୁଷ୍ଠାନକୁ ଭିତ୍ତି କରି ମଧ୍ୟ ଆମେ ଯେ ପରସ୍ପର ଆକ୍ରମଣରେ ବ୍ୟାପୃତ ହେଉଛୁଁ – ଏପରିକି ବିଗ୍ରହ ମଧ୍ୟ ତ୍ରାହି ପାଉ ନାହାନ୍ତି – ଏହା ସାମୂହିକ ଭାବରେ ବିପୁଳ ଅଧଃପତନର ହିଁ ଜାଜ୍ୱଲ୍ୟମାନ ଲକ୍ଷଣ । ଆମର ଏମନ୍ତ ଆଚରଣରେ ଆମ ଅନ୍ତରାତ୍ମା ବିଦ୍ରୋହୀ; ଅନ୍ତରାତ୍ମା ବିଦ୍ରୋହୀ ହେଲେ ବିଷାଦ ଅନିବାର୍ଯ୍ୟ ।

'ନବପ୍ରକାଶ' ତା'ର ଅର୍ଦ୍ଧଶତାବ୍ଦୀ-ମୁଖୀ ପ୍ରକାଶନ କାଳ ଭିତରେ ସର୍ବଦା ଏକ ମହତ୍ତର ଜୀବନର ପ୍ରତିଶ୍ରୁତି ପରିବେଷଣ କରି ଆସିଛି – ଯେହେତୁ ତାହାହିଁ ପୃଥିବୀର ଭବିତବ୍ୟ ଏବଂ ତାହା ଅନିବାର୍ଯ୍ୟ । ଆଜି ପଚାଶ ବର୍ଷରେ ପ୍ରବେଶ କଲାବେଳେ, ହେ ଦିବ୍ୟ ଜନନି ! ହେ ମାନବତାର ଭାଗ୍ୟ-ନିୟନ୍ତା, ତାକୁ ଦିଅ ଏହି ଆଶୀର୍ବାଦ, ବାତାବରଣ ପ୍ରତିକୂଳ ହେଲେ ମଧ୍ୟ ସେ ଯେପରି ତା'ର ଦୂରନ୍ତ ଆଶାବାଦରେ ରହୁ ଧ୍ରୁବସ୍ଥିର ।

''ଏକମାତ୍ର ସତ୍ୟ''ର ଉପଲବ୍ଧି ନିମନ୍ତେ ତୁମ ସିଦ୍ଧାନ୍ତର ସ୍ନିଗ୍ଧ ସୂର୍ଯ୍ୟାଲୋକ ଭିତରେ ଯାବତୀୟ ତମିସ୍ରା ହେଉ ଅନ୍ତର୍ହିତ । ❑

# ପ୍ରାର୍ଥନା

କର୍ମରେ ନିହିତ ଥାଏ ଯେଉଁ ଆନନ୍ଦ, ତାହାକୁ ଭାରସାମ୍ୟ ଓ ସୁସମଞ୍ଜସତା ପ୍ରଦାନ କରେ କର୍ମ-ନିବୃତ୍ତି, ଯେଉଁଥିରେ ସମ୍ଭବତଃ ନିହିତ ମହତ୍ତର ଆନନ୍ଦ; ଯେତେବେଳେ ଏ ସତ୍ତାରେ ଏ ଦୁଇ ଅବସ୍ଥା ଏକ ପରେ ଆରେକ ପୁନରାବୃତ୍ତ ହୁଅନ୍ତି ଅଥବା ଯୁଗପତ୍ ସଚେତ ଥା'ନ୍ତି, ସେତେବେଳେ ଦିବ୍ୟସୁଖାନୁଭବ ହୁଏ ସମ୍ପୂର୍ଣ୍ଣ, କାରଣ ସେତେବେଳେ, ହେ ଭଗବାନ୍, ତୁମ ପୂର୍ଣ୍ଣ ପ୍ରାଚୁର୍ଯ୍ୟହିଁ ହୁଏ ଉପଲବ୍ଧ।

ହେ ଭାଗବତ ପ୍ରଭୁ, ତୁମେ ମୋତେ ପ୍ରଦାନ କରିଛ ଦିବ୍ୟ-ଧ୍ୟାନାଭିନିବେଶର ଅସୀମତା, ତୁମ ଚିରନ୍ତନୀର ପ୍ରଶାନ୍ତି ଏବଂ ସର୍ବ-ଉପଲବ୍ଧିମୟୀ ଦିବ୍ୟଜନନୀଙ୍କ ସହ ଏକାତ୍ମତା ମାଧ୍ୟମରେ ତୁମେ ମୋତେ ସଚେତନ ଏବଂ କର୍ମଚଞ୍ଚଳ ରହିବା ନିମନ୍ତେ ତାଙ୍କ ସାର୍ବଭୌମ ଶକ୍ତିରେ ଅଂଶ ଗ୍ରହଣ ପାଇଁ ଦେଇଛ ଅନୁମତି...

ତୁମ ଅସୀମତାର ସର୍ବଶକ୍ତିମାନ୍ ସ୍ନିଗ୍ଧାନନ୍ଦରେ ମୁଁ ତୁମକୁ କରେଁ ପ୍ରଣାମ !

ଅକ୍ଟୋବର ୮, ୧୯୧୪ — ଶ୍ରୀମା



# ଜନ୍ମଦିନ ପାଇଁ ଏକ ପ୍ରାର୍ଥନା

"Lord, on this anniversary day of my birth,
grant that the power to know changes in me
into a power to transform myself integrally."

(CWM, Vol. 15, p. 199) – The Mother

''ହେ ପ୍ରଭୁ, ମୋର ଏହି ଜନ୍ମବାର୍ଷିକୀ ଦିବସରେ,
ଏପରି କର ଯେପରି ମୋ ମଧ୍ୟସ୍ଥ ଜାଣିବାର ସାମର୍ଥ୍ୟ ପରିଣତ ହେଉ
ମୋତେ ସର୍ବାଙ୍ଗୀନ ରୂପାନ୍ତର କରିବାର ସାମର୍ଥ୍ୟରେ ।''

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

(୮୮)

## ଶ୍ରୀଅରବିନ୍ଦ

This was the law of things none
dreamed to change:
A hard sombre heart, a harsh unsmiling mind
Rejected happiness like a cloying sweet;
Tranquillity was a tedium and ennui:
Only by suffering life grew colourful;
It needed the spice of pain, the salt of tears.

ଏହାହିଁ ଥିଲା ବସ୍ତୁସକଳର ବିଧାନ ଯାହାକୁ ପରିବର୍ତ୍ତନ କରିବାର ସ୍ୱପ୍ନ କେହି ବି ଦେଖି ନଥିଲେ : ଏକ କଠୋର ବିଷାଦ ଗମ୍ଭୀର ହୃଦୟ, ସ୍ମିତହାସ୍ୟରହିତ ଏକ ରୁକ୍ଷ ମାନସ ମୁହଁ ବାନ୍ଧି ଦେଉଥିବା ତୀବ୍ରସ୍ୱାଦ ମିଷ୍ଟାନ୍ନ ପରି ସୁଖକୁ ପ୍ରତ୍ୟାଖ୍ୟାନ କରିଦେଉଥିଲା; ପ୍ରଶାନ୍ତି ଥିଲା ଏକ ବିରାଗ ଓ ଅତୃପ୍ତିକର ଅନୁଭବ : କେବଳ ଯନ୍ତ୍ରଣା ଦ୍ୱାରା ଜୀବନ ହୋଇ ଉଠୁଥିଲା ବର୍ଣ୍ଣାଢ୍ୟ; ଏହା ଆବଶ୍ୟକ କରୁଥିଲା ଦୁଃଖଭୋଗର ମସଲା, ଲୁହର ଲବଣ ।

If one could cease to be, all would be well;
Else only fierce sensations gave some zest:
A fury of jealousy burning the gnawed heart,
The sting of murderous spite and hate and lust,
The whisper that lures to the pit and
treachery's stroke
Threw vivid spots on the dull aching hours.

ଜଣକର ଅସ୍ତିତ୍ୱ ବିଲୁପ୍ତ ହୋଇପାରିଲେହିଁ ସବୁକିଛି ମଙ୍ଗଳ ବୋଲି ସାବ୍ୟସ୍ତ ହେଉଥିଲା; ଅନ୍ୟଥା କେବଳ ଉଗ୍ର ଇନ୍ଦ୍ରିୟାନୁଭବ ସାମାନ୍ୟ ଉଦ୍ଦୀପନା ପ୍ରଦାନ କରୁଥିଲା : ବିକ୍ଷତ ହୃଦୟକୁ ଦହନ କରୁଥିବା ଅସୂୟାର ଏକ ରୋଷାଗ୍ନି, ଘାତକ ଦ୍ୱେଷ ଏବଂ ଘୃଣା ତଥା ଲାଳସାର ଦଂଶନ, ଅନ୍ଧାର ଗର୍ତ୍ତ ଓ କୃତଘ୍ନତାର ଖଡ୍ଗାଘାତ ଅଭିମୁଖେ ପ୍ରଲୁବ୍ଧ କରି ନେଉଥିବା ଅସ୍ଫୁଟ ସ୍ୱର – ଏ ସମସ୍ତହିଁ ସ୍ତିମିତ ବେଦନାର୍ତ୍ତ ନିମେଷାବଳୀ ଉପରେ ଆଙ୍କି ଦେଉଥିଲେ ଉଜ୍ଜ୍ୱଳ ବିନ୍ଦୁରାଜି ।

To watch the drama of infelicity,
The writhing of creatures
under the harrow of doom
And sorrow's tragic gaze into the night
And horror and the hammering heart of fear
Were the ingredients in Time's heavy cup
That pleased and helped to enjoy its bitter taste.

ନିରାନନ୍ଦର ନାଟକ ଅବଲୋକନ କରିବା, ନିୟତିର ନିପୀଡ଼ନ ତଳେ ଜୀବକୁଳର ଦୁଃସହ ଯନ୍ତ୍ରଣାକୁ ଦେଖିଚାଲିବା, ରାତ୍ରି ଏବଂ ବିଭୀଷିକା ଆଉ ଭୀତିର ଉତ୍ତାଳ ହୃଦୟସ୍ପନ୍ଦନ ଭିତରକୁ ବିଷାଦର କରୁଣ ନିର୍ନିମେଷ ଦୃଷ୍ଟିପାତ – ମହାକାଳର ଦୁର୍ବହ ପାନପାତ୍ରରେ ଏଇସବୁ ହେଲେ ଉପାଦାନ, ଏଇସବୁ ମଧ୍ୟରେହିଁ ତା'ର ତୃପ୍ତି ଏବଂ ଏହାହିଁ ତାକୁ ସହାୟତା କରୁଥିଲା ତିକ୍ତ ସ୍ୱାଦ ଭୁଞ୍ଜିବା ନିମନ୍ତେ ।

Of such fierce stuff was
made up life's long hell:
These were the threads of the dark spider's-web
In which the soul was caught, quivering and rapt;
This was religion, this was Nature's rule.

ଏଇ ସକଳ ଭୟଙ୍କର ପଦାର୍ଥରେ ଗଠିତ ହୋଇଥିଲା ଜୀବନର ସୁଦୀର୍ଘ ନରକ : ଏଗୁଡ଼ିକହିଁ ଥିଲେ କୃଷ୍ଣକାୟ ଊର୍ଣ୍ଣନାଭର ଜାଲ-ତନ୍ତୁ ଯେଉଁଥିରେ ଅସହାୟ ଓ ମୁଗ୍ଧ ହୋଇ, କମ୍ପିତ ହୋଇ ବନ୍ଧା ପଡ଼ିଥିଲେ ଅନ୍ତଃପୁରୁଷ; ଏଇ ଥିଲା ଧର୍ମ, ଏଇ ଥିଲା ପ୍ରକୃତିର ଶାସନ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଚୈତ୍ୟ ଓ ସତ୍ୟ

## ଶ୍ରୀମା

### ଚୈତ୍ୟ ଓ ସତ୍ୟ

ଚୈତ୍ୟ ପ୍ରଚାଳିତ ହୁଏ ସତ୍ୟ ଦ୍ୱାରା । ସତ୍ୟ ହେଲା ଏପରି ଏକ ବିଷୟ ଯାହାକି ଶାଶ୍ୱତ ଭାବେ ସ୍ୱୟଂସ୍ଥିତିରେ ବିଦ୍ୟମାନ ଏବଂ ଏହା କାଳ ବା ସ୍ଥାନ ବା କାହା ଉପରେ ନିର୍ଭରଶୀଳ ନୁହେଁ । ଅନ୍ୟପକ୍ଷରେ ଆମର ଏହି ଚୈତ୍ୟସତ୍ତା ହେଲା ଏକ ବିକାଶଶୀଳ ସତ୍ତା, ଏହା ବଢ଼ି ବଢ଼ି ଚାଲେ, ଆକୃତି ଗ୍ରହଣ କରେ, ଆଗକୁ ଆଗକୁ ଗତି କରେ, ଏବଂ କ୍ରମଶଃ ନିଜକୁ ଅଧିକରୁ ଅଧିକ ଏକ ବ୍ୟକ୍ତିତ୍ୱରେ ପରିଣତ କରୁଥାଏ । ଏହି ରୀତିରେ ଏହା ଏହି ସତ୍ୟକୁ, ଏହି ନିତ୍ୟ ଅଦ୍ୱୈତଙ୍କୁ, ଏକ ଓ ଚିରନ୍ତନ ସତ୍ୟକୁ ପ୍ରକାଶ କରିବାରେ ଅଧିକରୁ ଅଧିକ ସମର୍ଥ ହେଉଥାଏ । ଚୈତ୍ୟସତ୍ତା ହେଲା ଏକ ଅଗ୍ରଗତିଶୀଳ ସତ୍ତା । ଏହାର ଅର୍ଥ ହେଲା – ଚୈତ୍ୟସତ୍ତା ଓ ସତ୍ୟ ଭିତରେ ସମ୍ବନ୍ଧଟି ହେଉଛି ଅଗ୍ରଗତିଶୀଳ । ତୁମେ ଯଦି ସେଇ ଏକ ସଙ୍ଗରେ ତୁମ ଅନ୍ତରର ସତ୍ୟଟି ସମ୍ପର୍କରେ ସଚେତନ ହୋଇ ନଥିବ, ତେବେ ତୁମେ ତୁମର ଚୈତ୍ୟସତ୍ତାଟି ସମ୍ପର୍କରେ ମଧ୍ୟ ସଚେତନ ହୋଇ ପାରିବ ନାହିଁ । ଯେଉଁମାନଙ୍କର ଏହି ଅଭିଜ୍ଞତା ବା ଉପଲବ୍ଧି ହୋଇଛି – ମୁଁ ମାନସିକ ଅଭିଜ୍ଞତା କଥା କହୁ ନାହିଁ – ମୁଁ କହୁଛି ଚୈତ୍ୟସତ୍ତା ସହିତ ପୂର୍ଣ୍ଣାଙ୍ଗ ସଂଲଗ୍ନ ହୋଇଯିବାର ଅଭିଜ୍ଞତା କଥା – ତୁମେ ଆଗରୁ ଏ ସମ୍ପର୍କରେ ମନରେ ପୋଷଣ କରିଥିବା କୌଣସି ଚିନ୍ତା ବା ଧାରଣା ସହିତ ସଂଲଗ୍ନ ହୋଇଯିବା କଥା ମଧ୍ୟ ଏହା ନୁହେଁ, ମୁଁ କହୁଛି ସତକୁ ସତ ଏକ ଯଥାର୍ଥ ବାସ୍ତବ ସଂଯୋଗର କଥା – ସମସ୍ତେ ମଧ୍ୟ ସେହି ଏକା କଥା କହନ୍ତି : ଯେଉଁ ମୁହୂର୍ତ୍ତରୁ ତୁମର ଏହି ସଂଯୋଗ ଘଟିଯିବ, ତୁମେ ସେହି ମୁହୂର୍ତ୍ତରୁ ନିଜ ଭିତରେ ଶାଶ୍ୱତ ସତ୍ୟ ସମ୍ବନ୍ଧେ ସମ୍ପୂର୍ଣ୍ଣ ସଚେତନ ହୋଇଯିବ । ତା'ପରେ ତୁମେ ସ୍ପଷ୍ଟ ଦେଖିପାରିବ ଓ ବୁଝିଯିବ ଯେ ଏହାହିଁ ଜୀବନର ଉଦ୍ଦେଶ୍ୟ ଏବଂ ଏହାହିଁ ବିଶ୍ୱର ପଥପ୍ରଦର୍ଶକ ।

### ଚୈତ୍ୟ ସତ୍ତାର କାର୍ଯ୍ୟ

*ପ୍ରଶ୍ନ : ଚୈତ୍ୟ ସତ୍ତାର କାର୍ଯ୍ୟ କ'ଣ ?*

ଶ୍ରୀମା : ଜଣେ ତାକୁ ଏହିପରି ବୁଝାଇପାରେ ଯେ ଏହା ହେଲା ଏକ ବିଦ୍ୟୁତ୍ ତାର ଭଳି, ଯାହାକି ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ସହିତ ପ୍ରଦୀପଗୁଡ଼ିକୁ ସଂଯୁକ୍ତ କରୁଥାଏ । ବର୍ତ୍ତମାନ ଯଦି କେହି ଏକଥା ବୁଝିପାରିଲା, ମୁଁ ଯାହା କହିଲି, ସେ ତାହା ବୁଝାଉ !...

*(ଜଣେ ଶିଷ୍ୟ) : ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ହେଲେ ଈଶ୍ୱର (ପରମାତ୍ମା) ଏବଂ ପ୍ରଦୀପ (ଲ୍ୟାମ୍ପ୍) ହେଲା ଏହି ଶରୀର ।*

ଶ୍ରୀମା : ଏହାହିଁ ଶରୀର, ଯାହାକି ଆମର ଦୃଶ୍ୟମାନ ସତ୍ତା ।

ସୁତରାଂ ଏହାହିଁ ହେଲା ତା'ର କାର୍ଯ୍ୟ । ତା' ଅର୍ଥ ଜଡ଼ବସ୍ତୁରେ ଯଦି ଚୈତ୍ୟର ଉପସ୍ଥିତି ନାହିଁ ତାହା ଈଶ୍ୱରଙ୍କ ସଙ୍ଗେ ପ୍ରତ୍ୟକ୍ଷ ସଂପର୍କ ରଖିପାରିବ ନାହିଁ । ସୁଖର କଥା ଯେ, ଜଡ଼ ବସ୍ତୁ ଭିତରେ ଏହି ଚୈତ୍ୟର ଅନୁପ୍ରବେଶ ହେତୁ ଜଡ଼ ଓ ଈଶ୍ୱରଙ୍କ ଭିତରେ ସଂଯୋଗ ପ୍ରତ୍ୟକ୍ଷ ହୋଇଯାଏ । ଏତିକିବେଳେହିଁ ସବୁ ମନୁଷ୍ୟଙ୍କୁ କୁହାଯାଇପାରେ, ''ତୁମ୍ଭେମାନେ ତୁମ ଭିତରେ ଈଶ୍ୱରଙ୍କୁ ବହନ କରୁଛ, ତୁମକୁ କେବଳ ତୁମ ଭିତରକୁ ପ୍ରବେଶ କରିବାକୁ ହେବ ଓ ସେହିଠାରେହିଁ ତୁମେ **ତାଙ୍କୁ** ପାଇବ ।''

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୮୧)

## ଅପ୍ରକଟିତ ବିଭୂତିର କିଞ୍ଚିତ୍ ଝଲକ

## ମନୋଜ ଦାସ

ଶ୍ରୀଅରବିନ୍ଦ : ଜଣେ ଯୋଗୀ ଯେତେ ଯାହା ଜାଣେ ସବୁ ପ୍ରକାଶ କରେ ନାହିଁ । ଯେତିକି ପ୍ରୟୋଜନ, ସେତିକି ମାତ୍ର ସେ କହିଥାଏ । ମୁଁ ଯେତେ ଜାଣେ ସବୁ ଯଦି ଲେଖିଥା'ନ୍ତି, ତେବେ ମୁଁ ଯେତିକି ଲେଖିଛି ତାହାର ଦଶଗୁଣ ହୋଇଥା'ନ୍ତା ।

ସତ୍ୟେନ୍ଦ୍ର : ଆପଣ ଯାହା ଲେଖିଛନ୍ତି ଲୋକେ ତାହାରି ଅନୁସାରେ ଆପଣଙ୍କୁ ବିଚାର କରିବେ ।

ଶ୍ରୀଅରବିନ୍ଦ : (ସହାସ୍ୟ) : ସେଥିରେ କିଛି ଯାଏ ଆସେ ନାହିଁ ।

ପୁରାଣି : ଲୋକ ନା ପୋକ !

ନୀରଦବରଣ : ଆପଣ ଯେତେ ଜାଣନ୍ତି ଆମେ ତା'ହେଲେ ତାହା ଜାଣିବା ନାହିଁ ?

ଶ୍ରୀଅରବିନ୍ଦ : ମୁଁ ଯେତିକି ଲେଖିଛି, ପ୍ରଥମେ ସେତକ ଉପଲବ୍ଧି କର ।

(ନୀରଦବରଣ : ଶ୍ରୀଅରବିନ୍ଦଙ୍କ ସହ କଥାବାର୍ତ୍ତା)[୧]

ଯେଉଁ ପରମ ମହତ୍ତମ କର୍ମ ସମାଧା କରିବା ନିମନ୍ତେ ଶ୍ରୀଅରବିନ୍ଦଙ୍କର ଆବିର୍ଭାବ, ତାହା ପ୍ରତି ତାଙ୍କର ମୁହାଁଇବାର ମୁହୂର୍ତ୍ତ ଉପନୀତ ହୋଇଥିଲା । ପୂର୍ବରୁ ସେଦିଗରେ ତାଙ୍କୁ ସଙ୍କେତ ମିଳିଥିଲା, କିନ୍ତୁ ଭାରତବର୍ଷର ସ୍ୱାଧୀନତା ନିମନ୍ତେ ପ୍ରୟାସର ଗୁରୁତ୍ୱ ଦୃଷ୍ଟିରୁ ସେ ତାହା ପ୍ରତି ଧ୍ୟାନ ଦେଇ ନଥିଲେ । ଅତଏବ ଅପ୍ରତ୍ୟାଶିତ କାରାବାସ ଭିତରେ ତାଙ୍କୁ ସେ ଅପେକ୍ଷମାଣ କର୍ମରେ ନିମଜ୍ଜମାନ ହେବାକୁ ପଡ଼ିଲା ।

ସେ କାରାବାସର ପ୍ରକୃତ ତାତ୍ପର୍ଯ୍ୟ ଏକମାତ୍ର ଶ୍ରୀଅରବିନ୍ଦହିଁ ବୁଝୁଥିଲେ । କେହି କେହି ସଚେତନ ବ୍ୟକ୍ତି ତା'ର ଆଭାସ ମାତ୍ର ପାଇଲେ ୧୯୦୯ ମସିହା ମେ ୩୦ ତାରିଖ ଦିନ – କଲିକତାର ଅଦୂରରେ ଉତ୍ତରପଡ଼ାଠାରେ ଦଶ ହଜାର ସରିକି ବିମୁଗ୍ଧ ଶ୍ରୋତା ସମ୍ବଳିତ ସମାବେଶରେ ତାଙ୍କ ଭାଷଣ ମାଧ୍ୟମରେ ।

ତାଙ୍କ ସହ କାରାରୁଦ୍ଧ ଅନ୍ତେବାସୀମାନଙ୍କ ସ୍ମୃତିଚାରଣରୁ ଆମେ ପଢ଼ିଛୁ, କିଛି କାଳ ପାଇଁ ନିର୍ଜନ କକ୍ଷ ବାହାରେ ସମସ୍ତଙ୍କ ସହିତ ହଟ୍ଟଗୋଳମୟ ମେଳା ଘରେ ରହୁଥିବା ବେଳେ ମଧ୍ୟ ସେ ଏକ ଭିନ୍ନ ଜଗତରେ କାଳାତିପାତ କରୁଥିବାର ସମସ୍ତେ ଅନୁଭବ କରୁଥିଲେ । ସମସ୍ତଙ୍କ ପ୍ରତି ସଦୟ ଆଚରଣ କରୁଥିବା ସତ୍ତ୍ୱେ, ସେମାନଙ୍କ ପ୍ରଶ୍ନର ଉତ୍ତର ଦାନଠୁଁ ଆରମ୍ଭ କରି ସେମାନଙ୍କ ଯୁବ-ସୁଲଭ ଉଦ୍ଦାମ ଆଚରଣ ମଧ୍ୟ ସେ ଉପଭୋଗ କଲା ଭଳି ଧାରଣା ହେଉଥିବା ସତ୍ତ୍ୱେ ସଭିଏଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଅନୁଭବ କରୁଥିଲେ ତାଙ୍କ ଦିବ୍ୟ ସ୍ୱାତନ୍ତ୍ର୍ୟ ଏବଂ ସେହି ଅନୁସାରେ ତାଙ୍କ ପ୍ରତି ସସମ୍ଭ୍ରମ ଆଚରଣ କରୁଥିଲେ ।

ମାସ ମାସ ଧରି ତେଲ ବ୍ୟବହାର ନକରିବା ସତ୍ତ୍ୱେ ତାଙ୍କ କେଶ ରହିଥାଏ ମସୃଣ, ଚିକ୍କଣ; ଧ୍ୟାନସ୍ଥ ଅବସ୍ଥାରେ ତାଙ୍କ କଳେବର ଭୂଚ୍ୟୁତ ପ୍ରାୟ ଭାସମାନ ଅବସ୍ଥାରେ ଉପନୀତ ହେଉଥାଏ, (ଯାହାକୁ levitation କୁହାଯାଏ) ଏସବୁ ସମ୍ପର୍କରେ ସେ ନିଜେହିଁ ପ୍ରାୟ ସଚେତନ ନଥିଲେ ।[୨] ତାଙ୍କ ପ୍ରତି ଦୁର୍ବ୍ୟବହାର କରୁଥିବା ଜଣେ ବିଦେଶୀ କର୍ମଚାରୀ ଉପରକୁ ମୁହୂର୍ତ୍ତକ ପାଇଁ ସେ ବିରକ୍ତ ଦୃଷ୍ଟିପାତ କରିବା ମାତ୍ରେ ଲୋକଟି କିପରି ଛାନିଆ ହୋଇ ତା' ହାକିମ ଆଗରେ କ'ଣ ଅଭିଯୋଗ କରିବ ବୁଝି ନପାରି ବନ୍ଦୀଜଣକ ତା' ପ୍ରତି ''ଅବାଧ ଦୃଷ୍ଟିପାତ'' କଲେ ବୋଲି ଅଜବ ଅଭିଯୋଗ କରିବ,[୩] ଥରେ ଏକାଦିକ୍ରମେ ଦଶଦିନ ଉପବାସ କରି ମଧ୍ୟ ସେ ଅକ୍ଲେଶରେ ପାଣି-ଭରା ବାଲ୍ତି ଉଠାଇ ମୁଣ୍ଡରେ ଢାଳିବାରେ ସାମାନ୍ୟ ଅସୁବିଧା ଅନୁଭବ କରିଲେ ନାହିଁ[୪], ତାଙ୍କ ସ୍ଥୂଳ ଜୀବନ ଯାତ୍ରା ଉପରେ ତାଙ୍କ ଆନ୍ତର୍ଜୀବନର ଏସବୁ ପ୍ରଭାବ ପ୍ରତି ସେ ସ୍ୱୟଂ ସମ୍ପୂର୍ଣ୍ଣ ଉଦାସୀନ ଥିଲେ ।

ବହୁ ପରେ ତାଙ୍କ ନିଜ ସ୍ମୃତିଚାରଣରୁ ଆମେ ଜାଣିବାକୁ ପାଉଁ ଯେ ସେତେବେଳେ ତାଙ୍କ ଚେତନାରେ ଆସୁଥିଲା

ଯୁଗାନ୍ତକାରୀ ପରିବର୍ତ୍ତନ । ମାତୃଭୂମିର ମୁକ୍ତି ନିମନ୍ତେ ଯୋଗଶକ୍ତି ଆୟତ୍ତ କରିବା ଭଳି ଉଦ୍ଦେଶ୍ୟ ଅତିକ୍ରମ କରି ସେ ଉପନୀତ ହୋଇଥିଲେ ସମ୍ପୂର୍ଣ୍ଣ ଭିନ୍ନ, ବିପୁଳ ମହତ୍ତର ଏକ ଲକ୍ଷ୍ୟ ସିଦ୍ଧିର ଭୂମିକାରେ : ତାଙ୍କ ଯୋଗ ସମଗ୍ର ମାନବତାର ଭବିଷ୍ୟତକୁ ଏକ ନୂତନ ରୂପ ଦେବା ସକାଶେ ଅଭିପ୍ରେତ ବୋଲି ସେ ହୃଦୟଙ୍ଗମ କରୁଥିଲେ ।(୫)

ଶ୍ରୀଅରବିନ୍ଦ ପଣ୍ଡିଚେରୀ ଚାଲି ଆସିବା ପରେ ତାଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଯେପରି ନାନାଦି ଗୁଜବ ଚାଲୁ ହୋଇଥାଏ, ଯୋଗଜୀବନ ସମ୍ପର୍କରେ ମଧ୍ୟ ସେ ଅମୁକ ବା ସମୁକ ଗୁରୁଙ୍କଠାରୁ ଦୀକ୍ଷା ନେଇଛନ୍ତି ବୋଲି ଜନଶ୍ରୁତି ଚାଲୁ ହୋଇଥାଏ । କିନ୍ତୁ ସେସବୁ କେଡ଼େ ଭିତ୍ତିହୀନ, ତାହା ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦଙ୍କ ନିଜସ୍ୱ ବିବୃତିରୁ ସ୍ପଷ୍ଟ ହୁଏ । ସେତେବେଳକୁ ସେ ଚାରି ମହତ୍ତମ ସିଦ୍ଧିରୁ ପ୍ରଥମ ଦୁଇ ସିଦ୍ଧିର ଅଧିକାରୀ ହୋଇ ସାରିଥା'ନ୍ତି । ବରୋଦାରେ ଯୋଗୀ ବିଷ୍ଣୁ ଭାସ୍କର ଲେଲେ ଦେଇଥିବା ସୂତ୍ର ଅନୁସରଣ କରି ସେ ଅନତିବିଳମ୍ବେ ନିର୍ବିକଳ୍ପ କାଳାତୀତ ବ୍ରହ୍ମ ଉପଲବ୍ଧି କରିଥା'ନ୍ତି । ପରେ ପରେ ପୁଣି ମହାଜାଗତିକ ଚେତନା ଏବଂ ସର୍ବଭୂତେ ବ୍ରହ୍ମ ଉପଲବ୍ଧି ମଧ୍ୟ ତାଙ୍କର ଆୟତ୍ତ ହୋଇଥାଏ – ଯାହାର ଆଭାସ ସେ ତାଙ୍କ ଉତ୍ତରପଡ଼ା ଅଭିଭାଷଣରେ ଦେଇଥିଲେ । ଆଲିପୁର କାରାଗାର ଭିତରେ ଅବ୍ୟାହତ ତାଙ୍କ ଯୋଗରେ ବ୍ରହ୍ମର ଉଭୟ ଚିରସ୍ଥିତ (stactic) ଏବଂ ପ୍ରଜଙ୍ଗମ (dynamic) ଦିଗ ଉପଲବ୍ଧି ସଙ୍ଗେ ସଙ୍ଗେ ଅତିମାନସର ସତ୍ୟ ତାଙ୍କ ଚେତନାରେ ଉଭାସିତ ହୋଇ ସାରିଥାଏ । କୌଣସି ମାନବ ଗୁରୁଠାରୁ ଦୀକ୍ଷା ନେବାର ଆବଶ୍ୟକତା ତାଙ୍କର ନଥିଲା । ପରମ ଦିବ୍ୟଶକ୍ତିହିଁ ତାଙ୍କର ଏକମାତ୍ର ଦିଗ୍‌ଦର୍ଶକ ।(୬)

ଆଜି ଉତ୍ତରପଡ଼ା ବୃହତ୍ କଲିକତାର ଉପାନ୍ତ ସହର । କିନ୍ତୁ ସେତେବେଳେ ଗଙ୍ଗା (ହୁଗୁଳି ଭାବରେ ପରିଚିତ) କୂଳବର୍ତ୍ତୀ ଏ ବସତି ତା' ନିଜସ୍ୱ ବିଶେଷତ୍ୱରେ ଗରୀୟାନ୍ ଥିଲା । ଏହିଠାରେ ସ୍ଥାପିତ ହୋଇଥିଲା ଜନସାଧାରଣଙ୍କୁ ସମର୍ପିତ ଭାରତର ପ୍ରଥମ ପାଠାଗାର (୧୮୫୯) । ଏହାର ପ୍ରତିଷ୍ଠାତା ସେଠାକାର ଜଣେ ବଦାନ୍ୟ ଜମିଦାର ଜୟକୃଷ୍ଣ ମୁଖୋପାଧ୍ୟାୟ (୧୮୦୮-୧୮୮୮) । ଏଠାକାର ବହୁ ବିଶିଷ୍ଟ ବ୍ୟକ୍ତି ଜାତୀୟବାଦୀ ଥିଲେ ଏବଂ ଶ୍ରୀଅରବିନ୍ଦଙ୍କୁ ଦେବତୁଲ୍ୟ ସମ୍ମାନ ଦେଉଥିଲେ, ତାଙ୍କ ସାନ୍ନିଧ୍ୟରେ ଆସିବାର ବିରଳ ଓ କିଞ୍ଚିତ୍ ସୁଯୋଗ ସତ୍ତ୍ୱେ ।

ସେହି ସ୍ୱଦେଶପ୍ରେମୀଗଣଙ୍କ ଭିତରେ ମୁଖ୍ୟ ଥିଲେ ଜଣେ ମେଧାବୀ, ଅତୀବ ଭଦ୍ର ତଥା ମିଷ୍ଟଭାଷୀ ଯୁବକ ଅମରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ (୧୮୮୦-୧୯୫୭) । ଦଳମତ ନିର୍ବିଶେଷରେ ସେ ଥିଲେ ଅଜାତଶତ୍ରୁ ।(୭)

ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍ ଅନ୍ତେ ଏହାହିଁ ଥିଲା ଅମରେନ୍ଦ୍ରନାଥଙ୍କ ଅନୁଭବ ଓ ଅଭିଜ୍ଞତା : ''ପ୍ରଥମ ଦେଖାହିଁ ମୋତେ ଯେ ଖାଲି ମୁଗ୍ଧ କଲା ସେତିକି ନୁହେଁ, ମୋତେ ଶକ୍ତିମାନ୍ କଲା । ତତ୍‌କ୍ଷଣାତ୍ ମୁଁ ଉପଲବ୍ଧି କଲି ଯେ ଦୃଷ୍ଟି ଯୋଗେ ମଧ୍ୟ ଦୀକ୍ଷା ପ୍ରଦାନ ସମ୍ଭବପର, ସ୍ପର୍ଶ ଅଥବା ମନର ବ୍ୟବହାର ବ୍ୟତୀତ ।''(୮)

ସେ ମୁଲକର ସେ ସର୍ବାଧିକ ଜନପ୍ରିୟ ଯୁବନେତା ନିଜର ପରିଚୟ ଭାବରେ କହୁଥା'ନ୍ତି, ''ମୁଁ ଅରବିନ୍ଦ ଦଳର ସଭ୍ୟ'' !

ଥରେ କଂଗ୍ରେସର ରକ୍ଷଣଶୀଳ ଗୋଷ୍ଠୀର ସର୍ବୋଚ୍ଚ ନେତା ସୁରେନ୍ଦ୍ରନାଥ ବାନାର୍ଜି ସେ ଯୁବକଙ୍କୁ ଏକାନ୍ତରେ କହିଲେ, ''ଶୁଣୁଛି, ତୁମେ ଅରବିନ୍ଦଙ୍କର ଜଣେ ଭକ୍ତ । ଭଲ ହେବ, ତୁମେ ଯଦି ତାଙ୍କୁ ତାଙ୍କ ଗତି ଟିକିଏ ମନ୍ଥର କରିବାର ପରାମର୍ଶ ଦେବ । ନହେଲେ ତ ତାଙ୍କୁ ସାରା ଜୀବନ କାରାଗାରରେ କଟାଇବାକୁ ପଡ଼ିବ ! କାମ କରିବେ କେମିତି ? କଥା ହେଲା ମୋ ପରେ ସେହିଁ ତ ନେତା !''

ଉତ୍ତରରେ ଅମରେନ୍ଦ୍ରନାଥ କହିଲେ, ''ଆପଣ ସିନା ତାଙ୍କୁ ସେମିତି ପରାମର୍ଶ ଦେବେ ! ମୋ କଥା ସେ ଶୁଣିବେ ବୋଲି କେମିତି ଆଶା କରାଯାଇପାରେ ?''

ନେତା ମହାଶୟ କିନ୍ତୁ ଖାଲି ''ଅରବିନ୍ଦ ଅତ୍ୟନ୍ତ ତୀବ୍ର ଗତିରେ ଯାଉଛନ୍ତି'' ବୋଲି ଆଉ ଥରେ କହି ତାଙ୍କ ଯୁବକ ଶ୍ରୋତାଙ୍କ ପ୍ରସ୍ତାବ ଏଡ଼ାଇ ଗଲେ ।(୯)

ଉତ୍ତରପଡ଼ାରେ ଅମରେନ୍ଦ୍ରନାଥଙ୍କର ସବୁଠାରୁ ବିଶ୍ୱସ୍ତ ସହକର୍ମୀ ଥିଲେ ରାଜା ପ୍ୟାରୀମୋହନ ମୁଖୋପାଧ୍ୟାୟ ନାମକ ବିଖ୍ୟାତ ସାମନ୍ତଙ୍କ ସୁପୁତ୍ର ରାଜେନ୍ଦ୍ରନାଥ । ସଚରାଚର ମିଶ୍ରି ବାବୁ ବୋଲି ଜଣାଶୁଣା ସେ ଯୁବକ ଥିଲେ ଧର୍ମରକ୍ଷିଣୀ ସଭାର ସଭାପତି । ସଭା ଆନୁକୂଲ୍ୟରେ ଶ୍ରୀଅରବିନ୍ଦଙ୍କୁ ଉତ୍ତରପଡ଼ାରେ ଏକ ହାର୍ଦ୍ଦିକ ସମ୍ବର୍ଦ୍ଧନା ଦେବାର ଆୟୋଜନ ହେଲା ଏବଂ ସଭା ତରଫରୁ ଅମରେନ୍ଦ୍ରନାଥ କଲିକତାରୁ ଶ୍ରୀଅରବିନ୍ଦଙ୍କର ସାଥୀ ହେଲେ । ଷ୍ଟେସନରେ ଶ୍ରୀଅରବିନ୍ଦ ତାଙ୍କୁ କହିଲେ କି ତୃତୀୟ ଶ୍ରେଣୀରେ ଯାତ୍ରା କରି ଥିଲେ ତ କିଛି ଅସୁବିଧା ନଥିଲା, ଉଚ୍ଚ ଶ୍ରେଣୀର କ'ଣ ଆବଶ୍ୟକତା ଥିଲା ! ଅମରେନ୍ଦ୍ରନାଥ

ଜଣାଇଲେ – ସେ ସିଦ୍ଧାନ୍ତ ସିନା ଆମନ୍ତ୍ରକମାନେ କରିବେ, ଅତିଥିଙ୍କର ସେଥିରେ କିଛି କହିବାର ଥାଇ ନପାରେ । ଶ୍ରୀଅରବିନ୍ଦ ହସିଲେ ଓ ନିରବ ରହିଲେ ।[୧୦]

ଗାଡ଼ି ଭିତରେ ଶ୍ରୀଅରବିନ୍ଦ ଗଭୀର ଶାନ୍ତିମୟ ଧ୍ୟାନ-ତନ୍ଦ୍ରାବସ୍ଥାରେ ରହିଥା'ନ୍ତି । ବିବେକୀ ସାଥୀ ସେଥିରେ ବିଘ୍ନ ଘଟାଇଲେ ନାହିଁ ।

ପରବର୍ତ୍ତୀ ଘଟଣାକ୍ରମ ଯାହା ଏଠାରେ ସଂକ୍ଷେପରେ ବିବୃତ ହେଉଛି, ତାହାର ଉତ୍ସ ଅମରେନ୍ଦ୍ରନାଥଙ୍କ ସ୍ମୃତିକଥା, ତାଙ୍କ ଜୀବନୀକାର ସତ୍ୟବ୍ରତ ଚଟ୍ଟୋପାଧ୍ୟାୟଙ୍କ ଲେଖା ତଥା ଇଂରାଜୀ 'ଦି ବେଙ୍ଗଲି' ସମ୍ବାଦପତ୍ରର ପରିବେଷଣ ।

ଉତ୍ତରପଡ଼ା ଷ୍ଟେସନରେ ଦେଖାଗଲା ଟ୍ରେନ୍ ଭର୍ତ୍ତି ଲୋକେ ସେଠାରେ ଓହ୍ଲାଇଲେ ଏବଂ ସମସ୍ତେ କଲିକତାରୁ ବା ମଧ୍ୟବର୍ତ୍ତୀ ଷ୍ଟେସନମାନଙ୍କରୁ ଯାତ୍ରୀ ହୋଇଥିଲେ ଶ୍ରୀଅରବିନ୍ଦଙ୍କୁ ଦେଖିବା ଓ ଶୁଣିବା ମାନସରେ ।

ଉତ୍ତରପଡ଼ାର ଯାବତୀୟ ଭଦ୍ରଲୋକ ତଥା ଆଖପାଖରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିବୃନ୍ଦ ରାଜା ପ୍ୟାରିମୋହନ ମୁଖୋପାଧ୍ୟାୟଙ୍କ ନେତୃତ୍ୱରେ ଗଭୀର ଶ୍ରଦ୍ଧା ଓ ଉତ୍ସାହଭରେ ଶ୍ରୀଅରବିନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ । ରାଜା ତାଙ୍କୁ ମାଲ୍ୟ-ଭୂଷିତ କରିବା ମାତ୍ରେ 'ବନ୍ଦେ ମାତରମ୍' ଧ୍ୱନିରେ ବାତାବରଣ ମୁଖରିତ ହେଲା । ଅତିଥିଙ୍କୁ ନିଆଗଲା ସୁରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ବାସଭବନକୁ । ତାଙ୍କୁ ଅନୁସରଣ କଲା ଆପଣାଛାଏଁ ସୁଶୃଙ୍ଖଳ ଏକ ଶୋଭାଯାତ୍ରା । ସେଠାରେ ଶ୍ରୀଅରବିନ୍ଦ ବିଶ୍ରାମ ଓ ଆହାର କଲେ ।

ଅପରାହ୍ଣର ଶେଷାର୍ଦ୍ଧରେ ଏକ ବିରାଟ ଏବଂ ସୁସଂବଦ୍ଧ ଶୋଭାଯାତ୍ରା ଯୋଗେ ତାଙ୍କୁ ନଦୀ କୂଳବର୍ତ୍ତୀ ପାଠାଗାର ସଂଲଗ୍ନ ବ୍ୟାପକ ମଇଦାନକୁ ନିଆଗଲା । ମଧ୍ୟେ ମଧ୍ୟେ ହେଉଥାଏ ଉତ୍ସବୀୟ ବାରୁଦଗୋଳା ବିସ୍ଫୋରଣ । ସାରା ସହର ସୁସଜ୍ଜିତ ହୋଇଥାଏ; ପ୍ରଧାନ ପଥର ଦୁଇ କଡ଼ରେ ସୁଶୃଙ୍ଖଳ ଦଣ୍ଡାୟମାନ ରହିଥା'ନ୍ତି ଶ୍ରଦ୍ଧାମୟ ନାଗରିକବୃନ୍ଦ; ମହିଳାମାନେ ଅତିଥିଙ୍କ ଉପରକୁ ନାନାବିଧ ପୁଷ୍ପ ନିକ୍ଷେପ କରୁଥା'ନ୍ତି । ଉତ୍ତରପଡ଼ା ସେଦିନ ଭଳି କେବେ ଏମିତି ଆନନ୍ଦମୁଖର ହୋଇ ନଥିଲା ।

ଶ୍ରୀଅରବିନ୍ଦ ସଭାସ୍ଥଳରେ ଉପନୀତ ହେବା ବେଳକୁ 'ବନ୍ଦେ ମାତରମ୍' ଧ୍ୱନିତ ହେଉଥାଏ ଦଶ ସହସ୍ର କଣ୍ଠରୁ; ଶଙ୍ଖଧ୍ୱନି ଚାଲିଥାଏ ସମାନ୍ତରାଳ ଭାବେ ।[୧୧] 'ଦି ବେଙ୍ଗଲି' ପରିବେଷିତ ବିବରଣୀ କହେ, ''ସେ ସମବେତ ଶଙ୍ଖଧ୍ୱନି ଏବଂ ପ୍ରବଳ 'ବନ୍ଦେ ମାତରମ୍' ଉଚ୍ଚାରଣୀ ଯୋଗେ ବାତାବରଣ ଏଭଳି ଥରହର ହେଉଥାଏ ଯେ ସେଥିରେ ଶତ୍ରୁର ବକ୍ଷ ବିଦୀର୍ଣ୍ଣ ହେବା ସ୍ୱାଭାବିକ । କୋଡ଼ିଏ ଥର ଗୋଳା ବିସ୍ଫୋରଣ ମଧ୍ୟ ଥିଲା ସେ ମହା ଅଭ୍ୟର୍ଥନାର ଅନ୍ୟ ଅଙ୍ଗ ।

''ଶ୍ରୀଅରବିନ୍ଦଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ସଭାପତି ରାଜେନ୍ଦ୍ରନାଥ ତାଙ୍କୁ ଯେଉଁ ମାଳା ପିନ୍ଧାଇ ଦେଲେ, ସମ୍ବାଦପତ୍ରର ବିବରଣୀ ଅନୁସାରେ ତାହା ଅତିଥିଙ୍କ 'କଣ୍ଠଦେଶରୁ ଲମ୍ବି ତାଙ୍କ ପାଦ ସ୍ପର୍ଶ କରୁଥାଏ' ।''[୧୨]

ଏହି ମାଳାଟି ସମ୍ପର୍କରେ କିଞ୍ଚିତ୍ ତଥ୍ୟ ଅପ୍ରାସଙ୍ଗିକ ହେବ ନାହିଁ । ଜଣେ ଦକ୍ଷ ମାଲ୍ୟ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଏ ଗୋଟିକର ଶିଳ୍ପ ଓ ଶୋଭା ଥିଲା ଅପୂର୍ବ । ସଭାର ଅବ୍ୟବହିତ ପୂର୍ବରୁ ଦେଖାଗଲା ମୁଖ୍ୟ ମାଳା-ସଂଲଗ୍ନ କେତୋଟି କଳାପୂର୍ଣ୍ଣ ଶାଖାରୁ ଗୋଟିଏ ଅଦୃଶ୍ୟ । ରାଜେନ୍ଦ୍ରନାଥ ଉତ୍ତେଜିତ ଓ ଗମ୍ଭୀର କଣ୍ଠରେ କହିଲେ, ''ଆମ ସଦନରେ ଥିବା ନାରାୟଣଙ୍କ ବିଗ୍ରହରୁ କେହି ଯଦି ଉପବୀତ କାଢ଼ି ନେଇଥା'ନ୍ତା, ସେଥିରେ ମଧ୍ୟ ମୁଁ କ୍ଷୁବ୍ଧ ହୋଇ ନଥା'ନ୍ତି । କିନ୍ତୁ ଏ ଅନାଚାର ମୋତେ ପ୍ରାୟ ପାଗଳ କରି ଦେଉଛି !''

ଅଚିରେ ମାଳାର ଅପହୃତ ଅଂଶଟି ପ୍ରତ୍ୟାବର୍ତ୍ତନ କଲା ।[୧୩]

ଏ ଛୋଟ ଘଟଣାଟି ଉଲ୍ଲେଖ କରିବାର କାରଣ ଜଣେ ସମ୍ଭ୍ରାନ୍ତ ବ୍ରାହ୍ମଣଙ୍କର ଏଭଳି ଉକ୍ତି ସ୍ୱାଭାବିକ ନୁହେଁ । କିନ୍ତୁ ଶ୍ରୀଅରବିନ୍ଦଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନେ ତାଙ୍କୁ କିଭଳି ଦୃଷ୍ଟିରେ ଦେଖୁଥିଲେ, ଏହା ସେ ବାସ୍ତବତାର ଏକ ନମୁନା ।

ସଭା ଆରମ୍ଭରେ ଶ୍ରୀଅରବିନ୍ଦଙ୍କ ଉଦ୍ଦେଶରେ ଲିଖିତ ଏକ କବିତା ପାଠକଲେ ଅମରେନ୍ଦ୍ରନାଥ । ଶ୍ରୀଅରବିନ୍ଦ ଭାଷଣ ଦେବାକୁ ଦଣ୍ଡାୟମାନ ହେବା ମାତ୍ରେ ପୁନର୍ବାର ଦଶ ସହସ୍ର କଣ୍ଠରୁ ନିର୍ଗତ ହେଲା 'ବନ୍ଦେ ମାତରମ୍' । କିନ୍ତୁ ''ଥରେ ଶ୍ରୀଅରବିନ୍ଦ ହାତ ଟେକି ନିରବ ହେବାକୁ ସଙ୍କେତ ଦେବା ମାତ୍ରେ ମନେ ହେଲା ସେ ବିସ୍ତୃତ ମଇଦାନ ସତେ ଯେପରି ସମ୍ପୂର୍ଣ୍ଣ ଜନଶୂନ୍ୟ ! ଶ୍ରୀଅରବିନ୍ଦ କହିବାକୁ ଆରମ୍ଭ କଲେ – ଗଙ୍ଗୋତ୍ରୀର ଶାନ୍ତି ପ୍ରଦାୟିନୀ ମୃଦୁ ଧ୍ୱନି ଭଳି ଭାଷାରେ ।''[୧୪]

ଡାକବାଜି ଯନ୍ତ୍ର ତ ନଥିଲା । ପୁଣି ଶ୍ରୀଅରବିନ୍ଦଙ୍କ ଇଂରାଜୀ ! ଦଶ ହଜାର ଶ୍ରୋତା କିନ୍ତୁ ଧ୍ୟାନସ୍ଥ ପ୍ରାୟ ଶୁଣୁଥିଲେ ସେ ଅନତିକ୍ଷୁଦ୍ର ଅଭିଭାଷଣ । କେଉଁ ଅଜ୍ଞାତ ପ୍ରଭାବ କାର୍ଯ୍ୟ କରୁଥିଲା ?

ଶ୍ରୀଅରବିନ୍ଦଙ୍କ ଉତ୍ତରପଡ଼ା ଅଭିଭାଷଣର ଗୁରୁତ୍ୱ ଅପରିସୀମ । ସେ ଯେଉଁ ବିଷୟ ଉପରେ କହିବେ ବୋଲି ସ୍ଥିର କରିଥିଲେ, ସ୍ୱତଃସ୍ଫୂର୍ତ୍ତ ଭାବରେ ସେଥିରୁ ଓହରି ଆସି ପ୍ରେରଣା-ଚାଳିତ ଭାବରେ ଯାହା କହିଗଲେ, ତାହା ଏକ ଦୀର୍ଘ ମନ୍ତ୍ରପ୍ରାୟ ଉଚ୍ଚାରଣୀ । ଧ୍ୟାନ ଦେଇ ପାଠ କଲେ ମନେ ହେବ ସେଥିରେ ବକ୍ତା ଏବଂ ବକ୍ତବ୍ୟ ଯେପରି ଏକୀଭୂତ । ଅଚିରେ ''ଆର୍ଯ୍ୟ'' ପତ୍ରିକା ବହନ କରିବ ଶ୍ରୀଅରବିନ୍ଦଙ୍କର ଅନନ୍ୟ ଆଭିମୁଖ୍ୟର ଯେଉଁ ବାର୍ତ୍ତା, ସେ ସନ୍ଧ୍ୟାର ସେ ଅଭିଭାଷଣ ଯେପରି ତାହାରି ପୂର୍ବାଭାଷ । ଭାଷଣର ଆଦ୍ୟରେହିଁ ସେ ଜଣାଇ ଦେଲେ କି ସେହିଠାରେ ବସିଥିବା ଅବସ୍ଥାରେ ସେ ନିର୍ଦ୍ଦେଶ ପାଇଲେ ସମଗ୍ର ଭାରତକୁ ତାଙ୍କର ଯେଉଁ ବାର୍ତ୍ତା ଦେବାର ଅଛି, ତାହା ଆଜି ସେହି ସମାବେଶ ଆଗରେ ସେ ବ୍ୟକ୍ତ କରିବେ । ''ତାହା ମୋତେ କାରାଗାର ଭିତରେ କୁହାଯାଇଥିଲା ଏବଂ ମୁଁ କାରାଗାରାରୁ ନିଷ୍କ୍ରାନ୍ତ ହୋଇଛି ମୋ ଦେଶବାସୀଙ୍କୁ ତାହା କହିବା ପାଇଁ ।''[୧୫]

ଭାଷଣର ପ୍ରଥମାଂଶରେ ସେ କହିଲେ ଏକଦା ତାଙ୍କ ଭିତରେ କିପରି ନାନାଦି ଦୁର୍ବଳତା ଥିଲା । ତାଙ୍କ ବଙ୍ଗଳା ରଚନା 'କାରାକାହାଣୀ'ରେ ମଧ୍ୟ ସେ ଲେଖିଛନ୍ତି ସେ କିପରି କିଛି ମୁହୂର୍ତ୍ତ ସକାଶେ ତାଙ୍କର ସେଭଳି ବିପଦ ସକାଶେ ବିଧାତା ଉପରେ କ୍ଷୁବ୍ଧ ହୋଇଥିଲେ । କେହି କେହି ଜାଣିବା ପାଇଁ କୌତୂହଳୀ ଥିଲେ, ଲେଲେଙ୍କଠୁଁ ଧ୍ୟାନ ଓ ଏକାଗ୍ରତାର ସୂତ୍ର ଲାଭ କରିବା ପରେ ପରେ ତାଙ୍କର ନିର୍ବାଣର ଓ ପରମ ଶାନ୍ତିର ଉପଲବ୍ଧି ମଧ୍ୟ ଆୟତ୍ତ ହେବା ସତ୍ତ୍ୱେ ସେ କୌଣସି ଏକ ପରିସ୍ଥିତିରେ କିପରି କ୍ଷୁବ୍ଧ ହେଉଥିଲେ ?

ନୀରଦବରଣଙ୍କ ସହ କଥାବାର୍ତ୍ତା ଭିତରେ ୧୯୩୮ ମସିହା ଡିସେମ୍ବର ୨୨ ତାରିଖରେ ଶ୍ରୀଅରବିନ୍ଦ ଯାହା କହିଥିଲେ, ସେଥିରୁ ସେଭଳି ପ୍ରଶ୍ନର ଉତ୍ତର ମିଳିବ :

''ଲେଲେଙ୍କ ସହ ପ୍ରଥମ ସମ୍ପର୍କ ପରେ ଶାନ୍ତି ଓ ପ୍ରଶାନ୍ତିର ଯେଉଁ ଅଭିଜ୍ଞତା ମୁଁ ଲାଭ କରିଥିଲି, ତାହା ମୋ'ଠାରୁ କେବେ ମଧ୍ୟ ଦୂରେଇଯାଇ ନଥିଲା । କିନ୍ତୁ ମୋ ବହିର୍ଚ୍ଚେତନାରେ ଥିଲା ବହୁପ୍ରକାର ବିକ୍ଷୁବ୍ଧି ଏବଂ ପ୍ରତିଥର ତହିଁ ଶାନ୍ତି ଓ ନିସ୍ତରଙ୍ଗତା ପ୍ରତିଷ୍ଠା କରିବା ନିମନ୍ତେ ମୋତେ ପ୍ରୟାସ କରିବାକୁ ପଡୁଥିଲା । ସେହି ଆଦ୍ୟ ଅଭିଜ୍ଞତା ପରଠାରୁ ପ୍ରକୃତିକୁ ଆନ୍ତର ଉପଲବ୍ଧିର ଆକାରିକାକୁ ପରିବର୍ତ୍ତନ କରିବାହିଁ ହେଲା ମୋ ଯୋଗର ସମ୍ପୂର୍ଣ୍ଣ ଆଭିମୁଖ୍ୟ ।

(Ever since that early experience the whole object of my Yoga has been to change the nature into the mould of an inner realisation.)[୧୬]

ରହସ୍ୟ ହେଲା, ମାନବ ରୂପରେ ଅବତରିତ ଦିବ୍ୟଶକ୍ତିକୁ ମରଜୀବନର ନାନାଦି ସମସ୍ୟା ଓ ଦୁର୍ବଳତା ବହନ କରିବାକୁ ପଡ଼ିଥାଏ । ସେହି ଦୁର୍ବଳତାର ଅଭିଜ୍ଞତାହିଁ ତା'ର ରୂପାନ୍ତର ସକାଶେ ଯୋଗର ପ୍ରାଥମିକ ପ୍ରସ୍ତୁତି ବୋଲି କୁହାଯାଇପାରେ ।

ଶ୍ରୀଅରବିନ୍ଦ ଇଂଲଣ୍ଡରେ ଦୀର୍ଘକାଳ ବିତାଇ ୧୮୯୩ରେ ଭାରତ ପ୍ରତ୍ୟାବର୍ତ୍ତନ କରି ମୁମ୍ବାଇର ଆପୋଲୋ ବନ୍ଦରରେ ପଦାର୍ପଣ କରିବା ମୁହୂର୍ତ୍ତରେ ଯେଉଁ ବିପୁଳ ଶାନ୍ତି ତାଙ୍କ ଭିତରେ ଅବତରଣ କରିଥିଲା, ସେତେବେଳଠୁଁ ଆଲିପୁର କାରାକକ୍ଷରେ ସ୍ୱାମୀ ବିବେକାନନ୍ଦ ଏକପକ୍ଷ କାଳ[୧୭] ତାଙ୍କୁ ବାର୍ତ୍ତାପ୍ରଦାନ କରିବାର ମଧ୍ୟବର୍ତ୍ତୀ କାଳରେ ଅତିଭୌତିକ ଅଭିଜ୍ଞତାର ଯେତେସବୁ ଝଲକ ତାଙ୍କ ଚେତନାରେ ଉଦ୍ଭାସିତ ହୋଇଥିବ, କେବେ କେବେ କଥା ପ୍ରସଙ୍ଗରେ ସେସବୁରୁ କିଛି କିଛି ମାତ୍ର ସେ ପ୍ରକାଶ କରିଥିବେ । ସେସବୁ ବିବୃତ କଲେ ତାହା ଦ୍ୱାରା ହୁଏତ କେହି ଲାଭବାନ୍ ହେବେ ନାହିଁ, ଏହାହିଁ ହୋଇପାରେ ତା'ର କାରଣ । ଥରେ ଜଣେ ଅନୁଗତ ଶ୍ରୀରାମକୃଷ୍ଣ ମିସନ ପ୍ରତି ତାଙ୍କର (ଅନୁଗତଙ୍କର) ମନୋଭାବ କ'ଣ ହେବ ବୋଲି ଏକ ବ୍ୟକ୍ତିଗତ ପତ୍ର ଯୋଗେ ନିର୍ଦ୍ଦେଶ ମାଗନ୍ତେ ଶ୍ରୀଅରବିନ୍ଦ ନିହାତି ସ୍ୱାଭାବିକ କଥାଟିଏ ଜଣାଇବା ଢଙ୍ଗରେ ଲେଖିଲେ, ''ମୋ କ୍ଷେତ୍ରରେ ତ ସ୍ୱୟଂ ରାମକୃଷ୍ଣ ବ୍ୟକ୍ତିଗତ ଭାବରେ ଆସିଥିଲେ ଏବଂ ପ୍ରଥମେ ମୋତେ ଏ ଯୋଗରେ ପ୍ରବୃତ୍ତ କଲେ !''[୧୮] ଏହା ଏକ ବିରଳ ତଥ୍ୟ ।

କିନ୍ତୁ ଶ୍ରୀଅରବିନ୍ଦଙ୍କ ସଂସ୍ପର୍ଶରେ ଆସୁଥିବା ଅନେକ ବୋଧକ୍ଷମ ବ୍ୟକ୍ତି ତାଙ୍କ ଆନ୍ତର ଐଶ୍ୱର୍ଯ୍ୟର ଜ୍ୟୋତିଃ ବଳେ ବଳେ ଅନୁଭବ କରୁଥିଲେ ଏବଂ କେହି କେହି ତାହା ଅଭିବ୍ୟକ୍ତ କରୁଥିଲେ ମଧ୍ୟ । ଗୋଟାଏ ଉଦାହରଣ : ସିଲ୍‌ହଟର ସୁର୍ମା ଉପତ୍ୟକାରେ ୧୧.୧୨.୧୯୦୯ରେ ଅନୁଷ୍ଠିତ ରାଜନୈତିକ ସମ୍ମିଳନୀରେ ମୁଖ୍ୟ ଅତିଥି ଶ୍ରୀଅରବିନ୍ଦଙ୍କୁ ସମ୍ମିଳନୀର ସଭାପତି ସାହିତ୍ୟିକ ଓ ଶିକ୍ଷାନୁରାଗୀ ଶରତଚନ୍ଦ୍ର ଚୌଧୁରୀ ସମ୍ବୋଧନ କଲେ ''ଯୋଗୀରାଜ ଋଷି'' ରୂପେ ।[୧୯]

(କ୍ରମଶଃ) ❑

## ତଥ୍ୟ ନିର୍ଦ୍ଦେଶିକା


୧. ନୀରଦବରଣ : Talks with Sri Aurobindo, Vol. 1; ଶ୍ରୀଅରବିନ୍ଦ ଆଶ୍ରମ ।
୨. ତତ୍ରୈବ ।
୩. ଏ. ବି. ପୁରାଣି : The Life of Sri Aurobindo, ଶ୍ରୀଅରବିନ୍ଦ ଆଶ୍ରମ ।
୪. ଏ. ବି. ପୁରାଣି : Evening Talks with Sri Aurobindo, ଶ୍ରୀଅରବିନ୍ଦ ଆଶ୍ରମ ।
୫. ଶ୍ରୀଅରବିନ୍ଦ : On Himself; SABCL, Vol. 26.
୬. ତତ୍ରୈବ ।
୭. ନଗେନ୍ଦ୍ର କୁମାର ଗୁହରାୟ : ମହାଯୋଗୀ ଶ୍ରୀଅରବିନ୍ଦ (ବଙ୍ଗଳା), ଶ୍ରୀଗୁରୁ ଲାଇବ୍ରେରି, କଲିକତା ।
୮. ଅମରେନ୍ଦ୍ର ଚଟ୍ଟୋପାଧ୍ୟାୟ : ''ଶ୍ରୀଅରବିନ୍ଦେର୍ ସଙ୍ଗେ ସାକ୍ଷାତ୍କାର'' (ବଙ୍ଗଳା) ଗଳ୍ପ ଭାରତୀ, କଲିକତା । ଶ୍ରୀଅରବିନ୍ଦ ଆଶ୍ରମ ସଂରକ୍ଷଣାଗାର, ପଣ୍ଡିଚେରୀ ।
୯. ସତ୍ୟବ୍ରତ ଚଟ୍ଟୋପାଧ୍ୟାୟ : ''ଭାରତେର୍ ମୁକ୍ତି ଯଜ୍ଞେ ବିପ୍ଳବୀ ଅମରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ (ବଙ୍ଗଳା); ଇଣ୍ଡିଆନ୍ ଆସୋସିଏଟେଡ୍ ପବ୍ଲିଶିଂ କୋ : କଲିକତା ।
୧୦. ଅଷ୍ଟମ ଉତ୍ସ ଅନ୍ତର୍ଭୁକ୍ତ ।
୧୧. ଅମରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ : ''ଗ୍ରନ୍ଥାଗାରେ ଶ୍ରୀଅରବିନ୍ଦ''; କଲିକତା ଶ୍ରୀଅରବିନ୍ଦ ଭବନ ସୌଜନ୍ୟରୁ ପ୍ରାପ୍ତ । ନବମ ଉତ୍ସ ମଧ୍ୟ ଦ୍ରଷ୍ଟବ୍ୟ ।
୧୨. ତ୍ରିଜ ରାୟ : ଶ୍ରୀଅରବିନ୍ଦ ଓ ଉତ୍ତରପଡ଼ା ଅଭିଭାଷଣ ।
୧୩. ଅଷ୍ଟମ ଉତ୍ସ ଦ୍ରଷ୍ଟବ୍ୟ ।
୧୪. ତତ୍ରୈବ ।
୧୫. ଶ୍ରୀଅରବିନ୍ଦ : Karmayogin, SABCL, Vol. 2
୧୬. କେ. ଡ଼ି. ସେଠ୍ନା : Mother India, August 1977
୧୭. ପଞ୍ଚମ ଉତ୍ସ ଦ୍ରଷ୍ଟବ୍ୟ ।
୧୮. ଶ୍ରୀଅରବିନ୍ଦ : Supplement; SABCL, Vol. 27
୧୯. ବିଶ୍ୱଜିତ ଗଙ୍ଗୋପାଧ୍ୟାୟ : ''ଶୃଣ୍ୱନ୍ତୁ'' (ବଙ୍ଗଳା) ତଥା ''ସଂସଦ ବାଙ୍ଗାଲି ଚରିତାଭିଧାନ'', ସାହିତ୍ୟ ସଂସଦ କଲିକତା । ❑


ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବିନା ଆୟାସରେ ସତ୍ୟ କହିବା ପାଇଁ ସମର୍ଥ ହେବାକୁ ହେଲେ ପ୍ରକୃଷ୍ଟ ପନ୍ଥା ହେଉଛି ଯେ ଆମେ ସବୁବେଳେ ଏପରି କାର୍ଯ୍ୟ କରୁଥିବା, ଯେଉଁଥିରେ କି ଆମର କୌଣସି କାମକୁ ଗୋପନ କରି ରଖିବା ଲାଗି ଆଦୌ କିଛି ପ୍ରୟୋଜନହିଁ ନଥିବ । ଏବଂ ସେଥିଲାଗି ଆମକୁ ପ୍ରତିଟି ମୁହୂର୍ତ୍ତର କାର୍ଯ୍ୟକ୍ରମ ମଧ୍ୟରେ ନିରନ୍ତର ମନେ ରଖିବାକୁ ପଡ଼ିବ ଯେ ଆମେ ପରମ ଦିବ୍ୟସତ୍ତାଙ୍କର ଦୃଷ୍ଟି ସମକ୍ଷରେହିଁ ଉପସ୍ଥିତ ରହିଛୁ ।

— ଶ୍ରୀମା

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଚତୁର୍ଦ୍ଦଶ ଅଧ୍ୟାୟ)

## ଦିବ୍ୟକର୍ମର ନୀତି

**ଶେଖ ଅବଦୁଲ କାଶମ**

ବେଦରେ ଯଜ୍ଞକୁ ଯେଉଁ ଗଭୀର ଓ ବିଶାଳ ତାତ୍ପର୍ଯ୍ୟ ଦିଆଯାଇଥିଲା ତାହା ପରବର୍ତ୍ତୀ ଯୁଗରେ ବିକୃତ ଅର୍ଥରେ ଉପସ୍ଥାପିତ ହେଲା । ନିମ୍ନତର ବ୍ୟକ୍ତିସତ୍ତାରୁ ଉର୍ଦ୍ଧ୍ୱସ୍ତରକୁ ଉଠି ପରାତ୍ପର ପରମେଶ୍ୱରଙ୍କ ସହିତ ମିଳିତ ହେବା ପାଇଁ ଯଜ୍ଞ ପ୍ରଥମେ ଏକ ଉପାୟ ରୂପେ ବିବେଚିତ ହେଉଥିଲା । ଯଜ୍ଞର ଅର୍ଥ ଥିଲା ଆତ୍ମ-ସମର୍ପଣ ଯାହା ସମଗ୍ର ବିଶ୍ୱଜୀବନ ତଥା ବିଶ୍ୱାତୀତ ପରମସତ୍ତାଙ୍କ ସହିତ ସଂଯୋଗ ସ୍ଥାପନରେ ସାହାଯ୍ୟ କରୁଥିଲା । ମାତ୍ର ପରବର୍ତ୍ତୀ ଯୁଗରେ ଯଜ୍ଞ ହୋଇଗଲା ଐହିକ ଓ ପାରଲୌକିକ ସୁଖ-ସମ୍ଭୋଗପ୍ରାପ୍ତିର ଏକ ମାଧ୍ୟମ । ଗୀତା ଯଜ୍ଞର ତତ୍ତ୍ୱକୁ ସେହି ବିକୃତି ଓ ଅପବାଦ ଭିତରୁ ଉଦ୍ଧାର କରି ଏକ ନୂତନ ତାତ୍ପର୍ଯ୍ୟ ପ୍ରଦାନ କରିଛି ।

ବେଦାନ୍ତବାଦୀମାନେ ବିଶ୍ୱାସ କରୁଥିଲେ ଯେ କର୍ମ ହେଉଛି ବନ୍ଧନର କାରଣ, ତେଣୁ ଭଗବତ୍ ଉପଲବ୍ଧି ପାଇବାକୁ ଚାହୁଁଥିବା ସାଧକ କର୍ମର ଜଞ୍ଜାଳ ଭିତରୁ ବାହାରି ଆସିବା ଉଚିତ । ଯେତିକି କର୍ମ ନିହାତି ଆବଶ୍ୟକ ସେତିକି ନିଷ୍କାମ ଭାବ ସହ ସମ୍ପାଦନ କରି ଆଧ୍ୟାତ୍ମିକ ସାଧନାରେ ସମ୍ପୂର୍ଣ୍ଣ ଲୀନ ହୋଇଯିବା ଆବଶ୍ୟକ । ଶଙ୍କରାଚାର୍ଯ୍ୟ ମଧ୍ୟ ଏହି ପରମ୍ପରାକୁ ସ୍ୱୀକାର କରି ଆଗେଇ ନେଇଥିଲେ । କିନ୍ତୁ ଏହି କର୍ମବିମୁଖତା ଭାରତରେ ପ୍ରାଣଶକ୍ତିର ବିପୁଳ କ୍ଷୟ ଘଟାଇଲା । ବହୁ ପୂର୍ବରୁ ଗୀତା କର୍ମ ଉପରେ ଗୁରୁତ୍ୱ ଦେଇ ଘୋଷଣା କରିଥିଲା ଯେ ଜୀବନର ପରିପୂର୍ଣ୍ଣତା ପାଇଁ କର୍ମ ଏକ ବଳିଷ୍ଠ ମାଧ୍ୟମ ହୋଇପାରିବ ।

ସାଧାରଣତଃ ମନୁଷ୍ୟ ଅହଂ, କାମନା ଓ ଇନ୍ଦ୍ରିୟଗତ ଦାବିଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ କର୍ମ କରିଥାଏ । ସେ ଯେତେବେଳେ ଆଧ୍ୟାତ୍ମିକ ଜୀବନ ପ୍ରତି ଆକୃଷ୍ଟ ହୁଏ, ତା'ର ପ୍ରଥମ ପ୍ରବୃତ୍ତି ହୁଏ ସେ କିପରି ସକଳ କର୍ମରୁ ନିଜକୁ ପ୍ରତ୍ୟାହୃତ କରି ଆଣି ଉଚ୍ଚତର ସତ୍ୟ ଉପରେ ସମ୍ପୂର୍ଣ୍ଣ ଏକାଗ୍ର ହୋଇ ରହିବ । ଏହା ହେଉଛି ଏକ ନିବୃତ୍ତିମୂଳକ ଓ ନକାରାତ୍ମକ ପଦ୍ଧତି । ସାଂସାରିକ କର୍ମ ଓ ଜୀବନ-ସମ୍ବନ୍ଧଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ବିଶ୍ୱପ୍ରକୃତିର ଅଭିପ୍ରାୟ ନୁହେଁ । ଅଜ୍ଞାନମୟ ନିମ୍ନପ୍ରକୃତିର କବଳରୁ ମୁକ୍ତ ହେବା ପାଇଁ ଅନାସକ୍ତିର ସାଧନା କରିବାକୁ ହୁଏ ଯଦ୍ୱାରା କି ଜଣେ ନୈର୍ବ୍ୟକ୍ତିକ ଆତ୍ମାର ନିଶ୍ଚଳତା ଓ ନୀରବତା ମଧ୍ୟରେ ପ୍ରତିଷ୍ଠିତ ହୁଏ । ଅର୍ଥାତ୍ ନିଶ୍ଚଳ ଆତ୍ମା ଭିତରେ ପୂର୍ଣ୍ଣ ଶାନ୍ତି ଓ ସମତା ଲାଭ କରିବା ଆମର ପ୍ରଥମ କାମ । ମାତ୍ର ଏହା ଲକ୍ଷ୍ୟର ଶେଷ ପର୍ଯ୍ୟାୟ ନୁହେଁ ।

ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ ଏକ ସୂତ୍ର ପ୍ରଦାନ କରିଛନ୍ତି – ''ଆତ୍ମନ୍ୟଥୋ ମୟି'' (୪/୩୫) – ''ପ୍ରଥମେ ଆତ୍ମାରେ, ପରେ ମୋ ଭିତରେ'', ଅର୍ଥାତ୍ ପ୍ରଥମେ ବ୍ୟଷ୍ଟିଗତ ବ୍ୟକ୍ତିସତ୍ତାକୁ ଅତିକ୍ରମ କରି ନୈର୍ବ୍ୟକ୍ତିକ ପରମ ବ୍ୟକ୍ତିତ୍ୱ (Impersonal Personality)ରେ ପହଞ୍ଚିବାକୁ ହେବ । ପରମ ବ୍ୟକ୍ତିତ୍ୱ (Supreme Personality) ନୈର୍ବ୍ୟକ୍ତିକ ସତ୍ତାରେ ନୀରବ, ନିଶ୍ଚଳ ହୋଇ ରହିଥା'ନ୍ତି । ସେହି ସ୍ତରରେ ସେ ପ୍ରକୃତିର ଉର୍ଦ୍ଧ୍ୱରେ ଥା'ନ୍ତି । କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେ ପ୍ରକୃତି ଭିତରେ ଲକ୍ଷ ଲକ୍ଷ ଭୂତ ମଧ୍ୟରେ ବି ବିଦ୍ୟମାନ ଓ କ୍ରିୟାଶୀଳ ହୋଇ ରହିଥା'ନ୍ତି । ସୁତରାଂ ଦିବ୍ୟ-ନୈର୍ବ୍ୟକ୍ତିକ ସତ୍ତା ଭିତରେ ଆମର ନିମ୍ନତର ବ୍ୟକ୍ତିସତ୍ତାକୁ ବିଲୟ କରିଦେଇ ଆମେ ପରିଶେଷରେ ସେହି ପରମ ବ୍ୟକ୍ତିତ୍ୱଙ୍କ ସଙ୍ଗରେ ମିଳିତ ହୋଇ ପାରିବା । ଅର୍ଥାତ୍ ବ୍ୟଷ୍ଟିଗତ ଚେତନା ମଧ୍ୟରେ ନୈର୍ବ୍ୟକ୍ତିକ ପରମ ସତ୍ତା (Impersonal Being)ଙ୍କୁ ଉପଲବ୍ଧି କରିବା ହେଉଛି ପରାତ୍ପର ପୁରୁଷୋତ୍ତମଙ୍କୁ ଉପଲବ୍ଧି କରିବାର ପ୍ରାଥମିକ ଭିତ୍ତି । ପରାତ୍ପର ପୁରୁଷୋତ୍ତମ ଉଭୟ ବ୍ୟକ୍ତିଗତ ସତ୍ତା (Personal Self) ଓ ନୈର୍ବ୍ୟକ୍ତିକ ସତ୍ତା (Impersonal Self)ର ଉର୍ଦ୍ଧ୍ୱରେ ରହିଥା'ନ୍ତି ।

ଶ୍ରୀଅରବିନ୍ଦଙ୍କ ମତରେ ପୁରୁଷୋତ୍ତମ ତତ୍ତ୍ୱ ହେଉଛି ଯଜ୍ଞ ଓ କର୍ମଯୋଗର ଚାବିକାଠି ସ୍ୱରୂପ । ନୀରବ, ନିଶ୍ଚଳ ବ୍ରହ୍ମଙ୍କୁ ଯଦି ଲକ୍ଷ୍ୟ ରୂପେ ଗ୍ରହଣ କରାଯାଏ ତେବେ ସଂସାର ଓ ତା'ର ସମସ୍ତ କର୍ମକୁ ପରିତ୍ୟାଗ କରିବାକୁ ହେବ । ଅନ୍ୟ ପକ୍ଷରେ

ପୁରୁଷୋତ୍ତମଙ୍କୁ ଲକ୍ଷ୍ୟରୂପେ ଗ୍ରହଣ କଲେ କର୍ମତ୍ୟାଗ ଆବଶ୍ୟକ ହୁଏ ନାହିଁ, ବରଂ କର୍ମକୁ ଜୟ କରାଯାଇପାରେ ଓ ଅଧିକାର କରାଯାଇପାରେ । କର୍ମ ଆଉ ବନ୍ଧନର କାରଣ ହୁଏ ନାହିଁ । ଏହାର ଅର୍ଥ ଏ କ୍ଷେତ୍ରରେ ପୁରୁଷୋତ୍ତମ ଜଣେ ସାଧକ ପକ୍ଷରେ ସକଳ କର୍ମର କାରଣ, ପ୍ରେରଣାଦାତା ଓ ସଂକଳ୍ପଦାତା ହୋଇଥା'ନ୍ତି । ବ୍ରାହ୍ମୀସ୍ଥିତି ଲାଭ ନିମନ୍ତେ ଜଣେ ଯଦି ନିଜକୁ ନିମ୍ନତର ପ୍ରକୃତିରୁ ପ୍ରତ୍ୟାହାର କରିଆଣି ମୁକ୍ତ ପୁରୁଷର ନିଷ୍କ୍ରିୟତା ମଧ୍ୟରେ ପ୍ରବେଶ କରେ ତେବେ ତା' ଭିତରେ ସାଂସାରିକ କର୍ମ ପ୍ରତି ଉଦାସୀନତା ଦେଖାଯାଇପାରେ । କିନ୍ତୁ ଅନ୍ୟ ପକ୍ଷରେ ଯଦି ଜଣେ ପୁରୁଷୋତ୍ତମଙ୍କୁ ଲକ୍ଷ୍ୟ ରୂପେ ଗ୍ରହଣ କରି ସାଧନା କରେ ତାହାହେଲେ ସେହି ପ୍ରତ୍ୟାହାରହିଁ ଏକ ସହାୟକ ସୋପାନ ହୋଇଯାଏ; ଯଦ୍ଦ୍ୱାରା ସେ ସଂସାରର ଯାବତୀୟ କର୍ମ କରି ମଧ୍ୟ ସେଥିରେ ଆବଦ୍ଧ ହୁଏ ନାହିଁ । ସେ ଦିବ୍ୟପ୍ରକୃତି ଦ୍ୱାରା ପରିଚାଳିତ ହୋଇ ମୁକ୍ତ ଭାବରେ କର୍ମ ସମ୍ପାଦନ କରିପାରେ । ଭାଗବତ ମୁକ୍ତିର ଏହି ସମୁନ୍ନତ ଅବସ୍ଥାକୁ ବର୍ଣ୍ଣନା କରି ଶ୍ରୀଅରବିନ୍ଦ କହନ୍ତି – ''It can become instead of a prison-house an opulent kingdom, *rajyaṁ samṛddham*, which we have conquered for the spiritual life by slaying the limitation of the tyrant ego and overcoming the bondage of our gaoler desires and breaking the prison of our individualistic possession and enjoyment. The liberated universalised soul becomes *svarat samrat*, self-ruler and emperor.''

(Essays on the Gita, p. 135)

ଅର୍ଥାତ୍, ''ତା'ହେଲେ ସଂସାର ଆଉ ଏକ କାରାଗାର ନହୋଇ ହୋଇଉଠେ ଏକ ସମୃଦ୍ଧିଶାଳୀ ରାଜ୍ୟ, 'ରାଜ୍ୟଂ ସମୃଦ୍ଧମ୍', ଯାହାକୁ ଆମେ ଆଧ୍ୟାତ୍ମିକ ଜୀବନ ପାଇଁ ଜୟ କରିଛୁ ଦୁର୍ଦ୍ଦାନ୍ତ ଅହଂର ସୀମାକୁ ଧ୍ୱଂସ କରି, ଆମର ବନ୍ଧନର କାରଣ କାମନାସକଳକୁ ଜୟ କରି ଏବଂ ଆମର ବ୍ୟକ୍ତିଗତ ଭୋଗ ଓ ଐଶ୍ୱର୍ଯ୍ୟର କାରାଗାର ଭଗ୍ନ କରି । ସେତେବେଳେ ହିଁ ମୁକ୍ତ ବିଶ୍ୱାତ୍ମଭୂତ ଆତ୍ମା ସ୍ୱରାଟ୍ ଓ ସମ୍ରାଟ୍ ହୋଇଉଠେ ।''

(ଗୀତା-ନିବନ୍ଧମାଳା, ପୃ. ୧୫୯)

ଜଣେ ଯଦି ତ୍ରିଗୁଣମୟୀ ପ୍ରକୃତିର ଅଧୀନତାରୁ ମୁକ୍ତ ହୋଇ ଏକ ଊର୍ଦ୍ଧ୍ୱତର ସ୍ଥିତି ଲାଭ କରେ ତାହାହେଲେ ସେ ଦିବ୍ୟଶକ୍ତି ଦ୍ୱାରା ପ୍ରେରିତ ହୋଇ କର୍ମ କରିପାରେ, ଠିକ୍ ଯେମିତି ପୁରୁଷୋତ୍ତମ ଉଭୟ ବ୍ୟକ୍ତିଗତ ଓ ନୈର୍ବ୍ୟକ୍ତିକ ସ୍ଥିତିର ଊର୍ଦ୍ଧ୍ୱରେ ରହି ମଧ୍ୟ ତାଙ୍କର ଦିବ୍ୟଶକ୍ତି, ମାୟାଶକ୍ତି ବା ପ୍ରକୃତି-ଶକ୍ତିକୁ ଉପଯୋଗ କରି ପୃଥିବୀରେ କ୍ରିୟାଶୀଳ ହୋଇ ରହିଛନ୍ତି । ପରମ ଦିବ୍ୟସତ୍ତା ବା ପୁରୁଷୋତ୍ତମ ନିମ୍ନତମ ଭୂମିରେ ପ୍ରକୃତି ରୂପେ କର୍ମ କରି ଚାଲିଛନ୍ତି, ଏକ ଊର୍ଦ୍ଧ୍ୱତର ଜଗତରେ ସେ ମାୟା ଶକ୍ତିରୂପେ ସକ୍ରିୟ ହୋଇ ରହିଛନ୍ତି ଏବଂ ତା'ଠୁ ଆହୁରି ଊର୍ଦ୍ଧ୍ୱତର ଜଗତରେ ସେ ମହାଶକ୍ତିରୂପେ ନିଜର ସଂକଳ୍ପକୁ କାର୍ଯ୍ୟକାରୀ କରୁଛନ୍ତି । ଗୀତାରେ ଶ୍ରୀକୃଷ୍ଣ ସ୍ପଷ୍ଟ କରି ଦେଇଛନ୍ତି ଯେ ସେ ଯଦି ମୁହୂର୍ତ୍ତକ ପାଇଁ ମଧ୍ୟ କର୍ମରୁ ବିରତ ହୋଇଯିବେ ତାହାହେଲେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଧ୍ୱଂସପ୍ରାପ୍ତ ହେବ । ସୁତରାଂ ମନୁଷ୍ୟ ଭଗବାନଙ୍କର ଦୃଷ୍ଟାନ୍ତକୁ ଅନୁସରଣ କରି କେବେ ବି କର୍ମରୁ ବିରତ ହେବା ଉଚିତ ନୁହେଁ ।

ମନୁଷ୍ୟ ଯଦି ପୁରୁଷୋତ୍ତମ ଚେତନା ସହ ନିବିଡ଼ ସମ୍ବନ୍ଧ ରଖିବ ତେବେ ସେ ଆଉ ଏ ସଂସାରକୁ କ୍ଷଣସ୍ଥାୟୀ ଓ ଦୁଃଖପୂର୍ଣ୍ଣ (ଅନିତ୍ୟମସୁଖଂ ଲୋକଂ) ବୋଲି କହି ନିନ୍ଦା କରିବ ନାହିଁ କି ପାର୍ଥିବ ଜୀବନ ପ୍ରତି ବିମୁଖ ହୋଇ ପଳାୟନର ପନ୍ଥା ବାଛି ନେବ ନାହିଁ । ସେ ନିଜର ପ୍ରକୃତି ଉପରେ ବିଜୟ ଲାଭ କରି ସ୍ୱରାଟ୍ (self-ruler) ହୋଇଯିବ । ଅର୍ଥାତ୍ ପୂର୍ଣ୍ଣ ଆତ୍ମକର୍ତ୍ତୃତ୍ୱହିଁ ତାକୁ ଜଣେ ଜୀବନ୍ମୁକ୍ତ ପୁରୁଷ ରୂପେ ପ୍ରତିଷ୍ଠିତ କରିବ । କେବଳ ସେତିକି ନୁହେଁ, ସେ ସମଗ୍ର ବିଶ୍ୱପ୍ରକୃତି ଉପରେ ମଧ୍ୟ ରାଜତ୍ୱ କରିପାରିବ । ସେତେବେଳେ ପ୍ରକୃତ ଅର୍ଥରେ ସେ ହୋଇଯିବ ସମ୍ରାଟ୍ (all-ruler) । ଆଧ୍ୟାତ୍ମିକ ମୁକ୍ତିର ଅବସ୍ଥା ପ୍ରାପ୍ତ ହେଲା ପରେ ମଧ୍ୟ କର୍ମର ଆବଶ୍ୟକତା ରହିବ । ଗୀତା ପ୍ରକାଶ କରିଛି ଯେ ଜନକ ଓ ଅନ୍ୟାନ୍ୟ କର୍ମଯୋଗୀଗଣ ଅହଂ ଓ ଆସକ୍ତି ପରିତ୍ୟାଗପୂର୍ବକ ଯଜ୍ଞ ରୂପେ କର୍ମ କରି ସିଦ୍ଧିପ୍ରାପ୍ତ ହୋଇଥିଲେ [''କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ'' (୩/୨୦)] ସେମାନେ ଜୀବନ୍ମୁକ୍ତ ଅବସ୍ଥାରେ ଥାଇ ମଧ୍ୟ କର୍ମ କରି ଚାଲିଥିଲେ ।

ତେବେ ପ୍ରଶ୍ନ ଉଠେ ଜଣେ ନିଜର ତ୍ରିଗୁଣମୟୀ ପ୍ରକୃତିର କବଳରୁ ମୁକ୍ତ ହେଲା ପରେ କେଉଁ ଆବଶ୍ୟକତା ଯୋଗୁଁ ପୁଣି କର୍ମ କରିବ । ଦିବ୍ୟଗୁରୁ କହନ୍ତି – ''ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି'' (୩/୨୦) ଅର୍ଥାତ୍ ''ଲୋକସଂଗ୍ରହ ଉଦ୍ଦେଶ୍ୟରେ ବା ଲୋକଙ୍କୁ ଏକତ୍ର ରଖିବା ପାଇଁ ମଧ୍ୟ ତୁମର କର୍ମ କରିବା ଉଚିତ ।'' ଶ୍ରେଷ୍ଠ ବ୍ୟକ୍ତିମାନେ ଯେଉଁପରି ଆଚରଣ

କରନ୍ତି, ନିମ୍ନତର ଶ୍ରେଣୀର ଲୋକମାନେ ତାହାହିଁ କରନ୍ତି (ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ) । ଶ୍ରେଷ୍ଠମାନେ କର୍ମର ଯେଉଁ ଆଦର୍ଶ ଗଠନ କରନ୍ତି, ସାଧାରଣ ଲୋକେ ତାହାରହିଁ ଅନୁସରଣ କରନ୍ତି । ତେଣୁ ପୁରୁଷୋତ୍ତମ ଭଗବାନ୍ ମାନବ ଶରୀରରେ ଅବତୀର୍ଣ୍ଣ ହୋଇ ସମାଜ ଆଗରେ ଦୃଷ୍ଟାନ୍ତ ରଖିବା ସକାଶେ ସ୍ୱୟଂ କର୍ମ କରନ୍ତି ଯଦିଓ ତାଙ୍କ ପାଇଁ କିଛି ଲାଭ କରିବାର ନଥାଏ । ଅଜ୍ଞ ବ୍ୟକ୍ତିମାନେ କର୍ମ ପ୍ରତି ଆସକ୍ତି ରଖି କର୍ମ କରୁଥିବା ବେଳେ ଜ୍ଞାନୀ ବ୍ୟକ୍ତିମାନେ ଆସକ୍ତିଶୂନ୍ୟ ହୋଇ ଲୋକସଂଗ୍ରହ ଉଦ୍ଦେଶ୍ୟରେ କର୍ମ କରନ୍ତି । ସମଗ୍ର ମାନବସମାଜର କଲ୍ୟାଣ ପାଇଁ କର୍ମ କରିବା ଜ୍ଞାନୀ ବ୍ୟକ୍ତିର କର୍ତ୍ତବ୍ୟ ଅଟେ ।

ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱଭାବ ଅନୁସାରେ କର୍ମ କରି ବିକାଶ ଲାଭ କରିଥାଏ । ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତା' ଭିତରେ ଯେଉଁ ସତ୍ୟ କ୍ରିୟାଶୀଳ ହୋଇ ରହିଥାଏ ତଦନୁସାରେ ସେ କର୍ମ କରିଥାଏ । ସୁତରାଂ ଜ୍ଞାନୀ ବ୍ୟକ୍ତି ନିଜର ଉଚ୍ଚତର ଜ୍ଞାନକୁ ସାଧାରଣ ଲୋକଙ୍କ ଉପରେ ବଳପୂର୍ବକ ଲଦି ଦେବା ଉଚିତ ନୁହେଁ । ଶ୍ରୀକୃଷ୍ଣ କହନ୍ତି ଯେ ଯେଉଁ ଅଜ୍ଞ ବ୍ୟକ୍ତିମାନେ କର୍ମରେ ଆସକ୍ତ, ସେମାନଙ୍କ ଭିତରେ ବୁଦ୍ଧିଭେଦ ଆଣିଦେବା ଅନୁଚିତ (''ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ – ୩/୨୬), ଅର୍ଥାତ୍ ସେମାନଙ୍କ ବୁଦ୍ଧିରେ ଭ୍ରମ ଉତ୍ପନ୍ନ କରିବା ଉଚିତ ନୁହେଁ । ଜ୍ଞାନୀ ବ୍ୟକ୍ତିର କର୍ତ୍ତବ୍ୟ ହେଲା ସେ ନିଜେ ଯୋଗଯୁକ୍ତ ହୋଇ ସମସ୍ତ କର୍ମ ଲୋକସଂଗ୍ରହ ଉଦ୍ଦେଶ୍ୟରେ କରିବ ଏବଂ ଅଜ୍ଞ ଓ ସାଧାରଣ ବ୍ୟକ୍ତିମାନେ ମଧ୍ୟ ଯେମିତି କର୍ମରେ ନିଯୁକ୍ତ ରହିବେ ସେଥିପ୍ରତି ଦୃଷ୍ଟି ଦେବ ।

ଶ୍ରୀଅରବିନ୍ଦଙ୍କ ମତରେ ତୃତୀୟ ଅଧ୍ୟାୟର ୨୦ ରୁ ୨୬, ଏହି ସାତୋଟି ଶ୍ଳୋକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯାହାକି ଇତି ପୂର୍ବରୁ ସଂକ୍ଷେପରେ ଆଲୋଚନା କରାଗଲା । ମାତ୍ର ଏହା ମନେ ରଖିବା ଉଚିତ ଯେ ଏଠାରେ କୌଣସି ନୈତିକ ଓ ବୁଦ୍ଧିଗତ ପରୋପକାରର ନୀତି-ନିୟମ ବିଷୟରେ କୁହାଯାଇ ନାହିଁ, ବରଂ ଭଗବାନଙ୍କ ଭିତରେ ବାସ କରୁଥିବା ବିଶ୍ୱର ସମସ୍ତ ଜୀବକୁଳଙ୍କ ସହିତ ଆଧ୍ୟାତ୍ମିକ ଐକ୍ୟର ଆବଶ୍ୟକତା ବିଷୟରେ କୁହାଯାଇଛି । ବ୍ୟକ୍ତି ସମାଜ ପାଖରେ ନିଜର ଅହଂକୁ ବଳି ଦେଇ ସମାଜର ଅଧୀନତା ସ୍ୱୀକାର କରୁ, ଏପରି ଆଦେଶ ଦିଆଯାଇ ନାହିଁ । ବରଂ ବ୍ୟକ୍ତି ଭଗବାନଙ୍କ ପାଖରେ ନିଜର ଅହଂକୁ ସମର୍ପଣ କରି ନିଜକୁ ସାର୍ଥକ ଓ ପୂର୍ଣ୍ଣ କରୁ, ଏହି ଉପଦେଶ ଦିଆଯାଇଛି । ଦେଶପ୍ରେମ, ବିଶ୍ୱପ୍ରେମ, ସମାଜସେବା, ମାନବସେବା ଆଦି ଆଦର୍ଶ ନିଶ୍ଚିତଭାବେ ପ୍ରଶଂସନୀୟ, କାରଣ ସେସବୁ ଆମକୁ ବ୍ୟକ୍ତିଗତ ଓ ପାରିବାରିକ ଅହଂରୁ ମୁକ୍ତ କରି ଅନ୍ୟମାନଙ୍କ ଜୀବନ ସହିତ ଯଥାସମ୍ଭବ ଏକତ୍ୱ ଉପଲବ୍ଧିରେ ସାହାଯ୍ୟ କରେ । ମାତ୍ର ଏକତ୍ୱର ଏହି ଉପଲବ୍ଧି ପୂର୍ଣ୍ଣ ହୋଇପାରେ ନାହିଁ । ତେଣୁ ଗୀତା ଆମକୁ ଆତ୍ମବିକାଶର ଏକ ତୃତୀୟ ସ୍ତରକୁ ଉଠିଯିବା ପାଇଁ ନିର୍ଦ୍ଦେଶ ଦେଇଛି ଯେଉଁଠି ଏକତ୍ୱର ଉପଲବ୍ଧି ସର୍ବାଙ୍ଗସୁନ୍ଦର ଓ ପୂର୍ଣ୍ଣ ହୋଇଥାଏ ।

ଧର୍ମ ଓ ଅଧ୍ୟାତ୍ମ କ୍ଷେତ୍ରରେ ଭାରତୀୟ ପରମ୍ପରା ସବୁବେଳେ ବ୍ୟକ୍ତିକୁ ହିଁ ପ୍ରାଧାନ୍ୟ ଦେଇ ଆସିଛି । ପ୍ରତ୍ୟେକ ବ୍ୟକ୍ତି ସମାଜ ବ୍ୟବସ୍ଥା ଭିତରେ ଥାଇ ମଧ୍ୟ ଆପଣାର ଏକ ସ୍ୱତନ୍ତ୍ର ଜୀବନ ବଞ୍ଚିବା ପାଇଁ ଅଧିକାର ପ୍ରାପ୍ତ ହୋଇଛି । ଅଧ୍ୟାତ୍ମ ମୁକ୍ତି ଓ ଆତ୍ମପ୍ରଭୁତ୍ୱ ଲାଭ ପାଇଁ ସେ ନିଜର ସ୍ୱଭାବ ଓ ସାମର୍ଥ୍ୟ ଅନୁସାରେ ଯେକୌଣସି ମାର୍ଗ ଅବଲମ୍ବନ କରିବାକୁ ସ୍ୱାଧୀନ । ସେ ସଙ୍ଗଠିତ ସମାଜର ଲକ୍ଷ୍ୟ ଭିତରେ ନିଜର ଲକ୍ଷ୍ୟକୁ ହଜାଇ ଦେବ ନାହିଁ, ବରଂ ନିଜକୁ ପ୍ରସାରିତ କରି ଭଗବତ୍ ଚୈତନ୍ୟର ଉପଲବ୍ଧି ଦିଗରେ ଅନ୍ତହୀନ ଯାତ୍ରାରେ ବାହାରି ଯାଇପାରିବ । ଗୀତାର ବିଚାର ଭିତରେ ଦେବମାନବର ଯେଉଁ ପରିକଳ୍ପନା ରହିଛି ତାହା ନିତ୍ସେଙ୍କ କଥିତ ଅତିମାନବ ପରି ନୁହେଁ । ଗୀତାର ଦେବମାନବ ହେଉଛି ସେହି ମାନବ ଯିଏ ନିଜର ସମସ୍ତ ବ୍ୟକ୍ତିତ୍ୱକୁ ବିଶ୍ୱଗତ ଓ ପରାତ୍ପର ପରମ ଭାଗବତ ପୁରୁଷଙ୍କ ନିକଟରେ ଉତ୍ସର୍ଗ କରି ଦେଇଛି ।

ବ୍ରାହ୍ମୀସ୍ଥିତିକୁ ଲାଭ କରିଥିବା ଜ୍ଞାନୀ ବ୍ୟକ୍ତି ଯେଉଁ କର୍ମ କରିବ ତା'ର ଏକମାତ୍ର ଉଦ୍ଦେଶ୍ୟ ହେବ ଲୋକସଂଗ୍ରହ (ଚିକୀର୍ଷୁର୍ଲୋକସଂଗ୍ରହମ୍ – ୩/୨୫) । ସମଗ୍ର ମାନବସମାଜ ଭାଗବତ ଲକ୍ଷ୍ୟ ଦିଗରେ ଯେଉଁ ମହାନ୍ ଯାତ୍ରା ଆରମ୍ଭ କରିଛି ତାହା ଯେପରି ପଥଭ୍ରଷ୍ଟ ନହୁଏ ବା ବିଭ୍ରାନ୍ତି ମଧ୍ୟରେ ନିପତିତ ନହୁଏ ସେଥିପାଇଁ ସମସ୍ତଙ୍କୁ ଏକତ୍ର ଧରି ରଖିବାକୁ ହେବ । ଏଥିପାଇଁ ସମାଜର ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନେ ନିଜର ଜ୍ଞାନାଲୋକ, ଆଚରଣ ଓ ଦୃଷ୍ଟାନ୍ତ ଦ୍ୱାରା ସାଧାରଣ ସ୍ତରର ଲୋକମାନଙ୍କୁ ଅନୁପ୍ରାଣିତ କରି ସମସ୍ତଙ୍କୁ ସେମାନଙ୍କ ସ୍ୱଭାବନିୟତ ଧାରାରେ କଲ୍ୟାଣତମ ମାର୍ଗରେ ପରିଚାଳିତ କରିନେବା ଉଚିତ । କୌଣସି ପରିସ୍ଥିତିରେ ବି ସେହି ଜ୍ଞାନୀ ବ୍ୟକ୍ତିମାନେ ସଂସାରର କର୍ମକୁ ପରିତ୍ୟାଗ କରିବାର ବିପଜ୍ଜନକ ଦୃଷ୍ଟାନ୍ତ ପ୍ରଦର୍ଶନ କରିବା ଉଚିତ ନୁହେଁ ।

ଭାଗବତ ଜ୍ଞାନର ଅଧିକାରୀ ବ୍ୟକ୍ତିମାନେ ହେଉଛନ୍ତି ମାନବସମାଜର ସ୍ୱାଭାବିକ ନେତା । ଏପରି ବ୍ୟକ୍ତି ବ୍ୟକ୍ତିଗତ ଓ ସାମାଜିକ ସକଳ କର୍ମ କରନ୍ତି, କିନ୍ତୁ ତାହା ସେ କରନ୍ତି ନିଜର ସ୍ୱତନ୍ତ୍ର ସତ୍ତା ପାଇଁ ନୁହେଁ, ବରଂ ଭଗବାନଙ୍କ ଉଦ୍ଦେଶ୍ୟରେ । ସେ ନିଜେ ଯେପରି କର୍ମର ପଥ ଅନୁସରଣ କରି ନିଜ ମଧ୍ୟରେ ଭଗବାନଙ୍କୁ ଉପଲବ୍ଧି କରିଛନ୍ତି ଅନ୍ୟମାନେ ମଧ୍ୟ ସେହିପରି କର୍ମର ପଥରେ ଆଗେଇ ଯାଇ ଭଗବାନଙ୍କୁ ଲାଭ କରନ୍ତୁ, ଏହି ମହତ୍ ଅଭିପ୍ରାୟ ତାଙ୍କର ସର୍ବଦା ରହିଥାଏ କାରଣ ସେ ସମସ୍ତଙ୍କ ଭିତରେ ଏକ ପରମସତ୍ତାଙ୍କ ଅସ୍ତିତ୍ୱ ସନ୍ଦର୍ଶନ କରିଥା'ନ୍ତି । ତାଙ୍କ କର୍ମ ଭିତରେ ଭଗବାନଙ୍କ ଉଦ୍ଦେଶ୍ୟରେ ଆତ୍ମୋତ୍ସର୍ଗର ପବିତ୍ର ଭାବ ରହିଥିବାରୁ ସେହି କର୍ମ ସାଧାରଣ ବ୍ୟକ୍ତିର କର୍ମଠାରୁ ଭିନ୍ନ ହୋଇଥାଏ । ତାହାକୁ ଦିବ୍ୟକର୍ମ ବୋଲି କୁହାଯାଏ । ଜ୍ଞାନୀ ବ୍ୟକ୍ତିଙ୍କର ସେହି ପବିତ୍ର ଆତ୍ମୋତ୍ସର୍ଗଭାବ ଅନ୍ୟ ସାଧାରଣ ମନୁଷ୍ୟମାନଙ୍କୁ ଉଦ୍‌ବୁଦ୍ଧ କରିବା ଫଳରେ ସେମାନେ ମଧ୍ୟ କର୍ମ ମାଧ୍ୟମରେ ଦିନେ ଉଚ୍ଚତର ଚେତନାକୁ ଲାଭ କରିବାର ସମ୍ଭାବନା ରହିଛି ।

ଦିବ୍ୟକର୍ମ ସମ୍ପର୍କରେ ଗୀତାର ଦର୍ଶନକୁ ବୁଝିବାକୁ ହେଲେ ଆମକୁ ନିମ୍ନୋକ୍ତ ତିନି ପ୍ରକାର ପ୍ରକୃତି ବିଷୟରେ ଜାଣିବାକୁ ହେବ । ପ୍ରଥମଟି ହେଲା କ୍ଷର ପ୍ରକୃତି, ଯାହା ହେଲା ସଚଳ, ବିବିଧ, ବ୍ୟଷ୍ଟିଗତ ଓ କାମନା-ପ୍ରେରିତ । ଏଠାରେ ପୁରୁଷ ପ୍ରକୃତିର ଅଧୀନ ହୋଇଥାଏ । ଦ୍ୱିତୀୟଟି ହେଲା ଅକ୍ଷର ପ୍ରକୃତି ଯାହା ନିଶ୍ଚଳ, ନିଷ୍କ୍ରିୟ ଓ ନୈର୍ବ୍ୟକ୍ତିକ । ତାହା ଦ୍ରଷ୍ଟା ସ୍ୱରୂପରେ ସବୁଥିରୁ ପୃଥକ୍ ହୋଇ ରହିଥାଏ । ତୃତୀୟଟି ହେଲା ପୁରୁଷୋତ୍ତମଙ୍କ ପ୍ରକୃତି ଯାହା କ୍ଷର ଓ ଅକ୍ଷର ଏ ଦୁଇ ପ୍ରକାର ପ୍ରକୃତିକୁ ଏକ ସଙ୍ଗରେ ଧାରଣ କରିଥାଏ ତଥା ନିଜର ପରମ ଦିବ୍ୟତାରେ ସେମାନଙ୍କ ମଧ୍ୟରେ ସମନ୍ୱୟ ସାଧନ କରିଥାଏ । ଏହାହିଁ ହେଉଛି ପୁରୁଷୋତ୍ତମଙ୍କ ସତ୍ତାର ପରମ ରହସ୍ୟ (ରହସ୍ୟଂ ହ୍ୟେତଦୁତ୍ତମମ୍) । ପୁରୁଷୋତ୍ତମ ହେଉଛନ୍ତି ''ନିର୍ଗୁଣୋ ଗୁଣୀ'' ଅର୍ଥାତ୍ ସେ ଗୁଣ ରହିତ ଏବଂ ତଥାପି ସମସ୍ତ ଗୁଣରେ ପରିପୂର୍ଣ୍ଣ । ଆମେ ସାଧାରଣ ମଣିଷମାନେ ପ୍ରକୃତିର ଅଧୀନ ହୋଇ ଅହଂ ଓ କାମନାବାସନାକୁ ନେଇ ବ୍ୟକ୍ତିଗତ ଭାବେ କର୍ମ କରୁ । ମାତ୍ର ଭଗବାନ୍ ପୁରୁଷୋତ୍ତମ ତାଙ୍କର ଶକ୍ତି, ମାୟା ଓ ପ୍ରକୃତି ଭିତର ଦେଇ କାର୍ଯ୍ୟ କରନ୍ତି ତଥା ଏହିସବୁର ଊର୍ଦ୍ଧ୍ୱରେ ମଧ୍ୟ ଥାଆନ୍ତି । କର୍ମର ନିୟମ, ଧାରା ଓ ସଂସ୍କାର ଦ୍ୱାରା ସେ ଆବଦ୍ଧ ନୁହନ୍ତି । ସେ କର୍ମର କର୍ତ୍ତା ହୋଇ ମଧ୍ୟ କର୍ମ କରନ୍ତି ନାହିଁ (କର୍ତ୍ତାରମ୍ ଅକର୍ତ୍ତାରମ୍) । କର୍ମ ଫଳରେ ତାଙ୍କର ସ୍ପୃହା ନଥାଏ, କର୍ମସବୁରେ ସେ ଲିପ୍ତ ହୁଅନ୍ତି ନାହିଁ । ସେ ସର୍ବଦା ମୁକ୍ତ ଓ ଅଖଣ୍ଡ ସତ୍ତା । ସମସ୍ତ ପ୍ରକାର ସମ୍ବନ୍ଧ ସ୍ଥାପନ କରିବାକୁ ସେ ସକ୍ଷମ । ସେ ଏକାଧାରରେ ବନ୍ଧୁ, ସଖା, ପ୍ରେମିକ, ଖେଳର ସାଥୀ, ପଥ ପ୍ରଦର୍ଶକ, ଗୁରୁ, ପ୍ରଭୁ ଓ ଜ୍ଞାନଦାତା ହୋଇପାରନ୍ତି । ସେ ହେଉଛନ୍ତି ଅନନ୍ତ ସତ୍ତା, ସମସ୍ତ ଗୁଣ ଓ ଧର୍ମର ମୂଳଉତ୍ସ । ବିଶ୍ୱର ଯାବତୀୟ କ୍ରିୟା ତାଙ୍କ ସମ୍ଭୂତିର ବିଭିନ୍ନ ଧାରା ମାତ୍ର ।

ମନୁଷ୍ୟ ମଧ୍ୟ କର୍ମଯୋଗର ସାଧନା ଦ୍ୱାରା ଏକ ଉଚ୍ଚତର ସ୍ଥିତି ଲାଭ କରିପାରିବ । ସେ ଭାଗବତ ପ୍ରକୃତିକୁ ପ୍ରାପ୍ତ ହୋଇ ଏକ ସଙ୍ଗରେ ବ୍ୟକ୍ତିଗତ ଓ ନୈର୍ବ୍ୟକ୍ତିକ ସ୍ଥିତିରେ ରହିପାରିବ । ଅନ୍ୟମାନଙ୍କ ସହିତ ନିବିଡ଼ ବ୍ୟକ୍ତିଗତ ସମ୍ବନ୍ଧ ରଖି ମଧ୍ୟ ସେ ଗୁଣ ଓ କର୍ମ ଦ୍ୱାରା ଆବଦ୍ଧ ହେବ ନାହିଁ । କର୍ମପ୍ରବଣତା (Kinetism) ମଧ୍ୟରେ ସେ ନିଜକୁ ହଜାଇ ଦେବ ନାହିଁ କି ବୈରାଗୀ ଓ ଶାନ୍ତ ସନ୍ନ୍ୟାସୀ (the quietist, the ascetic)ର ନିଷ୍କ୍ରିୟ ଜ୍ଞାନ ମଧ୍ୟରେ ନିଜକୁ ନିମଜ୍ଜିତ କରିଦେବ ନାହିଁ । ସେ ଯେଉଁ ପୂର୍ଣ୍ଣ ଭାଗବତ ଆଦର୍ଶକୁ ଅନୁସରଣ କରିବ ତାହା ଆସିବ ପୁରୁଷୋତ୍ତମଙ୍କ ପ୍ରକୃତି ଭିତରୁ । ଫଳରେ ସେ ସକଳ ବିରୋଧ ମଧ୍ୟରେ ସମନ୍ୱୟ ସାଧନ କରିପାରିବ ।

ଶ୍ରୀଅରବିନ୍ଦ କହନ୍ତି ଯେ ପ୍ରକୃତିର ଅଧୀନତାରୁ ମୁକ୍ତ ହୋଇଥିବା ନିଷ୍କ୍ରିୟ ଆତ୍ମାର ନିବୃତ୍ତିମୟ ଶାନ୍ତ ଭାବ (Quietism) ଏବଂ ପ୍ରକୃତି ହାତରେ ନିଜକୁ ଛାଡ଼ି ଦେଇଥିବା ଆତ୍ମାର କର୍ମପ୍ରବଣତା (Kinetism), ଏ ଦୁଇଟି ମଧ୍ୟରେ ପ୍ରକୃତ ବିରୋଧ ନାହିଁ । ଏ ଦୁଇଟି ହେଉଛନ୍ତି ଭାଗବତ ଅଭିବ୍ୟକ୍ତିର ଦ୍ୱିବିଧ ଭାବ । ଅର୍ଥାତ୍ ସୃଜନଶୀଳ ଭଗବାନଙ୍କ ଅଭିବ୍ୟକ୍ତି ପାଇଁ ଏହି ଉଭୟଭାବ ଆବଶ୍ୟକ । ଶାନ୍ତ ଭାବର ଭିତ୍ତି ଉପରେହିଁ ସାର୍ଥକ କର୍ମ କରାଯାଇ ପାରିବ । କର୍ମ କରିବା ସମୟରେ ବ୍ୟକ୍ତିର ସମଗ୍ର ଚେତନା କର୍ମ ଭିତରେ ଲିପ୍ତ ହୋଇଯିବା ଅନୁଚିତ । ବ୍ୟକ୍ତି ତା'ର ଚେତନାର ଗୋଟିଏ ଅଂଶରେ କର୍ମକୁ ଅତିକ୍ରମ କରି ସ୍ୱତନ୍ତ୍ରଭାବେ ଛିଡ଼ା ହୋଇ ପାରୁଥିବା ଉଚିତ । ଅର୍ଥାତ୍ ଆତ୍ମାର ସ୍ଥିତି ବା ନୈର୍ବ୍ୟକ୍ତିକ ସ୍ଥିତିରେ ଥାଇ କର୍ମ କରିବା ଆବଶ୍ୟକ ।

ଉପରୋକ୍ତ ଦ୍ୱିବିଧ ଭାବର ପୂର୍ଣ୍ଣତା ଓ ସମନ୍ୱୟ ସମ୍ଭବ ହୁଏ ପୁରୁଷୋତ୍ତମ ତତ୍ତ୍ୱରେ । ଗୀତାର ବର୍ଣ୍ଣନାନୁସାରେ ପୁରୁଷୋତ୍ତମ ଶ୍ରୀକୃଷ୍ଣ ରୂପେ ମାନବ-ଶରୀରରେ ଆବିର୍ଭୂତ

ହୋଇଛନ୍ତି । ସେହି ପୁରୁଷୋତ୍ତମ ଯିଏ ସକଳ ପ୍ରାଣୀଙ୍କ ହୃଦୟରେ ସ୍ଥିତ (ହୃଦି ସ୍ଥିତଃ), ଯିଏ ପରାତ୍ପର ରୂପେ ବିଶ୍ୱୋତ୍ତୀର୍ଣ୍ଣ ହୋଇ ରହିଛନ୍ତି ଏବଂ ଯିଏ ପୁଣି ଜଗତ୍ ସମୂହର ପ୍ରଭୁ, ସେ କୁରୁକ୍ଷେତ୍ରରେ ଅର୍ଜୁନଙ୍କ ରଥରେ ଦିବ୍ୟସାରଥି ରୂପେ ବିରାଜମାନ । ତାଙ୍କର ଦିବ୍ୟଜନ୍ମ ଓ ଦିବ୍ୟକର୍ମର ରହସ୍ୟକୁ ଯିଏ ଯଥାର୍ଥ ରୂପେ ଜାଣେ, ସେ କର୍ମ ଓ ବାସନାର ବନ୍ଧନରୁ ମୁକ୍ତ ହୋଇଯାଏ । ଶ୍ରୀକୃଷ୍ଣ ହେଉଛନ୍ତି ପୁରୁଷୋତ୍ତମ ତତ୍ତ୍ୱର ପ୍ରତିନିଧି । ସେ ସର୍ବକର୍ମର ଅଧୀଶ୍ୱର । ତାଙ୍କର ପୁରୁଷୋତ୍ତମ ଚେତନାରେ ବାସ କଲେ ଜଣେ ଦିବ୍ୟକର୍ମୀ ହୋଇପାରିବ । ଏଠାରେ ଆମେ ଅବତାରତତ୍ତ୍ୱ ପାଖରେ ପହଞ୍ଚି ଯାଉଛୁ, ଯାହା ପରବର୍ତ୍ତୀ ଅଧ୍ୟାୟର ଆଲୋଚ୍ୟ ବିଷୟ ।

❑❑❑

# ଶ୍ୱେତାମ୍ବରୀ

## ଶାନ୍ତି ମହାନ୍ତି

ଜୀବନ ଦିଅ ବା ମୃତ୍ୟୁକୁ ଦିଅ
ନ ରହୁ କାହିଁରେ ଭୟ,
ମୁଁ ଯେ ଶ୍ୱେତାମ୍ବରୀ ଅସୀମ ସନ୍ଧାନୀ
ନାହିଁ ମୋର ପରାଜୟ ।

ଜନ୍ମ ପରେ ଜନ୍ମ ଆସିଛି ଓହ୍ଲାଇ
ନୀରବ ପ୍ରତ୍ୟାଶା ହୋଇ,
ଅନ୍ଧାରଠାରୁ ମୁକୁଳାଇ ନେବି
ଅପହୃତ ନିଜ ଛାଇ ।

ନଥିବ ତାହାର କାମନାର କ୍ଷୁଧା
ନଥିବ ଅଦୃଶ୍ୟ ମୋହ,
ଝରାପତ୍ରର ମର୍ମର ପରି ଝରି ପଡ଼ିଥିବ
ଅତୀତର ଯେତେ କୋହ ।

ମୁଁ ଯେ ସମୟର ସ୍ୱାଗତିକା,
ସହସ୍ର ଜୀବନ ଧାରାକୁ ସାଉଁଟି
ଲଲାଟେ ମୋହର ଆଙ୍କି ଦେଇଛି
ଦୀପ୍ତ ବିଜୟ ଟୀକା ।

ପୁଷ୍ପରେଣୁର ସୁରଭିରୁ ନେବି
ଜୀବନର ମଧୁବନ,
ବିତରି ଦେବ ସେ ସୁକୋମଳ କେତେ
ଆଶାର ମଧୁ ସପନ ।

ଦିନ ହେବ ମୋର ଅଳକନନ୍ଦା
ରାତି ମଧୁମୟି ଉଷା,
ବର୍ଣ୍ଣ ଆଭାର ନବ ଆଗମନୀ
ଶୁଭଙ୍କରୀ ତା'ର ଦିଶା ।

ସେ ଯେ ନୀଳନଭ ସନାତନୀ,
ସହସ୍ର ଆଲୋକ ଧାରାକୁ ସଜାଇ
ସୁଧାମୟି ଆବାହନୀ ।

❑❑❑



# ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଜୀବନର ପୂର୍ଣ୍ଣତା

## ରାମକୃଷ୍ଣ ଦାସ

ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । ବ୍ୟକ୍ତି ଗୃହସ୍ଥାଶ୍ରମରେ ହେଉ ଅଥବା ଗୃହସ୍ଥାଶ୍ରମତ୍ୟାଗୀ ସନ୍ନ୍ୟାସୀ ହେଉ ସଂସାରର ଗୋଟିଏ ବ୍ୟକ୍ତିକୁ ବାଦ୍ ନଦେଇ ଈଶ୍ୱରବାଦୀ, ନିରୀଶ୍ୱରବାଦୀ, ଚୋର, ସାଧୁ, ପାପୀ, ପୁଣ୍ୟାତ୍ମା, ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତି ପ୍ରଧାନତଃ ଚାହାନ୍ତି ଦୁଃଖବିହୀନ ପରମ ସୁଖ; ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ତଥା ଅଜ୍ଞାନରୁ ସଂପୂର୍ଣ୍ଣ ମୁକ୍ତ ପରମାନନ୍ଦମୟ ଜୀବନ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହାରି ପ୍ରାପ୍ତିରେ ଜୀବନର ପୂର୍ଣ୍ଣତା । ଏହାକୁହିଁ ସମସ୍ତ ବ୍ୟକ୍ତି ଅଜ୍ଞାତ, ଅସ୍ପଷ୍ଟରୂପେ ଚାହୁଁଛନ୍ତି ତଥା ଭ୍ରାନ୍ତ, ଭ୍ରମାତ୍ମକ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି କରୁଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଅସ୍ପଷ୍ଟରୂପେ ପ୍ରଧାନତଃ ସେହି ଗୋଟିଏ ଚାହିଁବା ହେବାରୁ ତଥା ଭ୍ରାନ୍ତ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି କରୁଥିବାରୁ ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । କିନ୍ତୁ ଏହି ଅସ୍ପଷ୍ଟ ଲକ୍ଷ୍ୟ ସ୍ପଷ୍ଟ ହୁଏ, ଭ୍ରାନ୍ତ ମାର୍ଗ ସଂଶୋଧିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଅତଏବ ସମସ୍ତ ପ୍ରକାର ଧର୍ମସମ୍ପ୍ରଦାୟ – ଅଧାର୍ମିକ, ଧାର୍ମିକ, ଗାର୍ହସ୍ଥ୍ୟ, ସନ୍ନ୍ୟାସୀ ବ୍ୟକ୍ତିଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଅନିବାର୍ଯ୍ୟ । ସମୟ ଆସି ନ ଥିବାରୁ ଏହି ଚାହିଁବା ଅଥବା ଲକ୍ଷ୍ୟ ବ୍ୟକ୍ତି-ଚେତନାରେ ସ୍ପଷ୍ଟ ହୋଇ ନାହିଁ । ଏହି ଅସ୍ପଷ୍ଟତା ଯୋଗୁଁ ବ୍ୟକ୍ତି ଅତ୍ୟନ୍ତ ଆଗ୍ରହରେ ସ୍ୱଭାବ ଏବଂ ଯୋଗ୍ୟତା ଅନୁସାରେ ସମସ୍ତ ଶକ୍ତି ପ୍ରୟୋଗ କରି ବିଦ୍ୟା, ଧନ, ଐଶ୍ୱର୍ଯ୍ୟ, ସମ୍ମାନ, ଅଧିକାରପ୍ରାପ୍ତି, କର୍ମରେ ଶାନ୍ତି, ସୁଖ ଆଶା ପୋଷଣ କରୁଛନ୍ତି । କିନ୍ତୁ ମୃଗତୃଷ୍ଣାରେ ଜଳର ଧାରଣା ସଦୃଶ ଆଶା ସର୍ବଥା ନିରାଶାରେ ପରିଣତ ହେଉଛି ।

ଅନ୍ୟପକ୍ଷରେ ପୁରାତନ ସମସ୍ତ ଯୋଗସଦୃଶ ଏହିସବୁ କର୍ମକୁ ତ୍ୟାଗ କଲେ ଚଳିବ ନାହିଁ । ଏଥିରେହିଁ ହେବ ଜୀବନର ପୂର୍ଣ୍ଣତା । ଦେଶ ତଥା ସଂସାରର ହେବ ମହାନ୍ ଉନ୍ନତି । କିନ୍ତୁ କର୍ମ କରିବାର ମନୋଭାବ ପରିବର୍ତ୍ତନ କରିବାକୁ ହେବ । ଅର୍ଥାତ୍ ଏହିସବୁ କର୍ମକୁ ଲକ୍ଷ୍ୟ ନ ମାନି ପରମାନନ୍ଦସ୍ୱରୂପ ଭଗବତ୍‌ପ୍ରାପ୍ତିକୁ ଜୀବନର ଲକ୍ଷ୍ୟ ମାନିବାକୁ ହେବ ଏବଂ ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନା ରୂପେ ଆଚରଣ କରି ମା'ଙ୍କ ଚରଣରେ ସମର୍ପଣ କରିବାକୁ ହେବ । ତେବେ ଏହିସବୁ କର୍ମ ଜନ୍ମମରଣର ବନ୍ଧନ ନ ହୋଇ ଲକ୍ଷ୍ୟପ୍ରାପ୍ତି କରାଇଦେବ ।

ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କ ଜୀବନର ଯଥାର୍ଥ ଲକ୍ଷ୍ୟର ଜ୍ଞାନ ନ ଥିବାରୁ ଆମ୍ଭେମାନେ ଭ୍ରମବଶତଃ ଏହିସବୁ କର୍ମକୁ ଲକ୍ଷ୍ୟ-ଭାବେ ମାନିନେଉଛୁ । ସେହି କାରଣରୁ ଆମ୍ଭମାନଙ୍କ ଜୀବନ ପୂର୍ଣ୍ଣ ହୋଇପାରୁ ନାହିଁ କିଂବା ଦେଶର ଉନ୍ନତି ହେଉ ନାହିଁ । ବରଂ ଏହିସବୁ କର୍ମ ଆଶ୍ରୟରେ ଅସତ୍ୟ, ଅନ୍ୟାୟ, ଚୋରି, ସ୍ୱାର୍ଥ, ହିଂସା ବୃଦ୍ଧି ହେଉଛି ଏବଂ ଦରିଦ୍ରତା ମଧ୍ୟ ବଢୁଛି ।

ଜୀବନର ଏହି ଲକ୍ଷ୍ୟ ଜାଣିବା ତଥା ପ୍ରାପ୍ତ କରିବାର ସମୟ ଆସିଯାଇଛି । ସେହି ସକାଶେ 'ଶ୍ରୀମାଶ୍ରୀଅରବିନ୍ଦ' ଏହି ପୃଥିବୀକୁ ଆସି ସ୍ୱୟଂ ନୂତନ ମାର୍ଗ ଆଚରଣ କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖିଛନ୍ତି । ଆମ୍ଭେମାନେ ସେହି ଆଦର୍ଶ ଗ୍ରହଣ କଲେ ଜୀବନର ଲକ୍ଷ୍ୟ ସ୍ପଷ୍ଟଭାବେ ବୁଝିପାରିବା ଏବଂ ଏହି ସାଂସାରିକ ସମସ୍ତ କର୍ମକୁ ଲକ୍ଷ୍ୟ ନମାନି ସେହି ଲକ୍ଷ୍ୟପ୍ରାପ୍ତିର ଉପାୟ ରୂପେ ଆଚରଣ କରିବା । ଏହି ପ୍ରଣାଳୀରେ କର୍ମ କଲେ ଆମ୍ଭେମାନେ ଅନ୍ୟାୟ, ଅସତ୍ୟ, ସ୍ୱାର୍ଥ, ମିଥ୍ୟାଚାର, ଦରିଦ୍ରତା, ଅଜ୍ଞାନ କବଳରୁ ମୁକ୍ତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇ ପାରିବା । ଏହି ଯାତ୍ରାର ଅନୁପାତରେ ଆମ୍ଭମାନଙ୍କ ଅନ୍ତରରେ କ୍ରମଶଃ ପରମଶାନ୍ତି, ପରମାନନ୍ଦ, ପରମଜ୍ଞାନ ବୃଦ୍ଧି ହେବାକୁ ଲାଗିବ । ଏହିସବୁର ବିକାଶରେ ଜୀବନର ହେବ ପୂର୍ଣ୍ଣତା ।

ଜଡ଼ କ୍ରମବିକାଶ ଓ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା, ପଶୁପକ୍ଷୀ ଅବସ୍ଥାକୁ ଅତିକ୍ରମ କରି ମନୁଷ୍ୟରେ ଉପନୀତ ହୋଇଛି । ମନୁଷ୍ୟ-ମନର ବିକାଶ ଶେଷ ସୀମାରେ ପହଞ୍ଚିଛି । କ୍ରମବିକାଶ ମନଃସ୍ତରକୁ ଅତିକ୍ରମ କରି ବିଜ୍ଞାନ ଏବଂ ଆନନ୍ଦ ଚେତନାସ୍ତରରେ ପଦାର୍ପଣ କରିବାର ସମୟ ଆସିଯାଇଛି । ଜଡ଼ରୁ ମନ ଚେତନାର ସ୍ତର ପର୍ଯ୍ୟନ୍ତ ଅଜ୍ଞାନ; ତା'ର ଧର୍ମ – ସୁଖ, ଦୁଃଖ, ସ୍ୱାର୍ଥ, ହିଂସା, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ । ଏହାପରେ ହେଉଛି ବିଜ୍ଞାନ ଏବଂ ଆନନ୍ଦର ଚେତନାସ୍ତର । ତା'ର ଧର୍ମ ପରମାନନ୍ଦ, ପରମଶାନ୍ତି, ପରମଜ୍ଞାନ । ସେଠାରେ ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଦୁଃଖକଷ୍ଟର ସର୍ବଥା ଅଭାବ । ଅଜ୍ଞାନ ଏବଂ ବିଜ୍ଞାନ ଏହି ଦୁଇ ସ୍ତରକୁ ଉପନିଷଦ୍‌ରେ କୁହାଯାଇଛି

ଅପରାର୍ଦ୍ଧ ତଥା ପରାର୍ଦ୍ଧ । ଏହି ଉଭୟ ସ୍ତର ମଧ୍ୟରେ ରହିଛି ଅକଳ୍ପନୀୟ ବ୍ୟବଧାନ । ମନୁଷ୍ୟର ଜୀବନ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ଯଦି ଏହି ବ୍ୟବଧାନ ଦୂର ହୋଇ ପରାର୍ଦ୍ଧର ବିଜ୍ଞାନ ଏବଂ ଆନନ୍ଦ ଅପରାର୍ଦ୍ଧ ଚେତନାସ୍ତରରେ ପ୍ରକାଶ ପାଏ । ଏହା ହୋଇପାରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ ଓ ଶରୀର ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ପୂର୍ଣ୍ଣବିକାଶ ସକାଶେ ଆବଶ୍ୟକ । ଏହି ସକାଶେ ଭଗବାନଙ୍କ ସୃଷ୍ଟି ଏବଂ ଭଗବାନଙ୍କ ସଂକଳ୍ପ । କିନ୍ତୁ ପ୍ରକୃତି କ୍ରମବିକାଶ ପ୍ରଣାଳୀରେ ମାନସ ଏବଂ ଅତିମାନସ ବିଜ୍ଞାନ ଆନନ୍ଦ ଚେତନାସ୍ତର ମଧ୍ୟରେ ଥିବା ବ୍ୟବଧାନରେ ସେତୁ ହୋଇ ମନୁଷ୍ୟ ଜୀବନରେ ପୂର୍ଣ୍ଣତା ଓ ଭଗବାନଙ୍କ ସଂକଳ୍ପ ପୂର୍ଣ୍ଣ କରିବାରେ ଅସମର୍ଥ । ଅତଏବ ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଂକଳ୍ପରେ 'ଶ୍ରୀମାଶ୍ରୀଅରବିନ୍ଦ' ଏହି ପୃଥିବୀପୃଷ୍ଠରେ ଅତିମାନସ ବିଜ୍ଞାନ ଚେତନାକୁ ଅବତରଣ କରାଇଛନ୍ତି । ବ୍ୟକ୍ତି 'ଶ୍ରୀମାଶ୍ରୀଅରବିନ୍ଦ'ଙ୍କ ଆଚରିତ ଆଦର୍ଶକୁ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ତା'ର କ୍ରମଶଃ ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ, ଅଜ୍ଞାନରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହେବ । ବ୍ୟକ୍ତିଗତ ଉନ୍ନତି ସଙ୍ଗେ ସଙ୍ଗେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଦରିଦ୍ରତା ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

ଅତିମାନସ ସତ୍ୟ ପୃଥିବୀପୃଷ୍ଠରେ ଅବତରଣ କରିସାରିଛି । ଯେଉଁମାନେ ଜ୍ଞାତରେ ବା ଅଜ୍ଞାତରେ ସେହି ସତ୍ୟ ପ୍ରତି ଉନ୍ମୁକ୍ତ ଅଛନ୍ତି ସେମାନଙ୍କ ମଧ୍ୟରେ ତଥା ସଂସାର ବାତାବରଣରେ ସେହି ଶକ୍ତି କ୍ରିୟା କରୁଛି । ଯେଉଁମାନେ ସଚେତ ଅଛନ୍ତି ସେମାନେ ସେହି ରୂପାନ୍ତରକୁ ବୁଝିପାରୁଛନ୍ତି । ମାନସ ବିକାଶ ଶେଷ ହେବାରୁ ବ୍ୟକ୍ତି ପରିବାର, ସମାଜ, ଶାସନ ପରିଚାଳିତ ହେଉଥିବା ନୈତିକତା ଅର୍ଥାତ୍ ନୀତିନିୟମ ବ୍ୟବସ୍ଥା ସବୁ ଭାଙ୍ଗି ଚୂର୍ମାର ହୋଇଯାଇଛି । ଏହି କାରଣରୁ ବ୍ୟକ୍ତି, ପରିବାର, ଛାତ୍ରସମାଜ ତଥା ରାଜନୀତିରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ବିଶୃଙ୍ଖଳା, ସ୍ୱାର୍ଥ ସ୍ପଷ୍ଟଭାବେ କ୍ରିୟାଶୀଳ ହୋଇଛି । ଆମ୍ଭେମାନେ ଉପସ୍ଥିତ ଅଛୁ ଆଗମନୀ ଅତିମାନସ ବିଜ୍ଞାନ ଯୁଗ ଓ ସମାପ୍ତପ୍ରାପ୍ତ ଅଜ୍ଞାନାଶ୍ରିତ ମାନସ ଯୁଗର ମଧ୍ୟ ଅବସ୍ଥାରେ । ଆମ୍ଭେ ଆଗମନୀ ସତ୍ୟକୁ ଗ୍ରହଣ କଲେ ଭବିଷ୍ୟତ୍ ସତ୍ୟଯୁଗ ଅତିମାନବଜାତିର ଅଗ୍ରଦୂତ ହୋଇପାରିବା ଅଥବା ପୁରାତନ ଅଜ୍ଞାନ ଆଶ୍ରିତ ସ୍ୱଭାବ, ବିଧିବିଧାନ ଏବଂ ଗତାନୁଗତିକ ସ୍ୱାର୍ଥପୂର୍ଣ୍ଣ କର୍ମକୁ ଜାବୁଡ଼ି ଧରି ରହିଲେ ରସାତଳକୁ ଯିବା । ସେହି ସକାଶେ ଶ୍ରୀମା କହିଛନ୍ତି :

> ''ମନୁଷ୍ୟ, ଦେଶ, ମହାଦେଶ ସକଳ, ବାଛିନିଅ –
> ପୂର୍ଣ୍ଣ ସତ୍ୟ ଅଥବା ରସାତଳ ।''
>
> – ଶ୍ରୀମା

ଯେଉଁ ସତ୍ୟକୁ ବାଛିନେବା ସକାଶେ ଶ୍ରୀମା କହିଛନ୍ତି ସେହି ଅତିମାନସ ସତ୍ୟକୁ ଶ୍ରୀମା ପୃଥିବୀପୃଷ୍ଠରେ ଅବତରଣ କରାଇଛନ୍ତି ଏବଂ ତାହାରି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉଛନ୍ତି । ଆମ୍ଭେମାନେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇ ପାରିଲେ ଅର୍ଥାତ୍ ତାଙ୍କ ପ୍ରତି ଦୃଢ଼ବିଶ୍ୱାସ ଭରସା ରଖି ତାଙ୍କ ଚରଣରେ ନିଜକୁ ସମର୍ପଣ କରିପାରିଲେ ଅଜ୍ଞାନ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୋଇପାରିବା ଏବଂ ସମ୍ପୂର୍ଣ୍ଣରୂପେ ରୂପାନ୍ତରିତ ମନ, ପ୍ରାଣ, ଶରୀର ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ପାରିବା । ଆମେ ପରିଚାଳିତ ହେବା ଭଗବତ୍ ଶକ୍ତି ଦ୍ୱାରା, ନିବାସ କରିବା ପରମାନନ୍ଦ, ପରମ ଜ୍ଞାନରେ । ଏହାର ସହଜ ସାଧନା ହେଲା ନିଜେ ନିଜର ଘର, ପରିବାର, ସମ୍ପତ୍ତିସବୁକୁ ମା'ଙ୍କର ମାନି ମା'ଙ୍କ ସେବାରୂପେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରିବା । ଏଥିରେ ଅଧିକ ସାହାଯ୍ୟ କରେ 'ମା' ଏହି ନାମ ସ୍ମରଣ । ଆମ୍ଭେମାନେ ଏହି ଆଦର୍ଶ ଆନ୍ତରିକତା ସହ ଗ୍ରହଣ କରିବା ସଙ୍ଗେ ସଙ୍ଗେ କ୍ରମଶଃ ଆମ୍ଭମାନଙ୍କର ସୁପ୍ତ ଜ୍ଞାନ, ବିବେକ, ଭକ୍ତି, ବିଶ୍ୱାସ, କାର୍ଯ୍ୟକାରୀ ଶକ୍ତି ଜାଗ୍ରତ୍ ହେବ । ବୁଦ୍ଧି ଶୁଦ୍ଧ ଏବଂ ବିକାଶପ୍ରାପ୍ତ ହେବ । ଆମ୍ଭେମାନେ ଗୂଢ଼ ବିଷୟ ବୁଝିପାରିବା, ଜଟିଳ ସମସ୍ୟା ସମାଧାନ କରିପାରିବା । ବିଦ୍ୟାଶିକ୍ଷା, ଗୃହକାର୍ଯ୍ୟ, କୃଷି, ବାଣିଜ୍ୟ, ଦେଶସେବା, ଶାସନ ବିଭାଗାଦି ସମସ୍ତ କ୍ଷେତ୍ରରେ ଉନ୍ନତି କରିପାରିବା ।

ଆମ୍ଭମାନଙ୍କ ମଧ୍ୟରୁ କ୍ରମଶଃ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଠକାମି, କର୍ମରେ ଫାଙ୍କିଦେବା ଦୁର୍ଗୁଣ ଦୂର ହେବ । ଲାଞ୍ଚନେବା ବନ୍ଦ ହେବ । ଦେଶର ଉନ୍ନତିମୂଳକ କାର୍ଯ୍ୟ ଉତ୍ତମ ରୂପେ ହୋଇପାରିବ । ଦେଶ ଏବଂ ସଂସାରର ଉନ୍ନତି ସକାଶେ ସୃଷ୍ଟି ଆରମ୍ଭରୁ ଯେଉଁସବୁ ପ୍ରୟାସ ହୋଇ ବ୍ୟର୍ଥତାରେ ପରିଣତ ହୋଇଥିଲା ତାହାସବୁ ନିଃସନ୍ଦେହ ଭାବରେ ସଫଳ ହୋଇପାରିବ । ଆମ୍ଭମାନଙ୍କ ଲକ୍ଷ୍ୟ ସିଦ୍ଧିରେ ପୃଥିବୀରେ ପ୍ରତିଷ୍ଠା ହେବ ଦିବ୍ୟ-ମାନବସମାଜ, ସଂସାର ପରିଣତ ହେବ ସ୍ୱର୍ଗରେ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : *୬୫୩ -୬୫୫*) ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୭୯)

### ଆଶ୍ରମର 'ସେବା ବୃକ୍ଷ'ର ଇତିବୃତ୍ତ (ପୂର୍ବାର୍ଦ୍ଧ) :

ଆଶ୍ରମର ପ୍ରଧାନ ଅଟ୍ଟାଳିକାର ଅଙ୍ଗନର କେନ୍ଦ୍ରବିନ୍ଦୁରେ ମହାସମାଧିକୁ ଅତନ୍ଦ୍ର ଭାବରେ ଛାୟାପ୍ରଦାନ କରୁଥିବା 'ସେବା ବୃକ୍ଷ' ('ସର୍ଭିସ୍ ଟ୍ରୀ') ସମ୍ବନ୍ଧେ ଆମେ କିଛି କହିବା ପୂର୍ବରୁ ପ୍ରଥମେ ଆଶ୍ରମର ପ୍ରଥମ ପିଢ଼ିର ସାଧକବୃନ୍ଦଙ୍କ ମଧ୍ୟରେ ଅନ୍ୟତମ ସାଧକ ଦ୍ୟୁମାନ୍ ଭାଇଙ୍କ ସମ୍ବନ୍ଧେ କିଛି ଉଲ୍ଲେଖ କରିବୁ । କାରଣ, ପ୍ରଥମତଃ ସେ ହିଁ ଉପରୋକ୍ତ ବୃକ୍ଷଟିକୁ ସେଠାରେ ରୋପଣ କରିଥିଲେ । ତେଣୁ ତା'ର ଇତିବୃତ୍ତର ପ୍ରାରମ୍ଭିକ ପର୍ଯ୍ୟାୟର ସବୁକିଛି ଘଟଣା ସେ ଜାଣିଥିଲେ ଏବଂ ସେ ନିଜେ ଏହି ବୃକ୍ଷଟି ସମ୍ବନ୍ଧେ କହିଛନ୍ତି ମଧ୍ୟ ।

ଦ୍ୟୁମାନ୍ ଭାଇଙ୍କ ସମ୍ପର୍କରେ କହିବାକୁ ଗଲେ, ଗୁଜରାଟର ଏକ ମଧ୍ୟବିତ୍ତ ପଟେଲ ପରିବାରରେ ୧୯ ଜୁନ୍ ୧୯୦୩ରେ ତାଙ୍କର ଜନ୍ମ । ପିତୃମାତୃଦତ୍ତ ନାମ ଥିଲା ଚୁନିଭାଇ, ପୂରା ନାମ ଚୁନିଭାଇ ଦେଶାଇଭାଇ ପଟେଲ । ଏବେ ତାଙ୍କରି ସ୍ମୃତିକଥାରୁ ଉଦ୍ଧୃତି :

''...ଦ୍ୱିତୀୟ ଓ ଶେଷଥର ପାଇଁ ମୁଁ ୧୧ ମେ ୧୯୨୭ରେ ଆଶ୍ରମରେ ଆସି ପହଞ୍ଚିଲି ଏବଂ ପ୍ରଥମ ଥର ସକାଶେ ଶ୍ରୀମା'ଙ୍କୁ ଦର୍ଶନ କଲି । ସମୟ ଥିଲା ସକାଳ ୧୦ଟା । ରବୀନ୍ଦ୍ରଜିଙ୍କର ଶିଡ଼ି ପାହାଚ ଯେଉଁଠି ଥିଲା, ସେହି ପାହାଚରେ ମା ତଳକୁ ଓହ୍ଲାଇ ଆସୁଥିଲେ । ତାଙ୍କୁ ଦେଖିବା ମାତ୍ରେ ମୋ ଅତୀତ ଜୀବନର ଏକ ଅଧ୍ୟାୟର ଅବସାନ ଘଟିଲା; ସମ୍ପୂର୍ଣ୍ଣ ରୂପେ ମୋ ଚେତନାରୁ ଅନ୍ତର୍ହିତ ହୋଇଗଲା । ଏହି ମୁହୂର୍ତ୍ତରୁ ମୁଁ ତାଙ୍କର ହୋଇଉଠିଲି, ସର୍ବାନ୍ତଃକରଣରେ ଏବଂ ଚିରଦିନ ସକାଶେ । ଏପରିକି ୧୯୨୪ରେ ମୋର ଏଠାକୁ ପ୍ରଥମ ଆଗମନ ସମୟରୁହିଁ, ତାଙ୍କୁ ନଦେଖି ମଧ୍ୟ, ସେ ମୋର 'ମା' ହୋଇ ଉଠିଥିଲେ । ମୁଁ ତାଙ୍କୁ ମୋର ଅନ୍ତରରେ ପରମା ଆରାଧ୍ୟା ଦେବୀ, ଆଦିଶକ୍ତି ବୋଲି ଗ୍ରହଣ କରି ନେଇଥିଲି ।...

''ମା ମୋତେ ପ୍ରଥମେ ଦେଖି ମୋ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କୁ ମନ୍ତବ୍ୟ ଦେଇଥିଲେ : 'ସେ ବହୁଦୂର ପର୍ଯ୍ୟନ୍ତ ଅଗ୍ରଗତି କରିବ ।' ମା ପ୍ରଥମରୁହିଁ ମୋ ଉପରେ ଆସ୍ଥା ଓ ଭରସା ରଖିଥିଲେ ଏବଂ ମୁଁ ମୋର ପାରୁପର୍ଯ୍ୟନ୍ତ ତାଙ୍କର ବିଶ୍ୱାସଭାଜନ ହୋଇ ସବୁକିଛି କରିଛି । ଧୀରେ ଧୀରେ ଆଶ୍ରମର ପରିଚାଳନା କାର୍ଯ୍ୟରେ ତାଙ୍କ ସହିତ ମୋର ଅନ୍ତରଙ୍ଗତା ବଢ଼ିଛି, ଆଶ୍ରମର ଟିକିନିଖି ବ୍ୟାପାରରେ ମୁଁ ତାଙ୍କର ନିର୍ଦ୍ଦେଶ ବା ଆଦେଶ ଲୋଡ଼ିଛି ଏବଂ ମୋର କର୍ତ୍ତବ୍ୟ ପାଳନ କରିଛି ।

''ମୋର ଏଠାରେ ପହଞ୍ଚିବାର ୧୧ ଦିନ ପରେ, ୨୨ମେ ୧୯୨୭ରେ ମା ମୋତେ କହିଲେ, 'ଚୁନିଭାଇ, ତୁମେ ସତ୍ୟେନ୍[୧]ଙ୍କୁ ରନ୍ଧନଶାଳାରେ ଭାତ ପରଷିବାରେ ସାହାଯ୍ୟ କରିବ କି ?' – 'ହଁ, ମା', ମୁଁ କହିଲି । ଏଇ ମୁହୂର୍ତ୍ତରୁ ଆଶ୍ରମରେ ମୋର କର୍ମମୟ ଜୀବନର ସୂତ୍ରପାତ ହେଲା ।...

''୧୯୨୮ରେ ମୁଁ ମା'ଙ୍କୁ ମୋର ଏକ ନୂତନ ନାମ ଦେବାକୁ କହିଲି । ମା କହିଲେ, 'ମୁଁ ଏଇକ୍ଷଣି ତୁମକୁ ଏକ ଇଂରାଜୀ ବା ଫରାସୀ ନାମ ଦେଇପାରେ; କିନ୍ତୁ ଶ୍ରୀଅରବିନ୍ଦ ତୁମ ସମ୍ବନ୍ଧରେ ମୋତେ କହିଛନ୍ତି, 'ମୁଁ ତାକୁ ସଂସ୍କୃତରେ ଏକ ବୈଦିକ ନାମ ଦେବାକୁ ଚାହେଁ । କିନ୍ତୁ ଏବେ ବି କ'ଣ ଦେବି ଜାଣେନି । ତାକୁ ଅପେକ୍ଷା କରିବାକୁ କୁହ ।' ମା'ଙ୍କୁ ପୁଣି ସମାନ କଥା ମନେ ପକାଇଥିଲି । ମା ମଧ୍ୟ ମୋତେ ସେଇ ସମାନ କଥା 'ତାକୁ କୁହ ଅପେକ୍ଷା କରିବାକୁ' କହିଥିଲେ । ତା'ପରେ ୨୪ ନଭେମ୍ବର ଦର୍ଶନ ଆସିଲା । ସେତେବେଳେ ଅନୁମତିପ୍ରାପ୍ତ ଦର୍ଶନାର୍ଥୀଙ୍କର ଦୁଇଟି ତାଲିକା ପ୍ରସ୍ତୁତ କରାଯାଉଥିଲା । ଗୋଟିଏ ତାଲିକା ତଳ ମହଲାରେ ଦର୍ଶନ ପରିଚାଳନା କରୁଥିବା ବ୍ୟକ୍ତିଙ୍କ

[୧] ସତ୍ୟେନ୍ (ସତ୍ୟେନ୍ ବିନ୍ଧେଶ୍ୱରୀ ପ୍ରସାଦ ବର୍ମା; ଜନ୍ମ : ୧୮୯୨) ବିହାରର ଗୟାରୁ ୨୪ ନଭେମ୍ବର ୧୯୨୦ରେ ଆଶ୍ରମକୁ ଆସି ମାସକ ପରେ ଫେରିଯାଇଥିଲେ । ତା'ପରେ ୧୯୨୧ରେ ଆସି ୧୯୫୧ ପର୍ଯ୍ୟନ୍ତ ରହିଥିଲେ । ସତ୍ୟେନ୍ ୧୯୨୭ରେ ଆଶ୍ରମର ତଦାନୀନ୍ତନ ଭୋଜନଶାଳାର ମୁଖ୍ୟ ଥିଲେ । ପରେ ପରେ ଦ୍ୟୁମାନ୍ ଭାଇଙ୍କୁ ମା ଏହି ବିଭାଗର ମୁଖ୍ୟ ରୂପେ ନିଯୁକ୍ତି ଦେଇଥିଲେ ।

ହାତରେ ରହୁଥିଲା ଏବଂ ଅନ୍ୟଟି ଶ୍ରୀଅରବିନ୍ଦଙ୍କ ହାତରେ । ତେଣୁ ତାଲିକାଭୁକ୍ତ କ୍ରମରେ ଦର୍ଶନର ଧାଡ଼ି ଶିଡ଼ି ଉପରକୁ ଉଠୁଥିଲେ ଏବଂ ଶ୍ରୀମାଶ୍ରୀଅରବିନ୍ଦଙ୍କର ଦର୍ଶନ ଲାଭ କରି ତଳକୁ ଓହ୍ଲାଇ ଆସୁଥିଲେ । ଦର୍ଶନ ଶେଷ ହୋଇଯିବା ପରେ ଶ୍ରୀମାଶ୍ରୀଅରବିନ୍ଦ ପରସ୍ପରଙ୍କ ଭିତରେ କିଛି ସମୟ ପାଇଁ ଆଗନ୍ତୁକଙ୍କ ସମ୍ବନ୍ଧେ କଥାବାର୍ତ୍ତା ହେଉଥିଲେ । ଶ୍ରୀଅରବିନ୍ଦ ଯେତେବେଳେ ମୋ ସମ୍ବନ୍ଧରେ ପ୍ରସଙ୍ଗ ଉଠାଇଲେ, ମା ଏଇ ସୁଯୋଗରେ ତାଙ୍କୁ କହିଲେ, 'ତାକୁ ଗୋଟିଏ ନୂତନ ନାମ ଦେଉ ନାହାନ୍ତି କାହିଁକି ?' ସେଇଠୁ ଶ୍ରୀଅରବିନ୍ଦ ସ୍ୱହସ୍ତରେ ସଂସ୍କୃତରେ ଲେଖିଲେ 'ଦ୍ୟୁମାନ୍' ଏବଂ ଇଂରାଜୀରେ ଲେଖିଲେ 'The Luminous One' ('ଦ୍ୟୁତିମାନ୍') ।...

''୧୯୩୦ ମସିହାରେ ପଣ୍ଡିଚେରୀର 'ବୋଟାନିକାଲ୍ ଗାର୍ଡେନ୍'ରେ ବଗିଚାର କୁଣ୍ଡରେ ରଖା ଯାଉଥିବା ଶୋଭାବର୍ଦ୍ଧକ ଆକର୍ଷଣୀୟ ଛୋଟ ଛୋଟ ଗଛ ଏବଂ ବିଭିନ୍ନ ପୁଷ୍ପର ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ସେତେବେଳେ ମନୁଭାଇ[୨] ଥିଲେ ଆଶ୍ରମର ମାଳୀ, ଉଦ୍ୟାନରକ୍ଷକ । ମୁଁ ଏବଂ ଅମ୍ବୁ[୩] ତାଙ୍କୁ ଏଥିରେ ସାହାଯ୍ୟ କରୁଥିଲୁ । (ମା ମୋତେ ଦୁଇଟି ଜାଗାରେ, ଭୋଜନାଳୟ ଓ ବଗିଚାରେ କାମ ଦେଇଥା'ନ୍ତି ।) ତେଣୁ ଆମେ ଭାବିଲୁ ଏବେ ବି ସ୍ଥାନୀୟ ଗଣ୍ୟମାନ୍ୟ ବାସିନ୍ଦାମାନଙ୍କର ଗଭୀର ବିଶ୍ୱାସ ଯେ ଆଶ୍ରମବାସୀମାନେ କ୍ରାନ୍ତିକାରୀ, ବୋମା ପ୍ରସ୍ତୁତକାରୀ ବିପ୍ଳବୀ । ତେଣୁ ଏହା ହେଉଛି ସେମାନଙ୍କର ଭ୍ରାନ୍ତଧାରଣା ଦୂର କରିବାର ଏକ ସୁବର୍ଣ୍ଣ ସୁଯୋଗ । ସେଥି ସକାଶେ ଆମେ ବିଭିନ୍ନ ଉଦ୍ଭିଦ ଓ ପୁଷ୍ପର ପ୍ରଦର୍ଶନୀ କରି ଦେଖାଇବା ପାଇଁ ମା ଓ ଶ୍ରୀଅରବିନ୍ଦଙ୍କର ଅନୁମତି ପ୍ରାପ୍ତ ହୋଇ ସେଥିରେ ଯୋଗ ଦେଲୁ । ତେଣୁ ପ୍ରଦର୍ଶନୀରେ ମୁଁ ଏବଂ ଅମ୍ବୁ ତିନି ଦିନ ଧରି ବୋଟାନିକାଲ୍ ଗାର୍ଡେନ୍‌ରେ ଆମର ଡେରା ପକାଇଲୁ । ଗଣ୍ୟମାନ୍ୟ ଦର୍ଶକବୃନ୍ଦ ଆମର ପ୍ରଦର୍ଶିତ ଉଦ୍ଭିଦ ଓ ପୁଷ୍ପସବୁକୁ ଦେଖି ଅତିଶୟ ମୁଗ୍ଧ ହୋଇ ଉଠିଲେ । ଏହି ପ୍ରଦର୍ଶନୀ ସେମାନଙ୍କ ମନରେ ଆମମାନଙ୍କ ପ୍ରତି ବସା ବାନ୍ଧିଥିବା ଭ୍ରାନ୍ତ ଧାରଣାରେ ବେଶ୍ ପ୍ରଭୂତ ପରିବର୍ତ୍ତନ ଆଣି ଦେଇଥିଲା । ସେମାନଙ୍କୁ ବିଶେଷ କରି ଅଭିଭୂତ କରିଥିଲା ଆମର ନାଲି ରଙ୍ଗର ଦେଶୀ ଗୋଲାପର ଶୋଭା ସମ୍ଭାର — ପରସ୍ପରଙ୍କ ଭିତରେ କଥାବାର୍ତ୍ତା ହେଉଥିଲେ, 'ଏଇ ଫୁଲ ତ ଶୀତପ୍ରଧାନ ଜଳବାୟୁରେ ଫୁଟେ, କିନ୍ତୁ ଏଠାରେ ଆମର ପଣ୍ଡିଚେରୀ ଜଳବାୟୁରେ ଏମିତି ବଡ଼ ଆକାରର ସତେଜ ଢଳ ଢଳ ଅପୂର୍ବ ସୁଗନ୍ଧଯୁକ୍ତ ଗୋଲାପ ଫୁଟିଛି; ଆଉ କୁଣ୍ଡର ଉଦ୍ଭିଦସବୁକୁ ଦେଖ, କେତେ ଜୀବନ୍ତ, ସତେଜ, ଆଉ ମନୋଲୋଭା !'

''ସେତେବେଳେ ଆମେ ଦୁଇ ତରୁଣ ଏହି କର୍ମରେ ଉତ୍ସାହ ଓ ଉଦ୍ଦୀପନାରେ ଏତେ ଭରପୂର ହୋଇ ଉଠିଥିଲୁ ଯେ ଖାଇବାପିଇବା କଥା ଏକେବାରେ ଭୁଲି ଯାଇଥିଲୁ । ତିନି ଦିନ ଧରି ଆମେ ପ୍ରଦର୍ଶନୀରେ ଜଗୁଆଳି ହୋଇଥିଲୁ; ତେଣୁ ଆଶ୍ରମକୁ ଖାଇବାକୁ ଯାଇପାରୁ ନଥିଲୁ । ଭୋଜନାଳୟର ତଦାନୀନ୍ତନ ମୁଖ୍ୟ କୁଆଡ଼େ ଏମିତି କହିଥିଲେ, 'ସେ ଦୁହେଁ ଏଠାକୁ ଆସି ଖାଇ ଯାଆନ୍ତୁ ।' ମା ଏକଥାର ବିନ୍ଦୁ ବିସର୍ଗ ଜାଣିପାରି ନଥିଲେ । ପ୍ରଦର୍ଶନୀର ଶେଷ ଦିନ ମା ଦେଖିବାକୁ ଆସି ଜାଣିବାକୁ ପାଇଲେ ଯେ ଆମେ ଦୁଇ ଜଣ ତିନି ଦିନ ହେଲା ଖାଇନୁ । ମା ସେତେବେଳେ ଆଶ୍ରମବାସୀଙ୍କର ବଜାରରୁ କିଛି କିଣି ଖାଇବାକୁ ଏକେବାରେ ପସନ୍ଦ କରୁ ନଥିଲେ; ଏ ବିଷୟରେ ସେ ଅତ୍ୟନ୍ତ କଠୋର ବି ଥିଲେ । ସିଏ ଥିଲେ ସର୍ବଶେଷ ବ୍ୟକ୍ତି ଯିଏକି ବଜାର-ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ଖରିଦ କରିବାକୁ ବାଧ ହେବେ । ତଥାପି ଉପରୋକ୍ତ କଥା ଶୁଣି ତାଙ୍କ ପାର୍ଶ୍ୱରେ ଉପସ୍ଥିତ ଭେଙ୍କଟରମଣଙ୍କୁ ପାଖ ବଜାରକୁ ପଠାଇ କହିଲେ, 'ଯାହା ପାଇବ ଖରିଦ କରି ଏ ଦୁହିଙ୍କୁ ତୁରନ୍ତ ଖାଇବାକୁ ଦିଅ ।'...''

*

ପୁରୁଣା 'ସେକ୍ରେଟେରିଏଟ୍' ଏବଂ 'ଲାଇବ୍ରେରି ହାଉସ୍' ଯଥାକ୍ରମେ ମାର୍ଚ୍ଚ ଓ ଏପ୍ରିଲ ୧୯୨୯ରେ ଖରିଦ କରି ନିଆଯିବା ପରେ ପରେ ହିଁ ଅଗଷ୍ଟ/ସେପ୍ଟେମ୍ବର ୧୯୨୯ରେ ପୁରୁଣା ସେକ୍ରେଟେରିଏଟ୍‌ର ବାଲ୍‌କୋନି ଅଂଶଟିକୁ ସମ୍ପୂର୍ଣ୍ଣ ରୂପେ

---

[୨] ମନୁଭାଇ ପଟେଲ (୧୯୦୭ରେ ଗୁଜରାଟରେ ଜନ୍ମଗ୍ରହଣ କରିଥିଲେ) ଆଶ୍ରମକୁ ଅଗଷ୍ଟ ୧୯୨୯ରେ ଆସି ସେପ୍ଟେମ୍ବର ୧୯୩୭ରେ ଫେରି ଯାଇଥିଲେ ଏବଂ ନଭେମ୍ବର ୧୯୩୭ରେ ଆସି ୧୯୩୮ରେ ଆଶ୍ରମରୁ ବିଦାୟ ନେଇଥିଲେ ।

[୩] ଅମ୍ବୁ (ଅମ୍ବାଲାଲ ବାଭାଜି ଦେଶାଇ, ଗୁଜରାଟରେ ଜନ୍ମ, ୧୯୦୯) ମେ ୧୯୨୮ରେ ଆସି ଥରେ କି ଦୁଇଥର ଘରକୁ ଯାଇ ୧୯୩୯ରୁ ଚିରଦିନ ସକାଶେ ଏଠାରେ ରହି ଯାଇଥିଲେ । ହଠଯୋଗର ଆସନସବୁ ପ୍ରଦର୍ଶନ କରିବାରେ ସେ ଖୁବ୍ ଦକ୍ଷ ଥିଲେ ।

ଭାଙ୍ଗି ତା' ସ୍ଥାନରେ ନୂତନ ଅଟ୍ଟାଳିକା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

୧୯୨୭ର ମେ ମାସରେ ଦ୍ୟୁମାନ୍ ଭାଇଙ୍କ ସହିତ ଗୁଜରାଟରୁ ଚନ୍ଦୁଲାଲ[୪] ଓ ପ୍ରେମାନନ୍ଦ[୫] ମଧ୍ୟ ଆସିଥିଲେ । ଚନ୍ଦୁଲାଲ ଥିଲେ ବମ୍ବେର ସିଭିଲ୍ ଇଞ୍ଜିନିୟର୍ । ଆଶ୍ରମକୁ ଆସିବା ପରଠାରୁ ସେ ୧୯୪୫ ପର୍ଯ୍ୟନ୍ତ ଆଶ୍ରମର ପ୍ରଧାନ ଅଟ୍ଟାଳିକାର ସମସ୍ତ ନିର୍ମାଣ କାର୍ଯ୍ୟର ମୁଖ୍ୟ ଭାର ଗ୍ରହଣ କରିଥିଲେ ।

ଏହି କର୍ମ ସକାଶେ ଇଟାସବୁକୁ ପାଣିରେ ବତୁରାଇ ଧୋଇବା, କାଛ ଗାଛିନି ସକାଶେ ଚୂନ ପ୍ରସ୍ତୁତ କରିବା ଇତ୍ୟାଦି କାମ ପାଇଁ ଆଶ୍ରମର ଭିତର ଅଗଣାରେ ପାଞ୍ଚ ଫୁଟ ଗଭୀରର ତିନୋଟି ଚଉବଚା ବା ପାଣିକୁଣ୍ଡ ନିର୍ମାଣ କରାଯାଇଥିଲା (ଯେଉଁଠି ବର୍ତ୍ତମାନ ସମାଧିପୀଠ ଅବସ୍ଥିତ) ଏବଂ ଏହି କୁଣ୍ଡସବୁର ଠିକ୍ ପଛକୁ ଆମ୍ବ ଗଛଟିଏ ଥିଲା, ଯେଉଁଥିରେ ସେତେବେଳେ କେବେ ବି ଆମ୍ବ ଫଳୁ ନଥିଲା ଏବଂ ପ୍ରାୟ ଶୁଖି ଆସୁଥିଲା । ଏହି ଗଛ ମୂଳରେ ବା ତାକୁ ଘେରି ସେତେବେଳେ ଗୃହ ନିର୍ମାଣ ନିମିତ୍ତ ଆବଶ୍ୟକ ବିଭାଗ – ଚୂନ ଓ ଇଟାର ସ୍ତୂପ, ଟିଣକୁ ଠିକ୍ କରିବାର ସରଞ୍ଜାମ, କର୍ମଶାଳା ଇତ୍ୟାଦି ଗଢ଼ି ଉଠିଥିଲା । ଯେତେବେଳେ ଚାରୋଟି କୋଠାକୁ ଗୋଟିକ ପରେ ଗୋଟିଏ ଖରିଦ କରି ନିଆଗଲା ସେତେବେଳେ ଏହି ଆମ୍ବ ଗଛଟି ଆଶ୍ରମ ଅଙ୍ଗନର ପ୍ରାୟ କେନ୍ଦ୍ରବିନ୍ଦୁରେହିଁ ଥିଲା ।

ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଏବଂ ଖୁବ୍ ସମ୍ଭବତଃ ଉପରୋକ୍ତ ବୋଟାନିକାଲ୍ ଗାର୍ଡେନ୍‌ରେ ଆୟୋଜିତ ପୁଷ୍ପ ପ୍ରଦର୍ଶନୀର ଠିକ୍ ପରେ ପରେ ଦିନେ ବଗିଚାର ଦାୟିତ୍ୱରେ ଥିବା ତିନିଜଣ (ଅର୍ଥାତ୍ ମନୁଭାଇ, ଦ୍ୟୁମାନ୍ ଓ ଅମ୍ବୁ)ଙ୍କୁ ମା ଡାକି କହିଲେ ଯେ ସେହି ଆମ୍ବଗଛଟିକୁ କାଟି ମୂଳରୁ ସମ୍ପୂର୍ଣ୍ଣ ରୂପେ ଚେର ଗଣ୍ଡିସବୁକୁ ବାହାର କରିଦେଇ ତା' ସ୍ଥାନରେ ନୂତନ ମାଟି ଓ ଉର୍ବର ଖତ ଇତ୍ୟାଦିରେ ଭର୍ତ୍ତି କରି ଦିଅ । ଭୂମି ପ୍ରସ୍ତୁତ ହେବା ପରେ ସେ କହିଲେ ଯେ ବୋଟାନିକାଲ୍ ଗାର୍ଡେନ୍‌ରୁ କପର୍ ପୋଡ୍ (Copper Pod) ବୃକ୍ଷର ଚାରାଟିଏ ଆଣି ସେହି ସମାନ ସ୍ଥାନରେ ରୋପଣ କର ।

ସେତେବେଳେ ପଇସା ନେଇ ବଗିଚାରେ ମଜୁରି କରିବା ଚାକର-ବାକର କେହି ନଥିଲେ । ତେଣୁ ଦିନରାତି କଠୋର ପରିଶ୍ରମ କରି ତିନି ଜଣ ଭୂମି ପ୍ରସ୍ତୁତ କରିଥିଲେ । ତା'ପରେ ମନୁଭାଇ ବୋଟାନିକାଲ୍ ଗାର୍ଡେନ୍‌ରୁ ଚାରା ଗଛଟିଏ ଆଣିଲେ ଏବଂ ଦ୍ୟୁମାନ୍ ଭାଇ ଓ ଅମ୍ବୁ ଭାଇ ଆଶ୍ରମ ଅଙ୍ଗନରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ରୋପଣ କଲେ । ଠିକ୍ ମାସ ଜଣା ନାହିଁ, କିନ୍ତୁ ଏହା ଥିଲା ୧୯୩୦ ମସିହାର (ସମ୍ଭବତଃ ମେ ମାସର) ଏକ ମଙ୍ଗଳବାର । ଏହି ବୃକ୍ଷଟିର ବୋଟାନିକାଲ୍ ନାମ Peltophorum Pterocarpum, ସାଧାରଣ ନାମ Copper Pod; ପରେ ମା ଏହି ବୃକ୍ଷର ନାମ ଦେଇଥିଲେ 'ସର୍ଭିସ୍ ଟ୍ରି' ('ସେବା ବୃକ୍ଷ') ।

ଏହି ବୃକ୍ଷଟି ଦ୍ୟୁମାନ୍ ଭାଇ ଓ ଅମ୍ବୁ ଭାଇଙ୍କର ସେବା ଯତ୍ନରେ ଏବଂ ମୁଖ୍ୟତଃ ମା'ଙ୍କର କରୁଣାସିକ୍ତ ଦୃଷ୍ଟିରେ ଓତଃପ୍ରୋତ ଭାବରେ ଅବଗାହନ କରି ଅପୂର୍ବ ଭାବରେ ବୃଦ୍ଧି ପାଇବାକୁ ଲାଗିଲା । ମା'ଙ୍କର ଏହି ମର୍ମରେ କଡ଼ା ନିର୍ଦ୍ଦେଶ ଥିଲା ଯେ ଏହି ବୃକ୍ଷଟିର ଗୋଟିଏ ପତ୍ର ବି କେହି ଛିଣ୍ଡାଇ ପାରିବେ ନାହିଁ ।

ଏ ସମ୍ପର୍କରେ ଦ୍ୟୁମାନ୍ ଭାଇଙ୍କ ସହିତ ସାକ୍ଷାତ୍‌କାରରୁ କିଛି ଉଦ୍ଧୃତି :

**ପ୍ରଶ୍ନ :** ସେଇ ନିର୍ଦ୍ଦିଷ୍ଟ ସ୍ଥାନରେ ଏହି ବୃକ୍ଷରୋପଣର ପଶ୍ଚାତ୍‌ରେ କିଛି ସ୍ୱତନ୍ତ୍ର କାରଣ ଥିଲା କି ?...

**ଦ୍ୟୁମାନ୍ :** ନିଶ୍ଚିତ ରୂପେ ଊର୍ଦ୍ଧ୍ୱଲୋକରେ ଏହା ହୁଏତ ସ୍ଥିରୀକୃତ ହୋଇଥିଲା, ନହେଲେ ଏହି ବୃକ୍ଷଟି କାହିଁକି ସେଠାରେ ରୋପଣ କରାଗଲା ?

---

୪ ଚନ୍ଦୁଲାଲ (ମଥୁରଦାସ ସାହା, ଜନ୍ମ ୧୮୯୮ରେ ଗୁଜରାଟରେ) । ଦ୍ୟୁମାନ୍ ଭାଇଙ୍କ ସହିତ ୧୯୨୭ରେ ଆସି ଦୁଇ ମାସ ପରେ ଘରକୁ ଫେରିଥିଲେ । ତା'ପରେ ୧୯୨୮ରେ ଆସି ୧୯୪୫ ପର୍ଯ୍ୟନ୍ତ, କହିବାକୁ ଗଲେ ଶେଷ ଜୀବନ ପର୍ଯ୍ୟନ୍ତ ଆଶ୍ରମରେ ରହିଥିଲେ ।

୫ ପ୍ରେମାନନ୍ଦ (ସୁଖଲା), ବରୋଦାରେ ୧୯୦୧ରେ ଜନ୍ମିଥିଲେ । ସାତ ଦିନ ପାଇଁ ୧୯୨୬ରେ ଏଠାକୁ ଆସି ଫେରି ଯାଇଥିଲେ । ତା'ପରେ ଦ୍ୟୁମାନ୍ ଭାଇଙ୍କ ସହିତ ଆସି ଶେଷ ଜୀବନ ପର୍ଯ୍ୟନ୍ତ ରହିଥିଲେ । ତାଙ୍କୁ ଆଶ୍ରମ ଭିତରେ ଥିବା ଲାଇବ୍ରେରି ('ରିଡ଼ିଂ ରୁମ୍')ର ପରିଚାଳନାର ଭାର ଦିଆଯାଇଥିଲା ।

**ପ୍ରଶ୍ନ :** ଆପଣ ଯେତେବେଳେ ଚାରା ଗଛଟିକୁ ସେଠାରେ ରୋପଣ କଲେ ସେତେବେଳେ ଆପଣ କ'ଣ ଭାବି ଥିଲେ ଯେ ଏହା ସମଗ୍ର ଅଙ୍ଗନଟିକୁ ତା'ର ଛାୟାରେ ସମ୍ପୂର୍ଣ୍ଣ ରୂପେ ଢାଙ୍କି ଦେବ ?

**ଦ୍ୟୁମାନ୍ :** ଆମେ ଜାଣି ନଥିଲୁ । ସୂକ୍ଷ୍ମ ଜଗତରେ ମା ହିଁ କେବଳ ଜାଣିଥିବେ ।

**ପ୍ରଶ୍ନ :** ମା କ'ଣ ଜାଣିଥିଲେ ଆପଣ ସେଠାରେ ଏକ ଗଛ ରୋପଣ କରିବାକୁ ଯାଉଛନ୍ତି ?

**ଦ୍ୟୁମାନ୍ :** ଆଶ୍ଚର୍ଯ୍ୟ କଥା ? ମା'ଙ୍କୁ ନପଚାରି ବା ମା'ଙ୍କ ଅଜ୍ଞାତରେ ଆମେ ସାମାନ୍ୟ କିଛି ବି କରୁ ନଥିଲୁ, କ୍ଷୁଦ୍ରାତିକ୍ଷୁଦ୍ର କୌଣସି କର୍ମ ବି କରୁ ନଥିଲୁ ।

*

ଏବେ ଦ୍ୟୁମାନ୍ ଭାଇଙ୍କ ସମ୍ପର୍କରେ ପ୍ରଣବ-ଦା'ଙ୍କ ମନ୍ତବ୍ୟ :

"... କହିବାକୁ ଗଲେ ସମଗ୍ର ଆଶ୍ରମହିଁ ଦ୍ୟୁମାନ୍ ଭାଇଙ୍କ ଆଖି ସାମନାରେ ଗଢ଼ିଉଠିଛି ଏବଂ ସେଥିରେ ସେ ଯଥେଷ୍ଟ ଭାବରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି । ଅଳ୍ପ ବୟସରେହିଁ ସେ ଆଶ୍ରମରେ ଯୋଗଦାନ କରନ୍ତି । ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ପ୍ରଥମ ସାକ୍ଷାତ୍‌ରେହିଁ ସେ ହୋଇ ଉଠିଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦମୟ । ଉଭୟଙ୍କର ଧ୍ୟାନରେ, ଜ୍ଞାନରେ ଓ କର୍ମରେ ସେ ତାଙ୍କର ଜୀବନ ଅତିବାହିତ କରିଛନ୍ତି ।... ଶ୍ରୀରାମଚନ୍ଦ୍ରଙ୍କର ଯେମିତି ହନୁମାନ୍, ମା'ଙ୍କର ସେମିତି ଦ୍ୟୁମାନ୍ ଭାଇ । ତାଙ୍କୁ ଦେଖିବା ମାତ୍ରେହିଁ ହନୁମାନଙ୍କ କଥା ସ୍ୱତଃ ସ୍ମରଣରେ ଆସିଯାଏ ।

('ହଠାତ୍ ମନେ ପଡ଼େ',
ଦ୍ୱିତୀୟ ପର୍ଯ୍ୟାୟ, ଗଳ୍ପ-୫୮)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


1. 'Sri Aurobindo Ashram : The Story of the Main Building'.
2. Mother India, Jan. 1989, P. 29-34.
3. Homage to the Service Tree, 2012.
4. 'How They come to Sri Aurobindo and The Mother', Vol. 1, P. 1 - 46. ❑


ଜୀବନ ଏପର୍ଯ୍ୟନ୍ତ ଯାହାସବୁ କୁତ୍ସିତତା, ମିଥ୍ୟା ଓ ନିଷ୍ଠୁରତା ନିଜ ମଧ୍ୟରେ ଧାରଣ କରିଛି; ସେସବୁ ସହ ଆମକୁ ସମଗ୍ରଭାବେ ଏହାର ସମ୍ମୁଖୀନ ହେବାକୁ ହେବ, କିନ୍ତୁ ଆମକୁ ଆମ ନିଜ ଭିତରେ ଥିବା ସକଳ ଶୁଭ, ସକଳ ସୌନ୍ଦର୍ଯ୍ୟ, ସକଳ ଆଲୋକ ଓ ସକଳ ସତ୍ୟର ଉତ୍ସକୁ ଆବିଷ୍କାର କରିବା ନିମନ୍ତେ ସଯତ୍ନ ହେବାକୁ ହେବ; ଯାହାଫଳରେ ଆମେ ଏହି ଉତ୍ସ ସହ ଜଗତର ଏକ ସଚେତନ ସଂଯୋଗ ସ୍ଥାପନ କରି ପାରିବା ତାହାକୁ ରୂପାନ୍ତର କରିବା ସକାଶେ ।

ଏସବୁକୁ ଆମ ଦୃଷ୍ଟିପଥରୁ ଏଡ଼ାଇଦେବା ନିମନ୍ତେ ଆମେ ପଳାୟନ କରିବା କିଂବା ଆଖି ବୁଜିଦେବା ଅପେକ୍ଷା ଏହା କରିବା ଅନନ୍ତ ଗୁଣେ କଷ୍ଟକର ହେଲେ ବି ଏହାହିଁ ଏକମାତ୍ର ସଫଳ ମାର୍ଗ– ଏ ମାର୍ଗ ସେଇମାନଙ୍କର ଯେଉଁମାନେ ବାସ୍ତବରେ ଶକ୍ତିଶାଳୀ, ଶୁଦ୍ଧ ଓ ସତ୍ୟର ପ୍ରକାଶ ନିମନ୍ତେ ସମର୍ଥ ।

(CWM, Vol. 12, p. 243) — ଶ୍ରୀମା

ନୂତନ ପଞ୍ଚତନ୍ତ୍ର କାହାଣୀ :

# ଆକାଶ କଇଁଛ

## ମନୋଜ ଦାସ

ସରୋବର ଥିଲା ସ୍ୱଚ୍ଛ; ଉପତ୍ୟକା ଥିଲା ସବୁଜ; କିନ୍ତୁ ଉଚ୍ଚାଭିଳାଷୀ କମ୍ବୁଗ୍ରୀବକୁ ସେ ପରିବେଶ ସନ୍ତୁଷ୍ଟ କରିପାରୁ ନଥିଲା । ଦିଗନ୍ତ ପ୍ରତି ଦୃଷ୍ଟି ପ୍ରସାରିତ କରି ସେ ଛାଡୁଥିଲା ଦୀର୍ଘନିଃଶ୍ୱାସ । ଦୂରର ପର୍ବତଶ୍ରେଣୀ ସେପାରିସ୍ଥ ସରୋବରମାନ କେତେ ସ୍ୱଚ୍ଛତର ଓ ଉପତ୍ୟକାମାନ କେତେ ସବୁଜତର ହୋଇ ନଥିବ ! ସେ ବିହଙ୍ଗଟିଏ ନହୋଇ କଚ୍ଛପ ହୋଇଥିବା ହେତୁ ନିଜ ଭାଗ୍ୟକୁ ଧିକ୍କାର ଦିଏ ।

ସମୟ ସମୟରେ କୂଳକୁ ଉଠିଯାଇ ସେ ମୃଦୁ ସମୀରଣରେ ବିଚରଣ କରୁଥାଏ ଓ କେତେବେଳେ ଲତାପତ୍ର ଦେହରୁ ଶିଶିର ବିନ୍ଦୁଟିଏ ଚାଟିଦିଏ ତ କେତେବେଳେ ଘାସ ଫୁଲଟିଏ ଚୋବାଇ ପକାଏ; କିନ୍ତୁ ଦୂରାନ୍ତରର ଅଜଣାକୁ ଜାଣିବାର ପିପାସା ସେଥିରେ ବଢ଼େ ସିନା, କମେ ନାହିଁ ।

ଥରେ ଥରେ ସେ ଆଖି ବୁଜି ବିମୁଗ୍ଧ କଳ୍ପନାଲୋକରେ ଦେଖେ ଭଳିକିଭଳି ଅଜବ ଦୃଶ୍ୟ । ଗୀତ ବୋଲି ପାରୁଥିବା ଗଛଲତା, ମେଘମାଳା ଭିତରୁ ସିଧାସଳଖ ଝରି ଆସୁଥିବା ସାତରଙ୍ଗୀ ନଦୀ, ପ୍ରଶସ୍ତ ସଦନରେ ଏକତ୍ରିତ ସ୍ୱନାମଧନ୍ୟ ନର ଓ ବାନରବର୍ଗ ମଧ୍ୟରେ ଲାଙ୍ଗୁଳର ଉପଯୋଗିତା ସମ୍ପର୍କରେ ତର୍କସଭା ଇତ୍ୟାଦି ।

ପ୍ରତିବର୍ଷ ବର୍ଷାଋତୁ ସମାଗତ ହେଲେ ସଙ୍କଟ ଓ ବିକଟ ନାମକ ଦୁଇଗୋଟି ହଂସ ସେ ସରୋବରରେ ଉପନୀତ ହେଉଥିଲେ । ପର୍ବତଶ୍ରେଣୀ ସେପାରିସ୍ଥ ଏକ ବୃହତ୍ତର ସରୋବରକୁ ଯିବା ମାର୍ଗରେ ସେମାନେ ସେଠାରେ ସପ୍ତାହେ ବିଶ୍ରାମ କରୁଥିଲେ । ଗଭୀର ଆଗ୍ରହ ସହକାରେ କମ୍ବୁଗ୍ରୀବ ସେମାନଙ୍କ ଆଗମନକୁ ଅପେକ୍ଷା କରୁଥାଏ । ହଂସଯୁଗଳ କଚ୍ଛପର ଅନୁସନ୍ଧିତ୍ସା ସମ୍ପର୍କରେ ଅବହିତ ଥିଲେ । ତେଣୁ ଦୂରଦୂରାନ୍ତରର କାହାଣୀ ଶୁଣାଇ ତା'ର ମନୋରଞ୍ଜନ କରିବା ନିମନ୍ତେ ସେମାନେ ଦୈନିକ ଘଣ୍ଟାଏ ଦୁଇଘଣ୍ଟା ସମୟ ଦେବାରେ କାର୍ପଣ୍ୟ କରୁ ନଥିଲେ ।

ସେମାନଙ୍କ ଭିତରେ ବନ୍ଧୁତା ଯଥେଷ୍ଟ ଦୃଢ଼ୀଭୂତ ହେଲା ପରେହିଁ ଦିନେ କମ୍ବୁଗ୍ରୀବ ସେମାନଙ୍କ ସହିତ ପର୍ବତଶ୍ରେଣୀ ସେପାରିସ୍ଥ ସରୋବରକୁ ଯିବାର ଇଚ୍ଛା ପ୍ରକଟ କଲା । ପ୍ରସ୍ତାବର ବିଜ୍ଞତା ସମ୍ପର୍କରେ ଯଥେଷ୍ଟ ସନ୍ଦେହ ଥିବା ସତ୍ତ୍ୱେ ହଂସଦ୍ୱୟ ପ୍ରଥମେ ଅର୍ଦ୍ଧକ୍ରୋଶ ପଥଯାଏ ଏକ ପରୀକ୍ଷାମୂଳକ ପଦକ୍ଷେପ ନେବା ନିମନ୍ତେ ରାଜି ହେଲେ ।

ବିକଟ ଓ ସଙ୍କଟ କାମୁଡ଼ି ଧରିଲେ ଖଣ୍ଡିଏ କାଠିର ଦୁଇ ପ୍ରାନ୍ତ । କାଠିର ମଧ୍ୟଭାଗକୁ କାମୁଡ଼ି ଧରିଲା କମ୍ବୁଗ୍ରୀବ । ତାପରେ ସେମାନେ ଶୂନ୍ୟକୁ ଉଠିଲେ ।

ଏହି ପ୍ରଣାଳୀରେ ଅର୍ଦ୍ଧକ୍ରୋଶ ଅତିକ୍ରମ କରି ସେମାନେ ଏକ ଅନୁଚ୍ଚ ପାହାଡ଼ ଉପରେ ଅବତରଣ କଲେ ।

''ପରୀକ୍ଷା ସଫଳ !''— ମୃଦୁହାସ୍ୟ ସହକାରେ ବ୍ୟକ୍ତ କଲା ବିକଟ ।

''ଏଥର ବନ-ପର୍ବତ, ନଗର-ଜନପଦ ଉପର ଦେଇ ନିରବଚ୍ଛିନ୍ନ ଗତିରେ ଉଡ଼ିଯିବାକୁ ପଡ଼ିବ । ଶୂନ୍ୟରେ ଥିବାଯାଏ ମୁହଁ ଖୋଲିବ ନାହିଁଟି !'' — କମ୍ବୁଗ୍ରୀବକୁ ସଙ୍କଟ ଚେତାଇ ଦେଲା ।

''ଏତିକି ମାତ୍ର କହିବା ପାଇଁ ଅବତରଣ କରିବା କ'ଣ ଦରକାର ଥିଲା ?'' — କଚ୍ଛପ ଉତ୍କଣ୍ଠିତ ଭାବରେ ପ୍ରଶ୍ନ କଲା ।

''ଅବତରଣ ନକରି ଶୂନ୍ୟମାର୍ଗରେ ଏକଥା କହିଥିଲେ ତୁମ ଅବସ୍ଥା ଶୋଚନୀୟ ହୋଇଥା'ନ୍ତା ।'' — ହଂସମାନେ ମନେ ପକାଇ ଦେଲେ ।

କମ୍ବୁଗ୍ରୀବ ସେ କୈଫିୟତ୍ ଶୁଣୁ ନଥିଲା । ବିସ୍ମୟ ଓ ପୁଲକଭରେ ସେ ଚତୁର୍ଦ୍ଦିଗ ନିରୀକ୍ଷଣ କରି ଲାଗିଥିଲା ।

ପୁନର୍ବାର କାଠି ମଝିରେ ଦାନ୍ତ ବସାଇବା ପୂର୍ବରୁ କଚ୍ଛପ ଗଦ୍‌ଗଦ କଣ୍ଠରେ କହିଲା — ''ଇତିହାସରେ ପ୍ରଥମ କଚ୍ଛପ-ମହାକାଶଚାରୀ ଭାବରେ ମୋ ନାମ ଅମର ରହିବ ।''

ହଂସମାନେ ଏଥର ଅପେକ୍ଷାକୃତ ଅଧିକ ସ୍ୱାଚ୍ଛନ୍ଦ୍ୟ ଓ ଆତ୍ମବିଶ୍ୱାସ ସହକାରେ ଊର୍ଦ୍ଧ୍ୱକୁ ଉଠିଲେ । ପବନ ଥିଲା ଅନୁକୂଳ, ଆକାଶ ମେଘମୁକ୍ତ । ତେବେ ସୂର୍ଯ୍ୟାସ୍ତ ସମୟ ହୋଇଥିବା ହେତୁ କାଗଜ ଉପରେ କାଳି ବିଞ୍ଚି ହୋଇଗଲା ଭଳି ଆକାଶବ୍ୟାପୀ ବିଞ୍ଚି ହୋଇ ରହିଥିଲେ ପକ୍ଷୀମାନେ ।

ଘରଚଟିଆ ଓ ବତାସୀ ଭଳି ସାଧାରଣ ପକ୍ଷୀମାନେ ସେ ଅକଳ୍ପନୀୟ ଦୃଶ୍ୟରେ ବିମୂଢ଼ ପାଲଟିଯିବା ସ୍ଥଳେ ପାରା ଓ ଚିଲ ଜାତୀୟ ସମ୍ଭ୍ରାନ୍ତ ପକ୍ଷୀମାନେ ଉଦ୍‌ବେଗ ପ୍ରକାଶ କରିବାର ଶୁଣା ଯାଉଥାଏ । ନିରାଶାବାଦୀ ଭାବରେ ଜଣାଶୁଣା ଗୋଟିଏ କାଉ କହିଲା, ''ଆକାଶର ଭବିଷ୍ୟତ୍ ଅନ୍ଧକାର ବୋଲି ମୁଁ କାହିଁ କେତେ ଦିନରୁ ଭବିଷ୍ୟତ୍‌ବାଣୀ କରି ଆସିଛି । କଚ୍ଛପ ଦ୍ୱାରା ଏ ଆକାଶ-ବିଜୟ ସେହି ଅବଶ୍ୟମ୍ଭାବୀ ପରିଣତିର ଆରମ୍ଭ ମାତ୍ର ।''

''ହଂସମାନେ ଯୁଗେ ଯୁଗେ ବିଶ୍ୱାସଘାତକ'' – ମନ୍ତବ୍ୟ ଦେଲା ବକଟିଏ ।

ଆକାଶମାର୍ଗୀୟ ସେ ଅଭିନବ ଘଟଣା ମଣିଷଙ୍କ ଭିତରୁ ପ୍ରଥମେ ପର୍ବତ ସେପାରି ପ୍ରାନ୍ତରର କେତେଜଣ ଗାଈଆଳ ଟୋକାଙ୍କ ଦୃଷ୍ଟିଗୋଚର ହେଲା । ସେମାନେ ଯଥାଶକ୍ତି ହାତତାଳି ଦେଇ କଚ୍ଛପବାହୀ ହଂସମାନଙ୍କ ସହ ତାଳ ରଖି ଦୌଡ଼ିଲେ । କମ୍ବୁଗ୍ରୀବ ଅସୁବିଧା ସତ୍ତ୍ୱେ ଆଖି ପିତୁଳା ତଳକୁ ବୁଲାଇ ସେ ଦୃଶ୍ୟ ଦେଖି ପାରିଲା । ନଈ ତୀରଯାଏ ଆସି ଯେତେବେଳେ ଟୋକାମାନେ ଅଟକି ଯିବାକୁ ବାଧ୍ୟ ହେଲେ, ସେତେବେଳେ ସେ ସ୍ୱୟଂ ହାତତାଳି ଦେବାର ପ୍ରେରଣା ଅନୁଭବ କଲା; ହାତ ବା ଗୋଡ଼ ଅତ୍ୟନ୍ତ କ୍ଷୁଦ୍ରାକୃତି ହୋଇଥିବାରୁ ପରସ୍ପର ଭେଟି ପାରିଲେ ନାହିଁ ।

କମ୍ବୁଗ୍ରୀବର ଓଜନ ଯୋଗୁଁ ହଂସମାନେ ବେଶୀ ଊର୍ଦ୍ଧ୍ୱକୁ ଉଠିପାରୁ ନଥିଲେ । ତଳେ ନଦୀବକ୍ଷରେ ଜଣେ ବୃଦ୍ଧ ଏକ ତରୁଣୀ ଭାର୍ଯ୍ୟା ସଂଗ୍ରହ କରି ନୌକାରେ ଫେରୁଥିଲେ । କନ୍ୟା ଦୀର୍ଘ ଓଢ଼ଣାରେ ମୁହଁ ଆବୃତ କରି ବସିଥିଲା; କିନ୍ତୁ ଆକାଶରେ ଘଟୁଥିବା ଅଭାବନୀୟ ଘଟଣା ବିଷୟରେ ସହଯାତ୍ରୀମାନେ ବିସ୍ମୟସୂଚକ ପାଟିଗୋଳ କରିବାର ଶୁଣିବାମାତ୍ରେ ସେ କ୍ଷିପ୍ରଗତିରେ ଓଢ଼ଣା ଅପସାରଣ କରି ସ୍ୱାମୀକୁ ନିଜ କୋମଳ କହୁଣିର ପ୍ରଥମ ସ୍ୱାଦ ଚଖାଇ କହିଲା – ''ମୋତେ ସେଇଟି ଆଣିଦିଅ !'' ବୃଦ୍ଧ ମୁକୁଟ ସହ ଉଠି ଠିଆ ହୋଇ ପଡ଼ିଲେ ଓ ଭାରସାମ୍ୟ ହରାଇ ପଡ଼ିଗଲେ ।

''ବୁଦ୍ଧୁ !'' କହି ଆସୁଥିଲା କମ୍ବୁଗ୍ରୀବ – କିନ୍ତୁ ଉଦ୍‌ଗତ ଶବ୍ଦଟି ସେ ଗଳାଧଃକରଣ କରି ଦେଲା ।

ଅସ୍ତମାନ ସୂର୍ଯ୍ୟର ରଶ୍ମିଜାଳ ହଂସଦ୍ୱୟଙ୍କ ଚଞ୍ଚଳ ପକ୍ଷ ଓ କଚ୍ଛପର ମସୃଣ ପୃଷ୍ଠଦେଶରେ ସୁନାର ଧୂଳି ମଖାଇ ଦେଉଥାଏ ।

''ଆଃ ! ମୁଁ ଉଡ୍‌ଡ୍ରୀୟମାନ !'' ହଠାତ୍ ଏତକ ବଡ଼ ପାଟିରେ କହିବାକୁ ଉଦ୍ୟତ ହୋଇ କଚ୍ଛପ କୌଣସି ପ୍ରକାରେ ସମ୍ଭାଳି ଗଲା ।

ଅଦୂରରେ ଦେଖାଗଲା ରାଜନଅରର ଶିଖର । ଇତି ମଧ୍ୟରେ ଲୋକେ ଦୌଡ଼ିଯାଇ ରାଜାଙ୍କୁ ସେ ଅପୂର୍ବ ଦୃଶ୍ୟର ସମ୍ବାଦ ଜଣାଇ ସାରିଥିଲେ । ରାଜା ତାଙ୍କର ସମଗ୍ର ଦରବାର ସହ ଛାତ ଉପରକୁ ଉଠି ଯାଇଥା'ନ୍ତି । ଦରବାରର ଅନ୍ତର୍ଭୁକ୍ତ ଥିଲେ ଜଣେ ବିଦେଶୀ ରାଜଦୂତ ।

''ବିଚିତ୍ର !'' ରାଜା ଉଡ଼ନ୍ତ କଚ୍ଛପକୁ ଦେଖି କହିଲେ ।

''ବିଚିତ୍ର କ'ଣ ମଣିମା ! ଆମ ରାଜ୍ୟରେ ଥରେ ଥରେ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ଘୁଷୁରି ଉଡ଼ିଯିବାର ଦେଖା ଯାଇଥାଏ !'' – କହିଲେ ବିଦେଶୀ ରାଜଦୂତ ।

''କିନ୍ତୁ ସେମାନଙ୍କୁ ଉଡ଼ାଇ ନିଏ କିଏ ? ତୁମ ଘୁଷୁରିମାନଙ୍କର କ'ଣ ପର ଅଛି – ଅଥବା ଅଛି ତୁମ ରାଜାଙ୍କର ଲାଞ୍ଜ ?''

''ମଣିମା !'' – ରାଜଦୂତ ଗଳା ପରିଷ୍କାର କରିନେବା ସତ୍ତ୍ୱେ ଖନେଇ କହିଲେ – ''ଆମ ଘୁଷୁରିମାନେ ପକ୍ଷବନ୍ତ ନୁହନ୍ତି; ଆମ ଛାମୁଙ୍କର ନାହିଁ ଲାଞ୍ଜ । କିନ୍ତୁ ଆମ ରାଜ୍ୟରେ ମଇଁଷି ଭଳି ବୃହଦାକାର ବିହଙ୍ଗମାନ ଅଛନ୍ତି । ଘୁଷୁରି ଉଡ଼ାଇ ନେବା ସେହିମାନଙ୍କର ସଉକ ।''

''ବିଚିତ୍ର !'' – କହିଲେ ରାଜା ।

''ବୁଦ୍ଧୁ !'' ଉଦ୍‌ଗତ ଭାବାବେଗ ସମ୍ଭାଳି ନପାରି କହିଦେଲା କମ୍ବୁଗ୍ରୀବ ଏବଂ ଚକ୍ରବତ୍ ବୁଲି ବୁଲି ସେ ଆସି ସଶବ୍ଦେ ପଡ଼ିଲା ନଅର ଛାତ ଉପରେ ।

ଶଙ୍କିଗଲେ ସଭାସଦ୍‌ବର୍ଗ । ହଂସମାନେ ବାଡ଼ି ଖଣ୍ଡିକ ପକାଇ ଦେଇ କିଛି ସମୟ ଆର୍ତ୍ତରବ ଛାଡ଼ି ନଅର ଉପରେ ଚକ୍କର ଦେଇ ପାର୍ଶ୍ୱବର୍ତ୍ତୀ ଗୋଟିଏ ଗଛରେ ବସି ପଡ଼ି ଅନାଇ ରହିଲେ ।

ଚକ୍ରାକାରେ କଚ୍ଛପକୁ ଘେରି ଜଣେ ସଭାସଦ୍‌ବର୍ଗ ଚମତ୍କୃତ ହୋଇ ଅନାଇ ରହିଲେ ।

ଦରବାରର ପ୍ରଧାନ ବିଶେଷଜ୍ଞ-ଭୋଜନପ୍ରେମୀ କହିଲେ, ''ଏଇଟି ଦୁର୍ଲଭ ଧରଣର ସୁସ୍ୱାଦୁ କଚ୍ଛପ । କଚ୍ଛପ ମାଂସ ରାଜକୀୟ ଖାଦ୍ୟ ତାଲିକାର ବହିର୍ଭୂତ ହୋଇ ନଥିଲେ ଏହା ରାଜଭୋଗର ମର୍ଯ୍ୟାଦା ପାଇବାକୁ ହକଦାର ଥିଲା ।''

''ସହସ୍ର ବର୍ଷରେ ଥରେ ଯାଇ ଶୂନ୍ୟରୁ କଚ୍ଛପ ବୃଷ୍ଟି

ହୁଏ । ଆଉ ସେ କଚ୍ଛପ ମାଂସ ସହସ୍ର ଧରଣର ରୋଗବ୍ୟାଧି ଓ ଦୋଷ-ଦୁର୍ବଳତାର ପ୍ରତିଷେଧକ ହୋଇଥାଏ,'' – କହିଲେ ଦରବାରର କବିରାଜ ଜ୍ୟୋତିଷୀ । ତା'ପରେ ଆଖି ଯୋଡ଼ିକର ଉପରାର୍ଦ୍ଧ ନିମୀଳିତ ରଖି ଓ ନିମ୍ନାର୍ଦ୍ଧ ଦରବାରର ପଞ୍ଜିକା ଉପରେ ନିବଦ୍ଧ ରଖି ସେ ଘୋଷଣା କଲେ, ''ଆଜିଠାରୁ ନଅଶହ ବର୍ଷ ନଅ ମାସ ନଅ ସପ୍ତାହ – ହଁ, ଭବିଷ୍ୟତର ଦଶ ସପ୍ତାହରେ ମାସଟିଏ ହେବ ବୋଲି ମୁଁ ଦେଖି ପାରୁଛି – ନଅ ଦିବସ ଓ ନଅ ଘଣ୍ଟା ପରେ ଏହିପରି ଆଉ ଏକ କଚ୍ଛପ ଶୂନ୍ୟରୁ ଖସିବ ବୋଲି ମୁଁ ଏକ୍ଷଣି ଭବିଷ୍ୟତ୍‌ବାଣୀ କରୁଛି ।''

''କିନ୍ତୁ ଆପଣ ଏଇଟିର ପତନ ସମ୍ପର୍କରେ ଭବିଷ୍ୟତ୍‌ବାଣୀ କରି ନଥିଲେ କାହିଁକି, ମହାପଣ୍ଡିତେ ? – ପ୍ରଶ୍ନ କଲେ ରାଜା ।

''ଛାମୁଙ୍କୁ କେନ୍ଦ୍ର କରି ହିଁ ମୋର ସବୁ ଗଣନା । ଯେହେତୁ କଚ୍ଛପ ମାଂସ ରାଜମଣୋହିର ଅଯୋଗ୍ୟ, ତେଣୁ ଏ ଘଟଣାକୁ ମୁଁ ଉଲ୍ଲେଖଯୋଗ୍ୟ ବୋଲି ବିଚାରି ନଥିଲି ।'' – ଉତ୍ତର ଦେଲେ ମହାପଣ୍ଡିତେ ।

କଚ୍ଛପ ଆଡ଼କୁ ଦୃଷ୍ଟିପାତ କରି ରାଜାଙ୍କର ଅନ୍ତତଃ ଗୋଟିଏ ଚକ୍ଷୁ ଝଟକି ଉଠିଲା ।

''ଏହା ଯେ ସ୍ଥଳେ ବହୁ ରୋଗ ଓ ଦୋଷ-ଦୁର୍ବଳତାର ମହୌଷଧ, ଏହାକୁ ରନ୍ଧନ କରି ପୀଡ଼ିତମାନଙ୍କୁ ଦେବାର ବ୍ୟବସ୍ଥା କରିବା !'' – କହି ରାଜା ମୁଖ୍ୟ ପାଚକକୁ ସେଇଟି ନେଇଯାଇ ତତ୍‌କ୍ଷଣାତ୍ ରାନ୍ଧିବାକୁ ନିର୍ଦ୍ଦେଶ ଦେଲେ ।

''ଯଦିଓ ଛାମୁଙ୍କ ଭଳି ମୁଁ ବି ଛାର କଚ୍ଛପ ମାଂସ ଖାଇବାକୁ ପସନ୍ଦ କରେ ନାହିଁ, ଏଇଟିରୁ ବରଂ ଫାଳେ ଖାଇବି । ଅଧିକ ଦକ୍ଷତା ସହ ରାଜସେବା କରିବା ନିମନ୍ତେ ମୁଁ ଗଣ୍ଠିବାତରୁ ସହଳ ମୁକ୍ତି ପାଇବା ଆବଶ୍ୟକ ।'' – କହିଲେ ସେନାପତି ।

ସେନାପତିଙ୍କ ଘୋଷଣାର ପ୍ରତିଧ୍ୱନି ନିର୍ଗତ ହେଲା ସମସ୍ତ ମନ୍ତ୍ରୀ ଓ ସଭାସଦ୍‌ବର୍ଗଙ୍କ କଣ୍ଠରୁ । ସମସ୍ତେ ଅଧିକ ଦକ୍ଷ ରାଜସେବା ନିମନ୍ତେ କଚ୍ଛପର କିୟଦଂଶମାନ ଭକ୍ଷଣ କରି କୌଣସି ନା କୌଣସି ରୋଗରୁ ମୁକ୍ତି ପାଇଁ ଆଗ୍ରହୀ ଥିଲେ ।

''ଆମ ଦୁଇ ମହାନ୍ ଦେଶ ମଧ୍ୟରେ ମୈତ୍ରୀ ଗାଢ଼ତର କରିବାର ଆବଶ୍ୟକତା ଦୃଷ୍ଟିରୁ ମୁଁ ମଧ୍ୟ କିଞ୍ଚିତ୍ କଚ୍ଛପ ମାଂସ ଭକ୍ଷଣ ପାଇଁ ପ୍ରସ୍ତୁତ ।'' – ଘୋଷଣା କଲେ ବିଦେଶୀ ରାଜଦୂତ ।

ଇତିମଧ୍ୟରେ ରାଜାଙ୍କ ନିମନ୍ତେ ଚଳନ୍ତି ସିଂହାସନଟିଏ ଛାତ ଉପରକୁ ଅଣା ସରିଥିଲା । ସେ ତହିଁରେ ଉପବେଶନ କରନ୍ତେ ଅନ୍ୟମାନେ ତଳେ ବସିଗଲେ ।

''ଯାହାର ସର୍ବାଧିକ ପ୍ରୟୋଜନ, କଚ୍ଛପ ତାକୁହିଁ ମିଳିବ – ସେକଥା ଆମ୍ଭେ ଦେଖିବୁ । କିନ୍ତୁ ଜୀବଟି ଶୂନ୍ୟରୁ ଖସିଲା ବେଳେ କିଛି ଗୋଟାଏ କହିବାର ଆମ୍ଭେ ଶୁଣିଲୁ । ସେଇଟି କ'ଣ ?'' – ବୃହତ୍ତମ କର୍ଣ୍ଣସମ୍ବଳିତ ସଭାସଦ୍‌ଙ୍କୁ ରାଜା ପ୍ରଶ୍ନଟି କଲେ ।

''କହିବାକୁ ଛାତି ଫାଟି ଯାଉଛି ମଣିମା !'' – ସଭାସଦ୍ ତାଙ୍କର ଅନନୁକରଣୀୟ ଲମ୍ବ କର୍ଣ୍ଣଯୁଗଳ (ଯାହାକୁ କି ସେ ଇଚ୍ଛାନୁସାରେ ଦୋହଲାଇ ପାରୁଥିଲେ) ଆଉଁସି କହିଲେ, ''ଜୀବଟି 'ବୁଦ୍ଧୁ' ବୋଲି ଉଚ୍ଚାରଣ କରିଥିଲା !''

''ବିଚିତ୍ର ! କିନ୍ତୁ କାହାକୁ ଉଦ୍ଦେଶ୍ୟ କରି ସେ ସେଭଳି ସମ୍ବୋଧନ କରି ଥାଇପାରେ ? ଆମ ଭିତରେ ପୁଣି ବୁଦ୍ଧୁ କିଏ ?'' – ରାଜା ବିସ୍ମୟ ପ୍ରକାଶ କଲେ ।

ଗମ୍ଭୀର ମୌନତା ଭିତରେ ସଭାସଦ୍‌ବର୍ଗ ପରସ୍ପର ଘନ ଘନ ଦୃକ୍‌ପାତ କରିବାକୁ ଲାଗିଲେ ।

''ବୁଦ୍ଧୁ ସ୍ୱୟଂ ମାନି ନଗଲେ ଆମ୍ଭଙ୍କୁ ବାତିଲ ରୀତି ଦ୍ୱାରା ତାକୁ ଆବିଷ୍କାର କରିବାକୁ ହେବ ।'' – କହି ରାଜା ଅପେକ୍ଷା କଲେ । ନୀରବତା ଯେପରିକି ଘନତର ହୋଇ ଉଠିଲା ।

''ଆମ ସମ୍ମାନିତ ଅତିଥି ବିଦେଶୀ ରାଜଦୂତ ମହୋଦୟ ତାଙ୍କ କୂଟନୈତିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ବୁଦ୍ଧୁ ପଦବାଚ୍ୟ ହୋଇ ନପାରନ୍ତି ।'' – ରାଜା କହିଲେ ।

''ହେଁ, ହେଁ ମଣିମା'' – ରାଜଦୂତ ଉଚିତ ଲଜ୍ଜା ସହକାରେ ମୁଣ୍ଡ ହଲାଇ ରାଜାଙ୍କ ବକ୍ତବ୍ୟ ପ୍ରତି ସମର୍ଥନ ଜଣାଇଲେ ।

''ଆମ ମନ୍ତ୍ରୀମାନେ ହୁଏତ ମନ୍ତ୍ରୀ, ନହେଲେ ବୁଦ୍ଧୁ । ସେମାନେ ଏକାଧାରରେ ଉଭୟ ହୋଇ ନପାରନ୍ତି !''

''ଠିକ୍ ମଣିମା, ଆମ୍ଭେମାନେ ମନ୍ତ୍ରୀ ମାତ୍ର !'' – ଆଶ୍ୱସ୍ତ ସ୍ମିତ ହସମାନ ଫୁଟାଇ ମନ୍ତ୍ରିବର୍ଗ କହିଲେ ।

''ଆମ ସେନାପତି, ଯିଏ କି ସର୍ବସମକ୍ଷରେ, ଏପରିକି ଜଣେ ବିଦେଶୀ ଦୂତଙ୍କ ଉପସ୍ଥିତି ସତ୍ତ୍ୱେ, ନିଜ ଗଣ୍ଠିବାତର ରହସ୍ୟ ପ୍ରକାଶ କରିଦେଲେ, ସେ ନିଶ୍ଚୟ ତାଙ୍କ ଚେହେରାରୁ ଯେତିକି ଜଣାପଡ଼େ ତା' ତୁଳନାରେ ଅଧିକ ବିଜ୍ଞ ।''

ସେନାପତି ବିକଳ ହସ ହସି ସମସ୍ତଙ୍କ ମୁହଁକୁ ଅନାଇଲେ ।

କ୍ରମେ, ଏହିପରି ବାତିଲ ରୀତିରେ, ଜଣ ଜଣ ହୋଇ ସମସ୍ତ ସଭାସଦ୍ ବୁଦ୍ଧୁ ହୋଇଥିବାର ସମ୍ଭାବନାରୁ ମୁକ୍ତ ହେଲେ ।

ଯେତେବେଳେ ଶେଷ ଆତ୍ମ-ଆଶ୍ୱାସନାର ଦୀର୍ଘଶ୍ୱାସ ଶୁଣାଗଲା, ସେତେବେଳେ ରାଜା ହଠାତ୍ କାନ୍ଦିଉଠି କହିଲେ, ''ବାକି ରହିଲି ମୁଁ – ଅର୍ଥାତ୍ ମୁଁ ହିଁ ବୁଦ୍ଧୁ ।''

ସମସ୍ତ ସଭାସଦ୍ କାନ୍ଦିଉଠିଲେ ।

''କିନ୍ତୁ ରାଜାଟିଏ ବୁଦ୍ଧୁ ହେଲେ ଚଳିବ କି ? ଆବଶ୍ୟକ ହେଲେ ରାଜପରିବାରର ପବିତ୍ର ପରମ୍ପରା ଭଙ୍ଗକରି ଏଇ ଅସାଧାରଣ କଚ୍ଛପଟି – ସମ୍ଭବ ହେଲେ ସମଗ୍ର କଚ୍ଛପଟି – ଖାଇଦେଇ ମୁଁ ବୁଦ୍ଧୁ ବ୍ୟାଧିରୁ ମୁକ୍ତ ହେବା ଜରୁରୀ ନୁହେଁ କି ?''– ରାଜା ଏହା କହିସାରି ରନ୍ଧା କଚ୍ଛପ ହସ୍ତେ ସଦ୍ୟ ପହଞ୍ଚିଥିବା ପାଚକକୁ ଇଙ୍ଗିତ ଦିଅନ୍ତେ, ପାଚକର ସହକାରୀ ନିଜ ହାତପାଆନ୍ତାରେ ଥିବା ମନ୍ତ୍ରୀଟିର ପଗଡ଼ି ଓଟାରି ଆଣି ରାଜାଙ୍କ କୋଳରେ ବିଛାଇଦେଲା ଓ ପାଚକ ତହିଁ ଉପରେ ସପାତ୍ର କଚ୍ଛପ ଥୋଇଦେଲା ।

ସଭାସଦ୍‌ବର୍ଗଙ୍କ କାନ୍ଦ ଅବ୍ୟାହତ ଥାଉଁ ଥାଉଁ ରାଜା ଗଭୀର ମନୋଯୋଗ ସହକାରେ ପାତ୍ରଟି ଖାଲି କରିଦେଲେ ।

''ଚୁପ୍‌କର !''– ରାଜାଙ୍କ ଧମକ ବୁଲ୍‌ଡ଼ୋଜର୍ ଭଳି ସଭାସଦ୍‌ମାନଙ୍କ କୋହକାନ୍ଦଣାକୁ ମାଡ଼ିମକଚି ନିସ୍ତବ୍ଧ କରିଦେଲା । ତତ୍ପରେ ନିଶ ପୋଛି ରାଜା ରାଜଦୂତଟି ଉପରେ ଦୃଷ୍ଟି ନିବଦ୍ଧ କଲେ ଓ କହିଲେ, ''ଶୁଣ ଦୂତ ମହୋଦୟ ! ମାସଟିଏ ସମୟ ଦେଲି । ତୁମ ରାଜ୍ୟରେ ସୁଲଭ ଥିବା ମଇଁଷି ଆକାରର ବିହଙ୍ଗରୁ ହଳେ ନେଇଆସ – ନହେଲେ ତୁମ ରାଜ୍ୟ ଆମର ଏକ ତାଲୁକରେ ପରିଣତ ହେବ । ଦୀର୍ଘକାଳ ହେବ ଆମ୍ଭେ କୌଣସି ମହତ୍ କାର୍ଯ୍ୟରେ ହାତ ଦେଇ ନାହୁଁ; ଫଳରେ ଆମ ସୈନ୍ୟମାନେ ମୋଟେଇ ଯାଉଛନ୍ତି, ସେନାପତି ଗଣ୍ଠିବାତ ଭୋଗୁଛନ୍ତି । ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା !''

('ମନୋଜ ସୃଜନୀ ସମଗ୍ର, ତୃତୀୟ ଖଣ୍ଡ'ରୁ ଗୃହୀତ)

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୩୪)

## ମହେନ୍ଦ୍ରନାଥ ସ୍ୱାଇଁ

**ଅନୁକମ୍ପାର ସ୍ୱାଦ**

ମଣିଷ ଜୀବନରେ ସଦାସର୍ବଦା ଉତ୍ଥାନ ପତନ ଲାଗି ରହିଥାଏ । ବେଳେ ବେଳେ ମନେହୁଏ ଯେପରି ଆମ ପାଦତଳୁ ମାଟି ଖସିଯାଉଛି । ଯେପରି ବିପଦ ଚାରିଆଡୁ ମାଡ଼ିଆସୁଛି, ଯେତେ ସତର୍କତା ଅବଲମ୍ବନ କଲେ ମଧ୍ୟ ସାହାଯ୍ୟ ନିମନ୍ତେ ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ, ଦେବାଦେବୀମାନଙ୍କୁ ଡାକିଲେ କେହି ବି ଶୁଣୁ ନାହାନ୍ତି । ବିପଦ ତା'ର ସାଙ୍ଗସାଥିମାନଙ୍କ ସହ ମାଡ଼ିଆସୁଛି, ଆମ ଜୀବନର ଅଗ୍ରଗତିର କଣ୍ଠରୋଧ କରିଦେଉଛି । ଏହି ସମୟରେ ଆମେ ଯଦି ଆମ ହୃଦୟ-ଗୁହାରେ ବସିଥିବା ପରମପ୍ରଭୁ ଦିବ୍ୟପ୍ରେମିକଙ୍କ ପାଖକୁ ଯାଇପାରନ୍ତେ ତା'ହେଲେ ଏତାଦୃଶ ବିପଦରୁ ରକ୍ଷା ପାଇ ପାରନ୍ତେ । ଆମ ଚତୁଃପାର୍ଶ୍ୱରେ ସେ ଏକ ସୁରକ୍ଷା ବଳୟ କରି ପାରନ୍ତେ, ଆମର ବିଶ୍ୱାସ ଓ ଆସ୍ଥା କେତେ ତାହା ଜାଣିବା ନିମନ୍ତେ; ପୁନଶ୍ଚ ଆମ ସହିତ ରହସ୍ୟମୟ ଲୁଚକାଳି ଖେଳ ବି ସେ ଖେଳି ପାରନ୍ତେ । କିନ୍ତୁ ଆମ ପ୍ରାର୍ଥନାରେ ଦୃଢ଼ତା ଥିଲେ, ଆତ୍ମ-ନିବେଦନରେ ପରିପୂର୍ଣ୍ଣତା ଥିଲେ ସେ ଆମକୁ କେବେ ହେଲେ ତ୍ୟାଗ କରନ୍ତି ନାହିଁ ।

ଫେବ୍ରୁଆରୀ ୮, ୧୯୧୩ର ପ୍ରାର୍ଥନାରେ ମା ଉପରୋକ୍ତ ବିଶ୍ୱାସ ଏବଂ ଆସ୍ଥା – ଏହି ଦୁଇଗୋଟି ତଥା ସୂକ୍ଷ୍ମ ବ୍ୟବସ୍ଥା ଦ୍ୱୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ତାହା ଏହିପରି –

"O Lord, Thou art my refuge and my blessing, my strength, my health, my hope, and my courage. Thou art supreme Peace, unalloyed Joy, perfect Serenity. My whole being prostrates before Thee in a gratitude beyond measure and a ceaseless worship; and that worship goes up from my heart and my mind towards Thee like the pure smoke of incense of the perfumes of India.

"Let me be Thy herald among men, so that all who are ready may taste the beatitude that Thou grantest me in Thy infinite Mercy, and let Thy Peace reign upon earth."

(Prayers & Meditations, P. 15)

''ହେ ପ୍ରଭୁ ଆପଣହିଁ ମୋର ଶରଣଦାତା ଏବଂ ମୋର ଆଶୀର୍ବାଦକ, ମୋର ଶକ୍ତି, ମୋର ସ୍ୱାସ୍ଥ୍ୟ, ମୋର ଆଶା-ଆକାଂକ୍ଷା ଏବଂ ମୋର ସାହସ । ଆପଣହିଁ ସର୍ବୋତ୍ତମ ପ୍ରଶାନ୍ତି, ଅବିମିଶ୍ରିତ ଆନନ୍ଦ, ସମ୍ପୂର୍ଣ୍ଣ ନିଶ୍ଚଳତା । ମୋର ସମଗ୍ର ସତ୍ତା ଆପଣଙ୍କ ପାଦତଳେ ଅସରନ୍ତି କୃତଜ୍ଞତାର ସହିତ ସାଷ୍ଟାଙ୍ଗ ପ୍ରଣିପାତ କରୁଅଛି, ମୋର ଏହି ଆରାଧନା ନିରବଚ୍ଛିନ୍ନ ଏବଂ ସମସ୍ତ ମାପକାଠିର ଊର୍ଦ୍ଧ୍ୱରେ; ଏବଂ ସେହି ଆରାଧନା ମୋ ହୃଦୟ ଏବଂ ମୋର ମନ ଭିତରୁ ଉତ୍ଥିତ ଏବଂ ଊର୍ଦ୍ଧ୍ୱମୁଖୀ, ଠିକ୍ ଭାରତବର୍ଷରେ ପୂଜାକାର୍ଯ୍ୟରେ ବ୍ୟବହୃତ ହେଉଥିବା ଧୂପକାଠିର ଊର୍ଦ୍ଧ୍ୱଗାମୀ ସୁବାସିତ ଧୂମ୍ର-ଶିଖା ସଦୃଶ ।

''ଲୋକମାନଙ୍କ ମଧ୍ୟରେ ମୋତେ ଆପଣଙ୍କ ଅଗ୍ରଗାମୀ ବାର୍ତ୍ତାବହ କରନ୍ତୁ । ଫଳତଃ ଯେଉଁମାନେ ପ୍ରସ୍ତୁତ ସେମାନେ ଆପଣ ମୋତେ ପ୍ରଦାନ କରୁଥିବା ଅନୁକମ୍ପା, ଯାହା ଆପଣଙ୍କର ଅସୀମ ଦୟା, ତା'ର ସ୍ୱାଦ ଅନୁଭବ କରିପାରନ୍ତି, ଚାଖି ପାରନ୍ତି । ଏବଂ ହେ ପ୍ରଭୁ ! ଆପଣଙ୍କର ମହାନ୍ ପ୍ରଶାନ୍ତି ଏହି ପୃଥିବୀ ଉପରେ ପ୍ରତିଷ୍ଠିତ ହୋଇ ଏହାର ଶାସନ-ଡୋର ନିଜ ହାତକୁ ନେଇଯାଉ ।''

ଉକ୍ତ ପ୍ରାର୍ଥନାଟିରେ ମା ପରମପ୍ରଭୁଙ୍କର ଅଗ୍ରଗାମୀ ଦୂତ ବା ''herald'' ହେବାକୁ ପ୍ରାର୍ଥନା କରିଛନ୍ତି । ପ୍ରଭୁ ତାଙ୍କୁ ଦୟାପୂର୍ବକ ଯେଉଁ ''Beatitude'' ବା ଅନୁକମ୍ପା, ଦୟା, କରୁଣାର ଉପହାର ଦେଉଛନ୍ତି; ସେସବୁକୁ ଦିବ୍ୟଜନନୀ କରୁଣାମୟୀ ମା ସମସ୍ତଙ୍କୁ ବାଣ୍ଟି ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି, ଯେପରି ପ୍ରତ୍ୟେକେ ସେଗୁଡ଼ିକର ସ୍ୱାଦ ଉପଲବ୍ଧି କରି ପାରିବେ । ''Beatitude'' ଶବ୍ଦଟି ଖ୍ରୀଷ୍ଟିଆନ ଧର୍ମ ଗ୍ରନ୍ଥ ବାଇବେଲ୍‌ରେ ଉଲ୍ଲିଖିତ ଏକ ଶବ୍ଦ, ଯାହାର ଅର୍ଥ ସ୍ୱର୍ଗୀୟ

ସୁଖ – ''Blessedness, benediction, Grace and Niceness'' ଇତ୍ୟାଦି ଦିବ୍ୟ-ଶବ୍ଦ । ଏହାର ବିପରୀତ ଶବ୍ଦଟି ହେଲା –''Misery'' ବା ''ଦୈନ୍ୟତା'' । ଅନୁକମ୍ପାର ସ୍ୱାଦ କିପରି ତାହା ଜାଣିସାରିଲା ପରେ ମା ତାକୁ ନିଜ ଭିତରେ ସାଇତି ରଖିନେବା ପାଇଁ ଇଚ୍ଛା ପ୍ରକାଶ କରି ନାହାନ୍ତି; ସମସ୍ତେ ତା'ର ସ୍ୱାଦ ଚାଖନ୍ତୁ ବୋଲି ପ୍ରଭୁଙ୍କୁ ପ୍ରାର୍ଥନା ଜଣାଇଛନ୍ତି । କାରଣ ସେ ତ ବିଶ୍ୱଜନନୀ, ସଚରାଚର ତାଙ୍କ ସନ୍ତାନ ।

ଦିବ୍ୟଜନନୀ ଶ୍ରୀମା ଦୟା ଓ ଅନୁକମ୍ପାର ସାଗର । ସେ ଭକ୍ତର ମନକଥା ଜାଣି ନଚାହିଁଲେ ବି ଏବଂ ନମାଗିଲେ ମଧ୍ୟ ସ୍ୱୟଂ ସବୁକିଛି ମୁକ୍ତହସ୍ତରେ ପ୍ରଦାନ କରିଥା'ନ୍ତି । ଏହି ପରିପ୍ରେକ୍ଷୀରେ ୧୯୭୩ ମସିହା ଜାନୁଆରୀରେ ମା'ଙ୍କ ପ୍ରକୋଷ୍ଠ ଭିତରେ ଘଟିଥିବା ଘଟଣାର ଅବତାରଣା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ଏହିପରି –

୧୯୭୨ ମସିହା ଅଗଷ୍ଟ ମାସ ପରେ ମା'ଙ୍କ ଦେହ ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା । ସେ ଅଧିକରୁ ଅଧିକ ଅନ୍ତର୍ଚେତନା ଭିତରକୁ ପ୍ରବେଶ କରୁଥିଲେ ଏବଂ ସେଠାରେ ନିଜର ଶରୀରର ଜୀବକୋଷମାନଙ୍କର ରୂପାନ୍ତର କରାଉଥିଲେ । ସେହି କାରଣରୁ ମା'ଙ୍କୁ ଦର୍ଶନ କରିବା ବା ଜନ୍ମଦିନମାନଙ୍କରେ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନଙ୍କୁ ମା'ଙ୍କ ପ୍ରକୋଷ୍ଠକୁ ପ୍ରବେଶ କରିବାକୁ ଅନୁମତି ମିଳୁଥିଲେ ମଧ୍ୟ ପଦ ସ୍ପର୍ଶକରିବା ବା କୋଳରେ ମୁଣ୍ଡ ରଖିବାକୁ ବାରଣ କରାଯାଇଥିଲା ।

୧୯୭୩ ମସିହା ଜାନୁଆରୀ ମାସର କଥା । ସେହି ଦିନ ଥିଲା ଆଶ୍ରମର ଅନ୍ତେବାସୀ ଜନୈକ ବରିଷ୍ଠ ସାଧକଙ୍କର ଜନ୍ମଦିନ । ସେ ସବୁ ଜନ୍ମଦିନ ପରି ମା'ଙ୍କ ପ୍ରକୋଷ୍ଠକୁ ନଯାଇ ମା'ଙ୍କ ସେକ୍ରେଟାରୀ ମାଧବ ପଣ୍ଡିତଜିଙ୍କ ପାଖକୁ ଯାଇ, ମା'ଙ୍କ ପାଦପଦ୍ମରେ ନିବେଦନ କରିବାକୁ ଆଣିଥିବା ପୁଷ୍ପ ଓ ପ୍ରଣାମୀ ଦେଇ ଅନୁରୋଧ କରି କହିଲେ ଏହାକୁ ମା'ଙ୍କୁ ଅର୍ପଣ କରିଦେବା ପାଇଁ । ମାଧବଜି ତାଙ୍କ ସ୍ୱଭାବ ସୁଲଭ ହସ ହସ ମୁହଁରେ ସେସବୁକୁ ଗ୍ରହଣ କଲେ ଏବଂ କହିଲେ, ''ଦେଖନ୍ତୁ, ମୁଁ ତୁମର ପ୍ରଣାମୀ ଓ ଫୁଲ ମା'ଙ୍କୁ ଅର୍ପଣ କରିଦେବି, କିନ୍ତୁ ତୁମେ ମା'ଙ୍କ ପ୍ରକୋଷ୍ଠ ବାହାରେ ଥିବା 'ଟେରାସ୍'ରେ ଯେଉଁଠାରେ ଅନ୍ୟମାନେ ବସିଛନ୍ତି ସେଠାରେ ବସି ଅପେକ୍ଷା କର, ଯଦି ଚମ୍ପକଲାଲ ତୁମ ନାମ ଡାକନ୍ତି ତା'ହେଲେ ଭିତରକୁ ଯିବ ।''

ସାଧକ ଜଣକ 'ଟେରାସ୍'ରେ ବସିଥା'ନ୍ତି ଏବଂ ମନେ ମନେ ଭାବୁଥା'ନ୍ତି, ''ଯଦି ମା ମୋତେ ଡାକନ୍ତି ତାହାହେଲେ ମୁଁ ମା'ଙ୍କର ମାତ୍ର ଗୋଟିଏ ମିନିଟ ନେବି, ଅବିଳମ୍ବେ ପ୍ରଣାମ କରି ଚାଲିଆସିବି ।'' ଠିକ୍ ସେହି ସମୟରେ ଚମ୍ପକଲାଲ ତାଙ୍କ ନାଁ ଧରି ଡାକିଲେ । ସେ ତରବର ହୋଇ ଭିତରକୁ ଗଲେ, ଯଥାଶୀଘ୍ର ମା'ଙ୍କୁ ନିଜର ପ୍ରଣାମୀ ଓ ପୁଷ୍ପ ଅର୍ପଣ କରିବା ସହ ପ୍ରଣାମ କରି ଜନ୍ମଦିନର କାର୍ଡ଼ ନେଇ ଫେରି ଆସୁଥିବା ସମୟରେ ତାଙ୍କ ମୁଣ୍ଡ ମା'ଙ୍କର ଆଣ୍ଠୁରେ ବାଜିଗଲା । ଖୁବ୍ ତରବର ହୋଇ ସେ ପ୍ରକୋଷ୍ଠ ବାହାରକୁ ଚାଲିଆସିଲେ ଏବଂ ପାହାଚରେ ତଳକୁ ଓହ୍ଲାଇ ଆସୁଥିଲେ । ଏହି ସମୟରେ ଚମ୍ପକଲାଲ ପଛରୁ ଡାକିଲେ, ''ଶୁଣ, ମା ତୁମକୁ ଡାକୁଛନ୍ତି ।'' ସେ ଫେରି ଆସିଲେ ଏବଂ ମା'ଙ୍କ ପ୍ରକୋଷ୍ଠ ମଧ୍ୟକୁ ପୁନଃ ପ୍ରବେଶ କଲେ । ଠିକ୍ ସେତିକିବେଳେ ଚମ୍ପକଲାଲ ପ୍ରଥମ ଥର ପାଇଁ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ସଂସ୍କୃତ ଭାଷାରେ କହିଲେ, ''ଶୁଭ ଜନ୍ମଦିନମ୍'' ।

ଏହା ପରେ ଯାହା ଘଟିଲା ତାହା ଏକ ରୋମାଞ୍ଚ ସୃଷ୍ଟିକାରୀ ତଥା ଦିବ୍ୟାନନ୍ଦର ପ୍ଲାବନ ସୃଷ୍ଟି କରୁଥିବା ଏକ ଘଟଣା । ତାହାହେଲା ଚମ୍ପକଲାଲ ଦିବ୍ୟଜନନୀ ଶ୍ରୀମାଙ୍କ ଦିବ୍ୟ ପୁଷ୍ପକୋମଳ ପଦଯୁଗଳ ଉପରୁ ପବିତ୍ର ଶୁଭ୍ର ଆବରଣ-ବସ୍ତ୍ରଟିକୁ ଟେକି ନେଲେ । ସମ୍ମୁଖରେ ଉନ୍ମୁକ୍ତ ଦିବ୍ୟ, ଅଭୟ-ପ୍ରଦାନକାରୀ ଶ୍ରୀପୟର; ଚମ୍ପକଲାଲ କହୁଛନ୍ତି, ''ପ୍ରଣାମ କର'' । ଦିବ୍ୟଜନନୀଙ୍କର ଏତାଦୃଶ ଅପ୍ରତ୍ୟାଶିତ ଦୟା, କରୁଣା ଓ ଅନୁକମ୍ପାକୁ ସମ୍ମୁଖରେ ଦର୍ଶନ କରି ଉକ୍ତ ସାଧକଙ୍କର ହୃଦୟ ଦିବ୍ୟାନନ୍ଦରେ ପ୍ଲାବିତ ହେବାକୁ ଲାଗିଲା, ଚକ୍ଷୁଦ୍ୱୟରୁ ପ୍ରବହମାନ ଆନନ୍ଦର ଅଶ୍ରୁଧାରା । କାଳବିଳମ୍ବ ନକରି ସେ କାର୍ପେଟ ଉପରେ ଲମ୍ବ ହୋଇ ଶୋଇ ପଡ଼ିଲେ ଏବଂ ମା'ଙ୍କ ଅଭୟ, ଉନ୍ମୁକ୍ତ ପଦଯୁଗଳ ଉପରେ ନିଜର ମଥାଟିକୁ ଥାପି ଦେଲେ ଏବଂ ଛୋଟ ଶିଶୁଟିଏ ପରି କଇଁକଇଁ ହୋଇ କାନ୍ଦିବାକୁ ଲାଗିଲେ । ଦିବ୍ୟଜନନୀ ସେହିପରି ଅବସ୍ଥାରେ ତଳକୁ ନଇଁପଡ଼ି ତାଙ୍କ ମସ୍ତକ ଉପରେ ନିଜ ଅଭୟ ହସ୍ତଟିକୁ ସ୍ଥାପନପୂର୍ବକ ଆଶୀର୍ବାଦ କଲେ । ଏତାଦୃଶ ଅବସ୍ଥାରେ ପୂର୍ବ ଜନ୍ମଦିନର ଦର୍ଶନଠାରୁ ବହୁତ ଅଧିକ ସମୟ ଧରି ମା ନିଜ କର ସ୍ପର୍ଶରେ ଆଶୀର୍ବାଦ ପ୍ରଦାନ କରିଥିଲେ । ତତ୍ପରେ ପୂର୍ବବର୍ଷ ପରି ''Divine Love'' ନାମକ ସୁନ୍ଦର ପୁଷ୍ପଟିକୁ ତାଙ୍କ ହାତକୁ ବଢ଼ାଇ ଦେଲେ । ମା'ଙ୍କ ଚକ୍ଷୁଦ୍ୱୟକୁ ଚାହିଁଥିବା ସମୟରେ ତାଙ୍କ ଭିତରେ ଏପରି ଏକ ଅନୁଭବ ଆସିଲା, ''ଏହା ବୋଧହୁଏ ମା'ଙ୍କୁ ତାଙ୍କର ଶେଷ ପ୍ରଣାମ !'' ।

ଆଲୋଚ୍ୟ ଫେବ୍ରୁଆରୀ ୮ ତାରିଖ, ୧୯୧୩ ମସିହାର ପ୍ରାର୍ଥନାଟିର ଏହାହିଁ ଅନ୍ତଃସ୍ୱର । ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ମା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ଭଗବାନଙ୍କର 'କୃପା' ଅସୀମ, ତାହା କେବେ ହେଲେ ଆମକୁ ଛାଡ଼ି ଯାଏ ନାହିଁ । ଏହାହିଁ ''Taste of the Grace'' ବା ଅନୁକମ୍ପାର ସ୍ୱାଦ ।

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା

(୨) Musing on the Mother's Prayers and Meditations, Volume - I, Shyam Kumari

# ପ୍ରଣତି ଘେନ ମା 'ନବପ୍ରକାଶ'ର

## ହୃଷୀକେଶ ପଣ୍ଡା

ମା ! ତୁମ ପାଦ ତଳର
କେରାଏ ଘାସ ଫୁଲ ମୁଁ,
ପରିଚୟ ମୋ' 'ନବପ୍ରକାଶ'
ତୁମରି ଆଶିଷ ଲଭି
ଦିନେ ଅକସ୍ମାତ ଅଙ୍କୁରିତ ହେଲି
ଅର୍ଦ୍ଧ ଶତାବ୍ଦୀ ତଳେ
'ନବଜ୍ୟୋତି' ପ୍ରକାଶନର
ନବ ପ୍ରେରଣାରେ ।

'କେବଳ ସତ୍ୟ'କୁ ଆଶ୍ରୟ କରି
ବଞ୍ଚିଛି ମୁଁ ଆଜି ଯାଏଁ
ବାଣ୍ଟିବାକୁ ତୁମରି ମହିମା
ଅସୁମାରି ଗାଥା ।
ସାଉଁଟିଛି ଭକ୍ତ ହୃଦୟର
ଅକପଟ ସ୍ନେହ ଆଉ ଶ୍ରଦ୍ଧା ।

ତୁମ ଚେତନାର ବିପୁଳ ଉଲ୍ଲାସରେ
ଭିଜେ ହଜେ ମୋର କଳେବର
ତୁମ ପ୍ରେମର ବିମଳ ଆନନ୍ଦରେ
ବିମୋହିତ ମୋ' ସୃଷ୍ଟି ସମ୍ଭାର ।



ପ୍ରତି ବର୍ଷ, ପ୍ରତି ମାସ ପ୍ରତିଟି ମୁହୂର୍ତ୍ତ
ଯାତ୍ରା ମୋର ନୂଆ ସଂଧାନରେ ।

ଚଲା ପଥେ ପାଥେୟ ମୋ'
ଆଞ୍ଜୁଳାଏ ହସ ଓ ବିଶ୍ୱାସ
ମୋତେ ଆଉ ଜାଳି ପାରିବନି
ପ୍ରଚଣ୍ଡ ଗ୍ରୀଷ୍ମର ତାତି
ଭସାଇ ପାରିବ ନାହିଁ
ଅମାନିଆ ଝଡ଼ କି ବତାସ ।

ଭୂଇଁ ଯେତେ ଟାଙ୍ଗର ହେଲେ ବି
ମୁଁ କଅଁଳୁଥିବି ବାରବାର
ତୁମ ପାଦର କୋମଳ ସ୍ପର୍ଶରେ;
କହୁଥିବି ତୁମ କଥା
ଗାଉଥିବି ତୁମରି କବିତା ।

ପାଠକଙ୍କ ହୃଦୟ ରାଜ୍ୟରୁ
କୃତଜ୍ଞତା ଭରେ ମୋର ଏଇ
ନିବିଡ଼ ପ୍ରଣାମ, ହେ ଦିବ୍ୟ ଜନନି !
ଘେନିବ ମୋ ଜନ୍ମ ଦିବସରେ । ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୬୨)

## ସାହାନା ଦେବୀ

**ସାହାନା :** ମା'ଗୋ, ଏଥର କିନ୍ତୁ ବିଭିନ୍ନ ପ୍ରକାର ଆକ୍ରମଣ ସତ୍ତ୍ୱେ ନିଜର ଆନ୍ତର ଚେତନାକୁ ଠିକ୍ ରୂପେ ଧରି ରଖି ପାରିଥିଲି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ନିଶ୍ଚିତ ରୂପେ ଏକ ଖୁବ୍ ବଡ଼ କଥା ଯେ ଏଇସବୁ ଆକ୍ରମଣ ମଧ୍ୟରେ ବି ତୁମେ ତୁମର ଚେତନାକୁ ଠିକ୍ ରୂପେ ଧରି ରଖିବାକୁ ସକ୍ଷମ ହୋଇପାରିଥିଲ ।

(୧୭.୦୩.୩୭)

**ସାହାନା :** ଏହା ମଧ୍ୟରେ କେତେ ପ୍ରକାରର ବାଧାବିଘ୍ନସବୁ ଆସି ପୁଣି ଚାଲି ବି ଗଲା – କେତେ ପଡ଼ିଲି, ଉଠିଲି – ଅଭିଜ୍ଞତା, ଅନୁଭୂତି କିଛି ଲାଭ ମଧ୍ୟ ହେଲା । ବର୍ତ୍ତମାନ ସୁଦ୍ଧା ମୁଁ ସେଇସବୁ ଜିନିଷର କବଳରେ ପଡ଼ି ରହିଛି, ଯେଉଁସବୁ ଜିନିଷ ଆମର ପ୍ରକୃତିଗତ, ସ୍ୱଭାବର ମଜ୍ଜାଗତ କିଂବା କୁହାଯାଇପାରେ ଆମର ସ୍ୱଭାବ ଚରିତ୍ର ସେଇସବୁ ବିଷୟର ବଶରେ, ଯେଉଁମାନେ କେବଳହିଁ ସାଧନା ପଥରେ ଚାଲିବାରେ; (ଯେପରିକି ବାସନା, ଆସକ୍ତି, ନିମ୍ନ ପ୍ରକୃତିର ନାନା ପ୍ରକାର ପ୍ରବୃତ୍ତି ଇତ୍ୟାଦି)ନାନାପ୍ରକାର ଅସୁବିଧା ଏବଂ ବାଧା ସୃଷ୍ଟି କରନ୍ତି । ଏଇସବୁର ଚେରସବୁ ମାଡ଼ି ଯାଇଛି ଆମ ଅନ୍ତରର ଅନେକ ଭିତରକୁ, ଏକେବାରେ ଗଭୀରକୁ; ସେଇ ଜାତୀୟ ଜିନିଷମାନଙ୍କଠାରୁ ଉଦ୍ଧାର ପାଇବା ପାଇଁ, ତାକୁ ଜୟ କରିବା, ନିର୍ମୂଳ କରିବା ଦିଗରେ ସଚେଷ୍ଟ ହେବାର ଏକ ବିଶେଷ ଚାପ ଅନୁଭବ କରୁଛି । ଆପଣମାନଙ୍କର ସାହାଯ୍ୟ ଏବଂ ଆଶୀର୍ବାଦକୁ ମସ୍ତକରେ ଧାରଣ କରି ସେଇ ଦିଗକୁ ମନ ବଢ଼ାଇବି କି ? ପାରିବି କି ? ଉପାୟ କ'ଣ ? ଆପଣମାନଙ୍କର ମତାମତ ଜାଣିବାକୁ ଇଚ୍ଛା ହେଉଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ନିଶ୍ଚୟ, ଯେତେଟା ସାହାଯ୍ୟ ସମ୍ଭବ ସବୁ ଦିଆଯିବ । ଯେଉଁ ଉପାୟର କଥା ତୁମେ ଜାଣିବାକୁ ଚାହୁଁଛ, ସେ ପଦ୍ଧତିର କଥା କହିଲେ ଦୁଇ ପ୍ରକାରରେ ତାହା କରାଯାଇପାରେ – ସେଥିରୁ ଗୋଟିଏ ହେଉଛି ବାଧାବିଘ୍ନକୁ ତା' ନିଜ କ୍ଷେତ୍ରରେହିଁ ଜୟ କରିବା, ଅନ୍ୟଟି ହେଉଛି ଆନ୍ତର ଉପଲବ୍ଧି ଆଡ଼କୁ ଧୀରେ ଧୀରେ ଅଗ୍ରଗତି କରି ଚାଲିବା ତାହା ଯେତେ ଦିନ ପର୍ଯ୍ୟନ୍ତ ନ ହୋଇଛି । ଏହା ଦ୍ୱାରା ତୁମେ ଏତେ ଶକ୍ତ ହୋଇ ଉଠିବ ଯେ ଯେଉଁସବୁ ଚେରମୂଳ, ଶାଖାପ୍ରଶାଖା କଥା ତୁମେ କହୁଛ ସେସବୁ ଭୂମିକୁ ଜୋର୍ କରି ଧରି ରଖିବା ଆଉ ସମ୍ଭବ ହେବ ନାହିଁ । ଏକ ସାଧାରଣ ତଥା ଅତ୍ୟନ୍ତ ସ୍ୱାଭାବିକ ପରିବର୍ତ୍ତନ ଭଳି ତାହା ସହଜରେ ଆପଣାଛାଏଁ ବହିର୍ଗତ ହୋଇଯିବ ।

(୧୯.୦୩.୩୭)

**ସାହାନା :** ବୁଝିପାରିଲି ବୋବାର ଶତ୍ରୁ ନାହିଁ, ତେଣୁ ବୋବା ହୋଇ ରହିବି ବୋଲି ଏବେଠାରୁ ସ୍ଥିର କରିଛି, ନହେଲେ କ'ଣ ଚିରଦିନ ନିମନ୍ତେ ଏକ ଗୋଳମାଳର ଉପାଦାନ (disturbing element) ହୋଇ ରହିବାକୁ ହେବ ଏଇସବୁକୁ ନେଇ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ନିଶ୍ଚିତରୂପେ ଏହିସବୁ ପରିସ୍ଥିତିରେ 'ନୀରବତା' ହେଉଛି ସର୍ବୋତ୍ତମ ଆଦର୍ଶର କଥା ।

(୧୩.୦୬.୩୭)

**ସାହାନା :** ମୁଁ ଭାବି ନେଇଥିଲି ଏ ଜନ୍ମ ପାଇଁ କଣ୍ଠସ୍ୱର ମୋର ଚାଲିଯାଇଛି । କେତେଥର ଯେ ଗୀତ ଛାଡ଼ି ଦେବାର ପ୍ରେରଣା ଆସିଥିଲା, ସେସମୟରେ ସଙ୍ଗେ ସଙ୍ଗେ କିନ୍ତୁ ବୁଝିଗଲି – ଗୀତ ତ ନିଜ ପାଇଁ ଗାଉ ନାହିଁ, ଗାଉଛି ଭଗବାନଙ୍କ ଉଦ୍ଦେଶ୍ୟରେ, ସବୁ କିଛି ତାଙ୍କ ନିକଟରେ ଅଜାଡ଼ି ଦେବି ବୋଲି । ତିନିମାସ ପରେ ବର୍ତ୍ତମାନ ଦେଖୁଛି ସୁଫଳ ମିଳିବାକୁ ଆରମ୍ଭ କରିଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ସାଧନା ପଥରେ ଏଇ ପ୍ରକାରର ସବୁକିଛି ସମସ୍ତଙ୍କ କ୍ଷେତ୍ରରେ ହୋଇଥାଏ; ଯେତେ ଦିନ ଲାଗୁ ପଛେ ତାହାକୁ ଅର୍ଜନ କରିବା ନିମନ୍ତେ ଲାଗି ରହିବାକୁ ହୁଏ ।

(୧୩.୦୬.୩୭)

**ସାହାନା :** ମୋର ମନେ ହୁଏ କ୍ରନ୍ଦନ ହେଉଛି ଏପରି ଏକ ଅବସ୍ଥା ଯାହା କି ଦ୍ୱାର ଖୋଲିଦିଏ ଆମ ଭିତରକୁ ଦୁର୍ବଳତାକୁ ପ୍ରବେଶ କରିବା ପାଇଁ, ସୁଯୋଗ ଦିଏ ସେଇ

ଶକ୍ତିମାନଙ୍କୁ ଯେଉଁ ଶକ୍ତି ଆମର ମନୋବଳକୁ ବାହାର କରି ନେଇଯାଏ ।

**ଶ୍ରୀଅରବିନ୍ଦଙ୍କ ପତ୍ର** : ଏହା ନିରାଟ ସତ୍ୟ ଯେ କ୍ରନ୍ଦନ ସେଇସବୁ ଶକ୍ତିକୁ ଭିତରକୁ ଆଣେ ଯାହାସବୁ ବାହାରେ ରହିବା କଥା । କାରଣ କ୍ରନ୍ଦନ ଆନ୍ତର ସଂଯମର ବନ୍ଧ ଭାଙ୍ଗିଦିଏ ଏବଂ ତାହା ହେଉଛି ପ୍ରାଣିକ ପ୍ରତିକ୍ରିୟା ଓ ଅହଂର ଅଭିବ୍ୟକ୍ତି । କେବଳ ଚୈତ୍ୟିକ କ୍ରନ୍ଦନହିଁ ଏଇସବୁ ଶକ୍ତି ନିକଟରେ ନିଜର ଦ୍ୱାର ଖୋଲେ ନାହିଁ – କିନ୍ତୁ ଚୈତ୍ୟ ଅଶ୍ରୁ ହେଉଛି ଯନ୍ତ୍ରଣାଶୂନ୍ୟ, ଭକ୍ତିର ଅଶ୍ରୁ, ଆଧ୍ୟାତ୍ମିକ ଆବେଗ ଅବା ଆନନ୍ଦର ଅଶ୍ରୁ ।

ତୁମର ଉପଲବ୍ଧିଟି ଅତି ସୁନ୍ଦର – ଆନ୍ତର ସତ୍ତା ଉପଲବ୍ଧି କରିଥିଲା ଯେ ତା' ଦ୍ୱାରାହିଁ ଜାଗ୍ରତ ଚେତନା ଏବଂ ଆଧ୍ୟାତ୍ମିକ ଚେତନା ଓ ଜୀବନର ସତ୍ୟ-ଭିତ୍ତି ପ୍ରତିଷ୍ଠିତ ହେବ ।

(୦୩.୦୭.୩୭)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ତୁମ ଜନ୍ମମାସେ ଆମର ସଂକଳ୍ପ

## ଧର୍ମକୁମାର ଶତପଥୀ

ଶାରଦୀୟ ଶୋଭା ଧରି ହେ ନବପ୍ରକାଶ !
ଅକ୍‌ଟୋବରେ ଆସେ ତୁମ ଶୁଭ ଜନ୍ମମାସ,
ମାଆର ରାଇଜୁ ଧରି ମାଆର ସନ୍ଦେଶ
ମାତୃ ସନ୍ତାନେ ବାଣ୍ଟୁଛ ପରମ ବିଶ୍ୱାସ ।

କବିତା ନିବନ୍ଧ ପୁଣି ଗଳ୍ପ ମାଧ୍ୟମରେ
ପରଶୁଛ  ଦିବ୍ୟଜ୍ଞାନ ଆମ ଗହଣରେ,
ଅମରଲୋକର କଥା ଅମର ଅକ୍ଷରେ,
ଆମ ମନ ଇଲାକାରେ ବିହ୍ୱଳତା ଭରେ ।

ଅଧ୍ୟାତ୍ମ ଜଗତେ ଯେଉଁ ତତ୍ତ୍ୱ ଚିରନ୍ତନ
ଅନୁଭବିବାକୁ ଭର ନିବିଡ଼ ସ୍ପନ୍ଦନ,
ଇପ୍ସିତ ହୃଦୟେ ଭର ବିପୁଳ ଜିଜ୍ଞାସା
ମହତ ଜୀବନ ପାଇଁ ଅପରୂପ ଲିପ୍ସା ।



ଅବିରାମେ ଚଳାଇ ଏ ମହତ ପ୍ରୟାସ
ଆମରି ନିକଟେ ଆସ ମାସ ପରେ ମାସ,
ବୁହାଉଛ ନିତ୍ୟ ସତ୍ୟ ଜ୍ଞାନ ଫଲ୍‌ଗୁ ଧାରା
ପରମ ଆନନ୍ଦେ ହୃଦ ହୁଏ ଆତ୍ମହରା ।

ହେ ବଂଧୁ ! ତୁମ ସାନ୍ନିଧ୍ୟ ଶୁଭେଚ୍ଛାର ସ୍ପର୍ଶେ
ଜୀବନର ନୂଆ ରାହା ହେଉ ଉନ୍ମୋଚିତ,
ହଜିଯାଉ ଯେତେ ଦ୍ୱନ୍ଦ୍ୱ ଆଉ ଦୁର୍ବଳତା
ଲଭୁ ଦିବ୍ୟକର୍ମୀ ପାଇଁ ନିରୋଳା ଯୋଗ୍ୟତା ।

ହେ ନିରଳସ ମାତୃକର୍ମୀ ସାଧନାରେ ବ୍ରତୀ
ଏ ଶୁଭ ଲଗନେ ଆମ ଏତିକି ମିନତି,
ଏ ଜୀବନ ହେଉ ମାତୃକର୍ମେ ନିୟୋଜିତ
ଅନ୍ତରେ ଗୁଞ୍ଜରୁ ସଦା 'ମାତୃନାମ' ମନ୍ତ୍ର । ❑

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୨୪)

## ଗୀତାର ବାଣୀ

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ : ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । ତେବେ ସେ ଜନପଦର ଅଭିଭାବକମାନେ ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ବସତି ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ବହୁ ନୂତନ ପ୍ରତିଭାର ସ୍ଫୁରଣ ହେଲା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । କିନ୍ତୁ ସେ ସ୍ୱୟଂ ମଞ୍ଚରୁ ଭୂପତିତ ହୋଇ ପ୍ରାଣତ୍ୟାଗ କଲା । ଅତଃପର କୃଷ୍ଣ, ବଳରାମ ଅବନ୍ତୀକୁ ପ୍ରେରିତ ହେଲେ ଏବଂ ଋଷି ସନ୍ଦୀପନଙ୍କ ଗୁରୁକୁଳରେ ଶିକ୍ଷା ସମାପନ କଲେ । ତେଣେ ପାଣ୍ଡବମାନଙ୍କ ନିଧନ ନିମନ୍ତେ ଷଡ଼୍‌ଯନ୍ତ୍ର କରି ସେମାନଙ୍କୁ ଏକ ଜତୁଗୃହରେ ରଖାଇ ତାକୁ ଭସ୍ମ କରିବାର ବ୍ୟବସ୍ଥା କଲା ଦୁର୍ଯ୍ୟୋଧନ । କିନ୍ତୁ ପାଣ୍ଡବମାନେ ଖାଲି ଖସିଗଲେ ସେତିକି ନୁହେଁ, ଦ୍ରୌପଦୀଙ୍କୁ ବିଭା ହେଲେ ଏବଂ କୃଷ୍ଣଙ୍କ ସହ ସେମାନଙ୍କର ହେଲା ନିବିଡ଼ ବନ୍ଧୁତା । ଇତି ମଧ୍ୟରେ ବିଦର୍ଭର ରାଜକନ୍ୟା ରୁକ୍ମିଣୀଙ୍କ ଆବେଦନ କ୍ରମେ ଶ୍ରୀକୃଷ୍ଣ ତାଙ୍କୁ ବିଭା ହେଲେ । ଅଗତ୍ୟା ଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ରାଜ୍ୟାଂଶ ଦେଲେ ଏବଂ ଇନ୍ଦ୍ରପ୍ରସ୍ଥ ହେଲା ସେମାନଙ୍କ ରାଜଧାନୀ । ରାଜସୂୟ ଯଜ୍ଞର ପ୍ରସ୍ତାବ ହୁଅନ୍ତେ ପ୍ରଥମେ ବହୁ ରାଜାଙ୍କୁ ନିର୍ମମ ଭାବେ ବନ୍ଦୀ କରିଥିବା ଜରାସନ୍ଧକୁ ନିଧନ କରି ବନ୍ଦୀମାନଙ୍କୁ ମୁକ୍ତ କରାଗଲା ଏବଂ ଯଜ୍ଞ ପୂର୍ବରୁ ଉଦ୍ଧତ ଶିଶୁପାଳର ମଧ୍ୟ ଅନ୍ତ ଘଟିଲା । ଶକୁନିର ଛଳନାରେ ପଶାଖେଳରେ ପରାସ୍ତ ଯୁଧିଷ୍ଠିର ପଣ ରଖିଥିବା ଦ୍ରୌପଦୀଙ୍କୁ ରାଜସଭାରେ ହିନସ୍ତା କରି ବିଫଳ ହେଲା ଦୁଃଶାସନ । କିନ୍ତୁ ପୁନର୍ବାର ପଶାଖେଳରେ ଯୁଧିଷ୍ଠିର ପରାଜିତ ହୁଅନ୍ତେ ସର୍ତ୍ତାନୁସାରେ ପାଣ୍ଡବମାନେ ବନବାସ ଗଲେ । ତହିଁ ଉତ୍ତାରୁ ଯୁଦ୍ଧ ବିନା ଗତ୍ୟନ୍ତର ନଥିଲା । ତା'ପରେ...]

ହସ୍ତିନାପୁରଠାରୁ କିଛି ଦୂରରେ ଥିଲା ସରୋବର ସମ୍ବଳିତ ଏକ ପ୍ରଶସ୍ତ ପ୍ରାନ୍ତର । ସୁଦୂର ଅତୀତରେ ଦିନେ ସେଠାରେ ପରଶୁରାମ କୌଣସି ଅନୁଷ୍ଠାନ କରିଥିଲେ । ପରବର୍ତ୍ତୀ କାଳରେ ଉଭୟ କୌରବ ଏବଂ ପାଣ୍ଡବମାନଙ୍କର ପୂର୍ବପୁରୁଷ ରାଜା କୁରୁଙ୍କ ଦ୍ୱାରା ସେଠାରେ ଗୋଟିଏ ବିଶେଷ ଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । ତାଙ୍କରି ସ୍ମୃତିରେ ପ୍ରାନ୍ତରଟିର ନାମ କୁରୁକ୍ଷେତ୍ର ଭାବରେ ବିଦିତ ଥିଲା । ସାଧୁସନ୍ଥମାନେ ତାକୁ ଧର୍ମକ୍ଷେତ୍ର ବୋଲି କହୁଥିଲେ ।

ବିଶ୍ୱାସ କରାଯାଉଥାଏ ସେଠାରେ ଯୁଦ୍ଧରେ କିଂବା ତପସ୍ୟାରତ ଥାଇ ଯିଏ ପ୍ରାଣତ୍ୟାଗ କରେ, ସେ ହୁଏ ମୋକ୍ଷପ୍ରାପ୍ତ ।

ଦୁଇ ପକ୍ଷ କୁରୁକ୍ଷେତ୍ରକୁହିଁ ପରସ୍ପର ଶକ୍ତି ପରୀକ୍ଷା ନିମନ୍ତେ ମନୋନୀତ କଲେ ।

ଇତି ମଧ୍ୟରେ ଉଭୟ ପକ୍ଷର ମିତ୍ର ରାଜାମାନେ ସେମାନଙ୍କ ସେନାନୀ ଓ ସେନାପତିମାନଙ୍କୁ ଯଥା ସ୍ଥାନମାନଙ୍କରେ ଏକତ୍ର କରିଥିଲେ । ଶ୍ରୀକୃଷ୍ଣଙ୍କ ପରାମର୍ଶ ଅନୁସାରେ ଯୁଧିଷ୍ଠିର ପାଞ୍ଚାଳର ଯୁବରାଜ ଧୃଷ୍ଟଦ୍ୟୁମ୍ନଙ୍କୁ ତାଙ୍କ ସେନାନୀର ଅଧ୍ୟକ୍ଷ ଦାୟିତ୍ୱ ଦେଲେ । କୌରବ ବାହିନୀର ଅଧ୍ୟକ୍ଷ ହେଲେ ମହାନ୍ ଭୀଷ୍ମ । ତେବେ ସେ ପ୍ରାଜ୍ଞ ବ୍ରହ୍ମଚାରୀ ଜଣାଇ ଦେଲେ ଯେ ସେ ପାଣ୍ଡବ ସେନାନୀ ସହ ସିନା ଲଢ଼େଇ କରିବେ, କୌଣସି ପାଣ୍ଡବ ଭ୍ରାତାଙ୍କୁ କଦାପି ଆକ୍ରମଣ କରିବେ ନାହିଁ ।

ସେତେବେଳର ବିଶାଳ ଭୂଖଣ୍ଡ ଭାରତବର୍ଷ ବହୁ ରାଜ୍ୟର ସମଷ୍ଟି ଥିଲା । ସମସ୍ତ ରାଜା କିନ୍ତୁ ସମଗ୍ର ଦେଶକୁ ମାତୃଭୂମି ମନେ କରୁଥିଲେ । ଯେକୌଣସି ରାଜ୍ୟରେ କିଛି ବିଶେଷ ଘଟଣା ଘଟିଲେ ସେଥିରେ ସମୁଦାୟ ରାଜନ୍ୟଗୋଷ୍ଠୀ ସମ୍ପୃକ୍ତ ରହୁଥିଲେ ।

କୌରବ-ପାଣ୍ଡବ ସମର ନାନା ଭାବରେ ସମଗ୍ର ଭୂଖଣ୍ଡକୁ ପ୍ରଭାବିତ କରିବା ସ୍ୱାଭାବିକ ବୋଲି ସେମାନେ ବୁଝୁଥିଲେ । ଯଥା ସମୟରେ ପ୍ରତ୍ୟେକ ରାଜା ନିଜ ନିଜ ବାହିନୀ ଓ ଯୁଦ୍ଧ ତଥା ଜୀବନଯାତ୍ରା ଉପକରଣମାନ ଧରି କୁରୁକ୍ଷେତ୍ରର ଉପାନ୍ତ ଅଞ୍ଚଳମାନଙ୍କରେ ଶିବିର ସ୍ଥାପନ କଲେ । ନାନା ରଙ୍ଗର ଓ ନାନା ପ୍ରତୀକ ସମ୍ବଳିତ ସେମାନଙ୍କ ରଥଧ୍ୱଜାମାନ ଦୂରଦୂରାନ୍ତରକୁ ଦେଖାଯାଉଥାଏ । ସେମାନଙ୍କ ବାହିନୀମାନ ସମେତ ଅଶ୍ୱ ଓ ହସ୍ତୀଗଣ ସେ ମୁଲକକୁ ଏକ ନାହିଁ ନ ଥିବା ରୂପ ଦେଇଥା'ନ୍ତି ।

ଉଭୟ ପକ୍ଷ କେତୋଟି ନିୟମ ପାଳନ କରିବାକୁ ଶପଥାବଦ୍ଧ ହେଲେ : ଅସ୍ତ୍ରଚ୍ୟୁତ ଯୋଦ୍ଧାକୁ କଦାପି ଆଘାତ କରାଯିବ ନାହିଁ । ଯିଏ ପଳାୟମାନ, ତାକୁ ଆକ୍ରମଣ କରାଯିବ ନାହିଁ । ସୂର୍ଯ୍ୟାସ୍ତ ସଙ୍ଗେ ସଙ୍ଗେ ଯୁଦ୍ଧ ସ୍ଥଗିତ ରହିବ । ତତ୍ପରେ ଦୁଇ ପକ୍ଷ ପରସ୍ପର ସ୍ୱାଭାବିକ ଆଚରଣ କରିବେ – ପରବର୍ତ୍ତୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ।

ଅବଶେଷରେ ଯୁଦ୍ଧାରମ୍ଭ ସକାଶେ ପ୍ରସ୍ତାବିତ ଦିବସର ପ୍ରଭାତ ହେଲା । ସୂର୍ଯ୍ୟୋଦୟ ପରେ ପରେ ଦୁଇ ପକ୍ଷ ପରସ୍ପର ମୁହାଁମୁହିଁ ସ୍ଥିର ରହିଲେ । ତେବେ ଭିନ୍ନ ଭିନ୍ନ ବାଦ୍ୟର ନିନାଦ ବାତାବରଣକୁ ଆଗତ ପ୍ରାୟ ସଂଘର୍ଷ ସକାଶେ ପ୍ରସ୍ତୁତ କରୁଥାଏ ।

ହଠାତ୍ ଦେଖାଗଲା ଯୁଧିଷ୍ଠିର ତାଙ୍କ ବର୍ମ ଉତାରି ଏବଂ ଅସ୍ତ୍ର ରଥ ଉପରେ ଛାଡ଼ି କୌରବ ପକ୍ଷ ଆଡ଼େ ଧାବମାନ ହେବାକୁ ଉଦ୍ୟତ । ତାଙ୍କ ବିସ୍ମିତ ଭ୍ରାତାମାନେ ତାଙ୍କ ପାଖକୁ ଆସି ଉତ୍କଣ୍ଠାଭରେ ପ୍ରଶ୍ନ କଲେ, ''କଥା କ'ଣ ? ଶତ୍ରୁ ସହ ଏତେବେଳେ ଆଉ କଥାବାର୍ତ୍ତାର ଅର୍ଥ କ'ଣ ?''

ଯୁଧିଷ୍ଠିର ନିରୁତ୍ତର ରହିଲେ । କିନ୍ତୁ ସ୍ମିତହସ ସହକାରେ ଶ୍ରୀକୃଷ୍ଣ ସେମାନଙ୍କୁ କହିଲେ, ''ଚିନ୍ତା କର ନାହିଁ । ସେ ଆତ୍ମସମର୍ପଣ ବା ମିଳାମିଶା ପାଇଁ କୌଣସି ନୂଆ ପ୍ରସ୍ତାବ ଧରି ଯାଉ ନାହାନ୍ତି । ପାଣ୍ଡବ ପକ୍ଷର ବିଜୟ ସୁନିଶ୍ଚିତ କରିବା ତାଙ୍କର ଆଭିମୁଖ୍ୟ !''

ଯୁଧିଷ୍ଠିର ପ୍ରଥମେ ଯାଇ ଭୀଷ୍ମଙ୍କୁ ପ୍ରଣିପାତପୂର୍ବକ ତାଙ୍କ ଆଶିଷ ଭିକ୍ଷା କଲେ ।

''ପୁତ୍ର ! ତୁମେ ବିଜ୍ଞ ! ଯାଅ, ଯୁଦ୍ଧ କର । ନ୍ୟାୟରହିଁ ବିଜୟ ହେବ !'' କହିଲେ ଭୀଷ୍ମ ।

ପରେ ପରେ ଯୁଧିଷ୍ଠିର ତାଙ୍କ ଅସ୍ତ୍ରଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ ସମ୍ମାନାସ୍ପଦ କୃପାଚାର୍ଯ୍ୟ ଏବଂ ଶଲ୍ୟଙ୍କ ପାଖରୁ ଆଶିଷ ଆଣି ନିଜ ରଥକୁ ପ୍ରତ୍ୟାବର୍ତ୍ତନ କଲେ ।

ସେ ଯେ ଖାଲି ନମ୍ରତାର ଦୃଷ୍ଟାନ୍ତ ରଖିଲେ ସେତିକି ନୁହେଁ, ସେ ହାସଲ କଲେ ଏକ ନୈତିକ ବିଜୟ । ଗୁରୁଜନମାନେ ବିରୋଧୀ ପକ୍ଷରେ ରହିଲେ ମଧ୍ୟ ତାଙ୍କ ସୌଜନ୍ୟ ଦ୍ୱାରା ପ୍ରଭାବିତ ହେଲେ । ସେମାନେ ତ ବୁଝୁଥିଲେ ଯେ ପାଣ୍ଡବମାନଙ୍କ ପ୍ରତି ଗଭୀର ଅବିଚାର କରାଯାଇଛି ।

ଅର୍ଜୁନଙ୍କ ରଥର ସାରଥୀ ରୂପେ ଅଶ୍ୱମାନଙ୍କର ଲଗାମ ଧରିଥିଲେ ଶ୍ରୀକୃଷ୍ଣ । ଅର୍ଜୁନ ତାଙ୍କୁ ଶତ୍ରୁପକ୍ଷ ଆଗ ଦେଇ ଥରେ ରଥଚାଳନା କରିବାକୁ ଅନୁରୋଧ କଲେ । ଶ୍ରୀକୃଷ୍ଣ ସେତକ କରିସାରିବା ମାତ୍ରେ ଅର୍ଜୁନ ହଠାତ୍ ବିଷଣ୍ଣ କଣ୍ଠରେ କହିଲେ, ''ହେ କୃଷ୍ଣ ! କାହିଁକି ମୁଁ ଏହି ଗୁରୁଜନ ତଥା ଆତ୍ମୀୟମାନଙ୍କ ବିରୋଧରେ ଅସ୍ତ୍ରଚାଳନା କରିବି ? ପ୍ରବଳ ରକ୍ତପାତ ଅନ୍ତେ ଆମର ବିଜୟ ହେଲେ ମଧ୍ୟ ସେ ଆନନ୍ଦକୁ ବହୁ ମାତ୍ରାରେ ବଳିଯିବ ଜ୍ଞାତିହତ୍ୟାଜନିତ ବିଷାଦ ।''

ଶ୍ରୀକୃଷ୍ଣ ଶାନ୍ତ ଭାବରେ ଅର୍ଜୁନଙ୍କୁ ବୁଝାଇଲେ, ସେଭଳି ଆବେଗ ସାଧାରଣ ମଣିଷଙ୍କଠାରୁ ଆଶା କରାଯାଏ; ଅର୍ଜୁନ ଅସାଧାରଣ; ସେ ଅସାଧାରଣ କାର୍ଯ୍ୟ ସକାଶେ ଅଭିପ୍ରେତ । ଭାବପ୍ରବଣତାର ଊର୍ଦ୍ଧ୍ୱକୁ ଯାଇ ତାଙ୍କୁ ଯୁଦ୍ଧ କରିବାକୁ ପଡ଼ିବ – ଯେହେତୁ ସମାଜରେ ନ୍ୟାୟ ଓ ସତ୍ୟର ପ୍ରତିଷ୍ଠା ସକାଶେ ଏ ଯୁଦ୍ଧ ଅପରିହାର୍ଯ୍ୟ ।

କିନ୍ତୁ ଏହାହିଁ ତାଙ୍କ ଅସ୍ତ୍ରଧାରଣ ସପକ୍ଷରେ ଏକମାତ୍ର ଯୁକ୍ତି ନୁହେଁ । ଶ୍ରୀକୃଷ୍ଣ ତାଙ୍କୁ ହୃଦୟଙ୍ଗମ କରାଇ ଦେଲେ ଯେ ତାଙ୍କର ଏ ବିଷାଦ ଭାବର ଭିତ୍ତି ହେଲା ତାଙ୍କ ଅହଂ । ସେ ଅହଂ ବିସର୍ଜନ ଦେଇ ଏ କର୍ମ କରିବା ଚାହି । ସେ ନିଜ ସ୍ୱାର୍ଥ ବା ସନ୍ତୋଷ ସକାଶେ ଏ ଯୁଦ୍ଧରେ ପ୍ରବୃତ୍ତ, ତାଙ୍କୁ ଏ ଧାରଣାର ଊର୍ଦ୍ଧ୍ୱକୁ ଯିବାକୁ ପଡ଼ିବ । ଏକ ମହତ୍ ଭାଗବତ ଯୋଜନା କାର୍ଯ୍ୟକାରୀ ହେଉଛି । ସେ ଦିବ୍ୟଶକ୍ତିର ଆୟୁଧ ରୂପେ ହିଁ ସେ ଯୋଜନାର ସାଫଲ୍ୟ ପ୍ରତି ଅବଦାନ ଦେଉଛନ୍ତି । ସେ ଯଦି ଏହି ଚେତନାରେ ରହିପାରିବେ, ତେବେ ତାଙ୍କୁ କ'ଣ କରିବାକୁ

ପଡୁଛି, ସେପାଇଁ ତାଙ୍କୁ ଉଦ୍‌ବିଗ୍ନତା ବା ବିଷାଦ ବିଚଳିତ କରିବ ନାହିଁ । ଯେଉଁ ସ୍ତରର ବା ଯେଉଁ ପ୍ରକାରର କାର୍ଯ୍ୟ କରିବାକୁ ପଡୁ ନା କାହିଁକି, ସେ ମନରେ ସମତା ସହ ତାହା ନିର୍ବାହ କରିପାରିବେ ।

ସାଧାରଣ ଲୋକେ ନିଜ ନିଜ କାମନାବାସନାର ପରିପୂର୍ତ୍ତି ନିମନ୍ତେ କର୍ମ କରନ୍ତି । ଯଦି ଆକାଂକ୍ଷିତ ଫଳ ନ ମିଳିବ, ତେବେ ସେମାନେ ହତାଶ ହେବେ । କିନ୍ତୁ ଯିଏ ନିଜକୁ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କୁ ସମର୍ପଣ କରିଦେଇ କର୍ମ କରୁଥାଏ – ଅର୍ଥାତ୍ ଭଗବାନଙ୍କ କର୍ମ ହିଁ କରୁଥାଏ – ସେ ସର୍ବଦା ଶାନ୍ତ ଓ ନିରୁଦ୍‌ବିଗ୍ନ ଥାଏ । ସଫଳତା ତାକୁ ଉତ୍‌ଫୁଲ୍ଲ କରେ ନାହିଁ କି ବିଫଳତା ତାକୁ ହତୋତ୍ସାହ କରେ ନାହିଁ । କାରଣ କର୍ମଫଳ ସେ ଭଗବାନଙ୍କଠିଁ ନ୍ୟସ୍ତ କରିଥାଏ ।

ଅହିଂସା ଏକ ମହତ୍ ଆଦର୍ଶ । କିନ୍ତୁ ଯେ ଯାବତ୍ ହିଂସା ଓ କୁଶକ୍ତି କାର୍ଯ୍ୟରତ ଥିବେ, ସେ ଯାଏ ସେମାନଙ୍କୁ ଶକ୍ତି ଦ୍ୱାରା ଦମନ କରିବାକୁ ହିଁ ହେବ । କିନ୍ତୁ ଯିଏ ଭଗବାନଙ୍କ ଆୟୁଧରେ ପରିଣତ, ସିଏ ମନରେ ହିଂସା ବା ଘୃଣାଭାବ ପୋଷଣ କରୁ ନଥାଏ; ସେ ନିଜ ଆତ୍ମାର ନିର୍ଦ୍ଦେଶରେହିଁ କର୍ମରତ ଥାଏ । ସେ ପ୍ରବଳ ପରାକ୍ରମ ପ୍ରକାଶ କରିପାରେ ନିଜେ ହିଂସା ମୁକ୍ତ ରହି ।

ଶ୍ରୀକୃଷ୍ଣ ଆହୁରି ମଧ୍ୟ ସ୍ପଷ୍ଟ କରିଦେଲେ ଯେ ମୃତ୍ୟୁ ଚେତନାର ଅନ୍ତ ନୁହେଁ । ମଣିଷ ଜୀର୍ଣ୍ଣ ପରିଚ୍ଛଦ ତ୍ୟାଗ କରି ନୂତନ ପରିଚ୍ଛଦ ଗ୍ରହଣ କଲା ପ୍ରାୟ ଆତ୍ମା ଗୋଟିଏ କଳେବର ତ୍ୟାଗ କରି ଅନ୍ୟ କଳେବର ଗ୍ରହଣ କରେ । ଆତ୍ମା ଅମର । ଯିଏ ଆତ୍ମା ଉପଲବ୍ଧି କରେ ସିଏ ଜାଣେ ଯେ ସେ ଅମର ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ ବିଶ୍ୱରୂପ ପ୍ରଦର୍ଶନ କଲେ ମୁହୂର୍ତ୍ତକ ସକାଶେ । ବିସ୍ମୟାଭିଭୂତ, ଚମକୃତ ଅର୍ଜୁନ ଦେଖିଲେ ତଥା ଉପଲବ୍ଧି କଲେ ଶ୍ରୀକୃଷ୍ଣ ଚରାଚରବ୍ୟାପ୍ତ ମହାଶକ୍ତି – ଯାହା ଭିତରେ ସମ୍ଭବ ହେଉଛି ସୃଷ୍ଟି ଓ ବିଲୟ । ସେ କୋଟି ସୂର୍ଯ୍ୟ ସମ ପ୍ରଜ୍ୱଳ । ତାଙ୍କରି ସର୍ବବ୍ୟାପ୍ତି ଭିତରେ ଗ୍ରହ ନକ୍ଷତ୍ରମାନଙ୍କର ଅଭ୍ୟୁଦୟ ଏବଂ ସମାପ୍ତି ଚାଲିଥାଏ ଅହରହ । ସେ ଅନନ୍ତ ତଥା ଶାଶ୍ୱତ ।

ଅର୍ଜୁନ ଉପଲବ୍ଧି କଲେ – ନିଜର ସୀମିତ ଧ୍ୟାନ ଧାରଣାର ଊର୍ଦ୍ଧ୍ୱକୁ ଯାଇ ପରମ ଭାଗବତ ଶକ୍ତି ପାଖରେ ଆତ୍ମସମର୍ପଣହିଁ ସର୍ବୋଚ୍ଚ ପ୍ରଜ୍ଞା । ଯେତେବେଳେ ଜଣେ ସେହି ପର୍ଯ୍ୟାୟକୁ ଉନ୍ନୀତ ହୁଏ ସେତେବେଳେ ସେ କର୍ମ-ବନ୍ଧନରୁ, କର୍ମଫଳ ଭୋଗରୁ ମୁକ୍ତ ହୁଏ । ପୂର୍ବକୃତ ପାପ ଯୋଗୁଁ ତାକୁ ଯନ୍ତ୍ରଣା ଭୋଗିବାକୁ ପଡ଼େ ନାହିଁ । ଜଣେ ଯେଉଁ କର୍ମ କଲେ ମଧ୍ୟ ତାହା ହୋଇଥାଏ ଦିବ୍ୟ ଯୋଜନାର ଅନ୍ତର୍ଭୁକ୍ତ ।

ଶ୍ରୀକୃଷ୍ଣଙ୍କର ଏତାଦୃଶ ବକ୍ତବ୍ୟ 'ଗୀତା' ନାମରେ ବିଶ୍ୱବିଦିତ । ହଜାର ହଜାର ବର୍ଷ ଧରି ତାହା ଜିଜ୍ଞାସୁମାନଙ୍କ ପ୍ରଶ୍ନର ଉତ୍ତର ଦେଇଛି; ଆମର ବିଶ୍ୱାସକୁ ବଜାୟ ରଖିଛି ।

ରହସ୍ୟମୟ କାଳର ବହୁ ଧାରା ରହିଛି । ଆମେ ଯେମିତି ସ୍ୱପ୍ନରେ ବହୁ ସମୟ ବ୍ୟାପ୍ତ ଘଟଣା ମୁହୂର୍ତ୍ତକ ଭିତରେ ଦେଖି ପାରୁଁ, ସେମିତି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସେହି ଭଳି ଏକ ସ୍ତରକୁ ନେଇ ଅଳ୍ପ ସମୟ ଭିତରେ ତାଙ୍କୁ ପ୍ରଜ୍ଞା-ପ୍ରଦୀପ୍ତ କରିଥିବେ । ସେ ସଂଳାପ ଶେଷରେ ଅର୍ଜୁନ ଅପୂର୍ବ ଉତ୍ସାହରେ ଅଥଚ ପ୍ରଶାନ୍ତ ଚିତ୍ତରେ ରଣଭୂମିରେ ହେଲେ କର୍ମଚଞ୍ଚଳ ।

ଉଭୟ ଶିବିରରୁ ଶଙ୍ଖ ଏବଂ ତୁରୀଧ୍ୱନି ହେଲା । ସ୍ପନ୍ଦିତ ହେଲା ବାତାବରଣ । ଆରମ୍ଭ ହେଲା ଯୁଗାନ୍ତକାରୀ ମହାଭାରତ ଯୁଦ୍ଧ ।

(କ୍ରମଶଃ)

❑❑❑

କୁରୁକ୍ଷେତ୍ରରେ ସଂଘଟିତ ହୋଇଥିବା ସମ୍ବାଦଟି ହେଉଛି ଭଗବଦ୍‌ଗୀତାର ସମ୍ବାଦ ।

ଶ୍ରୀଅରବିନ୍ଦ ଗୀତାର ସନ୍ଦେଶକୁହିଁ ମନୁଷ୍ୟସମାଜକୁ ତା'ର ମୁକ୍ତି ଆଡ଼କୁ ଅଧିକରୁ ଅଧିକ ପରିମାଣରେ ପରିଚାଳିତ କରି ଆଣିଥିବା ଏବଂ ଭବିଷ୍ୟତରେ ମଧ୍ୟ ପରିଚାଳିତ କରିନେବାକୁ ରହିଥିବା ସେହି ମହାନ୍ ଆଧ୍ୟାତ୍ମିକ ଉଦ୍‌ବେଳନ-ଧାରାର ଭିତ୍ତିରୂପେ ବିଚାର କରିଛନ୍ତି; ଅର୍ଥାତ୍, ମନୁଷ୍ୟଜାତି ଯେପରି ମିଥ୍ୟା ଏବଂ ଅଜ୍ଞାନରୁ ନିଷ୍କୃତି ଲାଭ କରି ସତ୍ୟ ଆଡ଼କୁ ଅଗ୍ରସର ହୋଇପାରିବ, ଶ୍ରୀଅରବିନ୍ଦ ଗୀତାକୁ ତାହାର ଆଧାର ବୋଲି ବିଚାରିଛନ୍ତି । (ମାତୃରଚନାବଳି, ଦଶମ ଖଣ୍ଡ, ପୃ. ୮୮) – ଶ୍ରୀମା

# ଆମ ଶରୀର

## (୨୧)

## ଭୋଳେଶ୍ୱର ଭୂୟାଁ

### ଶରୀର ରୂପାନ୍ତର ପାଇଁ ଆମର ପ୍ରସ୍ତୁତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଶରୀର ରୂପାନ୍ତର ପାଇଁ ଆଜି ସବୁ ଦିଗରୁ ପ୍ରସ୍ତୁତି ଓ ଆୟୋଜନ ଚାଲିଛି । ଭଗବାନଙ୍କ ଦିଗରୁ ଯୁଗ ପରିବର୍ତ୍ତନର ଦେବମୁହୂର୍ତ୍ତର ବାତାବରଣ ତିଆରି ହୋଇଛି । ଯେଉଁ ଦେବମୁହୂର୍ତ୍ତରେ ଏହି କଳିଯୁଗର ଅକ୍ଷମ ମଣିଷକୁ ଭଗବାନଙ୍କୁ ପାଇବା ପାଇଁ ଆଉ କଠିନ ସାଧନା କରିବାକୁ ପଡ଼ିବ ନାହିଁ । ଏହି ଦେବମୁହୂର୍ତ୍ତରେ ସମସ୍ତ ଦେବଦେବୀ ଜାଗ୍ରତ୍ ହୋଇ ରହିଛନ୍ତି ମଣିଷକୁ ଏହି ମହାନ୍ ରୂପାନ୍ତର କାମରେ ସାହାଯ୍ୟ କରିବା ପାଇଁ । ଅନ୍ୟ ଦିଗରେ ଶ୍ରୀମାଶ୍ରୀଅରବିନ୍ଦ ଯୁଗ୍ମ ଅବତାର ରୂପେ ଏହି ପୃଥିବୀରେ ଆବିର୍ଭାବ ହୋଇ ରୂପାନ୍ତର ପାଇଁ ଆବଶ୍ୟକ ହେଉଥିବା ମହା ଶକ୍ତିଶାଳୀ ଅତିମାନସ ଚେତନାକୁ ଅବତରଣ କରାଇ ଏହି ପୃଥିବୀପୃଷ୍ଠରେ କ୍ରିୟାଶୀଳ କରାଇଛନ୍ତି । ଶ୍ରୀମା ନିଜ ଶରୀରକୁ ସୂକ୍ଷ୍ମ ଭୌତିକ ସ୍ତରରେ ରୂପାନ୍ତରିତ କରି ମଣିଷ ପାଇଁ ଏହି ପୃଥିବୀ ଓ ଅତିମାନସ ପୃଥିବୀ ମଧ୍ୟରେ ଏକ ସେତୁ ରୂପେ ଅବସ୍ଥାନ କରିଛନ୍ତି ।

ଏ ବିଶ୍ୱ-ବ୍ରହ୍ମାଣ୍ଡରେ ଯେଉଁ କାଳଚକ୍ର ଆବର୍ତ୍ତିତ ହୋଇ ଚାଲିଛି ଏହି ଆବର୍ତ୍ତନର ଫଳ ସ୍ୱରୂପ ଆଜି ସ୍ୱୟଂ ଭଗବାନ୍ ଜଡ଼ ରୂପରେ, ବୃକ୍ଷଲତା ରୂପରେ, ପ୍ରାଣୀ ରୂପରେ, ଶେଷରେ ମଣିଷ ରୂପରେ ରୂପାୟିତ ହୋଇଛନ୍ତି । ଅର୍ଥାତ୍ ଭଗବାନଙ୍କ ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷର ଅଭିବ୍ୟକ୍ତି ହୋଇ ସାରିଛି । କିନ୍ତୁ ଏହି କ୍ରମର ଶେଷ ଅଭିବ୍ୟକ୍ତି ହେଲା ବିଜ୍ଞାନମୟ କୋଷ । ଏହି ବିଜ୍ଞାନମୟ କୋଷ ହେଲା ଅତିମାନସ ଚେତନାର ଅଭିବ୍ୟକ୍ତି । ମଣିଷ ପରେ ଯେଉଁ ଅତିମାନବ ଜାତି ଏ ପୃଥିବୀପୃଷ୍ଠରେ ଆବିର୍ଭାବ ହେବ ତାହା ହେବ ବିଜ୍ଞାନମୟ କୋଷର ଦୃଶ୍ୟମାନ ଅଭିବ୍ୟକ୍ତି ।

ଆଜି ଆମେ ଏକ ସନ୍ଧିକ୍ଷଣରେ ବାସ କରୁଛୁ । ଏହି ବିକୃତ, ଅର୍ଦ୍ଧ-ସମ୍ପୂର୍ଣ୍ଣ ପୃଥିବୀକୁ ଆମକୁ ସାମଞ୍ଜସ୍ୟପୂର୍ଣ୍ଣ, ସୁନ୍ଦର ତଥା ଦୁଃଖ-ଯନ୍ତ୍ରଣାରହିତ ଏକ ଅମର ଜଗତରେ ପରିଣତ କରିବାକୁ ପଡ଼ିବ । ଏହି କାମର ଆରମ୍ଭ ହୋଇଯାଇଛି । ପୁରୁଣା ପୃଥିବୀରେ ବିଶୃଙ୍ଖଳା ତା'ର ଚରମ ସୀମାକୁ ପହଞ୍ଚି ସାରିଲାଣି । ସଦାଚାର, ଶୃଙ୍ଖଳାଆଦି ବ୍ୟବସ୍ଥାସବୁ ଭୁଷୁଡ଼ି ପଡ଼ିଲାଣି । ମନେ ହେଉଛି ଏ ପୃଥିବୀରେ ଏକ ପ୍ରଳୟର ବାତ୍ୟା ବୋହି ଚାଲିଛି । ଅନ୍ୟଦିଗରେ ନିଭୃତରେ, ଅତି ଗୁପ୍ତ ଭାବରେ ନୂତନ ସୃଷ୍ଟିର କାମ ସଂଗଠିତ ହୋଇ ଚାଲିଛି ।

ମହାଯୋଗୀ ଶ୍ରୀଅରବିନ୍ଦ ମନୁଷ୍ୟ ଶରୀରର ରୂପାନ୍ତର କିପରି ହେବ, ଆମ୍ଭମାନଙ୍କ ନିମନ୍ତେ ଏଥିପାଇଁ କ'ଣ ପ୍ରସ୍ତୁତି ଆବଶ୍ୟକ ସେବିଷୟରେ ତାଙ୍କ ବିଭିନ୍ନ ରଚନା ମାଧ୍ୟମରେ ନିର୍ଦ୍ଦେଶ ଦେଇ ଯାଇଛନ୍ତି । ଶ୍ରୀଅରବିନ୍ଦଙ୍କ ଲିଖିତ ବାଣୀ ତଥା ତାଙ୍କର ପ୍ରତ୍ୟକ୍ଷ ସାହାଯ୍ୟ ଦ୍ୱାରା ମା'ଙ୍କ ଶରୀରରେ ରୂପାନ୍ତର କାମ ଚାଲୁଥିଲା । ଏହା ଦ୍ୱାରା ସୂକ୍ଷ୍ମ ଭୌତିକ ସ୍ତରରେ ମା'ଙ୍କ ଶରୀରର ରୂପାନ୍ତର ହୋଇପାରିଛି । ମା'ଙ୍କ ଶରୀର ରୂପାନ୍ତରର ଟିକିନିଖି ଅନୁଭୂତି ସେ ଆମ୍ଭମାନଙ୍କୁ କହି ଯାଇଛନ୍ତି ।

୧୯୫୮ ମସିହା ଫେବ୍ରୁଆରୀ ୧୯ ତାରିଖ ସାନ୍ଧ୍ୟ ଅଧିବେଶନରେ ଶ୍ରୀମା ତାଙ୍କର ଫେବ୍ରୁଆରୀ ୩ ତାରିଖରେ ହୋଇଥିବା ଅତିମାନସ ନୌକାର ଅନୁଭୂତି କଥା ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ସେହି ନୌକାରେ ଉପସ୍ଥିତ ତାଙ୍କର ସନ୍ତାନମାନଙ୍କର ଶରୀରରେ ରୂପାନ୍ତର କ୍ରିୟା ସଂଗଠିତ ହେଉଥିଲା । ନୌକାଟି ଅତ୍ୟନ୍ତ ବିଶାଳ ଥିଲା, ଆକାରରେ ଏକ ସହର ଭଳି । ଏହି ନୌକାକୁ ଚଳାଇବା ପାଇଁ କୌଣସି ଇଞ୍ଜିନ୍ ନଥିଲା । ଇଚ୍ଛାଶକ୍ତି ଦ୍ୱାରା ଚାଳିତ ଏହି ନୌକାଟିକୁ ମା ଅତିମାନସ ଜଗତ୍ ଆଡ଼କୁ ନେଉଥିଲେ । ସେ ନୌକାରେ ଯେଉଁମାନେ ଥିଲେ ସମସ୍ତଙ୍କୁ ମା ବ୍ୟକ୍ତିଗତ ଭାବରେ ଜାଣିଥିଲେ । ଏମାନଙ୍କ ମଧ୍ୟରୁ କିଛି ଆଶ୍ରମର ସାଧକ ଥିଲେ, କିଛି ବାହାରର ସାଧକ ମଧ୍ୟ ଥିଲେ । ମା କହୁଛନ୍ତି ଏମାନଙ୍କ ବୟସ ଦଶ କି ବାର ବର୍ଷ ବୟସରୁ ଊର୍ଦ୍ଧ୍ୱ ଥିଲା । ବୟସ୍କ ଲୋକ ଖୁବ୍ କମ୍ ଥିଲେ । ଯୁବକ ବେଶୀ ଥିଲେ । ଏମାନଙ୍କ ନାମ କ'ଣ ଥିଲା ସେ ବିଷୟରେ ମା କିଛି କହି ନାହାନ୍ତି । ପରେ ସେମାନଙ୍କ ଗୁଣ ବିଷୟରେ କହିଛନ୍ତି । ସେ କହୁଛନ୍ତି

ଏହି ନୌକାରେ ଯେଉଁମାନେ ଥିଲେ ସେମାନଙ୍କର ଦୁଇଟି ପ୍ରଧାନ ଗୁଣ ଥିଲା । ସେ ସମ୍ପର୍କରେ ମା'ଙ୍କର ଉକ୍ତିଟି ଏହିପରି : ''The people on that ship had these two capacities : one, the capacity for indefinite expansion of consciousness on all planes, including the material; and two, limitless plasticity in order to follow the movement of the Becoming.''

(1962, Jan. 12) (Mother's Yoga part - I, P. 60)

ଅର୍ଥାତ୍ : ''ସେହି ଜାହାଜରେ ଯେଉଁ ଲୋକମାନେ ଥିଲେ ସେମାନଙ୍କର ଦୁଇଟି ଗୁଣ ଥିଲା : ପ୍ରଥମଟି ହେଲା ଚେତନାର ପ୍ରତିଟି ସ୍ତରରେ ଏହାର ଅନିର୍ଦ୍ଦିଷ୍ଟ ପ୍ରସାରଣ ଏପରିକି ଜଡ଼ ଶରୀର ପର୍ଯ୍ୟନ୍ତ; ଦ୍ୱିତୀୟଟି ହେଲା ସୀମାତୀତ ନମନୀୟତା ଯାହା ପୂର୍ଣ୍ଣତାର ପ୍ରାପ୍ତି ଦିଗରେ ସହାୟକ ହୋଇଥାଏ ।''

ଚେତନାର ପ୍ରସାରଣ ହେଲେ ଏହା ବିଶ୍ୱବ୍ୟାପୀ ହୋଇଯାଏ ଓ ସମସ୍ତ ବସ୍ତୁ ଓ ସମସ୍ତ ପ୍ରାଣୀ ଭିତରେ ଏକତ୍ୱ ଲାଭ କରି ବ୍ୟକ୍ତିଗତ ଅହଂକାର ଲୋପ ପାଇଥାଏ । ତଥାପି ଅହଂକାର ଲୋପ ହେଲେ ମଧ୍ୟ ବ୍ୟକ୍ତିତ୍ୱ ବଜାୟ ରହିଥାଏ । ଏହି ଅବସ୍ଥାରେ ବ୍ୟକ୍ତିର ସମସ୍ତ ଚେତନା ଦିବ୍ୟତା ପ୍ରାପ୍ତ ହୋଇ ଅର୍ଥାତ୍ ଅମର ହୋଇ ଏହି ପୃଥିବୀରେ କେବଳ ଭଗବାନଙ୍କ ଇଚ୍ଛା ଅନୁସାରେ କର୍ମ କରିଥାଏ । ଏହି ଅନୁଭୂତିକୁ କୁହାଯାଏ ଚେତନାର ଆଧ୍ୟାତ୍ମୀକରଣ । ଏହି ପୃଥିବୀରେ ଯେତେସବୁ ମହାମାନବ, ମହାପୁରୁଷଙ୍କ ବ୍ୟକ୍ତିଗତ ଚେତନା ଏହିପରି ଭାବରେ ଆଧ୍ୟାତ୍ମୀକରଣ ହୋଇ ପାରିଛି ସେମାନେ ଏ ପୃଥିବୀରେ ଅମର ହୋଇ ରହିଛନ୍ତି ପୃଥିବୀର ମଙ୍ଗଳ ପାଇଁ, ପୃଥିବୀର ଲୋକଙ୍କୁ ପରମସତ୍ୟର ଦିଗରେ ପରିଚାଳନା କରିବା ପାଇଁ । ଏହିପରି ଭାବରେ ବୁଦ୍ଧ, ଶଙ୍କର, ଶ୍ରୀରାମକୃଷ୍ଣ, ବିବେକାନନ୍ଦ, ଯୀଶୁ, ଚୈତନ୍ୟ ମହାପ୍ରଭୁ ଆଦିଙ୍କ ଚେତନା ଏଠାରେ ଅମର ହୋଇ ରହିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ମଣିଷର ଶରୀର-ଚେତନାର ଦିବ୍ୟତା ପ୍ରାପ୍ତି ହୋଇ ନଥିଲା । କିନ୍ତୁ ମା'ଶ୍ରୀଅରବିନ୍ଦଙ୍କ ଶରୀର ଚେତନା ପର୍ଯ୍ୟନ୍ତ ଦିବ୍ୟତା ପ୍ରାପ୍ତି କରିଛି । ଶ୍ରୀମାଶ୍ରୀଅରବିନ୍ଦଙ୍କର ପାର୍ଥିବ ଶରୀର ସ୍ଥୂଳ-ଚେତନା ସହ ସଂଶ୍ଳିଷ୍ଟ ହୋଇ ରହିଥିବାରୁ ଜଡ଼ର ରୂପାନ୍ତର ସମ୍ଭବ ହୋଇପାରିବ ।

ଶ୍ରୀଅରବିନ୍ଦ ଏହି ପୂର୍ଣ୍ଣାଙ୍ଗ ଯୋଗର ତିନୋଟି ସିଦ୍ଧି ବିଷୟରେ କହିଛନ୍ତି : ୧. ଚୈତ୍ୟିକରଣ, ୨. ଆଧ୍ୟାତ୍ମୀକରଣ, ୩. ଅତିମାନସୀକରଣ । ଏହି ସିଦ୍ଧିସବୁକୁ ଉପଲବ୍ଧି କରିବା ପାଇଁ ଶ୍ରୀଅରବିନ୍ଦ ସାଧନାର ତିନୋଟି କରଣୀୟ ବିଷୟରେ କହିଛନ୍ତି : ତାହାହେଲା (୧) ଆସ୍ପୃହା, (୨) ପ୍ରତ୍ୟାଖ୍ୟାନ ଓ (୩) ସମର୍ପଣ । ରୂପାନ୍ତର ଯୋଗର ଏହି ପ୍ରୟୋଗଗୁଡ଼ିକ ଶୁଣିବାକୁ ସହଜ ଲାଗିପାରେ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ବେଶ୍ ଆୟାସସାଧ୍ୟ । ଶ୍ରୀଅରବିନ୍ଦ କହୁଛନ୍ତି ପୁରାତନ ଯୋଗ ସାଧନା ତୁଳନାରେ ଏହି ଯୋଗ ଅତ୍ୟନ୍ତ କଠିନ ।

ଏହାର କାରଣ କ'ଣ ? ଏହାର ଅସଲ କାରଣ ହେଲା ଆମର ଅର୍ଦ୍ଧଜ୍ଞାନ ଥିବା ଏହି ବିକୃତ ମନର ପରିଚାଳନାର ସନ୍ତୋଷକୁ ଆମେ ଛାଡ଼ିବାକୁ ନାରଜ । ଏକ ଦିଗରେ ଏ ପୃଥିବୀକୁ ଆମେ ଭୋଗ କରିବାକୁ ଚାହୁଁ, ଅନ୍ୟ ଦିଗରେ ଭଗବାନଙ୍କୁ ମଧ୍ୟ ଚାହୁଁ । ଏପରି ମଧ୍ୟବର୍ତ୍ତୀ ଅବସ୍ଥାରେ ଅଖଣ୍ଡ ଆସ୍ପୃହା, ଅଖଣ୍ଡ ସମର୍ପଣ କିପରି ସମ୍ଭବ ? ତୁମ ନିମ୍ନ ପ୍ରକୃତିକୁ ଯେତେ ଜୋର୍‌ରେ ପୁରାତନ ସନ୍ନ୍ୟାସୀଙ୍କ ପରି ପ୍ରତ୍ୟାଖ୍ୟାନ କରିଥାଅ ସେତେ ଜୋର୍‌ରେ ଏହା ତୁମ ନିକଟକୁ ଫେରି ଆସେ । କାରଣ ଏହାକୁ ତୁମ ଭିତରେ ଥିବା କୌଣସି ଏକ ସତ୍ତା ଚାହିଁଥାଏ । କୌଣସି କାମରେ ଆମର ନିଷ୍ଠା ନଥିବାରୁ ପ୍ରୟାସସବୁ ବ୍ୟର୍ଥ ହୋଇଯାଏ । ଏପରି ହେବାର କାରଣ ହେଲା ଆମେ ଆମ ବାଧାବିପତ୍ତିକୁ ଅତିକ୍ରମ କରିବା ପାଇଁ ଭଗବାନଙ୍କ ଉପରେ ଭରସା ନରଖି ନିଜ ଉପରେ ବେଶୀ ଭରସା ରଖିଥାଉ । ପୁରାତନ ଯୋଗରେ ଭଗବାନଙ୍କ କ୍ଷଣିକ ଦର୍ଶନ ପାଇଁ ବର୍ଷ ବର୍ଷ ଧରି ସାଧକକୁ ତପସ୍ୟା କରିବାକୁ ପଡୁଥିଲା । ଏ କଳିଯୁଗରେ ଆମ୍ଭମାନଙ୍କର ଦୀର୍ଘ କାଳ ଧରି ତପସ୍ୟା କରିବାର ଧୈର୍ଯ୍ୟ ନଥାଏ । ସେଥିପାଇଁ ଶ୍ରୀଅରବିନ୍ଦ ଆମ୍ଭମାନଙ୍କ ସାଧନାକୁ ଅତ୍ୟନ୍ତ ସହଜ, ସରଳ କରି ଦେଲେ । କେବଳ ମନର ନିରବତାର ମଧ୍ୟରେ ଏ ଯୋଗ କରାଯାଏ – ଆସ୍ପୃହା, ପ୍ରତ୍ୟାଖ୍ୟାନ ଓ ସମର୍ପଣ ଦ୍ୱାରା ।

ଥରେ ସ୍ୱପ୍ନରେ ଏ ଲେଖକ ମା'ଙ୍କୁ ପଚାରିଲା – ''ମା, ମୁଁ ଭଗବାନଙ୍କୁ କିପରି ପାଇବି ?'' ମା ଉତ୍ତର ଦେଲେ, "When your call will be equal to the ancient elephant then you will able to have the Divine." ଅର୍ଥାତ୍, ''ତୋର ଡାକ ଯଦି ପୁରାତନ ଗଜର ଡାକ ସହିତ ସମାନ ହୁଏ ତେବେ ଯାଇ ତୁ ଭଗବାନଙ୍କୁ ପାଇବୁ'' । ''ଚକ୍ର ପେଷି ନକ୍ର ନାଶି ଉଦ୍ଧରିଲ ଆପଣ...'' – ସାଲବେଗଙ୍କ ରଚିତ ଏହି କବିତାର ପଂକ୍ତିଟି ଆମେ ସମସ୍ତେ ଜାଣୁ । ଭଗବାନଙ୍କୁ

ନପାଇବା ପର୍ଯ୍ୟନ୍ତ ଆମକୁ ବ୍ୟାକୁଳ ହୋଇ ତାଙ୍କୁ ଖୋଜିବାକୁ ହେବ । ଯେପରି ବୁଡ଼ି ଯାଉଥିବା ବ୍ୟକ୍ତି ବ୍ୟାକୁଳ ହୋଇ ବଞ୍ଚିବାକୁ ଚାହିଁଥାଏ ସେହିପରି ଆମ ବ୍ୟାକୁଳତା ଭଗବାନଙ୍କ ପାଇଁ ହେବା ଉଚିତ । ଏହି ବ୍ୟାକୁଳତା ଭିତରେ ଦିନେ ହୁଏତ ତୁମ ଚୈତ୍ୟ ସତ୍ତାର ଜାଗରଣ ହୋଇଥାଏ, ଯେ ହେଉଛନ୍ତି ତୁମର ବ୍ୟକ୍ତିଗତ ଭଗବାନ୍ ।

ଚୈତ୍ୟସତ୍ତା ତୁମ ସମ୍ମୁଖକୁ ଆସି ସେ ତୁମକୁ ପରିଚାଳନା କରିବାର ଚେଷ୍ଟା କରିଥାଆନ୍ତି, କିନ୍ତୁ ତୁମ ଉପରେ ସେ ବାଧ୍ୟବାଧକତା କରନ୍ତି ନାହିଁ । ସେ ଦୀର୍ଘକାଳ ଅପେକ୍ଷା କରନ୍ତି ତୁମ ସକଳ ସତ୍ତାଙ୍କୁ ଏକତ୍ରିତ କରି ସେସବୁକୁ ରୂପାନ୍ତର କରି ଭଗବାନଙ୍କ ଦିଗରେ ନେଇଯିବା ପାଇଁ । ସେହି ସମୟରେ ବ୍ୟକ୍ତି ଭିତରେ ଏକ ସଂକଳ୍ପ ଶକ୍ତି ଉତ୍ପନ୍ନ ହୁଏ । ଜଣେ ଅନୁଭବ କରେ ଯେ ଭଗବାନଙ୍କ ବ୍ୟତୀତ ଏ ଜୀବନ ବୃଥା । ଭଗବାନଙ୍କୁ ପାଇବା ପାଇଁ ତା' ଭିତରେ ଏକ ଇଚ୍ଛାଶକ୍ତି, ଧୈର୍ଯ୍ୟ, ସାହସ ଓ ଭଗବତ୍ ନିର୍ଭରତା ପ୍ରକଟ ହୁଏ ଯାହାକୁ ନେଇ ସେ ବୀର ଯୋଦ୍ଧା ହୋଇ ଗଢ଼ି ଉଠେ । ଏହାପରେ ସେ ଆଉ ସାଂସାରିକ ସୁଖ ସ୍ୱାଚ୍ଛନ୍ଦ ପାଇଁ ଲାଳାୟିତ ହୋଇ ନଥାଏ । ତା' ଜୀବନର ପ୍ରଧାନ ଓ ପ୍ରଥମ ଲକ୍ଷ୍ୟ ହେଲା ଭଗବାନଙ୍କୁ ପାଇବା । ଏହାର ଅର୍ଥ ନୁହେଁ ଯେ ତା'ର ସବୁ ବାଧାବିଘ୍ନ ଦୂର ହୋଇଗଲା ଭଗବାନଙ୍କ ପଥରେ ଯିବା ପାଇଁ । ବରଂ ଏହା ବହୁ ଗୁଣରେ ବଢ଼ି ଯାଇଥାଏ । କିନ୍ତୁ ଏସବୁ ବାଧାସବୁକୁ ସେ ଅକ୍ଳେଶରେ ପାରି ହୋଇଥାଏ ଚୈତ୍ୟସତ୍ତାଙ୍କ ପରିଚାଳନା ଓ ହସ୍ତକ୍ଷେପରେ । ଏହା ଅତ୍ୟନ୍ତ ସମୟ-ସାପେକ୍ଷ । ଏଥିପାଇଁ ବ୍ୟକ୍ତିର ମନ, ପ୍ରାଣ ତଥା ଶରୀର ଚେତନା ସ୍ତରରେ ଚୈତ୍ୟ ଜାଗରଣ ଓ ରୂପାନ୍ତର ହେବା ଦରକାର । ପୁରାତନ ଅଭ୍ୟାସ, କୁଆଚରଣକୁ ମଧ୍ୟ ପରିବର୍ତ୍ତନ କରିବାକୁ ହେବ ।

ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ତୁମେ ତୁମର ବ୍ୟକ୍ତିଗତ ଚେଷ୍ଟା ମାଧ୍ୟମରେ ସାଧନା କରିଥାଅ । ତୁମେ ଅହଂକାରକୁ ନେଇ ଜନ୍ମଜନ୍ମାନ୍ତର ମଧ୍ୟ ଦେଇ ଅଗ୍ରଗତି କରିଆସିଛ । ଏହି ଅହଂକାରରୁ ମୁକ୍ତ ହେବା ପାଇଁ ପ୍ରଥମେ ତୁମ ଭିତରେ ଭଗବତ୍ ଇଚ୍ଛାଶକ୍ତିର ଅବତରଣ ହେବା ଦରକାର । ଏଥିପାଇଁ ମା କହିଛନ୍ତି ଯେ ସେହି ଅତିମାନସ ଜାହାଜରେ ଯେଉଁ ଲୋକମାନେ ଥିଲେ ସେମାନଙ୍କର ପ୍ରଥମ ଗୁଣ ଥିଲା ପ୍ରସାରଣ – ସମସ୍ତ ଚେତନାର ସ୍ତରରେ, ଏପରିକି ଶରୀର ସ୍ତରରେ ମଧ୍ୟ ପ୍ରସାରଣ ହେବ । ସମସ୍ତ ଚେତନା ଆଉ ବ୍ୟକ୍ତିଗତ ନହୋଇ ବିଶ୍ୱଗତ ହୋଇଯିବ । ବ୍ୟକ୍ତିଗତ ସିଦ୍ଧି ପାଇଁ କର୍ମ ନକରି ଜଗତର ଉନ୍ନତି ଓ ପୂର୍ଣ୍ଣତା ପ୍ରାପ୍ତ କରିବା ଦିଗରେ ସାହାଯ୍ୟ କରିବା ପାଇଁ ଭଗବତ୍ ପ୍ରେରଣାରେ କର୍ମ କରିବାକୁ ହେବ । ଏହି ପ୍ରସାରଣ ଶରୀର ଚେତନା ପର୍ଯ୍ୟନ୍ତ ହେଲେ ବ୍ୟକ୍ତି ସିଦ୍ଧିର ତୃତୀୟ ପାବଚ୍ଛକୁ ଉତ୍ତୀର୍ଣ୍ଣ ହୋଇଥାଏ । ଅର୍ଥାତ୍ ତା' ଭିତରେ ଅତିମାନସ ଶକ୍ତି ଅବତରଣ କରି ଶରୀର ରୂପାନ୍ତରର କ୍ରିୟା କରିଥାଏ ।

କିନ୍ତୁ ଅତିମାନସର ଅବତରଣ ପାଇଁ ବିଶେଷ କରି ଶରୀରର ପ୍ରସ୍ତୁତି ଏକାନ୍ତ ଆବଶ୍ୟକ । କାରଣ ଶାରୀର-ଚେତନାରେ ଅତିମାନସ ଶକ୍ତି ଅବତରଣ କଲେ ଏହା ବ୍ୟକ୍ତି ଭିତରେ ଚିରସ୍ଥାୟୀ ହୋଇଥାଏ । ଯାହାକି ଶରୀରରୁ ରୋଗ, ଯନ୍ତ୍ରଣା, ବାର୍ଦ୍ଧକ୍ୟ ଓ ମୃତ୍ୟୁରୁ ରକ୍ଷା କରିଥାଏ । ମୃତ୍ୟୁରୁ ରକ୍ଷା କରିବା ଅର୍ଥ ଶରୀରକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଞ୍ଚାଇ ରଖିବା ।

ଆମ ଭିତରୁ କେତେକ ବ୍ୟକ୍ତି ଏହି ବିଶାଳ ପ୍ରସ୍ତୁତି ବିନା କେବଳ ଶରୀର ରୂପାନ୍ତର ହେବା ନିମନ୍ତେ ଆଶା କରିଥାଆନ୍ତି । ରୋଗ ବିଷୟରେ ପୂର୍ଣ୍ଣ ଜ୍ଞାନ ହେଲେ, ଶରୀର ବିଷୟରେ ପୂର୍ଣ୍ଣ ଜ୍ଞାନ ଥିଲେ ଯେକୌଣସି ରୋଗରୁ ମୁକ୍ତି ପାଇ ହୁଏ । ରୋଗ ଓ ମୃତ୍ୟୁ ପ୍ରତି ଆମର ଭୟ ରହିଥିବାରୁ ଆମେ ଏହାକୁ ଆକର୍ଷଣ କରିଥାଉ । ସମ୍ପୂର୍ଣ୍ଣ ନିର୍ଭୀକ ଭାବରେ ମା'ଙ୍କ ଶକ୍ତି ପ୍ରତି ନିଜକୁ ଖୋଲି ଧରିଲେ ସମସ୍ତ ରୋଗ ନିଶ୍ଚିତ ରୂପେ ଭଲ ହୋଇଥାଏ । ଶରୀରକୁ ନମନୀୟ କରିବା ପାଇଁ ଶାରୀରିକ ବ୍ୟାୟାମ, ପ୍ରାଣାୟାମ, ଆସନ ଆଦି ନିହାତି ଅଭ୍ୟାସ କରିବାକୁ ହେବ ।

ସ୍ୱୟଂ ମା ତାଙ୍କର ସତୁରି ବର୍ଷ ବୟସରେ ଟେନିସ୍ ଖେଳିବା ଆରମ୍ଭ କରିଥିଲେ । ଶାରୀରିକ ବ୍ୟାୟାମ, ପ୍ରାଣାୟାମ, ଆସନ ପ୍ରଭୃତି ଥରେ ଆରମ୍ଭ କଲେ ଏହା ଏପରି ଅଭ୍ୟାସରେ ପଡ଼ିଯାଏ ଯେ ଗୋଟିଏ ବେଳା ନଖାଇ ଜଣେ ରହିପାରିବ କିନ୍ତୁ ଦିନେ ବ୍ୟାୟାମ ନକଲେ ଅସ୍ୱସ୍ତି ଅନୁଭବ କରିବ । ବ୍ୟାୟାମ କଲେ ବ୍ୟକ୍ତି ବାର୍ଦ୍ଧକ୍ୟକୁ ସହଜରେ ଆସିବାକୁ ଦେଇ ନଥାଏ । ଶାରୀରିକ ବ୍ୟାୟମଠାରୁ ଶରୀର ରୂପାନ୍ତରର ପ୍ରସ୍ତୁତି ଆଉ ଅଧିକ କ'ଣ ହୋଇପାରେ ?

ଶ୍ରୀମା କହୁଛନ୍ତି, “It is in good health that the way towards transformation is found.”

(CWM. Vol. 15, p. 136)

ଅର୍ଥାତ୍,‘‘କେବଳ ଉତ୍ତମ ସ୍ୱାସ୍ଥ୍ୟର ସାହାଯ୍ୟରେ ହିଁ ଆମେ ରୂପାନ୍ତରର ମାର୍ଗଟିକୁ ଆବିଷ୍କାର କରି ପାରିବା ।’’

(କ୍ରମଶଃ) ❑

# ଯୋଗାନନ୍ଦ

## (୮)

ଲକ୍ଷ୍ମୀୟା ଆଶ୍ରମରୁ ଯୋଗାନନ୍ଦ ପ୍ରଥମେ ବ୍ରହ୍ମପୁତ୍ର ନଦୀ ପାର ହେଉଥିବା ବେଳେ ଦୃଢ଼ସଂକଳ୍ପ କଲେ ଯେ ଏଇ ଥର ଭଗବତ୍ ଦର୍ଶନ ଓ ଭଗବତ୍ କୃପା ଲାଭ ନକରି ସେ ଆଉ ବଙ୍ଗଦେଶକୁ ଫେରିବେ ନାହିଁ । ପରକ୍ଷଣରେ ତାଙ୍କର ସ୍ମରଣରେ ଆସିଲା, 'ଗୁରୁଦେବଙ୍କର ପରମ ଗୁରୁଦେବ, ଢାକା ବାରଦୀର ମହାଯୋଗୀ ପ୍ରାତଃ ସ୍ମରଣୀୟ ଋଷିତୁଲ୍ୟ ସ୍ୱର୍ଗତଃ ଶ୍ରୀ ଶ୍ରୀମତ୍ ଲୋକନାଥ ବ୍ରହ୍ମଚାରୀଙ୍କର ଆଶ୍ରମ କେବେ ମଧ ଦେଖି ନାହିଁ । ପୁଣି ବଙ୍ଗଦେଶକୁ ଫେରିବି କି ନାହିଁ କିଏ ଜାଣେ । ସୁତରାଂ ଆମର ଏହି ପରମ ତୀର୍ଥ ଥରେ ଦେଖିଯିବି ।'

ପ୍ରାୟ ଷାଠିଏ, ସତୁରି ମାଇଲ ରାସ୍ତା ଚାଲି ଚାଲି, ଗ୍ରାମ ପରେ ଗ୍ରାମ ଅତିକ୍ରମ କରି ତିନି ଦିନ ପରେ ସେ ବାରଦୀର ପୁଣ୍ୟାଶ୍ରମରେ ଉପନୀତ ହେଲେ ।... ସେ ଲୋକନାଥ ବ୍ରହ୍ମଚାରୀଙ୍କର ତୈଳଚିତ୍ର ନିକଟରେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ସେତେବେଳକୁ ମଧାହ୍ନ । ଆଶ୍ରମଟି ଶାନ୍ତ । ତାଙ୍କର ଦିବ୍ୟ ପ୍ରଭାବ ସମଗ୍ର ଆଶ୍ରମରେ ଏବେ ମଧ ଜୀବନ୍ତ, ଜାଗ୍ରତ୍ । ତାଙ୍କୁ ବେଶ୍ ଭଲ ଲାଗିଲା ।... କିନ୍ତୁ ଆଶ୍ରମରେ କୌଣସି ସାଧୁ-ସନ୍ନ୍ୟାସୀଙ୍କୁ ନଦେଖି, ସ୍ଥାନୀୟ ଲୋକଙ୍କୁ ପଚାରି ବୁଝିଲେ ଯେ ନିକଟରେ ଜଗଦମ୍ବା ତପୋବନ ଆଶ୍ରମରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ରହନ୍ତି ।...

ଯୋଗାନନ୍ଦଙ୍କ ଉକ୍ତିରୁ : ''ତାଙ୍କୁ ଦେଖା କଲି ଏବଂ ସେ ମୋତେ ତାଙ୍କ ତପୋବନରେ ରହିବାକୁ ଅନୁମତି ଦେଲେ । ସେ ନିଜେ ଅତି ସାମାନ୍ୟ ସାତ୍ତ୍ୱିକ ଆହାର କରୁଥିଲେ ଏବଂ ମୋତେ ତାହାହିଁ ଦେଉଥିଲେ । ଉପନିଷଦ୍, ଗୀତା, ଚଣ୍ଡୀ ଆଦି ତାଙ୍କର ନିତ୍ୟପାଠ । ତାଙ୍କର ସଙ୍ଗ ପ୍ରଭାବରେ ମୋ ମଧରେ ଗୀତା, ଚଣ୍ଡୀ ଓ ଉପନିଷଦ୍‌ର ଗୋଟିଏ ସମନ୍ୱୟମୂଳକ ଶକ୍ତିସତ୍ତାର ଅଭେଦ ଜ୍ଞାନ ଖୁବ୍ ସୁସ୍ପଷ୍ଟ ଜାଗ୍ରତ୍ ହୋଇଉଠିଲା । ସିଦ୍ଧାଶ୍ରମରେ ମୋର ନିତ୍ୟପାଠ ଗୀତା, ଉପନିଷଦ୍ ଥିଲା । ସ୍ୱାମୀ ଶିବାନନ୍ଦ ଗୀତା ଓ ଚଣ୍ଡୀର ଶକ୍ତିସତ୍ତାକୁ ନିଜର ସାଧନା ଓ ଉପାସନାରେ, ତାଙ୍କର ଅନ୍ତରାତ୍ମାର ସ୍ୱତଃସ୍ଫୂର୍ତ୍ତ କବିତାରେ ସୁନ୍ଦର ଭାବରେ ସାମଞ୍ଜସ୍ୟ ଆଣିଛନ୍ତି । ଭଗବତ୍ ଇଚ୍ଛାରେ ତାଙ୍କର ସଂସ୍ପର୍ଶରେ ଆସି ମୋର ଅଶେଷ ଉପକାର ହୋଇଛି । ବାସ୍ତବିକ ଅଳ୍ପ କେତେ ଦିନର ସଙ୍ଗଲାଭରେ ମୁଁ ତାଙ୍କର ସ୍ନେହ-ଶ୍ରଦ୍ଧା ପାଇଥିଲି । ସେ ବାରଦୀ ଆଶ୍ରମରେ ରହିବା ପାଇଁ ମୋର ସମସ୍ତ ବ୍ୟବସ୍ଥା କରି ଦେଲେ । ମୁଁ ତାଙ୍କର ସେହି ଶ୍ରଦ୍ଧା ଓ ଯତ୍ନ ଯୋଗୁଁ ବାରଦୀରେ ପ୍ରାୟ ଛ' ସାତ ମାସ ରହିଯାଇଥିଲି ।

''ମୁଁ ସେତେବେଳେ ଜାଣି ନଥିଲି ଯେ ପଣ୍ଡିଚେରୀ ଆଶ୍ରମକୁ ଆସି ସାକ୍ଷାତ୍ ମା'ଙ୍କୁ ପାଇବି । କିନ୍ତୁ ପରେ ହୃଦୟଙ୍ଗମ କଲି ଯେ ମା'ଙ୍କର ଦିବ୍ୟଶକ୍ତିହିଁ ଜଗଦମ୍ବା ତପୋବନରେ ଓ ବାରଦୀ ଆଶ୍ରମରେ ମୋତେ ପଣ୍ଡିଚେରୀ ପାଇଁ ହିଁ ପ୍ରସ୍ତୁତ କରୁଥିଲା । ବାରଦୀରେ ବ୍ରହ୍ମଚାରୀ ବାବାଙ୍କ ଆଶ୍ରମରେ ରହିଥିବା ସମୟରେ ମୋର ସାଧନା ଏପରି ନିବିଷ୍ଟ ହୋଇଥିଲା ଯେ ପୂର୍ବରୁ ଆମର ସିଦ୍ଧାଶ୍ରମ ବ୍ୟତୀତ ଅନ୍ୟ କେଉଁଠି କେବେ ମଧ ହୋଇ ନାହିଁ । ବାରଦୀ ଆଶ୍ରମରେ ବାବା ଲୋକନାଥଙ୍କ କୃପା ଓ ତାଙ୍କ ଦିବ୍ୟ ପ୍ରଭାବରେ ଦିବାରାତ୍ରି ଅବଗାହନ କରୁଥାଏ । ଏପରିକି ପଣ୍ଡିଚେରୀକୁ ଆସିବା ପରେ ମଧ ବାବା ଲୋକନାଥ ଦୁଇ ଥର ମୋତେ ସ୍ୱପ୍ନରେ ଦେଖା ଦେଇଛନ୍ତି । ଦୁଇ ଥର ଯାକ ପ୍ରକାଣ୍ଡ ହାତୀ ଉପରେ ସେ ଉପବେଶନ କରି ଆସୁଥିବାର ଦେଖିଥିଲି । ପରେ ହାତୀର ଗୂଢ଼ାର୍ଥ ଜାଣିଲି : ଶ୍ରୀଅରବିନ୍ଦ କହିଛନ୍ତି, 'Spiritual Power of India' ('ଭାରତର ଆଧାତ୍ମିକ ଶକ୍ତି') ।

''ବାରଦୀ ଆଶ୍ରମରୁ ବାବାଙ୍କର ବାର୍ଷିକ ତିରୋଭାବ ଉତ୍ସବ ପରେ ଯେତେବେଳେ ପଣ୍ଡିଚେରୀ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିବି, ଦିନେ ବାବା ଲୋକନାଥ ସ୍ୱପ୍ନରେ ମୋତେ ଦେଖା ଦେଇ କହିଲେ, 'ସେମାନେ ସନ୍ନ୍ୟାସୀ ଚାହାନ୍ତି ନାହିଁ ।' ବାବାଙ୍କର ଏହି ବାଣୀଟିର ଅର୍ଥ କ'ଣ ସେତେବେଳେ ମୁଁ ବୁଝିପାରି ନଥିଲି । ପଣ୍ଡିଚେରୀରେ ପଦାର୍ପଣ କରିବାର ଅଳ୍ପ କେତେ ଦିନ ଭିତରେ ହିଁ ତା' ବୁଝିପାରିଥିଲି ।...''

ଯୋଗାନନ୍ଦ ବାରଦୀରୁ ମେଘନା ନଦୀରେ ଷ୍ଟିମର୍ ଧରି ନାରାୟଣଗଞ୍ଜ ହୋଇ ଗୋୟାଲନ୍ଦ; ସେଠାରୁ ଟ୍ରେନ୍‌ରେ ଆସି କଲିକତାରେ 'ରାମକୃଷ୍ଣ ବେଦାନ୍ତ ସମିତି'ରେ ପହଞ୍ଚିଲେ । ଏହା ବିଡନ୍ ଷ୍ଟ୍ରୀଟ୍‌ରେ ଥିଲା । ସେଠାରେ ଥିବା ସ୍ୱାମୀ ପୂର୍ଣ୍ଣାନନ୍ଦ ଥିଲେ ତାଙ୍କର ବନ୍ଧୁ । ତାଙ୍କର ଅତିଥି ହୋଇ ସେହି ସମିତିରେ

ତିନି ସପ୍ତାହ ରହି ପଣ୍ଡିଚେରୀ ଆଶ୍ରମ ସମ୍ବନ୍ଧରେ ସେ ସମସ୍ତ ଖବର ସଂଗ୍ରହ କରିବାକୁ ଲାଗିଲେ । ତେବେ ପଣ୍ଡିଚେରୀ ଆଶ୍ରମ ସହିତ ବିଶେଷ ସମ୍ପର୍କ ଥିବା କୌଣସି ଭକ୍ତଙ୍କର ସାକ୍ଷାତ୍ ପାଇଲେ ନାହିଁ ।

ସେତେବେଳେ ସାଧାରଣତଃ ପଣ୍ଡିଚେରୀ ସମ୍ପର୍କରେ କେହି ବିଶେଷ କିଛି ଜାଣି ନଥିଲେ । ମୋଟ ଉପରେ ସେ ଏତିକି ଜାଣିପାରିଲେ ଯେ ଶ୍ରୀଅରବିନ୍ଦ ବର୍ଷକୁ ମାତ୍ର ତିନି ଥର ଦର୍ଶନ ଦିଅନ୍ତି (୨୧ ଫେବ୍ରୁଆରୀ ପଣ୍ଡିଚେରୀସ୍ଥ ଶ୍ରୀମା'ଙ୍କର ଜନ୍ମଦିନ; ୧୫ ଅଗଷ୍ଟ ଶ୍ରୀଅରବିନ୍ଦଙ୍କ ଜନ୍ମଦିନ ଏବଂ ୨୪ ନଭେମ୍ବର 'ସିଦ୍ଧି ଦିବସ') । ତେଣୁ ଆଗାମୀ ଅଗଷ୍ଟ ୧୫କୁ ପଣ୍ଡିଚେରୀରେ ପହଞ୍ଚି ପାରିଲେ ତାଙ୍କର ଦର୍ଶନ ପାଇପାରିବେ । ପୁଣି ଶୁଣିଲେ ଯେ ଆଶ୍ରମରେ ଯେଉଁ ମା' ଅଛନ୍ତି, ସେ ହିଁ ସବୁକିଛି କରନ୍ତି; ଆଶ୍ରମ ପରିଚାଳନା, ସାଧକ-ସାଧିକାମାନଙ୍କୁ ସାଧନାରେ ସାହାଯ୍ୟ କରିବା ଇତ୍ୟାଦି ସବୁ ତାଙ୍କର କାର୍ଯ୍ୟ ଏବଂ ପୂର୍ବାନୁମତିପ୍ରାପ୍ତ ନହୋଇ କେହି ଆଶ୍ରମରେ ପ୍ରବେଶ କରିପାରିବ ନାହିଁ ଇତ୍ୟାଦି ।

ଏବେ ଯୋଗାନନ୍ଦଙ୍କ ଉକ୍ତିରୁ : ''ପଣ୍ଡିଚେରୀ ଆଶ୍ରମକୁ ଯିବା ସକାଶେ ଖଣ୍ଡିଏ ପରିଚୟ ପତ୍ର ସଂଗ୍ରହ କରିବା ପାଇଁ ବିଶେଷ ଚେଷ୍ଟା ଚଳାଇଲି । କିନ୍ତୁ କଲିକତାରେ ମୋର ସେପରି ଜଣାଶୁଣା କେହି ନଥିବାରୁ ଅବଶେଷରେ ବନ୍ଧୁ ସ୍ୱାମୀ ପୂର୍ଣ୍ଣାନନ୍ଦଙ୍କର ସାହାଯ୍ୟ ଲୋଡ଼ିଲି । ପୂର୍ଣ୍ଣାନନ୍ଦଙ୍କର ଗୁରୁଭାଇ ଥିଲେ ବେଦାନ୍ତ ସମିତିର ଜଣେ ପ୍ରତିଷ୍ଠିତ ପଦାଧିକାରୀ ବ୍ୟକ୍ତି, ନାମ ସଦ୍‌ରୂପାନନ୍ଦ (ଡାକନାମ ଶାନ୍ତ ମହାରାଜ) । ସେ ମୋତେ କହିଲେ, 'ଶ୍ରୀଯୁକ୍ତ ଅନିଲ ବରଣ ରାୟ ମହାଶୟ ପଣ୍ଡିଚେରୀ ଆଶ୍ରମରେ ଅଛନ୍ତି । କଲେଜରେ ସେ ମୋର ଅଧ୍ୟାପକ ଥିଲେ ।' ଏତିକି କହି ସେ କୃପା ପରବଶ ହୋଇ ଶ୍ରୀ ଅନିଲ ବରଣ ରାୟ ମହାଶୟଙ୍କ ନିକଟକୁ ମୋ ସକାଶେ ଚିଠିଟିଏ ଲେଖିଦେଲେ । ଏହି ଚିଠିଟି ହୋଇଉଠିଲା ମୋର ପଣ୍ଡିଚେରୀ ପାଇଁ ପରିଚୟ ପତ୍ର । ଆପାତତଃ ଚିଠିଟିକୁ ତାଙ୍କ ନିକଟରେ ରଖିବାକୁ ଅନୁରୋଧ କଲି – ଏଇଥି ସକାଶେ ଯେ ମାନ୍ଦ୍ରାଜ (ଏବେ ଚେନ୍ନାଇ)ରେ ପହଞ୍ଚିବା ପରେ ତାଙ୍କୁ ମୁଁ ଚିଠିଟିଏ ଲେଖିବି । ତା'ପରେ ସେ ତାଙ୍କର ଲିଖିତ ସେହି ଚିଠିଟିକୁ ଅନିଲ ବରଣ ରାୟ ମହାଶୟଙ୍କ ନିକଟକୁ ପଠାଇ ଦେବେ ।

''୧୯୩୨ର ଜୁନ୍ ମାସ । କଲିକତାରୁ ପଣ୍ଡିଚେରୀ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କଲି । ସିଦ୍ଧାଶ୍ରମରୁ ବିଦାୟ ନେବା ବେଳେ ଗୁରୁଭାଇ ମୋକ୍ଷଦାନନ୍ଦଙ୍କ ଭିକ୍ଷା ଲବ୍ଧ ଟଙ୍କା ଦୁଇଟି ଥିଲା ମୋର ସମ୍ବଳ । ହାଓ୍ୱଡ଼ା ଷ୍ଟେସନରେ ପୁରୀ ଟ୍ରେନ୍‌ରେ ଏହି ଦୁଇ ଟଙ୍କା ଦେଇ ଖଣ୍ଡିଏ ଟିକଟ କିଣି ଟ୍ରେନ୍‌ରେ ବସିଲି । ଖଡ଼ଗପୁର ପରେ ମଧ୍ୟ କେତୋଟି ଷ୍ଟେସନ ପର୍ଯ୍ୟନ୍ତ ଟିକଟ ଥିଲା । ରାତ୍ରିରେ କୌଣସି ଏକ ଷ୍ଟେସନରେ ଟିକଟ ଚେକର୍ (ଟି. ଟି. ଆଇ.) ମୋତେ ଟ୍ରେନ୍‌ରୁ ଓହ୍ଲାଇ ଦେଲେ । ପରଦିନ ଆଉ ଜଣେ ଟି.ଟି.ଆଇ.ଙ୍କ କୃପାରୁ ଏକେବାରେ ପୁରୀରେ ଆସି ପହଞ୍ଚିଲି ।

''ସେତେବେଳେ ପୁରୀରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଉତ୍ସବ ମହାସମାରୋହରେ ଚାଲିଥିଲା । ନରେନ୍ଦ୍ର ସରୋବର ତୀରରେ ପୂଜ୍ୟପାଦ ଶ୍ରୀଯୁକ୍ତ ବିଜୟ ଗୋସ୍ୱାମୀ ମହୋଦୟଙ୍କର ଆଶ୍ରମରେ ନିଜର ପରିଚୟ ଦେଇ ଦଶ, ବାର ଦିନ ଥିଲି । ତା'ରି ଭିତରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦର୍ଶନ ଓ ସମୁଦ୍ର ସ୍ନାନ କଲି । ପୁରୀରୁ 'ରାମକୃଷ୍ଣ ମିସନ'ର ଜନୈକ ବ୍ରହ୍ମଚାରୀଙ୍କର ମହାନୁଭବତାରେ ପୁରୀ-ମାନ୍ଦ୍ରାଜ ପାସେଞ୍ଜର ଟ୍ରେନ୍‌ରେ ଉଠିଲି । ପରଦିନ ସକାଳେ ଟି. ଟି. ଆଇ. ପୁଣି ଓହ୍ଲାଇ ଦେଲେ । ଏମିତି କେତେବେଳେ କିଛି ଭିକ୍ଷା କରି ଅଳ୍ପ ସଂଗ୍ରହ ହେଲେ କିଛି ବାଟ ଟ୍ରେନ୍‌ରେ ଚଢ଼ିଯାଏ, ଓହ୍ଲାଇ କିଛି ବାଟ ଚାଲି ଚାଲି, ପୁଣି କିଛି ବାଟ ଟ୍ରେନ୍‌ରେ ବସି ଯାଏ । ରାଜମହେନ୍ଦ୍ରୀ, ଗୋଦାବରୀ, ବେଜଓ୍ୱାଡ଼ା, କୃଷ୍ଣା ପ୍ରଭୃତି ତୀର୍ଥସ୍ଥାନରେ କିଛିଦିନ ରହି ଅବଶେଷରେ ମାନ୍ଦ୍ରାଜରେ ପହଞ୍ଚିଲି । କଲିକତାରୁ ଆସିବା ବେଳେ ବେଲୁଡ଼ ମଠରେ ମୋର ବିଶେଷ ବନ୍ଧୁ ଜଗବନ୍ଧୁ ମହାରାଜ ଓରଫ ନିତ୍ୟାତ୍ମାନନ୍ଦଙ୍କର ଚିଠିଟିଏ ସାଙ୍ଗରେ ଆଣିଥିଲି; ଏହି ପରିଚୟ-ପତ୍ରଟି ଦେଖାଇ ମାନ୍ଦ୍ରାଜର ମାୟଲାପୁରସ୍ଥ ଶ୍ରୀ ଶ୍ରୀ ରାମକୃଷ୍ଣ ମଠରେ ପହଞ୍ଚିଲି । ସେଠାରେ ତିନି ଦିନ ଅତିଥି ହୋଇଥିଲି । ୧୫ ଅଗଷ୍ଟ ଏବେ ବହୁତ ଡେରି ଥାଏ । ଅନ୍ତରରେ ତୀବ୍ର ଇଚ୍ଛା ଥିଲା ରାମେଶ୍ୱର ଓ କୁମାରିକା ଦର୍ଶନ କରିବାକୁ; ଭାବିଲି ପଣ୍ଡିଚେରୀ ଆଶ୍ରମରେ ଯୋଗ ଦେଲେ ଆଉ ହୁଏତ ବାହାରି ଆସି ପାରିବି ନାହିଁ – ଏମିତି ନିୟମ ଅଛି ବୋଲି ଜାଣିଥିଲି । ତେଣୁ ମାନ୍ଦ୍ରାଜରୁ ଯାଇ ରାମେଶ୍ୱରରେ ପହଞ୍ଚିଲି । ଦଶ, ବାର ଦିନ ସେଠାରେ ଥିବାବସ୍ଥାରେ କଲିକତାର ଶାନ୍ତ ମହାରାଜଙ୍କୁ ଚିଠିଟିଏ ଲେଖିଲି ଯେ ସେ ଏବେ ଅନିଲ ବରଣ ବାବୁଙ୍କ ନାମରେ ମୋର ପରିଚୟ-ପତ୍ର ପଠାଇ ଦେବାକୁ ।

''ରାମେଶ୍ୱରରୁ ଯାଇ ମଦୁରାଇର ମୀନାକ୍ଷୀ ମନ୍ଦିର

ଏବଂ ଅନ୍ୟ କେତେକ ଦର୍ଶନୀୟ ସ୍ଥାନସବୁ ଦେଖି ଟ୍ରେନ୍‌ରେ ଭିଲିପୁରମ୍ ହୋଇ ପଣ୍ଡିଚେରୀର ଶ୍ରୀଅରବିନ୍ଦ ଆଶ୍ରମ ଦ୍ୱାରରେ ପହଞ୍ଚିଲି – ୧୯୩୨ ମସିହା ୧୧ ଅଗଷ୍ଟ, ସମୟ ପୂର୍ବାହ୍ନ, ପ୍ରାୟ ଦଶଟା ।

''ପ୍ରଧାନ ଦରଜାର ବାହାରୁ ମୃଦୁ ଆଘାତର ଶବ୍ଦ ଶୁଣି ଭିତରୁ କେହି ଜଣେ କବାଟ ଖୋଲି ଦେଲେ । ସେତେବେଳେ ଆଶ୍ରମର ଫାଟକ ସର୍ବଦା ବନ୍ଦ ରହୁଥିଲା । ପ୍ରୟୋଜନ ମୁତାବକ ଦ୍ୱାରରକ୍ଷୀ ଦରଜା ଖୋଲୁଥିଲେ । ପରେ ଜାଣିଲି ଯେ ଆଶ୍ରମର ପ୍ରଧାନ ଦରଜାର ବିପରୀତ ଫୁଟ୍‌ପାଥରେ (ବାଲ୍‌କୋନି ରୋଡ଼ରେ) ତିନି, ଚାରିଜଣ ବ୍ରିଟିଶ ଗୁପ୍ତଚର ଦିନରାତି ସାଧାରଣ ପ୍ରସାଧନରେ ପହରା ଦେଉଥିଲେ । ଏକଥା ଆଶ୍ରମକୁ ଆସୁଥିବା ଆଗନ୍ତୁକମାନେ ଆଦୌ ଜାଣି ପାରୁ ନଥିଲେ । ଆଶ୍ରମ ଭିତରକୁ ନୂତନ ବ୍ୟକ୍ତିଟି ପ୍ରବେଶ କରିବା ସମୟରେ ଗୁପ୍ତଚରମାନେ ଗୋପନରେ ବେଶ୍ ଲକ୍ଷ୍ୟ ରଖିଥା'ନ୍ତି, ସେତେବେଳେ ତାଙ୍କୁ କିଛି ବି ପଚାରନ୍ତି ନାହିଁ, କିନ୍ତୁ ଆଶ୍ରମରୁ ବାହାରକୁ ଆସିବା ମାତ୍ରେ ସେହି ବ୍ୟକ୍ତିଟିକୁ ପାଖକୁ ଡାକି ନାନା ପ୍ରଶ୍ନ ପଚାରୁ ଥିଲେ; ନାମଧାମ ଲେଖି ନେଉଥିଲେ, ଆସିବାର ଉଦ୍ଦେଶ୍ୟ, ନିଜର କର୍ମକ୍ଷେତ୍ର ଇତ୍ୟାଦି ସମ୍ବନ୍ଧେ ଟିକିନିଖି ରିପୋର୍ଟ ଲେଖି ବ୍ରିଟିଶ-ଭାରତ ସରକାରଙ୍କ ନିକଟକୁ ପଠାଇ ଦେଉଥିଲେ । ସେଥିପାଇଁ ଆଶ୍ରମକୁ ଆସୁଥିବା ନୂତନ ବ୍ୟକ୍ତିଗଣ ସେତେବେଳେ ଅଯଥା ବେଶ୍ ହଇରାଣରେ ପଡୁଥିଲେ । ବ୍ରିଟିଶ ଗୁପ୍ତଚର ବିଭାଗ ଶ୍ରୀଅରବିନ୍ଦ ଆଶ୍ରମ ଏବଂ ଆଶ୍ରମ ଗଠନ ହେବାର ବହୁ ପୂର୍ବରୁ, କହିବାକୁ ଗଲେ ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀରେ ପଦାର୍ପଣ କରିବା ମୁହୂର୍ତ୍ତରୁ ତାଙ୍କର ପ୍ରତିଟି ବାସସ୍ଥାନକୁ ସର୍ବଦା ନଜରରେ ରଖିବା ପାଇଁ ପଣ୍ଡିଚେରୀରେ ସ୍ଥାୟୀ ଏକ ବଡ଼ ସଂସ୍ଥା ରଖିଥିଲେ । ସେମାନେ ପାଳି କରି ତିନି, ଚାରି ଜଣ ଏକାଠି ଦିବାରାତ୍ରୀ ପହରା ଦେଉଥା'ନ୍ତି । ୧୯୩୫ ମସିହାରେ କଂଗ୍ରେସ ମନ୍ତ୍ରୀମଣ୍ଡଳର ଶାସନ କ୍ଷମତା ଆସିବା ପରେ, ଶ୍ରୀଅରବିନ୍ଦଙ୍କର ଶିଷ୍ୟ ମାନ୍ଦ୍ରାଜ ହାଇକୋର୍ଟର ବିଶିଷ୍ଟ ଆଡ଼ଭୋକେଟ୍ ଶ୍ରୀଯୁକ୍ତ ଦୁରାଇ ସ୍ୱାମୀ ଆୟାର୍‌ଙ୍କର ପ୍ରଚେଷ୍ଟାରେ ଆଶ୍ରମକୁ ଗୁପ୍ତଚରମାନଙ୍କର ଦିବାରାତ୍ରି ପ୍ରହରା ଦେବା ପ୍ରହସନର ଅବସାନ ଘଟିଥିଲା ।

''ସେ ଯାହାହେଉ, ଏବେ ଆମର ମୂଳ କଥାକୁ ଆସିବା – ଦ୍ୱାର ରକ୍ଷକ କବାଟ ଖୋଲି ମୋତେ ଭିତରକୁ ଡାକିଲେ ଏବଂ ପଚାରିଲେ ଯେ ମୁଁ କ'ଣ ଚାହେଁ । ମୁଁ କହିଲି, 'ମୁଁ ଏଇଠାକୁ ହିଁ ଆସିଛି ।' – 'ଏଠାରେ ଆପଣଙ୍କର କେହି ପରିଚିତ ବ୍ୟକ୍ତି ଅଛନ୍ତି କି ?' – 'ନା, ପରିଚିତ କେହି ନାହାନ୍ତି, କିନ୍ତୁ ଶ୍ରୀଯୁକ୍ତ ଅନିଲ ବରଣ ରାୟ ମହାଶୟ ଏଠାରେ ରହନ୍ତି କି ?' – 'ହଁ, ସେ ଏଇଠି ରହନ୍ତି ।' – 'ତାଙ୍କ ନାମରେ ଡାକଯୋଗେ ମୋର ଗୋଟିଏ ପରିଚୟ-ପତ୍ର ଆସିବାର କଥା । ଆପଣ ଦୟାକରି ତାଙ୍କୁ ପଚାରି ବୁଝିବେ କି ?'

''ଦ୍ୱାର ରକ୍ଷକ ମୋତେ ଅପେକ୍ଷା କରିବାକୁ କହି ଆଶ୍ରମର ଭିତରପଟକୁ ଚାଲିଗଲେ । କିଛି ସମୟ ପରେ ଫେରିଆସି କହିଲେ, 'ମୁଁ ଅନିଲ ବରଣଙ୍କୁ ପଚାରିଲି, ସେ ସେମିତି କିଛି ପତ୍ର ପାଇ ନାହାନ୍ତି ।' (ସେତେବେଳେ ଅନିଲ ବରଣ 'ଲାଇବ୍ରେରି ହାଉସ୍'ର ଉପର ମହଲାରେ ରହୁଥିଲେ ।)

''ସେତେବେଳେ ଆଶ୍ରମର ଫାଟକ ସମ୍ମୁଖରେ ଥିବା ବାରଣ୍ଡାରେ ବସିବାର କୌଣସି ନିୟମ ନଥିଲା । ତେଣୁ ସେମିତି ଛିଡ଼ା ହୋଇ ଦ୍ୱାର ରକ୍ଷକଙ୍କଠାରୁ ଖଣ୍ଡିଏ କାଗଜ ଓ ପେନ୍‌ସିଲଟିଏ ମାଗି ଶ୍ରୀଯୁକ୍ତ ଅନିଲ ବରଣଙ୍କୁ ଚିଠିଟିଏ ଲେଖିଲି ଏବଂ ସେଥିରେ ଉଲ୍ଲେଖ କରିଥିଲି ଯେ ମୁଁ ତାଙ୍କ ସହିତ ଦେଖା କରିବାକୁ ଚାହେଁ । ଦ୍ୱାର ରକ୍ଷକଙ୍କ ହାତରେ ଚିଠିଟି ଦେବା ମାତ୍ରେ ସେ ପୁଣି ଭିତରକୁ ଯାଇ ସଙ୍ଗେ ସଙ୍ଗେ ତାଙ୍କୁ ଦେଖାଇ ଫେରି ଆସିଲେ ।

''ତାଙ୍କଠୁଁ ଶୁଣିଲି ଯେ ଶ୍ରୀଯୁକ୍ତ ଅନିଲ ବରଣ ସେତେବେଳେ କାହା ସହିତ ଦେଖା କରୁ ନାହାନ୍ତି ବା ଆଶ୍ରମ ବାହାରକୁ ଆସୁ ନାହାନ୍ତି । ତେବେ ମୋତେ ଅପେକ୍ଷା କରିବାକୁ କହି ପଠାଇଛନ୍ତି । ଦ୍ୱାର ରକ୍ଷକ ତାଙ୍କର କର୍ତ୍ତବ୍ୟ ଶେଷ କରି ନିଜ କକ୍ଷକୁ ଚାଲିଯିବା ପୂର୍ବରୁ ମୋତେ କିନ୍ତୁ ବାରଣ୍ଡାରେ ବସିବାକୁ କହି ଚାଲିଗଲେ ।

''ସେତେବେଳେ ବାରଣ୍ଡା ସଂଲଗ୍ନ ଭିତର ହଲ୍‌ଟିର ତିନୋଟି ଦରଜା ମଧ୍ୟ ବନ୍ଦ ରହୁଥିଲା । ସେଦିନ ପୂର୍ବପଟ ଦରଜାଟି ଅଳ୍ପ ଖୋଲା ରହିଥିଲା; ଦେଖିଲି ହଲ୍‌ର ଏକ ପାର୍ଶ୍ୱରେ ଶ୍ରୀଅରବିନ୍ଦଙ୍କର ଗୋଟିଏ ବଡ଼ ଫଟୋ ରଖା ଯାଇଛି । ସେଇ ଫଟୋରେ ଶ୍ରୀଅରବିନ୍ଦଙ୍କର ପ୍ରଶାନ୍ତ ଓ ସ୍ନିଗ୍ଧ ମୂର୍ତ୍ତି ପ୍ରଥମ କରି ଦର୍ଶନ କଲି ଏବଂ ଦୂରରୁ ଭୂମିଷ୍ଠ ପ୍ରମାଣ ଜଣାଇଲି । ଚଟାଣରେ ମୋର କମ୍ବଳ ବିଛାଇ ବସି ଭାବିବାକୁ ଲାଗିଲି ଏବଂ ଟିକିଏ ଚିନ୍ତିତ ହୋଇ ପଡ଼ିଲି । ମୁଁ ଜାଣିଥିଲି ଯେ ବିନା ଅନୁମତିରେ ଏଠାକୁ ଆସି ହୁଏ ନାହିଁ ଏବଂ ପରିଚୟ-ପତ୍ରାଦି ନଥିଲେ କାହାରିକୁ ଆଶ୍ରମର ଭିତରକୁ ପ୍ରବେଶ ନିଷେଧ । ଏବେ ପରିସ୍ଥିତି ଯେମିତି ଉପୁଜିଛି... ।

‘‘ପ୍ରଥମ ଦ୍ୱାର ରକ୍ଷକ ଚାଲିଯିବା ପରେ ଦିନ ବାରଟା ପରେ ଆଉ ଜଣେ ଆସିଲେ । ମୁଁ ପ୍ରାୟ ସାଢ଼େ ଦଶଟାରୁ ବାରଣ୍ଡାରେ ବସିଛି, ସାଢ଼େ ବାରଟା ବାଜିଲା । ଏହି ସମୟ ମଧ୍ୟରେ ଶ୍ରୀଯୁକ୍ତ ନଳିନୀକାନ୍ତ ଗୁପ୍ତ ଥରେ, ଦୁଇ ଥର ଏପଟକୁ ଆସିଲେ ଏବଂ ଚଟାଣରେ କମ୍ବଳପାତି ବସିଥିବା ସନ୍ନ୍ୟାସୀକୁ (ମୋତେ) ଦେଖି ଦୁଇ ଥରଯାକ କହିଥିଲେ, ‘ଏଠାରେ ବସିବାର ନିୟମ ନାହିଁ, ବାହାରକୁ ଯାଆନ୍ତୁ ।’ ପ୍ରଥମ ଦ୍ୱାର ରକ୍ଷକ ବୋଧହୁଏ ମୋ ପ୍ରତି ଟିକିଏ ସହାନୁଭୂତିଶୀଳ ଥିଲେ । ନଳିନୀ ବାବୁଙ୍କ ନିର୍ଦ୍ଦେଶମତେ ମୁଁ ବାହାରକୁ ଯିବାକୁ ଉଦ୍ୟତ ହୁଅନ୍ତେ ଦୂରରୁ ପ୍ରଥମ ଦ୍ୱାର ରକ୍ଷକ ମୋତେ ଦେଖି ଇଙ୍ଗିତରେ କହିଲେ ସେଇଠି ବସି ଅପେକ୍ଷା କରିବାକୁ । ମୁଁ ପୁଣି ସେମିତି ବସି ରହିଲି । ଅବଶେଷରେ ବୋଧହୁଏ ମୋର ସନିର୍ବନ୍ଧ ଅନୁରୋଧରେ ଶ୍ରୀଯୁକ୍ତ ଅନିଲ ବରଣ ତଳକୁ ଓହ୍ଲାଇ ଆସିଲେ ଏବଂ ମୋ ସହିତ ଦେଖା କଲେ । ଉଠି ପ୍ରଣାମ ଜଣାଇ ତାଙ୍କୁ କହିଲି, ‘ମୁଁ ଏହି ଆଶ୍ରମରେ ଯୋଗଦାନ କରିବାକୁ ଆସିଛି, କିପରି ଭାବରେ ସମ୍ଭବ ହୋଇପାରିବ, ଆପଣ ଅନୁଗ୍ରହ କରି ତାହାର ବ୍ୟବସ୍ଥା କରି ପାରିବେ କି ?’ ମୋ କଥା ଶୁଣି ସେ କହିଲେ, ‘ରହିବା କଥା ପରେ ଦେଖାଯିବ । ଅଗଷ୍ଟ ୧୫ ଶ୍ରୀଅରବିନ୍ଦଙ୍କର ଜନ୍ମଦିବସ, ଦର୍ଶନର ଦିନ । ଆପଣ ପ୍ରଥମେ ଦର୍ଶନ ସକାଶେ ଅନୁମତି ପ୍ରାର୍ଥନା କରି ଶ୍ରୀଅରବିନ୍ଦଙ୍କୁ ଖଣ୍ଡିଏ ଚିଠି ଲେଖି ମୋ ହାତରେ ଦିଅନ୍ତୁ । ମୁଁ ତାହା ଶ୍ରୀଅରବିନ୍ଦଙ୍କ ପାଖକୁ ପଠାଇ ଦେବି ।’

‘‘ଦୁଇ, ତିନି ମିନିଟ ଭିତରେ ଶ୍ରୀଯୁକ୍ତ ଅନିଲ ବରଣ ଉପରୋକ୍ତ କଥା ସବୁ କହି ଉପରକୁ ଯିବାକୁ ଉଦ୍ୟତ ହୁଅନ୍ତେ ମୁଁ ତାଙ୍କୁ ସବିନୟରେ କହିଲି, ‘ମୁଁ ଭିକ୍ଷୁ, ସନ୍ନ୍ୟାସୀ, ମୋ ପାଖରେ ଟଙ୍କାପଇସା କିଛି ନାହିଁ । ଏଠାରେ ମୋର ରହିବାର ଓ ଖାଇବାର ବ୍ୟବସ୍ଥା ହୋଇପାରିବ କି ?’ ସେ କହିଲେ, ‘ଦେଖନ୍ତୁ, ଏହି ଆଶ୍ରମରେ ଅତିଥି-ଅଭ୍ୟାଗତମାନଙ୍କର ରହିବା-ଖାଇବାର କୌଣସି ବ୍ୟବସ୍ଥା ନାହିଁ । ଏହା ହିଁ ଆଶ୍ରମର ନିୟମ ।’ ପୁଣି ତାଙ୍କୁ ପଚାରିଲି, ‘ଏଠାରେ କୌଣସି ଛତ୍ର ବା ଧର୍ମଶାଳା ଅଛି କି ?’

‘‘ସେ ଆଶ୍ରମ ବାହାରକୁ ଯାଆନ୍ତି ନାହିଁ । ତେଣୁ କୌଣସି ଖବର ରଖି ନାହାନ୍ତି । କାହାକୁ ପଚାରି ମୋତେ କହିଲେ, ‘ସହରରେ ‘ଅମ୍‌ନିବାସମ୍’ ନାମରେ ଗୋଟିଏ ହୋଟେଲ ଅଛି । ସେଠାକୁ ଆପଣ ଯାଇପାରନ୍ତି ।’ – ଅନ୍ତରରେ ତାଙ୍କୁ ଧନ୍ୟବାଦ ଜଣାଇ ଆଶ୍ରମରୁ ବାହାରି ଆସିଲି । ସମୟ ପ୍ରାୟ ଗୋଟାଏ । ଆଶ୍ରମରୁ ବାହାରି ମୁଁ ବିସ୍ମିତ ହେଲି ଯେ ପ୍ରାୟ ସାରା ଭାରତବର୍ଷ କପର୍ଦ୍ଦକଶୂନ୍ୟ ଭିକ୍ଷୁ ସନ୍ନ୍ୟାସୀ ପରି ଭ୍ରମଣ କରିଛି । କିନ୍ତୁ ଏ ଆଶ୍ରମ ପରି ଦ୍ୱିତୀୟ ଆଶ୍ରମ ମୁଁ କେଉଁଠି ହେଲେ ଦେଖି ନାହିଁ, ଯେଉଁଠି ମଧ୍ୟାହ୍ନ ସମୟରେ ଜଣେ ଭିକ୍ଷୁ ସନ୍ନ୍ୟାସୀ ଅଭୁକ୍ତ ଅବସ୍ଥାରେ ଫେରିଯାଏ । ଏହା ପଶ୍ଚାତ୍‌ରେ କିଛି ଅନିବାର୍ଯ୍ୟ କାରଣ ଅଛି ।... ଏତେ ନିରୁତ୍ସାହ ଓ ନିରାଶା ଭିତରେ ମଧ୍ୟ ମୋର ଉଦ୍ଧତ ଓ କ୍ଷଣକୋପୀ ସ୍ୱଭାବ ଏକ କ୍ଷୀଣ ଆଶାର ଆଲୋକ ଦେଖିଲା – ଶ୍ରୀଯୁକ୍ତ ଅନିଲ ବରଣ ମହାଶୟ କହିଛନ୍ତି ଯେ ମୁଁ ଶ୍ରୀଅରବିନ୍ଦଙ୍କ ପାଖକୁ ମୋର ସମସ୍ତ କଥା ଲେଖି ପତ୍ରଟିଏ ଦେଇପାରେ । କେତେ ଦିନ ଧରି ଭାବିଛି ଶ୍ରୀଅରବିନ୍ଦଙ୍କୁ ପତ୍ରଟିଏ ଲେଖି ଜୀବନର ସବୁକଥା ଜଣାଇ ତାଙ୍କର ଉପଦେଶାନୁସାରେ ସବୁକଥା କରିବି, କିନ୍ତୁ ତାହା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନଥିଲା । ଆଉ ଆଜି ଅନିଲ ବରଣ ମୋତେ କେତେ ସହଜରେ କହିଲେ ଯେ ମୁଁ ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖିପାରେ ଏବଂ ଶ୍ରୀଅରବିନ୍ଦ ସେଇ ଚିଠି ପଢ଼ିବେ । ତେଣୁ ବାହ୍ୟିକ ଦୁଃଖକଷ୍ଟସବୁ ମୋତେ ଆଉ ନିରାଶ କରି ପାରିଲା ନାହିଁ – ମନରେ ତୀବ୍ର ଆଶା ଓ ଭରସା ଉଦ୍ରେକ ହେଲା ।...’’

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ସଭିଙ୍କ ପାଇଁ ଶୁଭେଚ୍ଛା ଓ ସଭିଙ୍କଠାରୁ ଶୁଭେଚ୍ଛା ହେଉଛି ଶାନ୍ତି ଓ ସଙ୍ଗତିର ଭିତ୍ତି ।

– ଶ୍ରୀମା

# ଗୁପ୍ତ ତୀର୍ଥଯାତ୍ରା
## (୩)

## ସୂର୍ଯ୍ୟକାନ୍ତି ମହାନ୍ତି


ମନୁଷ୍ୟର ପବିତ୍ର ହୃଦୟରୂପକ ଗୁମ୍ଫାକୁ ଯାତ୍ରା ଆରମ୍ଭ କରିବା ନିମନ୍ତେ ଯାତ୍ରୀର ପୂର୍ଣ୍ଣ ପ୍ରସ୍ତୁତି ଆବଶ୍ୟକ । ଏଥିପାଇଁ ସେ ଶରୀରକୁ ଜଳ ଦ୍ୱାରା, ବୁଦ୍ଧିକୁ ଜ୍ଞାନ ଦ୍ୱାରା, ମସ୍ତିଷ୍କକୁ 'ଓମ୍'କାର ଧ୍ୱନି ଦ୍ୱାରା, ମନକୁ ଶାନ୍ତି ଦ୍ୱାରା ଏବଂ ହୃଦୟକୁ ପ୍ରେମ ଦ୍ୱାରା ଶୁଦ୍ଧ କରି, ସାହସର ଲାଠି ଧରି ଧ୍ୟାନ ପଥରେ ଯାତ୍ରା କରେ । 'ଧ୍ୟାନ ପଥ'ର ଅର୍ଥ କ'ଣ ? ଏହା କ'ଣ ଖାଲି ଚକ୍ଷୁ ବନ୍ଦ କରି ବସି ରହିବା ନା ଅନ୍ୟ କିଛି ? ଧ୍ୟାନ ହେଉଛି ଆନ୍ତର୍ଦେଶରେ ସଂହତି ସୃଷ୍ଟି ପାଇଁ ଏକ ପୁରାତନ ପ୍ରଥା ଏବଂ ଏକ ଆଧ୍ୟାତ୍ମିକ ଓ ବିଜ୍ଞାନସମ୍ମତ ଉପାୟ ।

ଏ ବିଶ୍ୱ-ବ୍ରହ୍ମାଣ୍ଡର ମୂଳତତ୍ତ୍ୱ ହେଉଛି ଶକ୍ତି (Energy) । ଏଥିରୁ ସୃଷ୍ଟି ହୋଇଥାଏ କଣିକା ଓ ବସ୍ତୁ । ବର୍ତ୍ତମାନର ବୈଜ୍ଞାନିକଙ୍କ ଆବିଷ୍କାରରୁ ଜଣାଯାଏ ଯେ ମନୁଷ୍ୟର ମସ୍ତିଷ୍କ ସିଧାସଳଖ ଭାବରେ ପ୍ରକୃତିରୁ ଶକ୍ତି ଆହରଣ କରେ ଏବଂ ତା' ହୃଦୟ ସୂର୍ଯ୍ୟ ଓ ଚନ୍ଦ୍ରଙ୍କଠାରୁ ଆଲୋକ ଶୋଷଣ କରେ । ଅତଏବ ହୃଦୟ ଓ ମସ୍ତିଷ୍କ ମଧ୍ୟରେ ସଂହତି ସ୍ଥାପନ ନିମନ୍ତେ ଧ୍ୟାନର ଆବଶ୍ୟକ ହୁଏ ।

ଧ୍ୟାନ ଏକ ପ୍ରକାର ଇନ୍ଦ୍ରଜାଲ, ଏକ ଧର୍ମ କିଂବା ଯାନ୍ତ୍ରିକ ବିଜ୍ଞାନ ନୁହେଁ, ବରଂ ଏହା ଏକ ସାଧାରଣ ଶୈଳୀ ବା କୌଶଳ, ଯାହାକୁ ବ୍ୟବହାର କରି ନିଜ ମନ ଓ ହୃଦୟ ମଧ୍ୟରେ ଯୋଗାଯୋଗ ସୃଷ୍ଟି କରି ହୁଏ । ଧ୍ୟାନ ହେଉଛି ନିଜ ସହିତ ସମୟ ବିତେଇବା, ନିଜ ଶ୍ୱାସକ୍ରିୟା ସହିତ ନିଜକୁ ସଂଯୋଗ କରିବା, ନିଜର ପ୍ରାଣ ଶକ୍ତିର ଉପସ୍ଥିତିକୁ ଅନୁଭବ କରିବା, ନିଜର ଅନ୍ତଃ ଛନ୍ଦ ସହିତ ନିଜ ଚେତନାକୁ ସଂଯୋଜିତ କରିବା, ନିଜ ଆତ୍ମା ସହିତ ବାର୍ତ୍ତାଳାପ କରିବା ଏବଂ ନିଜର ଏହି ଅଦ୍ୱିତୀୟ ଜୀବନ ସହିତ ସ୍ନେହପୂର୍ଣ୍ଣ ଭାବ ବିନିମୟ କରିବା । ଯେପରି ପ୍ରତିଦିନର ସ୍ନାନ ମନୁଷ୍ୟ ଶରୀରକୁ ପରିଷ୍କାର କରିଦିଏ, ସେହିପରି ପ୍ରତିଦିନର ଧ୍ୟାନ ମନକୁ ସ୍ୱଚ୍ଛ କରିଥାଏ । ଏପରିକି ଧ୍ୟାନ ମସ୍ତିଷ୍କର ଅବଚେତନ ସ୍ତରକୁ ବି ନିର୍ମଳ ଓ ପରିଚ୍ଛନ୍ନ ରଖିବାର କ୍ଷମତା ବହନ କରେ ।

ବିଭିନ୍ନ ଶାସ୍ତ୍ର ଓ ବହୁ ଯୋଗ ଗୁରୁଙ୍କ ଅନୁଯାୟୀ ଧ୍ୟାନ ଭିନ୍ନ ଭିନ୍ନ ପ୍ରକାରର ଅଛି । ତେବେ ହୃଦୟ ଗୁମ୍ଫାକୁ ଯାତ୍ରା କରିବାର ଧ୍ୟାନ ସାଧାରଣତଃ ହୃଦୟରେ କେନ୍ଦ୍ରିତ ହୋଇଥାଏ, ଯାହା ସର୍ବାପେକ୍ଷା ସରଳ ଓ ସହଜ ଧରଣର ଏବଂ ଏଥିରେ ଆନନ୍ଦର ଅନୁଭୂତି ସୃଷ୍ଟି ହୋଇଥାଏ । ଧ୍ୟାନର ଏହି ପ୍ରଣାଳୀଗୁଡ଼ିକ ମଧ୍ୟରେ ମୁଖ୍ୟତଃ 'ଛନ୍ଦୋମୟ ହୃଦୟରେ ଧ୍ୟାନ', 'ଯୁଗ୍ମଜ ହୃଦୟରେ ଧ୍ୟାନ' ଏବଂ 'ଆଦିତ୍ୟ ହୃଦୟମ୍ ଧ୍ୟାନ' ଗୁରୁତ୍ୱ ବହନ କରେ ।

**ଛନ୍ଦୋମୟ ହୃଦୟରେ ଧ୍ୟାନ :** ଏହି ପ୍ରକାରର ଧ୍ୟାନ ବୈଦିକ ସମୟରେ ଚାଲୁଥିଲା ବୋଲି ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି । ବୌଦ୍ଧମାନେ ମଧ୍ୟ ଏହି ପ୍ରଣାଳୀ ଅଭ୍ୟାସ କରୁଥିଲେ । ବୈଜ୍ଞାନିକମାନଙ୍କ ମତରେ ହୃଦୟ ମସ୍ତିଷ୍କଠାରୁ ବୈଦ୍ୟୁତିକ ଭାବରେ ୧,୦୦,୦୦୦ ଗୁଣ ଏବଂ ଚୁମ୍ବକୀୟ ଭାବରେ ୫,୦୦୦ ଗୁଣ ଅଧିକ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରେ । ଛନ୍ଦୋମୟ ହୃଦୟରେ ଧ୍ୟାନ ପ୍ରଣାଳୀ ହୃତ୍ସ୍ପନ୍ଦନ ସହିତ ଶ୍ୱାସକୁ ସମନ୍ୱିତ କରାଏ । ଫଳରେ ମନୁଷ୍ୟର ଆନ୍ତର୍ଦେଶରେ ସୃଷ୍ଟି ହୁଏ ଶକ୍ତିଶାଳୀ ଅନ୍ତଃ ଛନ୍ଦ; ଯାହା ମସ୍ତିଷ୍କ, ହୃଦୟ ଓ ଶରୀର ମଧ୍ୟରେ ପାରସ୍ପରିକ ସମନ୍ୱୟ ରକ୍ଷା କରେ ।

**ଧ୍ୟାନର ସ୍ଥାନ, ସମୟ ଓ ପୋଷାକ :** ସ୍ନାନ ପରେ, ପରିଷ୍କାର ସ୍ଥାନରେ, ଯେକୌଣସି ଶାନ୍ତ ପରିବେଶରେ ଧ୍ୟାନ କରାଯାଇପାରେ । ଉକ୍ତ ସ୍ଥାନ ଅତି ଗରମ ବା ଅତି ଥଣ୍ଡା ନହେଲେ ଭଲ । କେହି କେହି ସୁଖାସନରେ ତ କେହି କେହି ପଦ୍ମାସନରେ ବସନ୍ତି । ଧ୍ୟାନ ଯେ କୌଣସି ସମୟରେ କରାଯାଇପାରେ । ତେବେ ଭୋର ସମୟ ହେଉଛି ଉତ୍ତମ ସମୟ । କେହି ରାତ୍ରୀରେ ଶୋଇବାକୁ ଯିବା ପୂର୍ବରୁ ଧ୍ୟାନ କରନ୍ତି । ମାତ୍ର ପୂର୍ଣ୍ଣ ଖାଦ୍ୟ ଗ୍ରହଣ ପରେ ଧ୍ୟାନ ନକରିବା ଭଲ । ପୁନଶ୍ଚ, ବିଭିନ୍ନ ପ୍ରକାର ଧ୍ୟାନ ସମୟର ଅବଧି ଭିନ୍ନ ଭିନ୍ନ ପ୍ରକାରର । ତେବେ ବ୍ୟକ୍ତି ତା' ନିଜ ସୁବିଧା ଅନୁଯାୟୀ ପାଞ୍ଚ ମିନିଟରୁ ସର୍ବାଧିକ ଏକ ଘଣ୍ଟା ପର୍ଯ୍ୟନ୍ତ ଧ୍ୟାନ କରିପାରେ । ଧ୍ୟାନ ସମୟରେ ହାଲ୍‌କା ରଙ୍ଗ କିଂବା ଧଳା ରଙ୍ଗର ଢିଲା ପୋଷାକ ବ୍ୟବହାର କରିବା ଉତ୍ତମ ।

**ପ୍ରଣାଳୀ :**

୧. ଏକ ପରିଷ୍କାର ଆସନ ଉପରେ ଚକ୍ଷୁ ବନ୍ଦ କରି ବସ ।
୨. ଶ୍ୱାସକ୍ରିୟା ସରଳ ଓ ସ୍ୱାଭାବିକ ଭାବରେ ସମ୍ପାଦନ କର ।
୩. ଧୀରେ ଅପାନ ବାୟୁ ମୁଦ୍ରାରେ ଅଙ୍ଗୁଳିଗୁଡ଼ିକ ଦୁଇ ଜଙ୍ଘ ଉପରେ ରଖ ।
୪. ମନକୁ ସ୍ଥିର କରି, ହୃଦୟ ଉପରେ ଧ୍ୟାନ କେନ୍ଦ୍ରିତ କର ।
୫. ଅନୁଭବ କର, ହୃଦୟ ଯେପରି ତୁମର ପ୍ରିୟ ବନ୍ଧୁ ।

ଏହିପରି ଭାବରେ କିଛି ସମୟ ଅର୍ଥାତ୍ ସର୍ବନିମ୍ନ ପାଞ୍ଚ ମିନିଟରୁ ଆରମ୍ଭ କରି ଏକ ଘଣ୍ଟା ପର୍ଯ୍ୟନ୍ତ ଧ୍ୟାନ କର କିଂବା ନିଜର ସୁବିଧା ଅନୁଯାୟୀ ସମୟ ନେଇପାର । ଏହାକୁ ପ୍ରତିଦିନର ଅଭ୍ୟାସରେ ପରିଣତ କର ।

**ଉପକାରିତା :**

ଛନ୍ଦୋମୟ ହୃଦୟରେ ଧ୍ୟାନ ଅଭ୍ୟାସ ହୃତ୍-ସ୍ପନ୍ଦନର ହାରକୁ ଅଧିକ ନିୟମିତ କରାଏ, ରକ୍ତଚାପକୁ ସାଧାରଣ ସ୍ତରକୁ ନେଇ ଆସେ, ରକ୍ତ ସଞ୍ଚାଳନ ବୃଦ୍ଧି କରାଏ ଏବଂ ହୃଦୟରେ ସଙ୍ଗତି ସୃଷ୍ଟି କରେ । ଏହା Central Nervous System Activity (CNA)ର କାର୍ଯ୍ୟକାରିତା ବୃଦ୍ଧି ଘଟାଏ, ଶରୀରର ସମସ୍ତ ରାସାୟନିକ ପ୍ରକ୍ରିୟା (Metabolism) ବୃଦ୍ଧି କରାଏ ଏବଂ ହଜମ କ୍ରିୟାରେ ଉନ୍ନତି ଘଟାଏ । ଏପରିକି ମହାଜାଗତିକ ଶକ୍ତିକୁ ହୃଦୟ ମଧ୍ୟ ଦେଇ ଶରୀରରେ ଅବତରଣ କରାଏ । ଏହି ପ୍ରକ୍ରିୟାରେ ହୃଦୟରେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ବିକିରଣ ହୁଏ । ଫଳରେ ହୃଦୟରେ ଅନାହତ ଧ୍ୱନିର ସୃଷ୍ଟି ହୁଏ, ଯାହାକୁ ବ୍ୟକ୍ତି ଶ୍ରବଣ କରିବାର କ୍ଷମତା ରଖେ ।

ଧ୍ୟାନ ଅଭ୍ୟାସକାରୀ ବ୍ୟକ୍ତି ବିଶେଷର ହୃଦୟ ବ୍ୟକ୍ତିକୁ ଏକ ନବୀନ ପରିବର୍ତ୍ତିତ ମନୁଷ୍ୟରେ ପରିଣତ କରିଥାଏ । ଯଦିଓ ମନ ସବୁ ପରିସ୍ଥିତିକୁ ପରିଚାଳିତ କରିଥାଏ, ତଥାପି ହୃଦୟ ସାମନାକୁ ଆସି ସକଳ ଘଟଣାବଳିକୁ ସୁନ୍ଦର ଭାବରେ ସୁପରିଚାଳନା କରେ । ଯିଏ ହୃଦୟର ଆଶ୍ରୟ ନିଏ, ହୃଦୟ ମଧ୍ୟ ତା'କୁ ସର୍ବଦା ସୁରକ୍ଷା ପ୍ରଦାନ କରିଥାଏ । ଏପରିକି ଜଣେ ସାଧାରଣ ବ୍ୟକ୍ତି ଅସାଧାରଣ ବି ହୋଇ ଯାଇପାରେ । ଏଣୁ ବାସ୍ତବରେ କୁହାଯାଏ ଯେ ଜଣକର ହୃଦୟ ହେଉଛି ମନ୍ଦିର । ଏହା ମଧ୍ୟରେ ନିହିତ ଅଛି ବିଶ୍ୱର ସର୍ବୋତ୍ତମ ସମ୍ପତ୍ତି ।

**ଯୁଗ୍ମଜ ହୃଦୟରେ ଧ୍ୟାନ :** ବିଭିନ୍ନ ଧ୍ୟାନ ପ୍ରଣାଳୀ ମଧ୍ୟରେ ଯୁଗ୍ମଜ ହୃଦୟରେ ଧ୍ୟାନ ଅନ୍ୟତମ । ଏହାକୁ ବିଖ୍ୟାତ ଚାଇନିଜ୍ ଧ୍ୟାନଗୁରୁ ଚୋଆ କୋକ୍‌ସୁଇ (Choa Koksui) ଆରମ୍ଭ କରିଥିଲେ । ଏହି ପ୍ରଣାଳୀ ଅନୁଯାୟୀ ହୃଦୟ ଦୁଇଟି ଅଂଶରେ ଗଠିତ । ପ୍ରଥମଟି ହେଉଛି ହୃଦୟ ଚକ୍ର, ଯାହା ବ୍ୟକ୍ତିର ଆବେଗିକ ପାର୍ଶ୍ୱକୁ ସୂଚୀତ କରେ । ଦ୍ୱିତୀୟଟି ହେଉଛି – ସହସ୍ରାର ଚକ୍ର, ଯାହାକୁ ଆଧ୍ୟାତ୍ମିକ ହୃଦୟ ଭାବରେ ଗ୍ରହଣ କରାଯାଏ । ଯୁଗ୍ମଜ ହୃଦୟରେ ସଂଗଠିତ ଧ୍ୟାନ ପ୍ରଣାଳୀ କେନ୍ଦ୍ରିତ କରେ ଏହି ଦୁଇଟି ହୃଦୟ (ହୃଦୟ ଚକ୍ର ଓ ସହସ୍ରାର ଚକ୍ର) କେନ୍ଦ୍ରକୁ । ଫଳରେ ଏ ଦୁଇ ହୃଦୟ ମଧ୍ୟରେ ଥିବା ସଂଯୋଜିତ ଦ୍ୱାର ଉନ୍ମୁକ୍ତ ହୋଇଯାଏ । ଏହାକୁ ଦିବ୍ୟ-ଧ୍ୟାନ ପ୍ରଣାଳୀ ବି କୁହାଯାଏ ।

**ପ୍ରଣାଳୀ :**

୧. ଏକ ପରିଷ୍କାର ଆସନ ଉପରେ ଶାନ୍ତ ପରିବେଶରେ ଚକ୍ଷୁବନ୍ଦ କରି ଏବଂ ମେରୁଦଣ୍ଡ ସଳଖ କରି ବସ ।
୨. ଶ୍ୱାସପ୍ରଶ୍ୱାସ ସ୍ୱାଭାବିକ ରହିବା ଦରକାର ।
୩. ମନ ଭିତରେ ସକାରାତ୍ମକ ମନୋଭାବ ରଖ, ଯେପରି ଏ ଧରିତ୍ରୀର ସମସ୍ତ ଶକ୍ତି ତୁମ ସହିତ ରହିଛି । ସମସ୍ତେ ତୁମର ମିତ୍ର ଏବଂ ତୁମେ ସମସ୍ତଙ୍କର ମିତ୍ର । ଏହା ହେଉଛି ହୃଦୟଚକ୍ର ଖୋଲିବାର ପ୍ରଥମ ସୋପାନ ।
୪. ଏହି ସମୟରେ ପବିତ୍ର 'ଓମ୍'କାର ଧ୍ୱନି ତିନିଥର ଉଚ୍ଚାରଣ କର ।
୫. ଏହା ପରେ ହାତ ଦୁଇଟିକୁ ଧୀରେ ସେଠାରୁ ଫେରାଇ ଆଣି ଅପାନବାୟୁ ମୁଦ୍ରାରେ ଜଙ୍ଘ ଉପରେ ରଖ ଏବଂ ଧ୍ୟାନରେ ଅନ୍ୟୂନ ପାଞ୍ଚ ମିନିଟ ବସ ।
୬. ତା'ପରେ ଧୀରେ ଧୀରେ ଚକ୍ଷୁ ଖୋଲ ।

ଧ୍ୟାନ ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ସମାନ ସ୍ଥାନରେ ଅଭ୍ୟାସ କରିଲେ ଭଲ । ଏହି ପ୍ରକାର ଧ୍ୟାନ କରିବା ସମୟରେ ସ୍ୱତନ୍ତ୍ର ଧରଣର କ୍ୟାମେରାରେ ଫଟୋ ନେଲେ ଦେଖାଯାଏ ଯେ ଏକ ଶୁଭ୍ର ଆଲୋକ ରେଖା ସହସ୍ରାର ଚକ୍ରରୁ ହୃଦୟ କେନ୍ଦ୍ରକୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସମସ୍ତ ଶରୀରରେ ବିସ୍ତାରିତ ହେଉଛି ।

**ଉପକାରିତା :**

୧. ଧ୍ୟାନ ମାନସିକ ଉତ୍ତେଜନା, ଉଦ୍‌ବେଗ ଓ ଅବସାଦ

କମ୍ କରେ ଏବଂ ଅଦରକାରୀ ଆବେଗକୁ ବାହାର କରିଦିଏ ।

୨. ବ୍ୟକ୍ତିର ଚତୁଃପାର୍ଶ୍ୱର ପରିବେଶକୁ ଶାନ୍ତ ରଖେ । ଫଳରେ ଲୋକଙ୍କ ସହ ଭଲ ସମ୍ପର୍କ ରକ୍ଷା କରାଯାଇଥାଏ ।

୩. ସମଗ୍ର ପାର୍ଥିବ ଜଗତ୍ ପ୍ରତି ବସୁଧୈବ କୁଟୁମ୍ବକମ୍ ମନୋଭାବ ବୃଦ୍ଧି କରେ ।

୪. ଏବଂ ସର୍ବୋପରି ମନୁଷ୍ୟକୁ ଅଲୌକିକ ଭାବରେ ଆରୋଗ୍ୟ କରାଏ ।

**ଆଦିତ୍ୟ ହୃଦୟମ୍ ଧ୍ୟାନ :** 'ଆଦିତ୍ୟ ହୃଦୟମ୍'ର ଅର୍ଥ ହୃଦୟରେ ସୂର୍ଯ୍ୟଙ୍କୁ ଧ୍ୟାନ । ଏହା ଏକତିରିଶଟି ଶ୍ଳୋକ ବିଶିଷ୍ଟ ଏକ ସ୍ତୋତ୍ର, ଯାହା ବିଜୟ ଓ ସ୍ଥାୟୀ ଆନନ୍ଦ-ପ୍ରଦାନକାରୀ ଦେବତା ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ସମର୍ପିତ । ଏହି ସ୍ତୋତ୍ରରେ ସୂର୍ଯ୍ୟଙ୍କୁ ବ୍ରହ୍ମା, ବିଷ୍ଣୁ, ଶିବ, ସ୍କନ୍ଦ, ପ୍ରଜାପତି, ଇନ୍ଦ୍ର, କୁବେର, କାଳ, ଯମ, ସୋମ ଓ ବରୁଣ ରୂପରେ ବର୍ଣ୍ଣନା କରାଯାଇଛି ।

ସେ ମଧ୍ୟ ହିରଣ୍ୟଗର୍ଭ, ସହସ୍ରାଂଶୁ, ଚାରିବେଦର ରକ୍ଷକ, ବିଶ୍ୱବ୍ରହ୍ମାଣ୍ଡର ପ୍ରଭୁ ରୂପେ ବର୍ଣ୍ଣିତ । ଆଦିତ୍ୟ ହୃଦୟମ୍ ସ୍ତୋତ୍ର ରାମାୟଣର ଯୁଦ୍ଧ କାଣ୍ଡର ଏକ ଅଂଶ ବିଶେଷ । ମହାଭାରତ ଯୁଦ୍ଧ ପୂର୍ବରୁ ଅର୍ଜୁନଙ୍କର ବିଷାଦଗ୍ରସ୍ତ ଅବସ୍ଥାରେ ଶ୍ରୀକୃଷ୍ଣ ତାଙ୍କୁ ଗୀତାର କାଳଜୟୀ ଜ୍ଞାନ ପ୍ରଦାନ କରିଥିଲେ, ଯାହା ଫଳରେ ଅର୍ଜୁନ ନୂତନ ଶକ୍ତି ସହ ଯୁଦ୍ଧାରମ୍ଭ କରି ବିଜୟୀ ହୋଇଥିଲେ । ସେହିପରି ଶ୍ରୀରାମଙ୍କର ଅତିଶୟ କ୍ଳାନ୍ତ ଅବସ୍ଥାରେ ଯୁଦ୍ଧ ପୂର୍ବରୁ ଅଗସ୍ତ୍ୟ ମୁନି ଆଦିତ୍ୟ ହୃଦୟମ୍ ସ୍ତୋତ୍ର ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଆବୃତ୍ତି କରି ତାଙ୍କୁ ଏହି ମନ୍ତ୍ର ପ୍ରଦାନ କରିଥିଲେ । ଶ୍ରୀରାମ ସୂର୍ଯ୍ୟଙ୍କୁ ମୁଖ କରି ଭକ୍ତିଭରା ହୃଦୟରେ ଏହି ସ୍ତୋତ୍ରକୁ ତିନିଥର ଆବୃତ୍ତି କରିଥିଲେ । ଏଥିରେ ସନ୍ତୁଷ୍ଟ ହୋଇ ଆଦିତ୍ୟ ଦେବତା ତାଙ୍କୁ ଆଶୀର୍ବାଦ କରିଥିଲେ । ଫଳରେ ଶ୍ରୀରାମ ପୂର୍ଣ୍ଣଶକ୍ତି ସହ ଯୁଦ୍ଧ କରି ରାବଣକୁ ପରାସ୍ତ କରିଥିଲେ ।

ରାମାୟଣ ବିଶ୍ୱର ପ୍ରଥମ ମହାକାବ୍ୟ ଭାବରେ ପରିଚିତ । ଏହାର ରଚୟିତା ମହର୍ଷି ବାଲ୍ମିକୀ କହନ୍ତି ଯେ ଏହି ଆଦିତ୍ୟ ହୃଦୟମ୍ ସ୍ତୋତ୍ର ରାମାୟଣ ରଚନାଠାରୁ ବି ପୁରାତନ ।

ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ଆଦିତ୍ୟ ହୃଦୟମ୍ ସ୍ତୋତ୍ରକୁ ଭକ୍ତିଭରା ହୃଦୟରେ ଆବୃତ୍ତି କଲେ ମନୁଷ୍ୟ ସମସ୍ତ ଦୁଃଖ, ଯନ୍ତ୍ରଣାରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ନିଜର ଆନ୍ତର ଶତ୍ରୁ ଯଥା ଉତ୍ତେଜନା, କ୍ରୋଧ, ଲୋଭ ଆଦି ଉପରେ ବିଜୟ ଲାଭ କରିଥାଏ । ଏହା ହେଉଛି ମନୁଷ୍ୟ ଜୀବନର ଶାଶ୍ୱତ ଗୋପନୀୟତା ।

ଏହିପରି ଭାବରେ ହୃଦୟସ୍ଥ ଧ୍ୟାନ ଶାରୀରିକ ସୁସ୍ଥତା ସହିତ ଗଭୀର ଆଧ୍ୟାତ୍ମିକ ଅନୁଭୂତି ପ୍ରଦାନ କରିଥାଏ । ଫଳରେ ଅନ୍ୱେଷଣକାରୀ ତୀର୍ଥଯାତ୍ରୀ ହୃଦୟ ଗୁମ୍ଫାରେ ପ୍ରବେଶ କରିବାର ସମସ୍ତ କ୍ଷମତା ପ୍ରାପ୍ତ ହୁଏ । ଏହା ମନୁଷ୍ୟର ଆଧ୍ୟାତ୍ମିକ ଯାତ୍ରାରେ ପୂର୍ଣ୍ଣ ସୁରକ୍ଷା ଦେବା ସହିତ ଜ୍ଞାନର ଶସ୍ୟ, ପ୍ରେମର ପୁଷ୍ପ ଓ କରୁଣାର ଫଳ ମଧ୍ୟ ପ୍ରଦାନ କରିଥାଏ ।

ବାସ୍ତବରେ ମନୁଷ୍ୟ ଏଠାରେ ଜଣେ ପଥଚାରୀ ଏବଂ ତା'ର ଏ ସୁଦୂର ପ୍ରସାରୀ ଲକ୍ଷ୍ୟସ୍ଥଳରେ ଉପନୀତ ହେବା ପାଇଁ ଗୋଟିଏ ଜୀବନ କାଳ ବେଶ୍ ସଂକ୍ଷିପ୍ତ । ସେଥିପାଇଁ ପ୍ରତି ମୁହୂର୍ତ୍ତର ଏକାଗ୍ର ସଚେତନତା ଏକାନ୍ତ ଅପରିହାର୍ଯ୍ୟ ।

କଠ ଉପନିଷଦ୍ କହିବା ଅନୁଯାୟୀ –

''ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ ।''

(୩.୧୪)

ଅର୍ଥାତ୍ – ଉଠ, ଜାଗ୍ରତ୍ ହୁଅ ଏବଂ ନିଜର ଲକ୍ଷ୍ୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆଗେଇ ଚାଲ ।

ଆଉ ମନେରଖ – ଆମର ଲକ୍ଷ୍ୟପ୍ରାପ୍ତି ପାଇଁ ଧ୍ୟାନ ଏକ ଶକ୍ତିଶାଳୀ ମାଧ୍ୟମ ।

(ସମାପ୍ତ)

❑❑❑

---

ଉପରୋକ୍ତ ତଥ୍ୟସବୁ ଇଣ୍ଟରନେଟ୍‌ରୁ ସଂଗୃହୀତ ।

ହେ ପରମ ପ୍ରଭୁ ! ଆମକୁ ନିରବ ହେବାକୁ ଶିଖାଅ – ଯାହାଦ୍ୱାରା ନିରବତା ମଧ୍ୟରେ ଆମେ ଗ୍ରହଣ କରିପାରିବୁ ତୁମ ଶକ୍ତି ଏବଂ ବୁଝିପାରିବୁ ତୁମ ଇଚ୍ଛା ।

– ଶ୍ରୀମା

# ତୋତ୍ତୋ-ଚାନ୍

## (୧୫)

## ତେତ୍ସୁକୋ କୁରୋୟାନାଗି

[ବିଗତ ସଂଖ୍ୟାମାନଙ୍କରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ, ତାହା ତୋତ୍ତୋ-ଚାନ୍‌ର ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତା'ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରିଦେଉଥିଲା । ବାସ୍ତବିକ, ଶିକ୍ଷାର ନୂତନ ସଂଜ୍ଞା ଓ ସମ୍ଭାବନାର ସନ୍ଧାନରେ 'ତୋମୋଏ' ସ୍କୁଲ । ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା, ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା, ଉଷ୍ଣପ୍ରସ୍ରବଣ ବୁଲିଯିବା, ତାଳ ଜ୍ଞାନ ଶିକ୍ଷା କରିବା ଅଥବା ସ୍କୁଲର 'କ୍ରୀଡ଼ା ଦିବସ'ର ସ୍ୱତନ୍ତ୍ର ଉପସ୍ଥାପନ, ବହିଭର୍ତ୍ତି ଲାଇବ୍ରେରି ବଗିକୁ ଶିକ୍ଷାର୍ଥୀମାନଙ୍କର ହୃଦୟଭରା ସ୍ୱାଗତ – ଏସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ଏବେ ପୁଣି ଲାବଣ୍ୟଝରା ଆନନ୍ଦ ମୁଖର ଋତୁରାଜ ବସନ୍ତର ଆଗମନୀ ସହ ତୋମୋଏ ସ୍କୁଲରେ ଆରମ୍ଭ ହୋଇଯାଏ ତୋତ୍ତୋ-ଚାନ୍‌ର ଦ୍ୱିତୀୟ ଶିକ୍ଷାବର୍ଷ । 'ନୃତ୍ୟ ନାଟିକା'ରେ ଅଂଶ ଗ୍ରହଣର ଅପୂର୍ବ ଅନୁଭୂତି ପୁଣି 'କୃଷି ଶିକ୍ଷକ'ଙ୍କ ସହ କୃଷିକାର୍ଯ୍ୟ, ସହପାଠୀମାନଙ୍କ ସହ ବଣଭୋଜିର ଅଭୁଲା ମୁହୂର୍ତ୍ତସବୁ ତା'ର ଯୋଡ଼ି ହୋଇଯାଏ ପଛକୁ ପଛ । ସର୍ବୋପରି ଏକାଧିକ ବାର ପ୍ରଧାନଶିକ୍ଷକ କୋବାୟାଶିଙ୍କର ତୋତ୍ତୋ-ଚାନ୍‌କୁ ସେଇ ଓଜନିଆ କଥା ପଦକ ''ତୁ ସତରେ ଜଣେ ସୁନା ଝିଅ'' ବୋଧେ ସାରା ଜୀବନ ପାଇଁ ନୂତନ ମାର୍ଗ ସଂଧାନରେ ତା'ର ପାଥେୟ ହୋଇ ରହିଥିଲା । ଏବେ ଦେଖିବା ତା' ପାଇଁ ଶିକ୍ଷାନୁଷ୍ଠାନରେ ଆଉ ସବୁ କ'ଣ ଘଟିଲା...]

### ବର-କନିଆ

ଆଜି ତୋତ୍ତୋ-ଚାନ୍ ମନ ବଡ଼ ଦୁଃଖ । ଏବେ ସେ ତୃତୀୟ ଶ୍ରେଣୀରେ । ସାଥି ତାଇଚାନ୍‌ଙ୍କୁ ସେ ଖୁବ୍ ଭଲ ପାଉଥାଏ । ତାଇ-ଚାନ୍ ଖୁବ୍ ଚାଲାକ ଥିଲା; ପଦାର୍ଥ ବିଜ୍ଞାନରେ ସେ ବିଶେଷ ଭଲ କରୁଥିଲା । ସେ ଇଂରାଜୀ ମଧ୍ୟ ପଢୁଥିଲା – 'ଫକ୍ସ' ଶବ୍ଦଟି ସେ ତୋତ୍ତୋ-ଚାନ୍‌କୁ ଶିଖାଇ ଥିଲା ।

ଦିନେ ସେ କହିଥିଲା, ''ତୋତ୍ତୋ-ଚାନ୍, ତୁ ଜାଣୁକି ଗଧିଆକୁ ଇଂରାଜୀରେ ଫକ୍ସ କୁହାଯାଏ ?'' ''ଫକ୍ସ !'' ନୂଆ ଶବ୍ଦଟି ସେ ଦିନ ତମାମ କହି ଚାଲିଲା । ଧ୍ୱନିଟି ତାକୁ ଖୁବ୍ ସୁନ୍ଦର ଶୁଭୁଥିଲା ।

ତା'ପରଠୁ ସକାଳୁ ଶ୍ରେଣୀରେ ପଶିବା ପରେ ତୋତ୍ତୋ-ଚାନ୍‌ର ପ୍ରଥମ କାମ ହେଲା ତାଇ-ଚାନ୍‌ର ପେନ୍‌ସିଲଗୁଡ଼ିକୁ ବାଗେଇ କରି ମୁନ କରିବା । ତା' ନିଜର ପେନ୍‌ସିଲକୁ କିନ୍ତୁ ସେ ଆବଡ଼ା ଖାବଡ଼ା କରି ଦାନ୍ତରେ ଛିଣ୍ଡାଇ ପକାଏ । ତଥାପି ସେଦିନ ତାଇ-ଚାନ୍ ତାକୁ କଡ଼ା କଥା କହିଲା । ଦ୍ୱିପ୍ରହର ଖାଇବା ବେଳର କଥା । ପ୍ରାର୍ଥନା ଘର ପାଖ ମଇଳା ଖାତ କଡ଼ରେ ତୋତ୍ତୋ-ଚାନ୍ ନସରପସର ହୋଇ ଧାଇଁଥାଏ ।

''ତୋତ୍ତୋ-ଚାନ୍ !'' ତାଇ-ଚାନ୍ କଡ଼ା ସ୍ୱରରେ ଡାକିଲା; ତୋତ୍ତୋ-ଚାନ୍ ଚମକି ପଡ଼ି ଛିଡ଼ା ହୋଇଗଲା । ଟିକିଏ ଅଟକି ଯାଇ ତାଇ-ଚାନ୍ କହିଲା, ''ମୁଁ ବଡ଼ ହେଲେ ତୋତେ ବାହା ହେବି ନାହିଁ । ତୁ ଯେତେ ନେହୁରା ହେଲେ ବି ମୁଁ ଶୁଣିବି ନାହିଁ ।'' ଏତକ କହି ଦେଇ ମୁହଁକୁ ପୋତି ସେ ଚାଲିଗଲା ।

ତୋତ୍ତୋ-ଚାନ୍ ଥକା ମାରି ରହିଗଲା । ତାଇ-ଚାନ୍‌ର ବଡ଼ ମୁଣ୍ଡଟି ଲୁଚିଗଲା ଯାଏଁ ସେ ଚାହିଁରହିଲା । ମଗଜଭରା ସେ ବଡ଼ ମୁଣ୍ଡଟିକୁ ତୋତ୍ତୋ-ଚାନ୍ ଖୁବ୍ ତାରିଫ କରେ । ଦେହ ତୁଳନାରେ ତା'ର ମୁଣ୍ଡଟି ଏତେ ବଡ଼ ଥିଲା ଯେ ଅନ୍ୟ ପିଲାମାନେ ତାକୁ ନାଁ ଦେଇଥିଲେ, ''ଅପ୍ରକୃତ ଭଗ୍ନାଂଶ ।''

ତୋତ୍ତୋ-ଚାନ୍ ପକେଟରେ ହାତ ପୂରାଇ ଭାବିବାରେ

ଲାଗିଲା । ତାଇ-ଚାନ୍‌କୁ ଚିଡ଼ାଇବା ଭଳି ସେ କିଛି କରିଥିବାର ମନେ ପଡୁନଥାଏ । ହତାଶ ହୋଇ ସେ ସାଥି ମିୟୋ-ଚାନ୍‌କୁ ପଚାରିଲା । ସବୁ ଶୁଣିଲା ପରେ ମିୟୋ-ଚାନ୍ ଜଣେ ବଡ଼ ମଣିଷ ଭଳି କହିଲା, ‘‘ସକାଳ କଥା ତୋର ମନେ ନାହିଁ ? ତୁ ପରା କୁସ୍ତି ଖେଳରେ ତାଇ-ଚାନ୍‌କୁ ଆଜି ପକାଇ ଦେଲୁ । ଅବଶ୍ୟ ତା’ ମୁଣ୍ଡଟା ଏତେ ବଡ଼ ଯେ ସେ ନିଶ୍ଚୟ ପଡ଼ିଥା’ନ୍ତା । ତଥାପି, ସେ ତୋ’ ଉପରେ ରାଗିବାଟା ସ୍ୱାଭାବିକ ।’’

ତୋତ୍ତୋ-ଚାନ୍ ଖୁବ୍ ପସ୍ତେଇ ହେଲା । ହଁ, ସତ କଥା ତ ! ତାଇ-ଚାନ୍‌କୁ ସେ ଏତେ ଭଲପାଏ ଯେ ସବୁଦିନ ତା’ର ପେନ୍‌ସିଲ କାଟିଦିଏ । ତଥାପି ଆଜି କାହିଁକି ସେ କୁସ୍ତିରେ ତାକୁ ହରାଇ ଦେଲା ? ଏବେ ତ ନେଡ଼ି ଗୁଡ଼ କହୁଣୀକି ବୋହି ଗଲାଣି, ଆଉ ତାଙ୍କ ବାହାଘର ହୋଇ ପାରିବ ନାହିଁ ।

‘‘ନହେଉ, ତେବେ ବି ମୁଁ ତା’ ପେନ୍‌ସିଲ ମୁନ କରିବା ବନ୍ଦ କରିବି ନାହିଁ’’, ତୋତ୍ତୋ-ଚାନ୍ ଠିକ୍ କଲା, ‘‘ଯେତେ ହେଲେ ବି ମୁଁ ତାକୁ ଭଲପାଏ ।’’

## ମଇଳା କୋତରା ସ୍କୁଲ

ଛୋଟ ସ୍କୁଲ ପିଲାଙ୍କ ଭିତରେ ଗୋଟିଏ ଢଗ ବେଶ୍ ଚଳୁଥାଏ । ପୁରୁଣା ସ୍କୁଲରେ ତୋତ୍ତୋ-ଚାନ୍ ଓ ସାଥିମାନେ ଏହାକୁ ବେଶୀ ଗାଉଥିଲେ । ସ୍କୁଲ ଫାଟକରୁ ବାହାରିଲା ବେଳେ ସେମାନେ ପଛକୁ ଚାହିଁ ଗାଇବେ :

‘‘ଆକାମାତ୍‌ସୁ ସ୍କୁଲଟି ଦଦରା ମଇଳା ସ୍କୁଲ,
ଭିତରୁ ଦେଖିଲେ ଏହା ଚମତ୍କାର ସ୍କୁଲ ।’’

ଅନ୍ୟ ସ୍କୁଲର ପିଲାମାନେ ଏହାକୁ ଓଲଟାଇ ଗାଇବେ :

‘‘ଆକାମାତ୍‌ସୁ ସ୍କୁଲଟି ଚମତ୍କାର ସ୍କୁଲ,
ଭିତରୁ ଦେଖିଲେ ଏହା ଦଦରା ମଇଳା ସ୍କୁଲ ।’’

ଏହାର ପ୍ରଥମ ଧାଡ଼ିଟି ସ୍କୁଲ ଘରର ଅବସ୍ଥାକୁ ବୁଝାଉଥିଲା । ତେଣୁ ତା’ ଉପରେ କେହି ବେଶୀ ଜୋର୍ ଦେଉ ନଥିଲେ । କିନ୍ତୁ ନିଜ ସ୍କୁଲ ଭିତର ଯେ ଖରାପ ସେକଥା କେହି ସହିବାକୁ ତିଆର ନଥିଲେ । ଅନ୍ତତଃ ପାଞ୍ଚ ଛଅ ଜଣ ପିଲା ଏକାଠି ହୋଇ ଏ ଢଗଟିକୁ ଗାଉଥିଲେ ।

ତୋମୋଏରେ ଶେଷ ପିରିଅଡ଼ଟି ଖେଳ ପାଇଁ ଥାଏ । ସେ ସମୟରେ ପିଲାମାନେ ଇଚ୍ଛା ଅନୁସାରେ ଯାହା କରିବାକୁ ମନେ କରନ୍ତି ତାହା କରିପାରନ୍ତି । ପ୍ରଧାନ ଶିକ୍ଷକ ପିଲାଙ୍କର ଏଭଳି ଖୋଲା ସମୟକୁ ବେଶ୍ ଗୁରୁତ୍ୱ ଦେଉଥିଲେ । ତେଣୁ ପାଠପଢ଼ା ବାହାରେ ଏହି ପିରିଅଡ଼କୁ ସେ ଅଧିକ ଲମ୍ବା ରଖିଥିଲେ । ଦିନେ ପିଲାମାନେ ତାଙ୍କ ଖେଳରେ ଲାଗିଥା’ନ୍ତି । କିଏ ବଲ୍ ଖେଳୁଛି, କିଏ ବାଲି ଗଦାରେ ଖେଳୁଛି, କିଏ ଗଛ ଚଢ଼ୁଛି, କିଏ ଫୁଲଗଛରେ ପାଣି ଦେଉଛି, କିଏ ବା ବସି କରି ଗପସପ ହେଉଛି । ତାଇ-ଚାନ୍ ଭଳି କେତେ ଜଣ ବିଜ୍ଞାନ ଶ୍ରେଣୀରେ କିଛି ପରୀକ୍ଷା-ନିରୀକ୍ଷାରେ ଲାଗିଥା’ନ୍ତି । କିଏ କିଏ ଲାଇବ୍ରେରିରେ ପଢୁଥା’ନ୍ତି । ଜୀବଜନ୍ତୁ-ପ୍ରିୟ ଆମାଦେରା ଗୋଟିଏ ବୁଲା ବିଲେଇ ସାଙ୍ଗରେ ଲାଗିଥାଏ । ସମସ୍ତେ ନିଜ ଇଚ୍ଛା ମୁତାବକ କାମରେ ମଜ୍ଜି ରହିଥା’ନ୍ତି ।

ହଠାତ୍ ସ୍କୁଲ ବାହାରେ କିଏ ବଡ଼ ପାଟିରେ ଗାଇବାକୁ ଲାଗିଲେ :

‘‘ତୋମୋଏ ସ୍କୁଲ ଗୋଟେ ଦଦରା ମଇଳା ସ୍କୁଲ ।
ଭିତରୁ ଦେଖିଲେ ବି ତାହା ଦଦରା ମଇଳା ସ୍କୁଲ ।’’

ତୋତ୍ତୋ-ଚାନ୍ ଫାଟକ ପାଖରେ ଥିଲା । ଅବଶ୍ୟ ଏହା ସତ ଫାଟକ ନଥିଲା । ପତ୍ର କଅଁଳୁଥିବା ଦୁଇଟି ଜିଅନ୍ତା ଗଛ ତା’ର ଖମ୍ବର କାମ କରୁଥିଲେ । ତୋତ୍ତୋ-ଚାନ୍ ଢଗଟି ପରିଷ୍କାର ଭାବେ ଶୁଣିପାରିଲା । ‘‘କେଡ଼େ ଖରାପ କଥା’’ । ସେ ଭାବିଲା, ‘‘ଭିତରେ ଓ ବାହାରେ ସବୁଆଡ଼ୁ ଆମ ସ୍କୁଲ ଖରାପ ।’’ ଅନ୍ୟମାନେ ବି ଫାଟକ ପାଖକୁ ଦଉଡ଼ି ଆସିଲେ । ବାହାରୁ ସେଇ ପିଲା ଦଳକ ଆଉ ଥରେ ‘‘କୋତରା ଦଦରା ସ୍କୁଲ’’ କହି ଦେଇ ଖତେଇ ହୋଇ ଦୌଡ଼ିଲେ ।

ତୋତ୍ତୋ-ଚାନ୍ ଖୁବ୍ ରାଗି ଯାଇଥିଲା । ତେଣୁ ଏକା ଏକା ସେ ପୁଅ ଦଳକ ପଛରେ ଗୋଡ଼ାଇଲା । କିନ୍ତୁ ସେମାନେ ଖୁବ୍ ଜୋର୍‌ରେ ଦୌଡ଼ୁଥିଲେ ଓ ଆଖି ପିଛୁଳାକେ କୁଆଡ଼େ ଲୁଚିଗଲେ । ତୋତ୍ତୋ-ଚାନ୍ ମନ ମାରି ଫେରିଲା । ବାଟରେ ସେ ଗୁଣୁ ଗୁଣୁ ହୋଇ ଗାଉଥାଏ :

‘‘ତୋମୋଏ ସ୍କୁଲ ଏକ ଚମତ୍କାର ସ୍କୁଲ’’ । ଟିକିଏ ପରେ ସେ ଆଉ ଧାଡ଼ିଏ ଯୋଡ଼ି ଦେଲା : ‘‘ବାହାରୁ ଭିତରୁ ସିଏ ଚମତ୍କାର ସ୍କୁଲ ।’’

ଢଗଟି ତା’ ମନକୁ ହାଲୁକା କରି ଦେଲା । ଫେରିଆସି ସେ ବାଡ଼ ଫାଙ୍କରେ ପାଟି କରି ଗାଇଲା :

‘‘ତୋମୋଏ ସ୍କୁଲ ଏକ ଚମତ୍କାର ସ୍କୁଲ,
ବାହାରୁ ଭିତରୁ ସିଏ ଚମତ୍କାର ସ୍କୁଲ !’’

ପଢ଼ିଆରେ ଥିବା ପିଲାମାନେ ପ୍ରଥମେ ଠଉରାଇ

ପାରିଲେ ନାହିଁ କିଏ ଗାଉଛି । ଯେତେବେଳେ ଜାଣିଲେ ଯେ ଏହା ତୋତ୍ତୋ-ଚାନ୍‌ର କାମ, ସମସ୍ତେ ବାହାରକୁ ଆସି ତା' ସାଙ୍ଗରେ ଗାଇବାକୁ ଲାଗିଲେ । ଶେଷରେ ସବୁ ପିଲା ହାତ ଧରାଧରି ହୋଇ ସ୍କୁଲ ଚାରିପଟ ରାସ୍ତାରେ ଗାଇ ବୁଲିଲେ । ସେମାନଙ୍କର ସ୍ୱର ମିଳିବା ଅପେକ୍ଷା ବେଶୀ ମିଳୁଥିଲା ତାଙ୍କର ମନ, ଯଦିଓ ଏକଥା ସେମାନେ ସେତେବେଳେ ବୋଧେ ବୁଝି ପାରୁ ନଥିଲେ । ଯେତେ ବେଶୀ ସେମାନେ ଗାଇ ଚାଲିଲେ, ତାଙ୍କର ମନ, ପ୍ରାଣ ସେତେ ଅଧିକ ମଜ୍ଜିଗଲା । ବାହାରେ ଥାଇ ପିଲାମାନେ ଜାଣି ପାରୁ ନଥିଲେ ତାଙ୍କର ଏହି ଧ୍ୱନି ପ୍ରଧାନ ଶିକ୍ଷକଙ୍କର ଅଫିସରେ କେତେ ଆନନ୍ଦ ଖେଳାଉ ଥିଲା ।

ଯେ କୌଣସି ସ୍କୁଲ ଚଳାଇବା ବେଶ୍ କଷ୍ଟକର କାମ । ଯିଏ ପିଲାଙ୍କ ବିଷୟରେ ଗଭୀର ଭାବରେ ଚିନ୍ତା କରେ ତା' ପାଇଁ ସ୍କୁଲ କାମ ଆହୁରି କଷ୍ଟର କଥା । ତୋମୋଏ ଭଳି ସ୍କୁଲରେ, ଯେଉଁଠି ସବୁ କିଛି ଅସାଧାରଣ ଥିଲା, ଏଠାରେ ଦାୟିତ୍ୱର ସୀମା ନାହିଁ କହିଲେ ଚଳେ । ତା' ଉପରେ ପୁଣି ବାହାରର ସମାଲୋଚନା । ସାଧାରଣ ସ୍କୁଲ ଓ ପାଠପଢ଼ାରେ ଅଭ୍ୟସ୍ତ ଲୋକମାନେ ତୋମୋଏକୁ ଠିକ ଭାବରେ ଗ୍ରହଣ କରୁ ନଥିଲେ ।

ଏହି ପରିସ୍ଥିତିରେ ପିଲାଙ୍କର ସେହି ଗୀତଟି ପ୍ରଧାନ ଶିକ୍ଷକଙ୍କ ପାଇଁ ଗୋଟିଏ ଅତି ସୁନ୍ଦର ଉପହାର ଥିଲା ।

''ତୋମୋଏ ସ୍କୁଲ ଏକ ଚମତ୍କାର ସ୍କୁଲ ।
ବାହାରୁ ଭିତରୁ ସିଏ ଚମତ୍କାର ସ୍କୁଲ ।''

ସେ ଦିନର ଛୁଟି ଘଣ୍ଟା ଅନେକ ଡେରିରେ ବାଜିଥିଲା ।

## ରିବନ ଫିତା

ଦିନେ ଖାଇବା ଛୁଟିରେ ତୋତ୍ତୋ-ଚାନ୍ ଦଉଡ଼ି ଡେଉଁଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଭେଟିଲା । ପୂରା ଖାଇବା ସମୟତକ ପ୍ରଧାନ ଶିକ୍ଷକ ତାଙ୍କ ସହିତ ଥିଲେ, ତେଣୁ 'ଭେଟିଲା' କହିଲେ ହୁଏତ ଠିକ୍ ଶୁଣାଯାଇ ନପାରେ । ଏବେ ପ୍ରଧାନ ଶିକ୍ଷକ ଆରପଟୁ ଆସୁଥିଲେ, ଦୁହେଁ ସାମନାସାମନି ହୋଇଗଲେ ।

''ଆରେ ତୁମେ ଏଇଠି'', ପ୍ରଧାନ ଶିକ୍ଷକ କହିଲେ, ''ମୁଁ ତୁମକୁ କିଛି ପଚାରିବାକୁ ଖୋଜୁଥିଲି ।''

ପ୍ରଧାନ ଶିକ୍ଷକଙ୍କୁ ସେ ଯେ କିଛି ଖବର ଦେଇପାରିବ ସେ କଥାରେ ତୋତ୍ତୋ-ଚାନ୍ ଖୁସି ହୋଇଗଲା । ପଚାରିଲା, ''କ'ଣ ପଚାରିବେ ?''

ତା' ମୁଣ୍ଡରେ ବନ୍ଧା ହୋଇଥିବା ରିବନକୁ ଦେଖି ପ୍ରଧାନ ଶିକ୍ଷକ ପଚାରିଲେ, ''ସେଇଟା କେଉଁଠୁ ଆଣିଲ ?''

ତୋତ୍ତୋ-ଚାନ୍ ମୁହଁ ଦେଖି ଲାଗିଲା ଯେ ବୋଧେ ଆଉ କୌଣସି ପ୍ରଶ୍ନ ତାକୁ ଅଧିକ ଖୁସି କରି ନଥା'ନ୍ତା । ଗଲା ଦୁଇଦିନ ଧରି ସେ ଏଇ ଫୁଲଟିକୁ ପିନ୍ଧୁଥିଲା । ସେ ନିଜେ ଏହାକୁ ଖୋଜି ପାଇଥିଲା । ପ୍ରଧାନ ଶିକ୍ଷକଙ୍କୁ ଭଲ କରି ରିବନଟିକୁ ଦେଖାଇବା ପାଇଁ ସେ ପାଖକୁ ଲାଗି ଆସିଲା ଓ ଟିକିଏ ଫୁଲିଯାଇ କହିଲା, ''ଏ ରିବନଟା ମୋ ମାଉସୀଙ୍କର ସ୍କୁଲ ପୋଷାକରେ ଲାଗିଥିଲା । ସେ ଜାମାପଟା ଥାକରେ ରଖୁଥିଲା ବେଳେ ମୁଁ ଏହାକୁ ଦେଖିଲି । ମତେ ସେ ଏହାକୁ ଦେଇଦେଲେ ଓ କହିଲେ ଯେ ''ମୁଁ ସବୁ କଥାକୁ ଭଲ ଭାବେ ଲକ୍ଷ୍ୟ କରେ ।'' ପ୍ରଧାନ ଶିକ୍ଷକ କ'ଣ ଭାବୁଥିଲା ଭଳି କହିଲେ, ''ଆଚ୍ଛା ।''

ରିବନଟି ତୋତ୍ତୋ-ଚାନ୍ ମନକୁ ଖୁବ୍ ପାଉଥିଲା । ପ୍ରଧାନ ଶିକ୍ଷକଙ୍କୁ ସେ କହି ଚାଲିଲା କିଭଳି ସେ ମାଉସୀଙ୍କ ଘରକୁ ବୁଲି ଯାଇଥିଲା । ଭାଗ୍ୟକୁ ସେଦିନ ମାଉସୀ ତାଙ୍କ ଲୁଗାସବୁ ଖରା ଦେଉଥା'ନ୍ତି । ସେଥିରେ ତାଙ୍କର ପିଲାଦିନର ଗୋଟିଏ ଜାମା ଥିଲା । ବାଇଗଣୀ ରଙ୍ଗର ସେ ପୁରୁଣା କାଳିଆ ଲମ୍ବା କୁଞ୍ଚପକା ଜାମାରେ ଗୋଟିଏ ସୁନ୍ଦର ଜିନିଷ ତୋତ୍ତୋ-ଚାନ୍‌ର ଆଖିରେ ପଡ଼ିଲା ।

''ସେଇଟା କ'ଣ ?'' ତୋତ୍ତୋ-ଚାନ୍ ପ୍ରଶ୍ନରେ ମାଉସୀ ଅଟକି ଗଲେ । ତୋତ୍ତୋ-ଚାନ୍‌ର ଆଖିରେ ପଡ଼ିଥିବା ସୁନ୍ଦର ଜିନିଷଟି ରିବନର ଗୋଟିଏ ଫୁଲ ଥିଲା । ମାଉସୀଙ୍କର ପୁରୁଣା ଜାମାର ପଛ କମରପଟିରେ ଏହା ଲାଗିଥିଲା ।

''ଆମର ପିଠିପଟ ବି ସୁନ୍ଦର ଦିଶିବ ବୋଲି ଏଭଳି କିଛି ଲଗା ଯାଉଥିଲା ।'', ମାଉସୀ କହିଲେ, ''ଆମ ପିଲାଦିନେ ସମସ୍ତଙ୍କ ଜାମା ପଛରେ ଖଣ୍ଡେ ଝାଳର ବା ରିବନ ଫୁଲ ଲାଗୁଥିଲା ।''

ମାଉସୀ ଦେଖିଲେ ଯେ ତୋତ୍ତୋ-ଚାନ୍ ତାଙ୍କ କଥା ଶୁଣିଲାବେଳେ ବଡ଼ ଲୋଭିଲା ଆଖିରେ ଫୁଲଟିକୁ ଦେଖୁଛି ଓ ହାତରେ ଆଉଁସୁଛି । ସେ କହିଲେ, ''ଏଇଟି ମୁଁ ତତେ ଦେଇଦେବି । ଏହାକୁ ଆଉ କେବେ ବି ମୁଁ ପିନ୍ଧିବି ନାହିଁ ।''

ସୁତା କାଟି ମାଉସୀ ଫୁଲଟିକୁ ଜାମାରୁ କାଢ଼ିଦେଲେ ଓ

ତୋତ୍ତୋ-ଚାନ୍‌କୁ ଦେଇଦେଲେ । ଏହି ଭାବରେ ତୋତ୍ତୋ-ଚାନ୍ ଫୁଲଟିକୁ ପାଇଲା । ତାହା ସତରେ ଅତି ସୁନ୍ଦର ରିବନ ଖଣ୍ଡେ ଥିଲା । ସେ ଚଉଡ଼ା ରିବନଟି ଅତି ଭଲ ରେଶମ ସୁତାରେ ତିଆରି ହୋଇଥିଲା । ସେଥିରେ ଗୋଲାପ ଫୁଲ ଓ ଆଉ କେତେ କ'ଣ ବୁଣା ହୋଇଥିଲା । ମାଉସୀ କହୁଥିଲେ ଯେ ଏହା କୁଆଡ଼େ ବିଦେଶରୁ ଆସିଥିଲା । ରିବନର ସେ ଫୁଲଟି ପ୍ରାୟ ତୋତ୍ତୋ-ଚାନ୍‌ର ମୁଣ୍ଡ ଆକାରର ହୋଇଥିଲା ।

କଥା କହିଲା ବେଳେ ମଝିରେ ମଝିରେ ତୋତ୍ତୋ-ଚାନ୍ ତା' ମୁଣ୍ଡକୁ ହଲାଇ ଦେଉଥାଏ, ପ୍ରଧାନ ଶିକ୍ଷକ ଯେପରି ସେ ରିବନର ଖସ ଖସ ଶବ୍ଦ ଶୁଣି ପାରିବେ । ତା'ର କଥା ଶୁଣି ପ୍ରଧାନ ଶିକ୍ଷକ ଟିକିଏ ଉଦାସ ହୋଇଗଲେ ।

''ଓହୋ, କଥା ତା'ହେଲେ ଏଇଆ – ଏଇଟା ବିଦେଶରୁ ଆସିଛି,'' ପ୍ରଧାନ ଶିକ୍ଷକ କହିଲେ । ''ମିୟୋ-ଚାନ୍ କାଲିଠାରୁ ଏଭଳି ରିବନଟିଏ ମାଗୁଛି । ମୁଁ ଜିଉଗାଓକାର ସବୁ ରିବନ ଦୋକାନ ବୁଲି ଆସିଲିଣି । କିନ୍ତୁ ଏଭଳି କିଛି ପାଉନି ।''

ପ୍ରଧାନ ଶିକ୍ଷକ ଅପେକ୍ଷା ଝିଅ ପାଇଁ ହଇରାଣରେ ପଡ଼ିଥିବା ଜଣେ ବାପାଙ୍କ ଭଳି ସେ ଦେଖା ଯାଉଥିଲେ । ସେ କହିଲେ, ''ତୋତ୍ତୋ-ଚାନ୍ ତୁମେ ସ୍କୁଲରେ ସେ ରିବନଟି ନପିନ୍ଧିଲେ ମୁଁ ବହୁତ କୃତଜ୍ଞ ହେବି । ସେ ଭଳି ରିବନ ଖଣ୍ଡେ ପାଇଁ ମିୟୋ-ଚାନ୍ ବହୁତ ଅଝଟ ହେଉଛି । ତୁମର ଅତି ମନଦୁଃଖ ହେବ ନାହିଁ ତ ?''

ତୋତ୍ତୋ-ଚାନ୍ ତା'ର ହାତ ଦୁଇଟି ଛନ୍ଦି ଛିଡ଼ା ହେଲା । ମନେ ମନେ ଭାବି ନେଇ କହିଲା, ''ଠିକ୍ ଅଛି । ମୁଁ ଏହାକୁ ଏଠି ଆଉ ପିନ୍ଧିବିନି ।''

''ତୁମକୁ ବହୁତ ବହୁତ ଧନ୍ୟବାଦ'', ପ୍ରଧାନ ଶିକ୍ଷକ କହିଲେ ।

ତୋତ୍ତୋ-ଚାନ୍‌ର ବେଶ୍ ମନ ଦୁଃଖ ହୋଇଥିଲା । କିନ୍ତୁ ପ୍ରଧାନ ଶିକ୍ଷକ ଅସୁବିଧାରେ ପଡ଼ୁଥିବାରୁ ସେ ରାଜି ହୋଇଥିଲା । ତା'ଛଡ଼ା ଜଣେ ବୟସ୍କ ଲୋକ ଯେ ସବୁ ରିବନ ଦୋକାନ ଖୋଜିବୁଲିବ ତାହା ବଡ଼ ଦୁଃଖର କଥା । ସେ ପୁଣି ତା'ର ପ୍ରଧାନ ଶିକ୍ଷକ । ସତରେ ଏହାହିଁ ତୋମୋଏର ଧାରା ଥିଲା । କିଛି ଚିନ୍ତା ନକରି ସମସ୍ତେ ସମସ୍ତଙ୍କର ଦୁଃଖ ବୁଝୁଥିଲେ ଓ ସାନ ବଡ଼ ନଧରି ପରସ୍ପରକୁ ସାହାଯ୍ୟ କରୁଥିଲେ । ଏହା ସେଠାରେ ସ୍ୱାଭାବିକ ଭାବରେ ଘଟି ଯାଉଥିଲା ।

ତା'ପର ଦିନ ତୋତ୍ତୋ-ଚାନ୍ ସ୍କୁଲ ଗଲା ପରେ ମା ତା'ର ଜିନିଷସବୁ ସଜାଡ଼ି ରଖିବାକୁ ଆସିଲେ । ସେ ଦେଖିଲେ ରିବନର ଫୁଲଟି ତୋତ୍ତୋ-ଚାନ୍‌ର ପ୍ରିୟ କଣ୍ଢେଇ ଭାଲୁର ବେକରେ ଝୁଲୁଛି । ମା ବୁଝି ପାରିଲେ ନାହିଁ କାହିଁକି ତୋତ୍ତୋ-ଚାନ୍ ତାକୁ ନପିନ୍ଧି ଛାଡ଼ି ଯାଇଛି । କାରଣ ରିବନଟି ପାଇଁ ସେ ବାଇ ହେଉଥିଲା । ତାଙ୍କୁ ଲାଗୁଥିଲା ଯେ ଧୂସର କଣ୍ଢେଇଟି ଏ ଅପୂର୍ବ ବେଶରେ ଟିକିଏ ଲାଜେଇ ଯାଇଛି ।

(କ୍ରମଶଃ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

ଯେତେବେଳେ ତୁମେ କାହାକୁ ''**ସୁପ୍ରଭାତ**'' ବୋଲି କହୁଛ, ସେତେବେଳେ ତୁମେ ତାଙ୍କ ଲାଗି ଏକ **ଶୁଭଦିନ**ର କାମନା କରୁଛ । ଯଦି ତୁମେ ସଚେତନ ଭାବରେ ତାହା କରୁଥିବ, ଯାହା କହୁଛ ତାହାରି ବିଷୟରେ ଭାବୁଥିବ, ତେବେ ''**ସୁପ୍ରଭାତ**'' କଥାଟି ପ୍ରଭୂତ ଶକ୍ତିଯୁକ୍ତ ହୋଇପାରିବ ଏବଂ ଦିନଟିକୁ ଏକ ଶୁଭଦିନରେ ପରିଣତ କରିବାକୁ ସାହାଯ୍ୟ କରିବ ।

– ଶ୍ରୀମା

# ପ୍ରେମ ସମ୍ପର୍କରେ

## (୧)

କୁମାର ଚନ୍ଦ୍ର ମିଶ୍ର

ବିଭିନ୍ନ ବ୍ୟକ୍ତିଙ୍କଠାରେ ପ୍ରେମ ଭିନ୍ନ ଭିନ୍ନ ଭାବନା, ଅନୁଭବ ଓ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଭଲପାଇବା, ସ୍ନେହ, ଅନୁରାଗ, ମମତା, ଶ୍ରଦ୍ଧା, ଭକ୍ତି ଇତ୍ୟାଦି ପ୍ରେମର ସମାର୍ଥବୋଧକ ପଦ । ଜଣେ ମଣିଷ ବସ୍ତୁ, ବ୍ୟକ୍ତି ବା ବିଷୟକୁ ପ୍ରେମ କରିପାରେ, ଭଲ ପାଇପାରେ । ମାତାପିତା ସନ୍ତାନମାନଙ୍କୁ ଭଲପା'ନ୍ତି । ପ୍ରେମିକ, ପ୍ରେମିକା ପରସ୍ପରକୁ ଭଲପା'ନ୍ତି । ଜଣେ ହୁଏତ ନିଜେ ପୋଷିଥିବା କୁକୁର, ବିଲେଇ, ଗାଈ ବା ଘୋଡ଼ାକୁ ଭଲପାଏ । ଭକ୍ତ ଭଗବାନଙ୍କୁ ଭଲପାଏ, ପ୍ରେମ କରେ । କିଏ ନିଜର ସୁନ୍ଦର, ସଜ୍ଜିତ ବଗିଚାଟିକୁ କିଂବା ସବୁଜ କ୍ଷେତଟିକୁ ଭଲପାଇ ପାରେ । କିଏ ପଢ଼ିବାକୁ ଭଲ ପାଏ ତ କିଏ ଲେଖିବାକୁ କିଂବା ଖେଳିବାକୁ ଭଲ ପାଇପାରେ । ଏପରି ଭଲ ପାଇବାର ଏକ ଲମ୍ବା ତାଲିକା ପ୍ରସ୍ତୁତ କରାଯାଇପାରେ । ଯେକୌଣସି ବିଷୟକୁ ଭଲ ପାଇବା ହେଲା ମଣିଷ ପ୍ରକୃତିର ଏକ ମନୋହର ଅନିବାର୍ଯ୍ୟ ଆବଶ୍ୟକତା । ତେବେ ମନରେ ପ୍ରଶ୍ନ ଉଙ୍କିମାରେ – ଏହି ପ୍ରେମ ବା ଭଲ ପାଇବାର ମୂଳ ଉତ୍ସ (Origin)ଟି କ'ଣ ? ପ୍ରେମର ଯଥାର୍ଥ ସ୍ୱରୂପ ବା ସଂଜ୍ଞାଟି କ'ଣ ? ସୃଷ୍ଟିରେ ପ୍ରେମର ଯଥାର୍ଥ ତାତ୍ପର୍ଯ୍ୟ ଓ ତା'ର ଭୂମିକା କ'ଣ ? ପ୍ରେମ ସମ୍ପର୍କରେ କିଏ କ'ଣ ସବୁ କହିଛନ୍ତି ?

**ଭିନ୍ନ ଏକ ସୃଷ୍ଟିତତ୍ତ୍ୱ :** ଏକ (Chaldean) ଚାଲଡ଼ିଅନ୍ କିମ୍ବଦନ୍ତୀ ଅନୁଯାୟୀ ଆଦ୍ୟା ପରମା ଜନନୀ ପରଂବ୍ରହ୍ମଙ୍କ ଦ୍ୱାରା ଆଦିଷ୍ଟ ହୋଇ ନିଜ ମଧ୍ୟରୁ ଚାରିଗୋଟି ସତ୍ତା ଉତ୍ସାରିତ କରିଥିଲେ ଓ ସେମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରି ଏହି ପାର୍ଥିବ ଜଗତକୁ ପ୍ରେରଣ କରିଥିଲେ । ସେହି ସତ୍ତା ଚତୁଷ୍ଟୟ ହେଲେ :

୧. ଚେତନା ବା ଆଲୋକ (Consciousness or Light)
୨. ପ୍ରେମ ବା ଆନନ୍ଦ (Love or Delight)
୩. ଜୀବନ ବା ଅମୃତତ୍ୱ (Life or Immortality)
୪. ସତ୍ୟ (Truth)

ସତ୍ତା ଚତୁଷ୍ଟୟ ପ୍ରାପ୍ତ କରିଥିବା ଶକ୍ତି ଓ ସ୍ୱାଧୀନତା ଦ୍ୱାରା ଉତ୍‌ଫୁଲ୍ଲିତ ଓ ସ୍ୱେଚ୍ଛାଚାରୀ ହୋଇ ମୂଳଉତ୍ସଠାରୁ ଦୂରେଇ ଗଲେ । ପରମା ଦିବ୍ୟଜନନୀଙ୍କ ସହ କୌଣସି ସମ୍ପର୍କ ରଖିଲେ ନାହିଁ । ପରଂବ୍ରହ୍ମଙ୍କଠାରୁ ଦିବ୍ୟଜନନୀଙ୍କ ମାଧ୍ୟମରେ ଯେଉଁ ନିର୍ଦ୍ଦେଶ ଆସେ, ସେଥି ପ୍ରତି ଆଦୌ କର୍ଣ୍ଣପାତ କଲେ ନାହିଁ । ମୂଳଉତ୍ସଠାରୁ ସେମାନଙ୍କ ସମ୍ପର୍କ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବା ଦ୍ୱାରା ଏଇସବୁ ସତ୍ତାମାନଙ୍କ ମଧ୍ୟରେ ବିପରୀତ ଗୁଣଧର୍ମସବୁ ପ୍ରକାଶିତ ହେଲା । ଉଦାହରଣସ୍ୱରୂପ, ଯଦି ଜଣେ ବ୍ୟକ୍ତି ଆଲୋକର ମୂଳଉତ୍ସଠାରୁ ଦୂରରୁ ଆହୁରି ଦୂରକୁ ଗତି କରି ଚାଲେ ତେବେ ଆଲୋକ କ୍ରମାଗତ କ୍ଷୀଣ ହେବାରେ ଲାଗିବ । ପରିଶେଷରେ ବ୍ୟକ୍ତିଟି ଅନ୍ଧକାର ରାଜ୍ୟରେ ପ୍ରବେଶ କରିବ । ତା' ପାଇଁ ଆଲୋକ ଅନ୍ଧକାରରେ ପରିଣତ ହୋଇଯିବ । ଠିକ୍ ସେହିପରି ମୂଳଉତ୍ସଠାରୁ ଦୂରେଇ ଯାଇ ପରମା ଦିବ୍ୟଜନନୀଙ୍କଠାରୁ ଉଦ୍‌ଗତ ସତ୍ତାଗୁଡ଼ିକ ସେମାନଙ୍କର ବିପରୀତ ତତ୍ତ୍ୱରେ ପରିଣତ ହୋଇଗଲେ । ଯଥା :

୧. ଚେତନା ପରିଣତ ହେଲା ନିଶ୍ଚେତନାରେ, ପକ୍ଷାନ୍ତରେ ଆଲୋକ ପରିଣତ ହେଲା ଅନ୍ଧକାରରେ ।
୨. ଆନନ୍ଦ ପରିଣତ ହେଲା ନିରାନନ୍ଦରେ, ପକ୍ଷାନ୍ତରେ ପ୍ରେମ ପରିଣତ ହେଲା ଘୃଣାରେ ।
୩. ଜୀବନ ପରିଣତ ହେଲା ମୃତ୍ୟୁରେ ।
୪. ସତ୍ୟ ପରିଣତ ହେଲା ମିଥ୍ୟାରେ ।

ପରିଣାମରେ ପାର୍ଥିବ ଜଗତରେ ଦେଖା ଦେଲା ଚରମ ବିଶୃଙ୍ଖଳା ଓ ସାଂଘାତିକ ବିନାଶ । ଦୁଃଖ, କ୍ଳେଶଭରା ପାର୍ଥିବ ଜଗତର ଏହି ଅବ୍ୟବସ୍ଥା ଓ ବିଶୃଙ୍ଖଳାକୁ ଦୂର କରିବା ନିମିତ୍ତ ପରମା ଦିବ୍ୟଜନନୀ ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରି ପରାମର୍ଶ ଭିକ୍ଷା କଲେ । ପରଂବ୍ରହ୍ମ ନିର୍ଦ୍ଦେଶ ଦେଲେ – ''ନିଜେ ଦିବ୍ୟପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ହୋଇ ଜଡ଼-ନିଶ୍ଚେତନାର ଘୋର ଅନ୍ଧକାର ମଧ୍ୟରେ ପ୍ରବେଶ କର ଓ ବିପଥଗାମୀ ସତ୍ତାଗୁଡ଼ିକୁ ମୂଳ ଉତ୍ସ (Origin)କୁ ଫେରାଇ ଆଣ ।''

ବର୍ତ୍ତମାନ ବିବର୍ତ୍ତନ ଧାରାରେ ପରମା ଦିବ୍ୟଜନନୀ ତାହାହିଁ କରି ଚାଲିଛନ୍ତି । ତେଣୁ ପ୍ରେମ ହେଉଛି ଏକ ପ୍ରଚଣ୍ଡ

ଜାଗତିକ ଶକ୍ତି (Univesal Force); ଯାହାକୁ ଶାଶ୍ୱତ ପରମ ଚେତନା ଆପଣା ମଧ୍ୟରୁ ଏହି ବିଶୃଙ୍ଖଳିତ ତମସାଚ୍ଛନ୍ନ ପୃଥିବୀ ମଧ୍ୟକୁ ପ୍ରେରଣ କରିଛନ୍ତି, ଯଦ୍ୱାରା ସେହି ପୃଥିବୀ ତାହାର ସକଳ ସତ୍ତା ସହ ପରମ ଦିବ୍ୟସତ୍ତାଙ୍କ ଦିଗକୁ ଫେରି ଆସି ପାରିବ ।

ଦିବ୍ୟଜନନୀ ଶ୍ରୀମାଙ୍କ ବାଣୀ ହେଲା :

"Love is a supreme force which the Eternal Consciousness sent down from itself into an obscure and darkened world that it might bring back that world and its beings to the Divine."

(CWM, Vol. 3, pp.73-74)

ପ୍ରେମ ହେଲା ମୂଳଉତ୍ସ ସହ ମିଳନ ନିମିତ୍ତ ଏକ ଅପ୍ରତିରୋଧ ଆକର୍ଷଣ ।

ପ୍ରେମ ହେଉଛି ଏକ ଦିବ୍ୟଶକ୍ତି । ଏହା ଏକ ପ୍ରଚଣ୍ଡ ଶକ୍ତିଶାଳୀ ଦିବ୍ୟ ସ୍ପନ୍ଦନ । ଏହା ସେହି ପରମା ଅଦ୍ୱିତୀୟାଙ୍କଠାରୁ ସିଧାସଳଖ ପାର୍ଥିବ ଜଗତକୁ ଆସିଛି । ଯେଉଁମାନେ ଅତ୍ୟନ୍ତ ପବିତ୍ର, ବିଶୁଦ୍ଧ, ବୀର୍ଯ୍ୟବାନ୍ ଆଧାର ସେମାନେହିଁ ଏହି ଶକ୍ତିଶାଳୀ ଦିବ୍ୟ ସ୍ପନ୍ଦନକୁ ଠିକ୍ ରୂପେ ଗ୍ରହଣ କରି ଅବିକୃତ ରୂପେ ପ୍ରକାଶ କରିପାରନ୍ତି ।

ତା'ହେଲେ କେଉଁମାନେ ବିଶୁଦ୍ଧ ବା ପବିତ୍ର ବୀର୍ଯ୍ୟବାନ୍ ଆଧାର ବା ଯନ୍ତ୍ର ?

ଯେଉଁମାନେ ପରମ ଦିବ୍ୟଜନନୀଙ୍କ ସହ ତାଦାତ୍ମ୍ୟତା ଲାଭ କରିଛନ୍ତି, ଯେଉଁମାନଙ୍କର ଜୀବନ ବିଭୁପଦରେ ସମ୍ପୂର୍ଣ୍ଣ ରୂପେ ସମର୍ପିତ, ଯେଉଁମାନେ ଦିବ୍ୟ ସଂକଳ୍ପକୁ ସର୍ବଦା ଅନୁସରଣ କରନ୍ତି, ସେମାନଙ୍କୁ କେବଳ ଶୁଦ୍ଧ, ପବିତ୍ର ବୀର୍ଯ୍ୟବାନ୍ ଆତ୍ମା ବୋଲି କୁହାଯାଇପାରେ । ସେମାନେ କେବଳ ପ୍ରେମର ସ୍ପନ୍ଦନକୁ ଠିକ୍ ରୂପେ ଗ୍ରହଣ କରି ଅବିକୃତ ଭାବରେ ଅଭିବ୍ୟକ୍ତ କରିପାରନ୍ତି ।

ସଂସାରରେ ଅନ୍ୟ ଯେତେପ୍ରକାରର ପ୍ରେମ ଦେଖାଯାଏ – ଯଥା ବାତ୍ସଲ୍ୟ ପ୍ରେମ, ଦାମ୍ପତ୍ୟ ପ୍ରେମ, ବନ୍ଧୁତା, ମୈତ୍ରୀ – ଏହା ମୌଳିକ ଦିବ୍ୟ ପ୍ରେମର ନ୍ୟୂନାତିରିକ୍ତତା ଓ ବିକୃତ ସଂସ୍କରଣ ମାତ୍ର । ଦିବ୍ୟଜନନୀ କହନ୍ତି :

"... when man speaks of love, he associates it with an emotional and sentimental weakness. But the divine intensity of self-forgetfulness, the capacity of throwing oneself out entirely, making no restriction and no reservation, as a gift, asking nothing in exchange, this is little known to human beings."

(CWM, Vol. 3, p. 71)

ଅର୍ଥାତ୍, ''ଯେତେବେଳେ ମଣିଷ ପ୍ରେମର କଥା କହେ, ସେତେବେଳେ ସେ ପ୍ରେମକୁ ଏକ ସଂବେଗଗତ ଭାବପ୍ରବଣତା ସହିତ ଏକାଠି ଯୋଡ଼ି ଦେଇଥାଏ । କିନ୍ତୁ ଆପଣାକୁ ଗୋଟାସୁଦ୍ଧା ଭୁଲିଯିବା ମଧ୍ୟରେ ଯେଉଁ ଦିବ୍ୟ ପ୍ରଗାଢ଼ତା ରହିଛି, ଆପଣାକୁ ସମ୍ପୂର୍ଣ୍ଣ ରୂପେ ଦେଇ ଦେବା ଲାଗି ଯେଉଁ ସାମର୍ଥ୍ୟ ରହିଛି, କୌଣସି ପ୍ରକାର ନିରୁଦ୍ଧତା ଏବଂ ପ୍ରତିବନ୍ଧକ ଲାଗି ଯେଉଁଠାରେ ଆଦୌ କୌଣସି ସ୍ଥାନ ନାହିଁ, ଯେଉଁ ପ୍ରେମ ଆପଣାକୁ କେବଳ ଦେଇ ଚାଲିଥାଏ ଏବଂ ପ୍ରତିଦାନରେ କଦାପି କିଛି ମାଗୁ ନଥାଏ – ମଣିଷମାନଙ୍କ କ୍ଷେତ୍ରରେ ଏହିସବୁ ବିଧିଗୁଡ଼ିକ ପ୍ରାୟ ଅଜ୍ଞାତ ହୋଇ ରହିଥାଏ ।''

– ଶ୍ରୀମା

ଇନ୍ଦ୍ରିୟଗତ ପ୍ରାଣିକ ଆକର୍ଷଣକୁ ସାଧାରଣତଃ ପ୍ରେମ ବୋଲି ଧାରଣା କରାଯାଇଥାଏ । ଏହା ଏକ ଭ୍ରମ ଓ ଚରମ ଅବିଦ୍ୟାର ପରିଚାୟକ । ଦିବ୍ୟଜନନୀଙ୍କ ସ୍ୱହସ୍ତରେ ଲିଖିତ ବାଣୀଟିଏ –

"Love is not sexual intercourse.
Love is not vital attraction and interchange.
Love is not the heart's hunger for affection.
Love is a mighty vibration coming straight from the One, and only the very pure and very strong are capable of receiving and manifesting it.
To be pure is to be open only to the Supreme's influence and to no other."

(CWM, Vol. 14, p. 132)

''ପ୍ରେମ କହିଲେ ଯୌନ ମିଳନକୁ ବୁଝାଏ ନାହିଁ । ପ୍ରେମ ପ୍ରାଣିକ ଆକର୍ଷଣ ଓ ଆଦାନପ୍ରଦାନକୁ ବୁଝାଏ ନାହିଁ । ସ୍ନେହ ନିମିତ୍ତ ହୃଦୟର କ୍ଷୁଧାକୁ ପ୍ରେମ ବୋଲି କୁହାଯାଇ ନପାରେ । ପ୍ରେମ ହେଲା ସ୍ୱୟଂ ଏକମେବାଦ୍ୱିତୀୟ ପରଂବ୍ରହ୍ମ ପରମେଶ୍ୱରଙ୍କଠାରୁ ପ୍ରତ୍ୟକ୍ଷଭାବେ ଉତ୍ସାରିତ ଏକ ଶକ୍ତିଶାଳୀ

ସ୍ପନ୍ଦନ । ଯେଉଁମାନେ ଅତିଶୟ ପବିତ୍ର ଓ ଅତିଶୟ ବୀର୍ଯ୍ୟବାନ୍ କେବଳ ସେମାନେହିଁ ଏହାକୁ ଗ୍ରହଣ କରି ଅଭିବ୍ୟକ୍ତ କରିବା ଲାଗି ସମର୍ଥ । ପବିତ୍ର ହେବା ଅର୍ଥ କେବଳ ପରମେଶ୍ୱରଙ୍କ ପ୍ରଭାବ ପ୍ରତି ଉନ୍ମୁକ୍ତ ରହିବା, ଅନ୍ୟ କୌଣସି ପ୍ରତି ନୁହେଁ ।''

— ଶ୍ରୀମା

ସମସ୍ୱରରେ ସାବିତ୍ରୀ ଯମଙ୍କୁ କହୁଛନ୍ତି :

"My love is not a hunger of the heart,
My love is not a craving of the flesh;
It came to me from God, to God returns."

(Savitri, P. 612)

''ମୋ ପ୍ରେମ ନୁହେଁ ହୃଦୟର କ୍ଷୁଧା,
ମୋ ପ୍ରେମ ନୁହେଁ ରକ୍ତମାଂସର ଲାଳସା;
ମୋ ପ୍ରେମ ଆସିଛି ପରମଙ୍କଠାରୁ ଓ ଲେଉଟିବ
ପରମଙ୍କ ନିକଟକୁ ।''

କାମ ପ୍ରେମ ନୁହେଁ । ଏହା ପଶୁଠାରୁ ଉତ୍ତରାଧିକାରୀ ସୂତ୍ରରେ ମଣିଷ ଅର୍ଜନ କରିଥିବା ଏକ ପ୍ରକ୍ରିୟା । ଏହା ଦିବ୍ୟ ପ୍ରେମର ନ୍ୟୂନତମ ସଂସ୍କରଣ ।

ପ୍ରେମ ହେଉଛି ଏକ ଦିବ୍ୟଶକ୍ତି । ଏହା ପରମା ଦିବ୍ୟଜନନୀଙ୍କର ସୃଷ୍ଟି ଉଦ୍ଦେଶ୍ୟରେ ପ୍ରଦତ୍ତ ଏକ ଅମୂଲ୍ୟ ଅବଦାନ ଓ ତାଙ୍କରି ଦିବ୍ୟକୃପାର ଏକ ଜ୍ୱଳନ୍ତ ନିଦର୍ଶନ ।

ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ପ୍ରେମର ସଂଜ୍ଞା ହେଲା : "Love is struggle of a human soul to find its compliment, its stable equillibrium, its infinite rest." ''ତାହାର ପରିପୂରକଟିକୁ ପାଇବା ପାଇଁ, ତା'ର ସ୍ଥାୟୀ ଭାରସାମ୍ୟତା ପାଇଁ, ତାହାର ଅନନ୍ତ ବିଶ୍ରାମ ପାଇଁ ମାନୁଷୀ ଆତ୍ମାର ସଂଘର୍ଷହିଁ ପ୍ରେମ ।''

ଅବଶ୍ୟ ଚେତନାର ବିବର୍ତ୍ତନ ଯୋଗୁଁ ସୃଷ୍ଟି ସମ୍ଭବ ହୋଇ ପାରିଛି । କିନ୍ତୁ ପ୍ରେମ ଦ୍ୱାରା ବା ପ୍ରେମ ଯୋଗୁଁହିଁ ସୃଷ୍ଟିର ସ୍ଥିତି ସମ୍ଭବ ହୋଇପାରିଛି । କୁହାଯାଇପାରେ ଚେତନା ସୃଷ୍ଟିକର୍ତ୍ତା ପ୍ରଜାପତି ବ୍ରହ୍ମାଙ୍କ ଭୂମିକା ନିଭାଇଲା ବେଳେ ପ୍ରେମ ପାଳନକର୍ତ୍ତା ଶ୍ରୀବିଷ୍ଣୁଙ୍କ ଭୂମିକା ନିଭାଇଥାଏ । ପ୍ରେମ ବିନା ସୃଷ୍ଟିର ଅସ୍ତିତ୍ୱ ସମ୍ଭବ ନୁହେଁ ।

ପ୍ରେମ ବିଭିନ୍ନ ପର୍ଯ୍ୟାୟରେ ପ୍ରକାଶିତ ହୋଇଥାଏ । ଚେତନାର ସ୍ତରହିଁ ପ୍ରେମର ସ୍ୱରୂପକୁ ନିର୍ଣ୍ଣୟ କରିଥାଏ । ଜଣେ ଯଦି ପ୍ରାଣିକ ଚେତନାରେ ରହେ ତେବେ ତା'ର ପ୍ରେମ ପାଶବିକ ବା ପଶୁସୁଲଭ ହେବ । ଜଣେ ଯଦି ମାନୁଷୀ ଚେତନାରେ ଅବସ୍ଥାନ କରିଥାଏ ତେବେ ସେ ବ୍ୟକ୍ତିର ପ୍ରେମ ମାନବିକ ସ୍ତରର ହେବ । ଜଣେ ଯଦି ଦେବତାଙ୍କ ତୁଲ୍ୟ ଦିବ୍ୟ ଚେତନାର ଅଧିକାରୀ ହୋଇଥାଏ ତେବେ ତା' ମଧ୍ୟ ଦେଇ ପ୍ରେମ ଦିବ୍ୟତାକୁହିଁ ଅଭିବ୍ୟକ୍ତ କରିବ । କିନ୍ତୁ ଜଣେ ଯଦି ପଶୁ, ମଣିଷ ବା ଦେବତାଙ୍କ ଚେତନାକୁ ଅତିକ୍ରମ କରି ଏକ ଚରମ ଚେତନା (ଅତିମାନସ ଚେତନା)ରେ ଉପନୀତ ହୁଏ ତେବେ ତା' ଦ୍ୱାରା ବ୍ୟକ୍ତ ହେଉଥିବା ପ୍ରେମ ସେହି ପରମ ଦିବ୍ୟଚେତନାର ଅନୁରୂପ ହେବ । ସର୍ବୋପରି ପ୍ରେମର ଅଭିବ୍ୟକ୍ତି ଆଧାରର ଚେତନା ଉପରେ ନିର୍ଭର କରେ ।

ପ୍ରେମ ହୋଇପାରେ ତାମସିକ, ରାଜସିକ କିଂବା ସାତ୍ତ୍ୱିକ । ତାହା ତ୍ରିଗୁଣାତୀତ ବି ହୋଇପାରେ । ତାମସିକ ପ୍ରେମରେ କୌଣସି ଗତିଶୀଳତା ନଥାଏ । ଏକ ଆସକ୍ତିଜନିତ ଅଭ୍ୟାସ ପ୍ରେମର ଅନୁକରଣ କରୁଥାଏ । ରାଜସିକ ପ୍ରେମ ପରିବର୍ତ୍ତନଶୀଳ, ଏଥିରେ ନିରନ୍ତର ହ୍ରାସ-ବୃଦ୍ଧି ହେଉଥାଏ । ମିଳନ ଓ ବିଚ୍ଛେଦ ଏହାର ସ୍ୱାଭାବିକ ପରିଣତି ହୋଇ ରହିଥାଏ । ଅର୍ଥାତ୍ ବିଚ୍ଛେଦ ଯୋଗୁଁ ମିଳନ ଅଧିକତର ମଧୁର, ସରସ ଓ ସୁନ୍ଦର ହୋଇଥାଏ । କଥିତ ଅଛି : "They unite to seperate, they separate to unite." ସାତ୍ତ୍ୱିକ ପ୍ରେମରେ ରହିଥାଏ ଦାୟିତ୍ୱବୋଧ, ସ୍ନିଗ୍ଧତା, ସୌନ୍ଦର୍ଯ୍ୟବୋଧ ଓ କିଛି ଦିବ୍ୟଭାବ । ତେବେ ଏହା ବି ଅବିମିଶ୍ର କିଂବା ବିଶୁଦ୍ଧ ନୁହେଁ । ସବୁଥିରେ ଅଳ୍ପ ବହୁତେ ମିଶ୍ରିତ ହୋଇ ରହିଥାଏ ସ୍ୱାର୍ଥ, ଆତ୍ମ-ପ୍ରୀତି, ପ୍ରତ୍ୟାଶା, ଆସକ୍ତି ଇତ୍ୟାଦି ଆବିଳତା ।

ପ୍ରେମର ଆଦିମ ପ୍ରବୃତ୍ତି ହେଲା ଆତ୍ମସାତ୍ କରି ନେବା । ସାପ ବେଙ୍ଗକୁ ଗିଳି ପକାଏ, ଅଜଗର ତା'ର ଶିକାରକୁ ଗିଳି ପକାଏ । ଯଦି ଜଣେ ରସଗୋଲା ଭଲ ପାଉଥାଏ — ତେବେ ସେ ରସଗୋଲାକୁ ଉଦରସ୍ଥ କରି ନିଏ । ଆତ୍ମସାତ୍ କରି ନେବା ବା ଅଧିକାର ସାବ୍ୟସ୍ତ କରିବା ହେଲା ଭଲପାଇବାର ଏକ ଆଦିମ ପଦକ୍ଷେପ ।

ପ୍ରେମ ଏକ ଦିବ୍ୟଶକ୍ତି । ଏହା କେବଳ ମଣିଷମାନଙ୍କ ମଧ୍ୟରେ ପ୍ରକାଶିତ ହୋଇ ନଥାଏ । ଇତର ପ୍ରାଣୀ ଜଗତରେ, ଉଦ୍ଭିଦ ଜଗତରେ, ଏପରିକି ଜଡ଼ ଜଗତରେ ମଧ୍ୟ ଏହାର ଆଭାସ ମିଳିଥାଏ । ମାନୁଷୀପ୍ରେମ ତୁଳନାରେ ଏହା ହୁଏତ କମ୍ ବିକୃତ ହୋଇଥାଏ ।

ସୂର୍ଯ୍ୟାସ୍ତ ସମୟରେ ଉଦ୍ଭିଦମାନଙ୍କୁ ଲକ୍ଷ୍ୟ କରାଯାଉ ।

ସୂକ୍ଷ୍ମଦର୍ଶୀଗଣ (Occultist) ଲକ୍ଷ୍ୟ କରିପାରୁଛନ୍ତି ଯେ ଏକ ତୀବ୍ର ଇଚ୍ଛା ବା ଅଭୀପ୍‌ସା ତା'ର ମୂଳରୁ ଗଣ୍ଡି ଓ ଶାଖାପ୍ରଶାଖା ଦେଇ ଊର୍ଦ୍ଧ୍ୱକୁ ଆହୁରି ଊର୍ଦ୍ଧ୍ୱକୁ ଉତ୍ଥିତ ହୋଇଚାଲିଛି । ଏହା ଏପରି ଏକ ଅଭୀପ୍‌ସା ଯାହା ଅସ୍ତଗାମୀ ଆଲୋକକୁ ପୁନର୍ବାର ପାଇବା ପାଇଁ ଉଦ୍‌ଗ୍ରୀବ । ପ୍ରେମଶକ୍ତିହିଁ ଉଦ୍ଭିଦ ଜଗତରେ ଫୁଲଗୁଡ଼ିକୁ ପ୍ରସ୍ଫୁଟିତ କରି ତା'ର ଅନନ୍ୟ ସୌନ୍ଦର୍ଯ୍ୟ ଓ ସୁଗନ୍ଧ ବିତରଣ କରିଥାଏ, ଏଥିରେ ନଥାଏ କୌଣସି ସ୍ୱାର୍ଥପରତା ବା ପ୍ରତ୍ୟାଶା ।

ଜଣେ ମଣିଷ ପବିତ୍ର ଦିବ୍ୟପ୍ରେମର ସ୍ପର୍ଶ ଗୋଟିଏ ମୁହୂର୍ତ୍ତ ପାଇଁ ଯଦି ପାଇଯାଏ ତେବେ ସେ କଳନା କରିପାରିବ ମାନୁଷୀ ପ୍ରେମ କେତେ ନିମ୍ନସ୍ତରର ।

**ମାନୁଷୀ ପ୍ରେମର ସ୍ୱରୂପ ଓ ଗୁଣଧର୍ମ** : ମାନୁଷୀ ପ୍ରେମରେ ସାଧାରଣତଃ ଭରି ରହିଥାଏ ସ୍ୱାର୍ଥପରତା, ଛଳନା, ଅଭିନୟ, କୁଟିଳତା, କୁତ୍ସିତତା, ଦୁର୍ବଳତା, ଦାବି, ପ୍ରତ୍ୟାଶା, ସଂଶୟ, ଆତ୍ମ-ପ୍ରୀତି, ହ୍ରାସ-ବୃଦ୍ଧି, ବିରହ ଓ ମିଳନ, ଅଧୀରତା, ଉତ୍ତେଜନା ଇତ୍ୟାଦି ଆବିଳତା । ମାନୁଷୀ ପ୍ରେମ ମଧ୍ୟରେ ବାତ୍ସଲ୍ୟ ପ୍ରେମକୁ ଶ୍ରେଷ୍ଠସ୍ଥାନ ଦିଆଯାଇପାରେ, କାରଣ ଏହା ଅପେକ୍ଷାକୃତ ଶୁଦ୍ଧ ଓ ଦିବ୍ୟପ୍ରେମର ନିକଟତର । ଦାମ୍ପତ୍ୟ ପ୍ରେମକୁ ମଧ୍ୟ ଶୁଦ୍ଧ ଓ ପବିତ୍ର କରାଯାଇପାରେ ଯଦି ସେ କ୍ଷେତ୍ରରେ ଆତ୍ମାର ସମ୍ପର୍କରେ ଗୁରୁତ୍ୱ ଆରୋପ କରାଯାଏ । କିନ୍ତୁ ସାଧାରଣତଃ ଲକ୍ଷ୍ୟ କରାଯାଏ ଯେ ଦାମ୍ପତ୍ୟପ୍ରେମ ଅନେକ କ୍ଷେତ୍ରରେ ସେଥିରୁ ବଞ୍ଚିତ ହୋଇ ରହିଛି । ବିବାହ ପ୍ରସ୍ତାବଟିଏ ଆସିଲେ କନ୍ୟାପକ୍ଷ ଲକ୍ଷ୍ୟ କରନ୍ତି ବରର ଦରମା କେତେ । ବରପକ୍ଷ ଆକଳନ କରନ୍ତି କନ୍ୟାପକ୍ଷର ଯୌତୁକ ଦେବା ସାମର୍ଥ୍ୟ କେତେ । ଅବଶ୍ୟ ଆଧୁନିକ ସାମାଜିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲାଣି ।

ଦିବ୍ୟଜନନୀ ଶ୍ରୀମା ବିବାହ ଓ ଦାମ୍ପତ୍ୟ ଜୀବନ ସମ୍ପର୍କରେ ଯେଉଁ ମାର୍ଗଦର୍ଶନ କରିଛନ୍ତି ତାହା ଅତି ଗୁରୁତ୍ୱପୂର୍ଣ୍ଣ ଓ ଶିକ୍ଷାପ୍ରଦ । ଏହା ବିବାହର ଏକ ନୂତନ ଆଭିମୁଖ୍ୟ ତଥା ଦାମ୍ପତ୍ୟ ଜୀବନର ଏକ ନୂତନ ଦିଗନ୍ତ ଉନ୍ମୋଚିତ କରେ । ଏହି କ୍ଷୁଦ୍ର ପରିସର ମଧ୍ୟରେ ସମଗ୍ର ପାଠ୍ୟ ବା ଅନୁଚ୍ଛେଦଟି ଉପସ୍ଥାପନ କରିବା ସମ୍ଭବ ନୁହେଁ । ତାହାର କିୟତ୍ ଅଂଶ ନିମ୍ନରେ ଉଲ୍ଲେଖ କରାଗଲା ।

"To unite your physical lives, your material interests, to become partners in order to face together the difficulties and successes, the defeats and victories of life – that is the very foundation of marriage, but you already know that it is not enough. ..."

* * *

"To unite your minds, to harmonise your thoughts and make them complementary, to share your intellectual preoccupations and discoveries; in short, to make your sphere of mental activity identical through a widening and enrichment acquired by both at once – that is good, that is absolutely necessary, but it is not enough.

* * *

"... To be one in aspiration and ascension, to move forward at the same pace on the same spiritual path, that is the secret of a lasting union."

(CWM, Vol. 14, p. 291)

ଏହାର ଭାବାନୁବାଦ ହେଲା –

''ଜୀବନର ନାନା ଅସୁବିଧା ଓ ସଫଳତାଗୁଡ଼ିକର ତଥା ପରାଜୟ ଓ ବିଜୟଗୁଡ଼ିକର ଏକତ୍ର ସମ୍ମୁଖୀନ ହୋଇପାରିବା ସକାଶେ ତୁମର ଜଡ଼ଜୀବନକୁ ତଥା ପାର୍ଥିବ ସ୍ୱାର୍ଥଗୁଡ଼ିକୁ ପରସ୍ପର ସହ ସଂଯୁକ୍ତ କରି ରଖିବା ଏବଂ ପରସ୍ପରର ସହଚର ହୋଇରହିବା – ଏହାକୁହିଁ ବିବାହର ଅସଲ ମୂଳଦୁଆ ବୋଲି କୁହାଯିବ; ତେବେ ଏତିକି ହେଲେ ଯେ ଯଥେଷ୍ଟ ହୋଇଯାଏ ନାହିଁ, ଏକଥା ତୁମକୁ ପୂର୍ବରୁ ଜଣାଅଛି ।

*

ତୁମର ମନକୁ ପରସ୍ପର ସହିତ ସଂଯୁକ୍ତ କରି ରଖିବା, ପରସ୍ପରର ଭାବନାକୁ ସମଞ୍ଜସତା ମଧ୍ୟରେ ରଖି ସେଗୁଡ଼ିକୁ ପରସ୍ପରର ପରିପୂରକ କରି ରଖିପାରିବା, ନିଜ ବୁଦ୍ଧିକ୍ଷେତ୍ରରେ ସକଳ ଧାବନ ଓ ଉଦ୍ଭାବନରେ ପରସ୍ପରକୁ ଅଂଶୀଦାର କରାଇବା; ସଂକ୍ଷିପ୍ତରେ କହିବାକୁ ଗଲେ, ଉଭୟଙ୍କ ଦ୍ୱାରାହିଁ ଉପଲବ୍ଧ ହୋଇଥିବା ଏକ ସଂପ୍ରସାରଣ ଓ ସମୃଦ୍ଧିକରଣ ଦ୍ୱାରା ପରସ୍ପରର ମାନସିକ ସକ୍ରିୟତାର କ୍ଷେତ୍ରକୁ ପରସ୍ପରଠାରୁ ଅଭିନ୍ନ

କରି ରଖିବା – ତାହା ଅତି ଉତ୍ତମ, ତାହା ଏକାନ୍ତ ଅପରିହାର୍ଯ୍ୟ, କିନ୍ତୁ ଆଦୌ ଯଥେଷ୍ଟ ନୁହେଁ ।

*

.... ଅଭୀପ୍ସା ଓ ଆରୋହଣରେ ପରସ୍ପରଠାରୁ ଅଭିନ୍ନ ହୋଇ ରହିଥିବ, ସେହି ଗୋଟିଏ ଆଧାତ୍ମିକ ମାର୍ଗରେ ଉଭୟେ ସମାନ ଭାବରେ ଅଗ୍ରସର ହୋଇପାରୁଥିବ, ତାହାକୁହିଁ ଏକ ସ୍ଥାୟୀବନ୍ଧନର ଅସଲ ରହସ୍ୟ ବୋଲି କୁହାଯିବ ।''

– ଶ୍ରୀମା

ବୈବାହିକ ଜୀବନରେ ଯଦି ସବୁ କ୍ଷେତ୍ରରେ ପାରସ୍ପରିକତା ରହେ, ଜଣେ ଅନ୍ୟ ଜଣକ ପାଇଁ ନିଃସ୍ୱାର୍ଥପର ହୋଇ ଜୀବନ ବଞ୍ଚୁଥାଏ, ଯାବତୀୟ ଚିନ୍ତା ଓ ଅନୁଭବରେ ଉଭୟେ ଅଂଶୀଦାର ହୋଇଥା'ନ୍ତି, ରୁଚି ତଥା ସୂକ୍ଷ୍ମବୋଧ ଓ ସୌନ୍ଦର୍ଯ୍ୟବୋଧରେ ଏକା ହୋଇଥା'ନ୍ତି, ଜୀବନର ଆହ୍ୱାନଗୁଡ଼ିକୁ ଓ ଯାବତୀୟ ସମସ୍ୟାଗୁଡ଼ିକୁ ଉଭୟେ ସହଯୋଗୀରୂପେ ସମ୍ମୁଖୀନ ହୁଅନ୍ତି, କଷ୍ଟକର ପରିସ୍ଥିତିରେ ମଧ୍ୟ ପରସ୍ପର ମଧ୍ୟରେ ଥିବା ସ୍ନେହ ଓ କୋମଳତା ହ୍ରାସ ପାଉ ନଥାଏ, ତେବେ ଦାମ୍ପତ୍ୟପ୍ରେମ ସ୍ୱର୍ଗୀୟ ପ୍ରେମରେ ପରିଣତ ହୋଇପାରେ । ଅସଲ କଥାହେଲା ଯଦି ଆତ୍ମିକ ଚେତନା ବା ଚୈତ୍ୟଚେତନାରେ ଉଭୟେ ନିକଟତର ହୋଇ ରହିଥିବେ ଓ ଆଧାତ୍ମିକ ପଥରେ ଅଗ୍ରସର ହେବା ନିମିତ୍ତ ଉଭୟେ ପରସ୍ପରର ସହାୟକ ହୋଇ ରହିଥିବେ ତେବେ ଯାଇ ବୈବାହିକ ଜୀବନ ସାର୍ଥକ ହୋଇଛି ବୋଲି କୁହାଯାଇପାରିବ । ବୈଦିକ ଯୁଗରେ ଏହାହିଁ ବିବାହର ଆଭିମୁଖ୍ୟ ହୋଇ ରହିଥିଲା । ଉଭୟ ପତି ଓ ପତ୍ନୀଙ୍କ ସହଯୋଗ ବିନା କୌଣସି ଆଧାତ୍ମିକ ଅନୁଷ୍ଠାନ ସଫଳ ହେଉ ନଥିଲା । ବନବାସରୁ ଫେରିଲା ପରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ର ଯେତେବେଳେ ଅଶ୍ୱମେଧ ଯଜ୍ଞ କରିବା ଲାଗି ସ୍ଥିର କଲେ ସେତେବେଳେ ସତୀ ସୀତାଙ୍କର ଉପସ୍ଥିତି ଅନିବାର୍ଯ୍ୟ ହେଲା । କିନ୍ତୁ ମହାସତୀ ସୀତା ଦୁଇ ଥର ନିଜ ସତୀତ୍ୱର ପ୍ରମାଣ ଦେଇ ସାରି ଧରିତ୍ରୀ ଗର୍ଭକୁ ପ୍ରତ୍ୟାବର୍ତ୍ତନ କରି ସାରିଥିଲେ । ଶାସ୍ତ୍ରାନୁଯାୟୀ ପତ୍ନୀଙ୍କ ଅବର୍ତ୍ତମାନରେ ଏପରି ଯଜ୍ଞାନୁଷ୍ଠାନ ନିଷ୍ଫଳ ହୁଏ ଓ ବିଧିନିଷେଧ । ତେଣୁ କୁଳ ପୁରୋହିତ ମହର୍ଷି ବଶିଷ୍ଠଙ୍କ ପରାମର୍ଶକ୍ରମେ ସତୀ ସୀତାଙ୍କର ସୁବର୍ଣ୍ଣ ପ୍ରତିମା ପ୍ରସ୍ତୁତ କରାଗଲା । କାରଣ ସତୀ ସୀତା ସ୍ୱୟଂ ଶୁଦ୍ଧ ସୁବର୍ଣ୍ଣ ତୁଲ୍ୟ ପବିତ୍ର ଓ ମହାର୍ଘ ବୋଲି ପ୍ରମାଣ ଦେଇ ସାରିଥିଲେ । ଯଜ୍ଞସ୍ଥଳରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ବାମପାର୍ଶ୍ୱରେ ସତୀ ସୀତାଙ୍କ ସୁବର୍ଣ୍ଣ ପ୍ରତିମା ଶୋଭା ପାଇଲା ପରେ ସଫଳତା ସହ ଯଜ୍ଞାନୁଷ୍ଠାନ କରାଯାଇଥିଲା ।

ବନ୍ଧୁତା, ସଖ୍ୟ ବା ମୈତ୍ରୀ ମଧ୍ୟ ଦିବ୍ୟପ୍ରେମର ଏକ ନ୍ୟୂନ ସଂସ୍କରଣ । ଭକ୍ତକବି ମଧୁସୂଦନ ରାଓ ''ନିର୍ବାସିତର ବିଳାପ'' କବିତାରେ ଲେଖନ୍ତି :

''କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର,
ଯା'ର ପ୍ରାପତି ଲାଗି ଦେବତା ନର ।''

ତେବେ ବି ଏହି ପ୍ରେମ ପ୍ରତ୍ୟାଶା, ପ୍ରତାରଣା, ସ୍ୱାର୍ଥାଦି କଳୁଷ ଦ୍ୱାରା ବିକୃତ ହୋଇ ଯିବାର ଅନେକ ଜ୍ୱଳନ୍ତ ନିଦର୍ଶନ ରହିଛି ।

ମାନୁଷୀପ୍ରେମରେ ପ୍ରେମାସ୍ପଦଙ୍କ ପ୍ରତି ଯେତିକି ପ୍ରେମ ଥାଏ ନିଜ ପ୍ରତି ମଧ୍ୟ ସେତିକି ପ୍ରେମ ରହିଥାଏ ଯାହାକୁ ଆତ୍ମ-ପ୍ରୀତି କୁହାଯାଏ । ମାନୁଷୀପ୍ରେମ ସାଧାରଣତଃ ଅଜ୍ଞାନ, ଆସକ୍ତି, ଉତ୍ତେଜନା ଓ ବାସନାର ଏକ ମିଶ୍ରଣ । ମାନୁଷୀ ପ୍ରେମ ତା'ର ନିଜର ଉଲ୍ଲାସ ଯୋଗୁଁ ବିଫଳ ହୁଏ : ପ୍ରେମର ମାଧୁର୍ଯ୍ୟ କମି ଯାଇପାରେ, ତେବେ ତାହା କଦାପି କ୍ଷୟ ହୁଏ ନାହିଁ । ମାନୁଷୀ ପ୍ରେମରେ ଆତ୍ମ-ଦାନ ଖୁବ୍ କ୍ୱଚିତ୍ ଦେଖାଯାଏ, ବରଂ ତାହା ସ୍ୱାର୍ଥପରତା ଓ ନାନା ଦାବିରେ ଭରି ରହିଥାଏ ।

"If human love manifested itself without mixture, it would be all-powerful."

(CWM, Vol. 15, p. 360) – The Mother

ଯଦି ମାନୁଷୀପ୍ରେମ ଅବିମିଶ୍ର ଭାବେ ବ୍ୟକ୍ତ ହୁଅନ୍ତା ତେବେ ତାହା ସର୍ବ ଶକ୍ତିଶାଳୀ ହୋଇପାରନ୍ତା ।''

– ଶ୍ରୀମା

(କ୍ରମଶଃ) ❑

ତିକ୍ତତା ଏକ ବିଭ୍ରାନ୍ତି ଯାହାକି ଦିବ୍ୟପ୍ରେମର ସୂର୍ଯ୍ୟ କିରଣରେ ମିଳାଇଯାଏ ।

– ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଆଧ୍ୟାତ୍ମିକତା ଏବଂ ଅତିଭୌତିକ ଶକ୍ତି

***ଏହି ପୃଷ୍ଠାରେ ସମସାମୟିକ କୌଣସି ଘଟଣାକୁ ଭିତ୍ତିକରି ସେଥିରେ ଥିବା ତାତ୍ପର୍ଯ୍ୟ ଉପରେ ଆଲୋକପାତ କରାଯାଏ । ତେବେ ସାମୟିକ ଭାବରେ ଯେ ଧାରା ସ୍ଥଗିତ ରଖି ପାଠକମାନଙ୍କ ମନରେ ଉଠୁଥିବା ନାନାଦି ସଙ୍ଗତ ପ୍ରଶ୍ନର ଉତ୍ତର ଦେବାର ପ୍ରୟାସ କରାଯାଉଛି ।***

*ପ୍ରଶ୍ନ : ଆଧ୍ୟାତ୍ମିକ ସାହିତ୍ୟରେ ପ୍ରାୟତଃ Occult ଏବଂ Occultism ଶବ୍ଦର ଉଲ୍ଲେଖ ପଢ଼ିବାକୁ ମିଳେ । ଏହା କ'ଣ ଆଧ୍ୟାତ୍ମିକତାରହିଁ ପ୍ରତିଶବ୍ଦ ? Occult ମାର୍ଗ ସ୍ୱତନ୍ତ୍ର ଭାବରେ ଅନୁସରଣ କରିବା ସମ୍ଭବ କି ?*

Occultism ର ଆକ୍ଷରିକ ଅର୍ଥ ହେଲା ଅତୀନ୍ଦ୍ରିୟ (Supraphysical) ଜଗତର ନିଗୂଢ଼ ନିୟମ ବା ରହସ୍ୟ ସମ୍ପର୍କୀୟ ଚର୍ଚ୍ଚା ବା ସନ୍ଧାନ ବା ଜ୍ଞାନ । ଏହାକୁ ଅତିଭୌତିକ ବିଦ୍ୟା ଭାବରେ ମଧ୍ୟ ଅଭିହିତ କରାଯାଇପାରେ ।

ଏ ବିଶ୍ୱ-ପ୍ରକୃତି ଭିତରେ ନିହିତ ରହିଛି ଆମର ଅଜଣା କେତେ ବିପୁଳ ଶକ୍ତି ଓ ସାମର୍ଥ୍ୟ । ମାମୁଲି ଅଭିଜ୍ଞତାଟିଏ ଉପରେ ଦୃଷ୍ଟିପାତ କରନ୍ତୁ । ଆବହମାନ କାଳରୁ ପ୍ରକୃତି ଭିତରେ ଲୁଚି ରହିଥିଲା ବିଦ୍ୟୁତ୍ । ତା'ର ସନ୍ଧାନ ମିଳିବା ପରେ ଆମେ କେତେ ପ୍ରକାର ସେ ଶକ୍ତିର ଉପଯୋଗ କରି ଚାଲିଛୁଁ । ଯେଉଁ ବୈଜ୍ଞାନିକମାନେ ଜଡ଼ବସ୍ତୁ ଭିତରେ ଲୁଚି ରହିଥିବା ଏମନ୍ତ ନାନାଦି ଶକ୍ତିର ଆବିଷ୍କାର ଏବଂ ଉପଯୋଗ ନିମନ୍ତେ ଗବେଷଣାରତ, ସେମାନଙ୍କ କର୍ମକୁ ମଧ୍ୟ ଗୋଟାଏ ଦୃଷ୍ଟିରୁ Occult ବୋଲି କୁହାଯାଇପାରେ । କିନ୍ତୁ ମୁଖ୍ୟତଃ ଜଡ଼ ଜଗତରେ ନୁହେଁ, ଆମ ଚେତନା ଜଗତରେ ନିହିତ ବହୁ ଅଜ୍ଞାତ ଶକ୍ତି ଓ ଜଟିଳତା ଉପରେ ଗବେଷଣା ଓ ସେସବୁର ଉପଯୋଗ ସମ୍ପର୍କରେ ଶବ୍ଦଟି ବ୍ୟବହୃତ ହୁଏ ।

ଆମେ ମଣିଷମାନେ ଆମ ଚେତନାର ଏକ ସାମାନ୍ୟ ଅଂଶକୁହିଁ ଆମର ସମଗ୍ର ଚେତନା ବୋଲି ଜ୍ଞାନ କରୁଁ । ମନ, ବୁଦ୍ଧି, ପ୍ରାଣଗତ ଆବେଗ-ପ୍ରବେଗ – ଚେତନାର ଏହିଭଳି ଦୁଇ ତିନି ପ୍ରସ୍ତକୁ ନେଇ ଜଣେ ହାରାହାରି ମଣିଷର କାରବାର । ଆମ ଜ୍ଞାତ ଚେତନାର ଊର୍ଦ୍ଧ୍ୱରେ ଥିବା ମହତ୍ତର ସ୍ତରସବୁ କଥା ବାଦ୍ ଦିଅନ୍ତୁ, ଆମ ବ୍ୟାବହାରିକ ଚେତନା ସ୍ତର ତଳେ ପ୍ରଚ୍ଛନ୍ନ ରହିଥିବା ଅତଳ ଅବଚେତନ ସମ୍ପର୍କରେ ମଧ୍ୟ ଆମେ ପ୍ରାୟ ଅଜ୍ଞାନ, ଯଦିଓ ମନସ୍ତତ୍ତ୍ୱ ସେ ସମ୍ପର୍କରେ ଆମକୁ କିଛି ମାତ୍ରାରେ ଅବହିତ କରିଛି । ହଠାତ୍ ଥରେ ଥରେ ଜଣେ ଏଭଳି କାମଟିଏ କରିବସେ, ଯାହା ତା' ନିଜ ସ୍ୱାଭାବିକ ଚେତନା-ପ୍ରେରିତ ନୁହେଁ ବୋଲି ସେ ପରେ ପରେ ବୁଝିପାରେ । କେଉଁଠାରୁ ଆସିଲା ସେମିତି ଆଚରଣର ପ୍ରବୃତ୍ତି ? ହୁଏତ ନିଜର ଆୟତ୍ତରେ ନଥିବା ଅବଚେତନରୁ, ନତୁବା ବାତାବରଣରେ ରହିଥିବା କୌଣସି ଶକ୍ତିର ପ୍ରଭାବରୁ । ଯଦି ଆମେ ସଚେତନ ଭାବରେ ତାହାର ସନ୍ଧାନ କରୁଁ, ତେବେ ଆମକୁ ଘେରି ରହିଥିବା ତଥା ଆମ ନିଜ ଭିତରେ ଥିବା ବ୍ୟାପକ ଶକ୍ତିସମୂହ ସମ୍ପର୍କରେ ଆମର କିଛି ଧାରଣ ହୋଇପାରେ ।

କେହି କେହି ସାଧକ ନିଜ ଭିତରେ ଏବଂ ବାହାରେ ଥିବା ସେଭଳି ଶକ୍ତିର ସନ୍ଧାନ କରି ତାହା ଆୟତ୍ତ କରନ୍ତି ଏବଂ ଏକ ପ୍ରକାର ''ସିଦ୍ଧି'' ଲାଭ କରି ସେସବୁ ପ୍ରୟୋଗ କରି ଅଘଟଣ ବା ଚମତ୍କାରମାନ ସାଧନ କରିପାରନ୍ତି । ସେସବୁ ସାଧାରଣତଃ ପ୍ରାଣ ଜଗତର ଶକ୍ତି । ବାସ୍ତବରେ ସେହି ଶକ୍ତିମାନେହିଁ ପ୍ରାୟତଃ ସେଭଳି ତଥାକଥିତ ସିଦ୍ଧମାନଙ୍କୁହିଁ ଆୟତ୍ତ କରିନିଅନ୍ତି ଏବଂ ସେମାନଙ୍କୁ ସେତିକିରେ ବିମୁଗ୍ଧ ରଖି ସେମାନଙ୍କ ଆଧ୍ୟାତ୍ମିକ ପ୍ରଗତିର ସମ୍ଭାବନା ବିଲୁପ୍ତ କରିଦିଅନ୍ତି । ସେସବୁ ଶକ୍ତିର ତାହାହିଁ ଯେପରି ବ୍ରତ ! କାହିଁକି – ସେ ପ୍ରଶ୍ନର ପ୍ରାସଙ୍ଗିକତା ନାହିଁ; ଯେହେତୁ ସେମାନେ ହେତୁ-ଚାଳିତ ନୁହନ୍ତି । ସେଥି ସକାଶେ ଅତିଭୌତିକ ଜଗତର ଏହିଭଳି ଶକ୍ତିସବୁ ସମ୍ପର୍କରେ କୌତୂହଳ, ସେମାନଙ୍କ ସହ ଆଦାନ-ପ୍ରଦାନ ଏବଂ ସେମାନଙ୍କ ଆନୁକୂଲ୍ୟରେ ବିଭୂତି ପ୍ରଦର୍ଶନ ସଚ୍ଚା ଆଧ୍ୟାତ୍ମିକ ସାଧକମାନଙ୍କ ମତରେ ନିଷିଦ୍ଧ । ସେସବୁ ଆମକୁ ପଥଭ୍ରଷ୍ଟ କରେ, ଆଧ୍ୟାତ୍ମିକ ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ପରିବର୍ତ୍ତେ ଜଣେ କେତେବେଳେ ବିଶାଳ ପ୍ରାଣ ଜଗତର ବିଚିତ୍ର ଶକ୍ତିମାନଙ୍କ ଦ୍ୱାରା ସମ୍ମୋହିତ ହୋଇ ରହେ ତାହା ସେ ବୁଝିପାରେ ନାହିଁ ଏବଂ ବୁଝିବାର ସାମର୍ଥ୍ୟ ମଧ୍ୟ ହରାଇ ବସେ ।

ବହୁ ଅତୀତର କେହି କେହି ଋଷି ସେସବୁ ଶକ୍ତିକୁ ଆୟତ୍ତ କରି ସେମାନଙ୍କୁ ସଦୁଦ୍ଦେଶ୍ୟରେ ବ୍ୟବହାର କରିପାରୁଥିଲେ । ଆମ ସମୟରେ ସେ ଅତିଭୌତିକ ଜଗତ୍ ସମ୍ପର୍କରେ ବିଧିବଦ୍ଧ ଭାବେ ପୁଙ୍ଖାନୁପୁଙ୍ଖ ଅଭିଜ୍ଞତା ଲାଭ କରିଥିବା ଆମ ଜାଣିବାରେ ଏକମାତ୍ର ବ୍ୟକ୍ତି ହେଲେ ଶ୍ରୀମା । ତାହା ସେ କରିଥିଲେ ତାଙ୍କର ସେ ଜ୍ଞାନ ଶ୍ରୀଅରବିନ୍ଦଙ୍କର ଯୁଗାନ୍ତକାରୀ ଯୋଗରେ କାମ ଦେବ ବୋଲି ।

କେହି କେହି ସଚ୍ଚା ସାଧକ ବା ଯୋଗୀ ଯଥାସମ୍ଭବ ସେ ଜ୍ଞାନ ଆୟତ୍ତ କରନ୍ତି ନିଜ ଚେତନାର ବ୍ୟାପକତା ଓ ନିଗୂଢ଼ତା ଉପଲବ୍ଧି କରିବା ନିମନ୍ତେ । (The supraphysical is as real as the physical; to know it is part of a complete knowledge. The knowledge of the supraphysical has been associated with mysticism and occultism, and occultism has been banned as a superstition and a fantastic error. But the occult is a part of existence; a true occultism means no more than a research into supraphysical realities and an unveiling of the hidden laws of being and Nature, of all that is not obvious on the surface. It attempts the discovery of the secret laws of mind and mental energy, the secret laws of life and life-energy, the secret laws of the subtle-physical and its energies,– all that Nature has not put into visible operation on the surface; it pursues also the application of these hidden truths and powers of Nature so as to extend the mastery of the human spirit beyond the ordinary operations of mind, the ordinary operations of life, the ordinary operations of our physical existence.

(The Life Divine) – Sri Aurobindo

ସେ ଦିଗରେ ଆଗ୍ରହ ନଥିଲେ ମଧ୍ୟ ଯୋଗୀମାନଙ୍କର ସାଧନାର ଭିନ୍ନ ଭିନ୍ନ ପର୍ଯ୍ୟାୟରେ କିଛି କିଛି ନିଗୂଢ଼ ସିଦ୍ଧି (Occult power) ବଳେ ବଳେ ଆସିଯାଏ, କିନ୍ତୁ ସେମାନେ ସେସବୁର ବ୍ୟବହାର କରନ୍ତି ନାହିଁ; କେହି କେହି ହୁଏତ ଯଥେଷ୍ଟ ସଚେତନ ଭାବରେ ବ୍ୟବହାର କରନ୍ତି – ହୁଏତ କାହାରି ପ୍ରତି ସହାନୁଭୂତି ପରବଶ ହୋଇ । ଯୋଗୀରାଜ ବରଦାଚରଣ ମଜୁମଦାରଙ୍କ ଦୃଷ୍ଟାନ୍ତ ନିଆଯାଇପାରେ । ସାମାଜିକ ଜୀବନରେ ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ; କିନ୍ତୁ ଆନ୍ତର୍ଜୀବନରେ ସେ ଥିଲେ ଜଣେ ସଚ୍ଚା ସାଧକ । ପ୍ରଖ୍ୟାତ ସଙ୍ଗୀତ ବିଶାରଦ ଓ ସାହିତ୍ୟିକ ଦିଲୀପ କୁମାର ରାୟ ଶ୍ରୀଅରବିନ୍ଦଙ୍କ ନିକଟରୁ ଦୀକ୍ଷା ଗ୍ରହଣ ମାନସରେ ପଣ୍ଡିଚେରୀ ଆସି ଜାଣିଲେ ଯେ ଶ୍ରୀଅରବିନ୍ଦ ଗତାନୁଗତିକ ରୀତିରେ କାହାକୁ ଦୀକ୍ଷା ଦିଅନ୍ତି ନାହିଁ; ଦିଲୀପଙ୍କ ରକ୍ଷଣଶୀଳ ମନ କିନ୍ତୁ ଚାହେଁ ଜଣେ ପାରମ୍ପରିକ ଗୁରୁ । ସେ କଲିକତା ଫେରି ଯାଇ ଶ୍ରୀରାମକୃଷ୍ଣ ପରମହଂସଙ୍କର ଜଣେ ପ୍ରତ୍ୟକ୍ଷ ଶିଷ୍ୟଙ୍କଠାରୁ ଦୀକ୍ଷା ନେବାର ସିଦ୍ଧାନ୍ତ କଲେ । କିନ୍ତୁ ଦିଲୀପଙ୍କର ଜଣେ ଘନିଷ୍ଠ ବନ୍ଧୁ ପ୍ରଖ୍ୟାତ ବଂଗୀୟ ସାହିତ୍ୟିକ ନଳିନୀକାନ୍ତ ସରକାର ତାଙ୍କୁ ଭିଡ଼ି ନେଇଗଲେ ବରଦାଚରଣଙ୍କ ସମୀପକୁ ଏବଂ ଦିଲୀପଙ୍କ ଗୁରୁ-ମନୋନୟନ ଯଥାର୍ଥ ହୋଇଛି କି ନାହିଁ ପ୍ରଶ୍ନ କଲେ । ଯୋଗୀବର କିଞ୍ଚିତ୍ ଧ୍ୟାନ କରି ଦୃଢ଼ କଣ୍ଠରେ କହିଲେ, ‘‘ଅଦ୍ୱିତୀୟ ମହାଯୋଗୀ ଶ୍ରୀଅରବିନ୍ଦ ଯାହାକୁ ଶିଷ୍ୟ ଭାବରେ ଗ୍ରହଣ କରିସାରିଛନ୍ତି, ସେ ପୁଣି ଗୁରୁର ସନ୍ଧାନ କରୁଛି ?’’ କାଳେ ଦିଲୀପ ଭାବିବେ ଯେ ଯୋଗୀବର ହୁଏତ ପୂର୍ବରୁ କିଛି ଜାଣିଥିଲେ, ସେଥିପାଇଁ ଏକାନ୍ତ ବ୍ୟକ୍ତିଗତ ଏକ ବିଷୟରେ ଦିଲୀପ ସଂପ୍ରତି ଶ୍ରୀଅରବିନ୍ଦଙ୍କୁ ଯେଉଁ ଚିଠି ଲେଖିଥିଲେ ଏବଂ ଶ୍ରୀଅରବିନ୍ଦ ଯେଉଁ ଉତ୍ତର ଦେଇଥିଲେ, ତାହା ଯୋଗୀବର ପ୍ରକାଶ କରି ଦେଲେ । ବିସ୍ମିତ ଦିଲୀପ ପଣ୍ଡିଚେରୀ ଆସି ଶ୍ରୀଅରବିନ୍ଦଙ୍କୁ ଏକଥା ଜଣାନ୍ତେ ଶ୍ରୀଅରବିନ୍ଦ ଖାଲି ଏତିକି କହିଲେ ଯେ ସେସବୁ ଯୋଗୀମାନଙ୍କର ସେମିତି କ୍ଷମତା ଥାଏ ।

କହିବା ବାହୁଲ୍ୟ, ଶ୍ରୀଅରବିନ୍ଦଙ୍କ ଯୋଗର ମହତ ଆଭିମୁଖ୍ୟରେ ବିଶ୍ୱାସୀମାନଙ୍କ ସକାଶେ ଅତିଭୌତିକ ବ୍ୟାପାରମାନ କୌତୂହଳ ଓ ତାତ୍ତ୍ୱିକ ଜ୍ଞାନରେ ସୀମିତ, ଅନୁସରଣଯୋଗ୍ୟ ନୁହେଁ ।

**– ମନୋଜ ଦାସ**

❑❑❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

## ୨୪ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୧୯

ଆସନ୍ତା **ନଭେମ୍ବର ୨ ଓ ୩** ତାରିଖ (ଶନିବାର ଓ ରବିବାର) ଦୁଇଦିନ ବ୍ୟାପୀ ଚତୁର୍ବିଂଶତମ ରାଜ୍ୟସ୍ତରୀୟ ''ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ'' ମୟୂରଭଞ୍ଜ ଜିଲ୍ଲାର କପ୍ତିପଦାଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅନ୍ୟାନ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟ, ଶ୍ରୀଅରବିନ୍ଦ ପାଠଚକ୍ର ତଥା ଆଗ୍ରହୀ ୧୨ ବର୍ଷରୁ ୧୯ ବର୍ଷର କିଶୋରୀ ଓ ବାଳିକାମାନେ ଯୋଗ ଦେଇପାରିବେ । ଏହି ସମ୍ମିଳନୀରେ ମୁଖ୍ୟତଃ ଜୀବନର ଯଥାର୍ଥ ଲକ୍ଷ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ରହ୍ମଚର୍ଯ୍ୟ ତଥା ବାଳିକାମାନଙ୍କ ଜୀବନର ସର୍ବାଙ୍ଗୀଣ ବିକାଶ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯିବ । ସମ୍ମିଳନୀ ନିମନ୍ତେ ପ୍ରତିନିଧି ଦେୟ ଦଶ ଟଙ୍କା ମାତ୍ର ରଖାଯାଇଛି । ପ୍ରତିନିଧିମାନେ ସାଙ୍ଗରେ ଶୀତବସ୍ତ୍ର ଆଣିବେ ଓ ସମ୍ମିଳନୀର ଶେଷ ପର୍ଯ୍ୟନ୍ତ ରହିବାକୁ ଅନୁରୋଧ । ଏ ସମ୍ପର୍କରେ ଅଧିକ ଜାଣିବାକୁ ଚାହୁଁଥିଲେ ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରନ୍ତି ।

ଯୋଗାଯୋଗ :
ସୁଷମା ପରିଡ଼ା - ୭୩୨୮୯୧୩୯୦୪
ଜୟନ୍ତୀ ସର୍ଦ୍ଦାର - ୮୩୪୨୯୨୩୭୩୪
ସସ୍ମିତା ଆରୁଖ - ୮୮୯୫୯୮୮୬୧୬ ଏବଂ
ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ - ୯୪୩୮୬୧୩୨୯୯

ନିବେଦକ
ମୟୂରଭଞ୍ଜ ଜିଲା ପାଠଚକ୍ର ସଂଗଠନର ସଦସ୍ୟାବୃନ୍ଦ


*I am always with you in your work and your rest,*
*your sleep and your waking.*

*(MCW, Vol. 16, p. 89)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

**Vol. L, No. 10** **R.N.I. No. 18163/70.**

Navaprakash (Monthly), October, 2019 Registered No. PY/51/2018-20

**Date of Posting : 7th, 8th of every month** **Licenced to Post without prepayment**

TN/PMG(CCR)/WPP-63/2018-20

## ବିଶେଷ ସୂଚନା :

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**

**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**